ISSN-0971-8397

# ଯୋଜନା

ନଭେମ୍ବର ୨୦୧୬ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା


## ଟିକସ ସଂସ୍କାର

**ଟିକସ ସଂସ୍କାରର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ**
ଟି.ଏନ୍ ଅଶୋକ

**ଅର୍ଥନୀତି ଓ ଜନସାଧାରଣଙ୍କ ଉପରେ ଜି.ଏସ୍.ଟି.ର ପ୍ରଭାବ**
ରଂଜିତ୍ ମେହଟ୍ଟା

**ଜିଏସ୍‌ଟି ଓ ସମ୍ବିଧାନ**
ଜୟନ୍ତ ରାଏ ଚୌଧୁରୀ

**ଭାରତୀୟ କର ବ୍ୟବସ୍ଥା ସଂପର୍କରେ ଏକ କ୍ଷୁଦ୍ର ସମୀକ୍ଷା**
ମାଳିନୀ ଚକ୍ରବର୍ତ୍ତୀ




**ବିଶେଷ ପ୍ରସଙ୍ଗ**
**ଭାରତରେ ଦ୍ରବ୍ୟ ଓ ସେବାକର ଏବଂ ଆନ୍ତର୍ଜାତିକ ଅନୁଭୂତ**
ପ୍ରଭାକର ସାହୁ ଓ ଅଶ୍ୱିନୀ ବିଷ୍ଣୋଇ

**ଫୋକସ୍**
**କଳାଧନର ମୁକାବିଲା ପାଇଁ ସରକାରୀ ପ୍ରୟାସ**
ଦିଲାଶା ସେଠ୍

# ବିକାଶର ରୋଡ୍ ମ୍ୟାପ୍

## ବିଶ୍ୱ ପ୍ରତିଯୋଗୀକ୍ଷମ ସୂଚକାଙ୍କରେ ଭାରତର ଉନ୍ନୀତ ସ୍ଥାନ

**ବି**ଶ୍ୱ ଆର୍ଥିକ ଫୋରମ ତଥ୍ୟ ଅନୁଯାୟୀ, ଲଗାତାର ଦ୍ୱିତୀୟ ବର୍ଷରେ ମଧ୍ୟ ବିଶ୍ୱ ପ୍ରତିଯୋଗୀକ୍ଷମ ସୂଚକାଙ୍କରେ ଭାରତ ଷୋହଳଟି ସ୍ଥାନ ଉପରକୁ ଉଠିଛି । ସଦ୍ୟତମ ର୍ୟାଙ୍କିଙ୍ଗ୍ ଅନୁଯାୟୀ, ୧୩୮ଟି ଦେଶ ମଧ୍ୟରେ ଭାରତର ସ୍ଥାନ ହେଉଛି ୩୯ । ଚୀନ୍‌କୁ ଛାଡ଼ି ଅନ୍ୟ 'ବ୍ରିକ୍ସ' ରାଷ୍ଟ୍ରଙ୍କ ତୁଳନାରେ ଭାରତ ଆଗୁଆ ରହିଛି । ୨୦୧୪-୧୫ରେ ଭାରତର ସ୍ଥାନ ୭୧ରେ ଥିବାବେଳେ ୨୦୧୫-୧୬ ବେଳକୁ ତାହା ୫୫କୁ ଉନ୍ନୀତ ହୋଇଥିଲା । ଏହାର ଅର୍ଥ ହେଉଛି ଗୋଟିଏ ବୃହତ ଅର୍ଥନୀତି ଭାବରେ ଭାରତର ମାନ୍ୟତା ସ୍ୱୀକୃତ ହେବାରେ ଲାଗିଛି । ଏହି ସୂଚକାଙ୍କ ମାଧ୍ୟମରେ କୌଣସି ଦେଶର ଅର୍ଥନୀତି କେତେ ପ୍ରତିଯୋଗୀତାକ୍ଷମ, ତାହା ଜଣାପଡ଼େ । ୧୨ଟି ବିଭିନ୍ନ ମାପକାଠିକୁ ନେଇ ଏହି ସୂଚକାଙ୍କ ପ୍ରସ୍ତୁତ ହୁଏ । ଏହି ଗଣନାରେ ବ୍ୟବସାୟ ଓ ସାମାଜିକ ସୂଚକାଙ୍କଗୁଡ଼ିକୁ ମଧ୍ୟ ସାମିଲ କରାଯାଏ ।

ଏହି ୧୨ଟି ମାପକାଠିଗୁଡ଼ିକ ହେଉଛି ବିଭିନ୍ନ ସଂସ୍ଥା, ଅର୍ଥନୀତିର ବୃହତ ବାତାବରଣ, ସ୍ୱାସ୍ଥ୍ୟ, ପ୍ରାଥମିକ ଶିକ୍ଷା, ଉଚ୍ଚଶିକ୍ଷା, ପ୍ରଶିକ୍ଷଣ, ସାମଗ୍ରୀ ବଜାର ଦକ୍ଷତା, ଶ୍ରମ ବଜାର ଦକ୍ଷତା, ଆର୍ଥିକ ବଜାର ବିକାଶ, ପ୍ରଯୁକ୍ତିବିଦ୍ୟା ଜନୀତ ପ୍ରସ୍ତୁତି, ବଜାରର ଆକାର, ବ୍ୟବସାୟିକ ସ୍ୱଚ୍ଛତା, ଅଭିନବ ଉପାୟ ଆଦି । ଚଳିତବର୍ଷ ଏହି ସବୁ କ୍ଷେତ୍ରରେ ଭାରତର ବିକାଶ ଘଟିଛି । ବିଶେଷ ଭାବେ, ସାମଗ୍ରୀ ବଜାର ଦକ୍ଷତା, ବ୍ୟବସାୟିକ ସ୍ୱଚ୍ଛତା ଓ ଅଭିନବ ଉପାୟ ଆଦି କ୍ଷେତ୍ରରେ ଏଭଳି ଉନ୍ନତି ଆଖିଦୃଶିଆ ହୋଇପାରିଛି । ଉନ୍ନତ ମୁଦ୍ରା ଓ ଆର୍ଥିକ ନୀତି ଏବଂ ତୈଳର ମୂଲ୍ୟ ହ୍ରାସ ଯୋଗୁଁ ଦେଶର ବୃହତ ଅର୍ଥନୈତିକ କ୍ଷେତ୍ରଗୁଡ଼ିକର ମଧ୍ୟ ଉନ୍ନତି ଘଟିଛି ।

ଏତଦ୍‌ବ୍ୟତୀତ, ପୁଂଜିନିବେଶକାରୀଙ୍କ ସ୍ୱାର୍ଥରକ୍ଷା କରିବା ଦକ୍ଷତାରେ ମଧ୍ୟ ଭାରତ ଅଷ୍ଟମ ସ୍ଥାନରେ ରହିଛି । ଆଗାମୀ ଦିନରେ ସମଗ୍ର ଦେଶରେ ସାମଗ୍ରୀ ଓ ସେବା କର ବ୍ୟବସ୍ଥା ଲାଗୁ ହେବ । ଏହା ଦ୍ୱାରା ଦେଶର ବଜାର ଆଉ ଖଣ୍ଡ ଖଣ୍ଡ ହୋଇ ରହିବ ନାହିଁ । ଫଳ ସ୍ୱରୂପ, ଦେଶର ସାମଗ୍ରୀ ବଜାର ଦକ୍ଷତାରେ ମଧ୍ୟ ବୃଦ୍ଧି ଘଟିବ ବୋଲି ଆଶା କରାଯାଏ ।

# ଯୋଜନା

ଚତୁର୍ବିଂଶ ବର୍ଷ: ଦ୍ୱିତୀୟ ସଂଖ୍ୟା : ନଭେମ୍ବର ୨୦୧୬

## ଏ ସଂଖ୍ୟାରେ...

| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | **ସଂପାଦକୀୟ** | | ୪ |
| ୨. | ଭାରତରେ ଦ୍ରବ୍ୟ ଓ ସେବାକର ଏବଂ ଆନ୍ତର୍ଜାତିକ ଅନୁଭୂତ | ପ୍ରଭାକର ସାହୁ ଓ ଅଶ୍ୱିନୀ ବିଷୋଇ | ୫ |
| ୩. | ଟିକସ ସଂସ୍କାରର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ | ଟି.ଏନ୍ ଅଶୋକ | ୧୨ |
| ୪. | ଅର୍ଥନୀତି ଓ ଜନସାଧାରଣଙ୍କ ଉପରେ ଜି.ଏସ୍.ଟି.ର ପ୍ରଭାବ | ରଂଜିତ୍ ମେହଟ୍ଟା | ୧୬ |
| ୫. | ଜିଏସ୍‌ଟି ଓ ସମ୍ବିଧାନ | ଜୟନ୍ତ ରାଏ ଚୌଧୁରୀ | ୨୧ |
| ୬. | ଭାରତୀୟ କର ବ୍ୟବସ୍ଥା ସଂପର୍କରେ ଏକ କ୍ଷୁଦ୍ର ସମୀକ୍ଷା | ମାଳିନୀ ଚକ୍ରବର୍ତ୍ତୀ | ୨୪ |
| ୭. | କଳାଧନର ମୁକାବିଲା ପାଇଁ ସରକାରୀ ପ୍ରୟାସ | ଦିଲାଶା ସେଠ୍ | ୨୮ |
| ୮. | ପରୋକ୍ଷ ଟିକସ ସଂସ୍କାର | ନଜିବ ଶାହା | ୩୨ |
| ୯. | ଧାମରାରେ ଗ୍ୟାସ ଟର୍ମିନାଲ: ପୂର୍ବଭାରତ ବିକାଶରେ ଓଡ଼ିଶାକୁ ଗୁରୁତ୍ୱ | ଅନୁପମ ପ୍ରହରାଜ | ୩୬ |
| ୧୦. | ଦ୍ରବ୍ୟ ଓ ସେବାକର : ଗୋଟିଏ ରାଷ୍ଟ୍ର ଗୋଟିଏ ଟିକସ | ଶିଶିର ଶର୍ମା | ୩୯ |
| ୧୧. | ଟିକସ ବ୍ୟବସ୍ଥାରେ ସଂସ୍କାର | ସନ୍ତୋଷ କୁମାର ମହାପାତ୍ର | ୪୪ |
| ୧୨. | ଜିଏସ୍‌ଟି ଏବଂ ଓଡ଼ିଶା ଅର୍ଥନୀତି : ଏକ ଅଧ୍ୟୟନ | ଡ଼କ୍ଟର ପଦ୍ମଚରଣ ଧଳ | ୪୯ |
| ୧୪. | ଆପଣ ଜାଣନ୍ତି କି ? | | ୫୪ |

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ : ଦୀପିକା କଚ୍ଛଲ
ସଂପାଦକ ଓ ସହ ନିର୍ଦ୍ଦେଶକ : ଡକ୍ଟର ଗିରୀଶ ଚନ୍ଦ୍ର ଦାଶ

ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

*Editor*
**YOJANA (ODIA)**
C/O : Assistant Director, (News)
Regional News Unit,
All India Radio,
Cantonment Road,
Cuttack-753001
Phone : 9437073438
Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@yahoo.co.in
Ph. : 011-26100207

ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

# ସମ୍ପାଦକୀୟ

**ଟି**କସ-ଏହି ଶବ୍ଦ ଶୁଣିଲେ ଜଣେ ବ୍ୟକ୍ତି ନିର୍ଦ୍ଧାରିତ ଶେଷ ତାରିଖ ପୂର୍ବରୁ ତରତର ହୋଇ ନିଜର ଆୟକର ପଇଠ କରିବାର ଚିତ୍ର ମନକୁ ଆସେ। କିମ୍ବା ଜଣେ ଘୋଟାଲା କରିଥିବା ବ୍ୟବସାୟୀ ଯିଏକି ନିଜ ଘରେ ବିପୁଳ ଧନ ସମ୍ପତ୍ତି ଠୁଳ କରି ରଖିଥିବ ସେଠାରେ ଆୟକର ଚଢାଉ ହେବାର ଚିତ୍ର ଆମ ମନକୁ ଆସିଥାଏ। ଏହି ଶବ୍ଦ ଯେତେ ଭୟଙ୍କର ଶୁଣାଗଲେ ମଧ୍ୟ ଏହା ସତ୍ୟ ଯେ ଟିକସ ଯେକୌଣସି ଅର୍ଥନୀତିର ଉନ୍ନତି ପାଇଁ ନିତ୍ୟାନ୍ତ ଆବଶ୍ୟକ । ଏହା ହେଉଛି ସେହି ଟିକସ ଯାହା ଗୋଟିଏ ଦେଶର ନାଗରିକ ରାସ୍ତା ଓ ପୋଲ ନିର୍ମାଣ, ଡ୍ୟାମ୍ ନିର୍ମାଣ, ରେଳବାଇ ନେଟଓ୍ୱାର୍କର ରକ୍ଷଣାବେକ୍ଷଣ, ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପରି ବିଭିନ୍ନ ପ୍ରକାର ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ ପଇଠ କରିଥାନ୍ତି। ପୂର୍ବକାଳରେ ରାଜା ମହାରାଜାମାନେ ମଧ୍ୟ ଟିକସ ଆଦାୟ କରୁଥିଲେ। ଏପରିକି ଅଶୋକ ଓ ଆକବରଙ୍କ ପରି ଜ୍ଞାନୀ ରାଜାମାନେ ନିଜ ରାଜ୍ୟର ପରିଚାଳନା ନେଇ ଦରକାର ପଡୁଥିବା ରାଜସ୍ୱ ଆଦାୟ ପାଇଁ ସାଧାରଣ ଲୋକଙ୍କ ଉପରେ ଅଧିକ ବୋଝ ନ ପଡିବା ପରି ଏକ ସୁବ୍ୟବସ୍ଥିତ ଟିକସ ଧାର୍ଯ୍ୟ ନିୟମ ଓ ଟିକସ ଆଦାୟ ନିୟମ ପ୍ରଚଳନ କରିଥିଲେ। କେତେକ ରାଜା ନିଜର ବିଳାସପୂର୍ଣ୍ଣ ଚଳଣି ପାଇଁ ଏବଂ ଯୁଦ୍ଧ କରିବା ପାଇଁ ସ୍ୱେଚ୍ଛାଚାରୀ ଟିକସ ଆଦାୟ ବ୍ୟବସ୍ଥା ଲାଗୁ କରିଥିଲେ। ବର୍ତ୍ତମାନ ଆଧୁନିକ ଅର୍ଥନୀତିରେ ଟିକସ ବ୍ୟବସ୍ଥା ବିଭିନ୍ନ ନୀତିନିୟମ ଦ୍ୱାରା ପରିଚାଳିତ ହୋଇଥାଏ ଏବଂ ଏହା ଜନପ୍ରତିନିଧିମାନଙ୍କ ଦ୍ୱାରା ତଦାରଖ ହୋଇଥାଏ। ଭାରତୀୟ କର ବ୍ୟବସ୍ଥା ବିଶ୍ୱର ସବୁଠାରୁ ଜଟିଳ କର ବ୍ୟବସ୍ଥା। ଏଥିରେ କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ପ୍ରଶାସନ ନିଜ ନିଜର ରାଜସ୍ୱ ବଢାଇବା ପାଇଁ ବିଭିନ୍ନ ପ୍ରକାର ଟିକସ ଲାଗୁ କରିଥାନ୍ତି। ଆୟକର ଓ ସମ୍ପତ୍ତି କର ପରି ପ୍ରତ୍ୟକ୍ଷ କର ଯାହା ସାଧାରଣ ଲୋକଙ୍କୁ ସିଧାସଳଖ ଦେବାକୁ ପଡିଥାଏ ଏବଂ କୌଣସି ଦ୍ରବ୍ୟ ଓ ସେବା ଉପଭୋଗ ପାଇଁ ଭ୍ୟାଟ୍, ସେବା କର, କର୍ପୋରେଟ୍ ଟାକ୍ସ ଭଳି ପରୋକ୍ଷ କର ଆଦି ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ପ୍ରକାରର ଟିକସ ସଂଗ୍ରହ କରାଯାଇଥାଏ।

ସାଧାରଣ ଲୋକ ଓ କର୍ପୋରେଟମାନେ ପ୍ରତି ବଜେଟରେ ଟିକସ କ୍ଷେତ୍ରରେ ସଂସ୍କାର ପାଇଁ ଆଶା ରଖିଥାନ୍ତି। ସାଧାରଣ ଲୋକ ଆୟକର ସୀମା ବୃଦ୍ଧି ପାଇଁ ଆଶା ରଖୁଥିବାବେଳେ କର୍ପୋରେଟମାନେ ବିଭିନ୍ନ କ୍ଷେତ୍ରରେ ଟିକସ ଛାଡ ପାଇଁ ଆଶା ରଖିଥାନ୍ତି। ସରକାର ଅର୍ଥନୈତିକ ଆବଶ୍ୟକତା ଅନୁଯାୟୀ ଏହିସବୁ ଅନୁରୋଧଗୁଡିକୁ ବିଚାର କରିଥାନ୍ତି। ବର୍ଷ ବର୍ଷ ଧରି ଭାରତ ଅଭୂତପୂର୍ବ ଅର୍ଥନୈତିକ ଅଭିବୃଦ୍ଧି କରିଆସିଛି। ଏହି ଅଭିବୃଦ୍ଧି ବଜାୟ ରଖିବା ପାଇଁ ଟିକସ ବ୍ୟବସ୍ଥାରେ କେତେକ ସଂସ୍କାର ଆବଶ୍ୟକ ଯାହା ଉଭୟ ବିଦେଶୀ ଓ ଘରୋଇ ନିବେଶକାରୀଙ୍କ ପାଇଁ ଟିକସ ବ୍ୟବସ୍ଥାକୁ ସରଳ ଓ ଆକର୍ଷଣୀୟ କରିବ। ବଦଳୁଥିବା ବିଶ୍ୱ ଅର୍ଥନୀତି ସହ ତାଳ ଦେଇ ଭାରତୀୟ ଟିକସ ବ୍ୟବସ୍ଥା ଗତ ଦଶନ୍ଧି ମଧ୍ୟରେ ଟିକସ ଆଇନକୁ ଯୁକ୍ତିସଂଗତ ଓ ସରଳୀକରଣ କରିବା ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଦେଇ ଗତି କରିଛି।

ବର୍ତ୍ତମାନ ପାସ୍ ହୋଇଥିବା ସାମଗ୍ରୀ ଓ ସେବା କର ଭାରତୀୟ ଟିକସ ବ୍ୟବସ୍ଥାର ଇତିହାସରେ ଏକ ସବୁଠାରୁ ବଡ ଐତିହାସିକ ଟିକସ ସଂସ୍କାର। ଏହା ଟିକସ ବ୍ୟବସ୍ଥାକୁ ବ୍ୟବସ୍ଥିତ କରି ସାମଗ୍ରୀ ଓ ସେବା କ୍ଷେତ୍ରରେ ଗୋଟିଏ ଟିକସ ଲାଗୁ କରିବ। ଏହି ବିଲ୍ ପାଖାପାଖି ୧୫ଟି ରାଜ୍ୟ ଓ ସଂଘୀୟ ଟିକସର ସ୍ଥାନ ନେବ ଯାହାକି ସରକାର ଚାହୁଁଥିବା କୋଅପରେଟିଭ ଫେଡେରାଲିଜିମ ସହ ସମକକ୍ଷ। ୧ ଏପ୍ରିଲ ୨୦୧୭ରେ ଦେଶରେ ସାମଗ୍ରୀ ଓ ସେବା କର ଲାଗୁ କରି ସରକାର ଏକ ନୂତନ ଯୁଗର ଆରମ୍ଭ କରିବାକୁ ଯାଉଛନ୍ତି। ଭାରତରେ ମୁକ୍ତ ବ୍ୟବସାୟ କରିବା ପାଇଁ ସୁବିଧା ଯୋଗାଇବା ଓ ବିଶ୍ୱ ବାଣିଜ୍ୟ କରାବାର ସହ ପ୍ରତିଯୋଗୀତା କରିବା ପାଇଁ ସକ୍ଷମ କରାଇବା ସହ ଏହି ଯୁଗାନ୍ତକାରୀ ପଦକ୍ଷେପ ବହୁ ବାଟ ଯିବ ବୋଲି ଆଶା କରାଯାଏ । ସାମଗ୍ରୀ ଓ ସେବା କର ଦେଶରେ ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ ଏକ ବଡ ପଦକ୍ଷେପ ହୋଇଥିବାବେଳେ ଏହି ବ୍ୟବସ୍ଥାର ଜଟିଳତା ଆଜିପର୍ଯ୍ୟନ୍ତ ଦେଶରେ ଟିକସ ଫାଙ୍କି ଓ କଳାଧନ ତିଆରି କରିବାରେ ସହାୟକ ହୋଇଆସିଛି। ଏହି କଳାଧନର ପରିମାଣ ଏତେ ଅଧିକ ଯେ ଏହା ଦେଶରେ ଏକ ସମାନ୍ତରାଳ ଅର୍ଥନୀତି ଚଳାଇପାରିବ ବୋଲି କୁହାଯାଏ। କଳାଧନକୁ ବାହାର କରିବା ଓ ନିୟନ୍ତ୍ରଣ କରିବା ପାଇଁ ସରକାର ଏକ ବହୁମୁଖୀ ରଣନୀତି ଆପଣେଇଛନ୍ତି ଯାହାମଧ୍ୟରେ ଦୃଢ ନ୍ୟାୟିକ ଓ ପ୍ରଶାସନିକ ପଦ୍ଧତି, ବ୍ୟବସ୍ଥା ଓ ପ୍ରଣାଳୀ ସ୍ଥାନରେ ପ୍ରଯୁକ୍ତିବିଦ୍ୟା ସାହାଯ୍ୟରେ ପଲିସି ସ୍ତରୀୟ ଉପକ୍ରମ, ତଳସ୍ତରରେ ଅଧିକ ଫଳପ୍ରଦ ମାମଲାର ପ୍ରଚଳନ ଆଦି ରହିଛି। ଏହି କ୍ଷେତ୍ରରେ ସରକାର ନେଇଥିବା କେତେକ ମୁଖ୍ୟ ପଦକ୍ଷେପଗୁଡିକ ହେଲା- ରୋଜଗାର ଯୋଜନା ଗୁଡିକର ସ୍ୱତଃସ୍ଫୁର୍ତ୍ତ ଉନ୍ମୋଚନ, କଳାଧନ ଉପରେ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଗଠନ, କଳାଧନ (ଅପ୍ରକାଶିତ ବିଦେଶୀ ଆୟ ଓ ସମ୍ପତ୍ତି) ଉପରେ ଏକ ବିସ୍ତୃତ ନୂଆ ଆଇନର ପ୍ରବର୍ତ୍ତନ, ବିଦେଶରେ ଗଚ୍ଛିତ ଥିବା କଳାଧନ ସମ୍ପର୍କରେ ପଦକ୍ଷେପ ନେବାକୁ ଟିକସ ଆଇନ୍ ୨୦୧୫ ଲାଗୁ କରିବା ଏବଂ ବେନାମି କାରବାର (ରୋକିବା) ସଂଶୋଧନ ବିଲ୍‌ର ପ୍ରଚଳନ ଇତ୍ୟାଦି।

ଭାରତୀୟ କର ବ୍ୟବସ୍ଥା ଏକ ଜଟିଳ ତଥା ସୁପ୍ତ ବ୍ୟବସ୍ଥାରୁ ଉନ୍ମୁକ୍ତ, ସରଳ ତଥା ଅତ୍ୟାଧୁନିକ ବ୍ୟବସ୍ଥାରେ ପରିଣତ ହେବା ପାଇଁ ଏକ ଦୀର୍ଘ ପଥ ଅତିକ୍ରମ କରି ଆସିଛି। ବିଶ୍ୱରେ ଭାରତକୁ ପୁଞ୍ଜିନିବେଶ ଉପଯୋଗୀ ଓ ଉତ୍ପାଦନସ୍ଥଳୀ କରି ଗଢିତୋଳିବାରେ ବର୍ତ୍ତମାନର ସରକାର ଏହାକୁ ଆହୁରି ଆଗକୁ ନେବାକୁ ପ୍ରତିଶ୍ରୁତିବଦ୍ଧ।

# ଭାରତରେ ଦ୍ରବ୍ୟ ଓ ସେବାକର ଏବଂ ଆନ୍ତର୍ଜାତିକ ଅନୁଭୂତି

ପ୍ରଭାକର ସାହୁ ଓ ଅଶ୍ୱିନୀ ବିଷ୍ଣୋଇ

ଭାରତ ଭଳି କାନାଡ଼ାରେ କେବଳ ଦ୍ୱୈତ ଜିଏସ୍‌ଟି ବ୍ୟବସ୍ଥା ରହିଛି । ଦୃଢ଼ ବିରୋଧ ସତ୍ତ୍ୱେ କାନାଡ଼ା ସରକାର ଦେଶରେ ଜିଏସ୍‌ଟି ଲାଗୁ କରିଥିଲେ ଏବଂ ପରେ ଏହାର ହାରକୁ ହ୍ରାସ କରିଥିଲେ । ସେଠାରେ ଦୋକାନ ସଉଦା, ଘରଭଡ଼ା, ମେଡିକାଲ ସେବା ଓ ଆର୍ଥିକ ସେବା ଉପରେ ଜିଏସ୍‌ଟି ଲାଗୁ ହୋଇନାହିଁ । ସେଠାରେ ଦରଦାମ୍ ସ୍ଥିର ରହିଛି ଓ ସରକାରଙ୍କର ପ୍ରମୁଖ ଆର୍ଥିକ ସୂଚକାଙ୍କରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି । ସେହିଭଳି ଅଷ୍ଟ୍ରେଲିଆରେ ୨୦୦୦ ମସିହାରେ ଜିଏସ୍‌ଟି ଲାଗୁ ହେବା ପରେ ସେ ଦେଶର ଟିକସ ଆୟ ଓ ଚଳନ୍ତି ଜମାଖାତାରେ ଆୟ ବଢ଼ିଛି ।

**ଭା**ରତରେ ଏକ ସରଳୀକୃତ ଏକକ ଟିକସ ବ୍ୟବସ୍ଥା ପ୍ରଚଳନ ସଂକ୍ରାନ୍ତ ବହୁ ପ୍ରତୀକ୍ଷିତ ଆର୍ଥିକ ସଂସ୍କାର ବିଲ୍ ୨୦୧୬ ଅଗଷ୍ଟ ୩ ତାରିଖରେ ସଂସଦର ଅନୁମୋଦନ ଲାଭ କରିଛି । ଦୀର୍ଘ ୧୧ବର୍ଷ ଧରି ଏ ସଂକ୍ରାନ୍ତରେ ଚାଲିଆସିଥିବା ବିତର୍କ, ବିରୋଧ ଓ ଚର୍ଚ୍ଚାର ଅବସାନ ଘଟିଛି । ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ବିଲ୍ ସଂସଦର ଅନୁମୋଦନ ଲାଭ କରିବା ପରେ ଆଇନର ରୂପ ନେବାକୁ ବାକିତକ ଔପଚାରିକତା ମଧ୍ୟ ଦେଇ ଗତି କରୁଛି । ଦେଶରେ ଜିଏସ୍‌ଟି ପ୍ରଚଳନ ନିଷ୍ପତ୍ତି ସ୍ୱାଧୀନ ଭାରତରେ ସବୁଠୁ ବଡ଼ ଏକ ଅର୍ଥନୈତିକ ସଂସ୍କାର ପ୍ରକ୍ରିୟା । ୧୯୯୧ରେ ଦେଶରେ ଢାଞ୍ଚାଗତ ସଂସ୍କାର ପ୍ରକ୍ରିୟା ଆରମ୍ଭ ହେବା ପରେ ଏହା ଏ ଦିଗରେ ସର୍ବବୃହତ୍ ପଦକ୍ଷେପ ।

ଦ୍ରବ୍ୟ ଓ ସେବାକର ଦେଶରେ ପ୍ରଚଳିତ ୧୫ଟି କେନ୍ଦ୍ରୀୟ ଓ ପ୍ରାଦେଶିକ ଟିକସର ଅନ୍ତ ଘଟାଇ ଗୋଟିଏ ଟିକସ ବ୍ୟବସ୍ଥା ସୃଷ୍ଟି କରିବ । ସମସ୍ତ ରାଜ୍ୟ ଓ ଦେଶରେ ଦ୍ରବ୍ୟ ଓ ସେବା ଉପରେ ଏକପ୍ରକାର ଟିକସ ବ୍ୟବସ୍ଥା ପ୍ରଚଳନ ସମଗ୍ର ଦେଶକୁ ଏକ ଏକୀକୃତ ବଜାରରେ ପରିଣତ କରିବ । ଏହା ଫଳରେ ପରୋକ୍ଷ କରର ବିବିଧତା ଲୋପ ପାଇ ଗୋଟିଏ ପ୍ରକାର ହେବ । ୨୦୧୭ ଏପ୍ରିଲଠାରୁ ଏହି ନୂଆ ଆଇନ ପ୍ରବର୍ତ୍ତନ ହେବାପରେ ଟିକସ କ୍ଷେତ୍ରରେ ଆଉ ରାଜ୍ୟ ରାଜ୍ୟ ମଧ୍ୟରେ ପାର୍ଥକ୍ୟ ଓ ପ୍ରଭେଦ ରହିବ ନାହିଁ । ଏହି ନୂଆ ବ୍ୟବସ୍ଥା ଯାହା ଆଗାମୀ ଦିନରେ ଦେଶର ଆର୍ଥିକ ସ୍ଥିତି ବଦଳାଇବାରେ ନିର୍ଣ୍ଣାୟକ ହେବ ତାହା ମୋଦି ସରକାରଙ୍କର ସବୁଠୁ ବଡ଼ ଆର୍ଥିକ ସଂସ୍କାର ସଂକ୍ରାନ୍ତ ଉପଲବ୍ଧି । ଜିଏସ୍‌ଟିର ହାର ବା ଟିକସହାର କ'ଣ ହେବ ଏବଂ ଏହା କିପରି ସଫଳତାର ସହିତ କାର୍ଯ୍ୟକାରୀ ହୋଇପାରିବ ତା' ଉପରେ ଅନେକ କିଛି ନିର୍ଭର କରୁଛି । ଏବେ ଯେଉଁ କେନ୍ଦ୍ରୀୟ ମୂଲ୍ୟ ମିଶ୍ରିତ ଟିକସ (ସେନ୍‌ଭାଟ) ଓ ପ୍ରାଦେଶିକ ମୂଲ୍ୟ ମିଶ୍ରିତ ଟିକସ (ଭ୍ୟାଟ୍) ବ୍ୟବସ୍ଥା ରହିଛି ତାହାର ଚାପ ଖାଉଟିଙ୍କ ଉପରେ ଅଧିକ ପଡୁଛି । ନାନାବିଧ ଟିକସକୁ ଖାଉଟିଙ୍କ ଉପରକୁ ଗଡ଼ାଇ ଦିଆଯାଉଛି । ଫଳରେ ଜିନିଷପତ୍ର ଓ ସେବା ମହଙ୍ଗା ହେବା ସହ କର ଉପରେ କର ଲଗାଣ ବ୍ୟବସ୍ଥା ଯୋଗୁଁ ଉପଭୋକ୍ତା କଷ୍ଟ ଭୋଗୁଛନ୍ତି । ଆହୁରି ମଧ୍ୟ ଜଟିଳ ଟିକସ ବ୍ୟବସ୍ଥା ଓ ବହୁବିଧ କର ଯୋଗୁଁ ପୁଞ୍ଜିନିବେଶକାରୀ ଓ ଶିଳ୍ପୋଦ୍ୟୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେଥିପାଇଁ ଶିଳ୍ପ ବାଣିଜ୍ୟ ଉଦ୍ୟୋଗ ପକ୍ଷରୁ ସରଳ ତଥା ଯୁକ୍ତିଯୁକ୍ତ ଟିକସ ବ୍ୟବସ୍ଥା ପ୍ରଚଳନ ପାଇଁ ବହୁ ଦିନରୁ ଦାବି ହୋଇଆସୁଥିଲା । ନୂଆ ସମନ୍ୱିତ ଟିକସ ବ୍ୟବସ୍ଥା ସେମାନଙ୍କ ସମସ୍ୟା ଦୂର କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ସଂପ୍ରତି ପ୍ରଚଳିତ ଭାଟ୍ ବ୍ୟବସ୍ଥାରେ ଅନେକ

ତ୍ରୁଟି ବିଚ୍ୟୁତି ରହିଛି । କେନ୍ଦ୍ରୀୟ ସ୍ତରରେ କଞ୍ଚାମାଲ୍ ଉପରେ ଦିଆଯାଉଥିବା ଟିକସକୁ ଇନପୁଟ୍ କ୍ରେଡିଟ୍ ଭାବେ ଧରାଯାଉଛି । ଅର୍ଥାତ୍ ଉଦ୍ୟୋଗ ପାଇଁ ଏହା ବିନିଯୋଗମୂଳକ ଉଧାର ଭାବେ ଗୃହୀତ ହେଉଛି । ନିର୍ମାଣ ବା ଉତ୍ପାଦନ ପରବର୍ତ୍ତୀ ଖର୍ଚ୍ଚ ଉପରେ ଟିକସ ଲାଗୁ ହେଉନାହିଁ । ସେବା କର ସୀମିତ ସାମଗ୍ରୀ ଉପରେ ଲାଗୁ ହୋଇଛି । ତେଣୁ ଏ ସବୁ ସାମଗ୍ରୀର ପ୍ରସ୍ତୁତି ପ୍ରକ୍ରିୟାରେ ଯେଉଁ ସବୁ ସେବା ଉପଯୋଗ ହେଉଛି ତାହା ଉପରେ ଟିକସ ରିଆତି ବା କ୍ରେଡିଟ୍ ଦେବା ସମ୍ଭବ ହେଉନାହିଁ । ନୂଆ ଜିଏସ୍‌ଟି ବ୍ୟବସ୍ଥାରେ ଉଭୟ ଦ୍ରବ୍ୟ ଓ ସେବା ଉପରେ ଟିକସ ବ୍ୟବସ୍ଥା ହେବ ଏବଂ ଏହା ଖାଉଟି ବା ନିର୍ମାତାଙ୍କ ଟିକସ ବୋଝ ହାଲକା କରିବ । ପ୍ରଚଳିତ ଭ୍ୟାଟ୍ ବ୍ୟବସ୍ଥାରେ ଏକ ବଡ଼ ତ୍ରୁଟି ହେଉଛି ଟିକସ ଉପରେ ଟିକସ ଆଦାୟ । ଉଦାହରଣ ସ୍ୱରୂପ କେନ୍ଦ୍ର ସରକାର ଉତ୍ପାଦନ ଟିକସ ଆଦାୟ କରୁଥିବାବେଳେ ତାହା ଉପରୁ ପୁନର୍ବାର ଭ୍ୟାଟ୍ ଆଦାୟ କରାଯାଉଛି । ସେହିଭଳି ବିଳାସ ଟିକସ, ମନୋରଞ୍ଜନ ଟିକସ ଉପରେ ମଧ୍ୟ ଭ୍ୟାଟ୍ ଲାଗୁଛି । ଏପରିକି କେନ୍ଦ୍ରୀୟ ବିକ୍ରି କର ଉପରେ ମଧ୍ୟ ଇନ୍‌ପୁଟ କ୍ରେଡିଟ୍ ଆକାରରେ ଟିକସ ଲାଗୁଛି । ଅତଏବ କେନ୍ଦ୍ରୀୟ ଓ ପ୍ରାଦେଶିକ ଜିଏସ୍‌ଟି କ୍ଷେତ୍ରରେ କ୍ରେଡିଟ୍, ଟିକସ ସୁବିଧା ଦେବା ଓ ତାହାର ଉପଯୋଗ କରିବା ଆଦି ନିୟମକୁ ସ୍ପଷ୍ଟ କରିବା କ୍ଷେତ୍ରରେ ଏକ ପୂର୍ଣ୍ଣାଙ୍ଗ ଜିଏସ୍‌ଟି ବିଲ୍‌ର ଆବଶ୍ୟକତା ରହିଛି । ଟିକସ ବ୍ୟବସ୍ଥା ସରଳ, ସାବଲୀଳ, ଜଞ୍ଜାଳମୁକ୍ତ ଓ ଯୁକ୍ତିଯୁକ୍ତ ହେଲେ ଉଭୟ କରଦାତା ଓ ସରକାର ଲାଭବାନ ହେବେ । ସେଥିପାଇଁ ଟିକସର ସର୍ବନିମ୍ନ ହାର, ଏକକ ବଜାର ବ୍ୟବସ୍ଥା ନିର୍ମାଣ, ବିବାଦ ଓ ମାମଲାର ସମାଧାନ ପ୍ରତି ଆବଶ୍ୟକ ଧ୍ୟାନ ଦେବାକୁ ପଡ଼ିବ ।

ଉଭୟ କେନ୍ଦ୍ର ଓ ପ୍ରାଦେଶିକ ସ୍ତରରେ ଦୁଇ ପ୍ରକାର ଜିଏସ୍‌ଟି ପ୍ରଚଳନ ନେଇ ଯେଉଁ ପ୍ରସ୍ତାବ ରହିଛି ତାହା କାର୍ଯ୍ୟକାରୀ ହେଲେ ପ୍ରଚଳିତ ଜିଏସ୍‌ଟିର ତ୍ରୁଟିବିଚ୍ୟୁତିର ଅବସାନ ଘଟିବ । ମିଳିତ ସେବାକର ସିଏସ୍‌ଟିର ଅବସାନ ଘଟାଇ ତା'ସ୍ଥାନରେ ସମନ୍ୱିତ ଦ୍ରବ୍ୟ ଓ ସେବାକର ଆଇନ୍ (ଆଇଜିଏସ୍‌ଟି) ପ୍ରବର୍ତ୍ତନ କରାଯିବ । ଏହି ବ୍ୟବସ୍ଥାରେ ସାମଗ୍ରୀର ଆମଦାନୀ ଓ ଆନ୍ତଃରାଜ୍ୟ କାରବାର ଉପରେ କେନ୍ଦ୍ର ସରକାର ଟିକସ ଆଦାୟ କରିବେ । ପ୍ରସ୍ତାବିତ ଜିଏସ୍‌ଟି ଏକ ଲକ୍ଷ୍ୟ ଭିତ୍ତିକ ଟିକସ ହୋଇଥିବାରୁ ଟିକସ ବୋଝ ଉତ୍ପାଦନଭିତ୍ତିକ ରାଜ୍ୟରୁ ଉପଭୋକ୍ତା (ଖାଉଟି) ରାଜ୍ୟକୁ ସ୍ଥାନାନ୍ତରିତ ହେବ । ଏହାଦ୍ୱାରା ଉତ୍ପାଦନକାରୀ ଓ ବିକଶିତ ରାଜ୍ୟର ରାଜସ୍ୱ କମିବ । ଯଦି ପ୍ରଥମ ପାଞ୍ଚ ବର୍ଷ ପାଇଁ କୌଣସି ରାଜ୍ୟର ରାଜସ୍ୱ କ୍ଷତି ନୂଆ ଜିଏସ୍‌ଟି ଦ୍ୱାରା ହୁଏ, ସେହି ରାଜ୍ୟର କ୍ଷତି କେନ୍ଦ୍ର ଭରଣା କରିବାର ବ୍ୟବସ୍ଥା ନୂଆ ଆଇନରେ ରହିଛି । ଅନ୍ୟ କଥାରେ କହିବାକୁ ଗଲେ ଯେଉଁ ସବୁ ରାଜ୍ୟ ପୁଞ୍ଜି ନିବେଶ ଓ ଶିଳ୍ପାୟନ ପାଇଁ ଭିତ୍ତିଭୂମି କ୍ଷେତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିଛନ୍ତି ନୂଆ ବ୍ୟବସ୍ଥାରେ ସେସବୁ ରାଜ୍ୟ ନିଶ୍ଚିତ କ୍ଷତିଗ୍ରସ୍ତ ହେବେ । ଅତଏବ ଖାଉଟୀ ବା ଲକ୍ଷ୍ୟ ଭିତ୍ତିକ ରାଜ୍ୟ ସମୂହ, ବିଶେଷତଃ ଓଡ଼ିଶା, ଉତ୍ତରପ୍ରଦେଶ, ବିହାର ଓ କେରଳ ଆଦି ଏହି ପ୍ରକ୍ରିୟାରେ ଲାଭବାନ ହେବାକୁ ଥିବାବେଳେ ଉତ୍ପାଦନଭିତ୍ତିକ ସମୃଦ୍ଧ ରାଜ୍ୟ ଯଥା ତାମିଲନାଡ୍ରୁ, ଗୁଜରାଟ ଓ ମହାରାଷ୍ଟ୍ର ଆର୍ଥିକ କ୍ଷତିର ସମ୍ମୁଖୀନ ହେବେ । ମୋଟାମୋଟି ଗୋଟିଏ ଏକକ ଟିକସ ବ୍ୟବସ୍ଥା ସମଗ୍ର ଦେଶରେ ଗୋଟିଏ ବଜାର ସୃଷ୍ଟି କରିବ ଏବଂ ଶେଷରେ ଅନ୍ତିମ ଉପଭୋକ୍ତାର ଟିକସ ବୋଝ କମିବ ।

କେତେକ ଲାଭଜନକ କ୍ଷେତ୍ରରେ ଜିଏସ୍‌ଟି ଲାଗୁ ହେବ ନାହିଁ । ସେଗୁଡ଼ିକ ହେଲା ମଣିଷ ବ୍ୟବହାର ପାଇଁ ଉଦ୍ଦିଷ୍ଟ ମଦ, ସୁରା ଓ ସୁରା ଜାତୀୟ ପଦାର୍ଥ, ବିଦ୍ୟୁତ, ସମ୍ପତ୍ତିବାଡ଼ି (ରିୟଲ ଇଷ୍ଟେଟ୍) ଓ ପେଟ୍ରୋଲିୟମ ସାମଗ୍ରୀର କାରବାର । ରାଜ୍ୟ ସରକାରମାନେ ନିଜର ସୁବିଧାମତେ ଏସବୁ କ୍ଷେତ୍ରରେ ନିଜସ୍ୱ ଟିକସ ଲାଗୁ କରିପାରିବେ । ତେବେ ପେଟ୍ରୋଲିୟମ ସାମଗ୍ରୀର ମୂଲ୍ୟ ଉପରେ ଅନ୍ୟାନ୍ୟ ଜିନିଷପତ୍ରର ମୂଲ୍ୟ ନିର୍ଭର କରୁଥିବାରୁ ସମୟକ୍ରମେ ଏହାକୁ ଜିଏସ୍‌ଟି ପରିସରଭୁକ୍ତ କରାଯିବ । ଜିଏସ୍‌ଟି ପରିଷଦ ଏହାର ଟିକସ ହାର ନିର୍ଦ୍ଧାରଣ କରିବ ।

ଏକକ, ସର୍ବଭାରତୀୟ ଜିଏସ୍‌ଟି ଦ୍ୱାରା ଅନାବଶ୍ୟକ ଇନ୍‌ପୁଟ୍ ଟିକସ କ୍ରେଡିଟ ବୋଝ, ଖାଉଟିଙ୍କ ଉପରକୁ ସବୁ ଟିକସ ବୋଝ ଠେଲି ଦେବା ପ୍ରକ୍ରିୟାର ଅବସାନ ଘଟାଇବା ସହ ରାଜ୍ୟ ରାଜ୍ୟ ମଧ୍ୟରେ ଦ୍ରବ୍ୟ ଓ ସେବା ଯୋଗାଣକୁ ଅବାଧ ତଥା ମୁକ୍ତ କରିବ । ଯୋଗାଣ ବ୍ୟବସ୍ଥାରେ ଏହାଦ୍ୱାରା ନିର୍ମାତା, ଉତ୍ପାଦକ ଲାଭ ପାଇବେ, କଞ୍ଚାମାଲ୍ କ୍ରୟ କ୍ଷେତ୍ରରେ ସେମାନଙ୍କୁ ଚଢ଼ା ଟିକସ ଦେବାକୁ ପଡ଼ିବ ନାହିଁ ଓ ନିଜର ସାମଗ୍ରୀକୁ ଅତିରିକ୍ତ ଟିକସ ବୋଝ ବିନା ବିକିପାରିବେ । ଏହା ଉତ୍ପାଦନ ଅର୍ଥନୀତିରେ ଉଧେଇ ପାରୁନଥିବା କ୍ଷେତ୍ରକୁ ପ୍ରୋତ୍ସାହିତ କରିବ । ପରିଶେଷରେ ପରିବହନ ଖର୍ଚ୍ଚ ମଧ୍ୟ କମ୍ ପଡ଼ିବ ଓ ଖାଉଟି ଉପକୃତ ହେବେ । ରାଜ୍ୟରାଜ୍ୟ ମଧ୍ୟରେ ଥିବା ବର୍ତ୍ତମାନର ଭିନ୍ନଭିନ୍ନ ଟିକସ ବ୍ୟବସ୍ଥା ବିଭିନ୍ନ ବର୍ଗଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ, ପ୍ରୋତ୍ସାହନ ଦେଉଛି । ସାମଗ୍ରୀ ଉତ୍ପାଦନ ପାଇଁ ପୁଞ୍ଜି ନିବେଶକ ସ୍ୱଳ୍ପ ଟିକସ ଓ ସ୍ୱଳ୍ପ ହସ୍ତକ୍ଷେପବାଦୀ ପ୍ରଶାସନିକ ବ୍ୟବସ୍ଥା ଥିବା ଅଞ୍ଚଳ ବା ରାଜ୍ୟଙ୍କୁ ପସନ୍ଦ କରୁଛନ୍ତି । ତେଣୁ ନୂଆ ବ୍ୟବସ୍ଥାରେ ଏହି ଟିକସ ରିଆତି ଜନିତ

ଏକପାଖିଆ ଉତ୍ପାଦନ ଢାଞ୍ଚାର ଅବସାନ ଘଟିବ ଯାହା 'ମେକ୍ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ସଫଳ କରିପାରିବ। ତେଣୁ ଜିଏସ୍ଟି ଦ୍ୱାରା ଟିକସ ବ୍ୟବସ୍ଥାର ସରଳୀକରଣ ଅର୍ଥନୀତିର ଦିଗ ଓ ଢାଞ୍ଚା ବଦଳାଇବାରେ ନିର୍ଣ୍ଣାୟକ ହେବ କହିଲେ ଭୁଲ୍ ହେବ ନାହିଁ। ଏଥି ସହିତ ନମନୀୟ ଶ୍ରମ ଆଇନ, ସହଜ ଭୂମି ଅଧିଗ୍ରହଣ ନିୟମକାନୁନ୍ ଆଦି ପ୍ରତି ମଧ୍ୟ ଆବଶ୍ୟକ ଦୃଷ୍ଟି ଦେବାକୁ ପଡ଼ିବ।

**ଆନ୍ତର୍ଜାତିକ ଅନୁଭୂତି :** ଜିଏସ୍ଟିର ସଫଳତା ଏହାର ଢାଞ୍ଚା ଏବଂ ଉପଯୁକ୍ତ କାର୍ଯ୍ୟକାରିତା ଉପରେ ମୁଖ୍ୟତଃ ନିର୍ଭର କରେ ବୋଲି ଆନ୍ତର୍ଜାତିକ ଅନୁଭୂତି କହୁଛି। ବିଗତ ବର୍ଷମାନଙ୍କରେ ବିଭିନ୍ନ ଦେଶ ଜିଏସ୍ଟିର ସଫଳତା ପାଇବା ପାଇଁ ନିଜର ଆଧାର ଢାଞ୍ଚାକୁ ଅନୁକୂଳ କରିଛନ୍ତି। ଏହା ଫଳରେ ସେମାନଙ୍କର ଅଭିବୃଦ୍ଧି, ରାଜସ୍ୱ ସଂଗ୍ରହ ବଢ଼ିବା ସହ ବଜାର ଦର ମଧ୍ୟ ସ୍ଥିର ରହିଛି। ଅଷ୍ଟ୍ରେଲିଆ, କାନାଡ଼ା ଓ ନ୍ୟୁଜିଲାଣ୍ଡ ଭଳି ଦେଶରେ ଜିଏସ୍ଟିର ସଫଳ ରୂପାୟନର ଫଳ ସେଠାକାର ଅର୍ଥନୀତିକ ବିକାଶ ଓ ବଜାରଦରରେ ପ୍ରତିଫଳିତ ହୋଇଛି। ଏହା ଅବଶ୍ୟ ସତ ଯେ ଜିଏସ୍ଟି ହାର ଉଚ୍ଚା ହେଲେ ଏହାର ପ୍ରବର୍ତ୍ତନ ପରେ ବଜାରରେ ସାମଗ୍ରୀ ଓ ସେବାର ମୂଲ୍ୟ ତୁରନ୍ତ ବଢ଼ିବାର ସମ୍ଭାବନା ଅଧିକ। ତେବେ ଏହା ଏକ ସ୍ୱଳ୍ପ ସ୍ଥାୟୀ ପ୍ରକ୍ରିୟା।

ଅନେକ ସେବା ଯଥା ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟିକ ଓ ବାଣିଜ୍ୟିକ ସେବା ଏବେ ଟିକସ ପରିସରଭୁକ୍ତ ନୁହେଁ କିମ୍ବା ଏହା ଉପରେ ସ୍ୱଳ୍ପ ଟିକସର ବ୍ୟବସ୍ଥା ଅଛି। ଯଦି ପ୍ରସ୍ତାବିତ ୧୮-୨୨ ଶତାଂଶ ହାରରେ ଜିଏସ୍ଟି ଲାଗୁ ହୁଏ ତେବେ କିଛି କାଳ ପାଇଁ ଏହା ମୁଦ୍ରାସ୍ଫୀତି ବଢ଼ାଇବ; କିନ୍ତୁ ଏହା ସବୁଦିନ ରହିବ ନାହିଁ। ଆନ୍ତର୍ଜାତିକ ଅନୁଭୂତି କହୁଛି ଯେ ଟିକସ ପରିସରଭୁକ୍ତ ହୋଇ ନଥିବା ଅନେକ ସାମଗ୍ରୀ ଉପରେ ନୂଆ ଜିଏସ୍ଟି ଲାଗିଲେ ତାହା ସ୍ୱଳ୍ପକାଳୀନ ମୁଦ୍ରାସ୍ଫୀତି ସୃଷ୍ଟି କରିବ। ଯେଉଁମାନେ ଟିକସ ଦେଉନାହାନ୍ତି କିମ୍ବା ଯେଉଁ ବ୍ୟବସାୟୀ ଟିକସ ଫାଙ୍କୁଛନ୍ତି ସେମାନଙ୍କ ପାଇଁ ଜିଏସ୍ଟି ବ୍ୟବସ୍ଥାରେ ଖସିଯିବା ଅତ୍ୟନ୍ତ ଦୁରୂହ ହେବ। କାରଣ ନୂତନ ବ୍ୟବସ୍ଥାରେ ସମୁଦାୟ ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା - ଉତ୍ପାଦନଠାରୁ ଖୁଚୁରା ବିକ୍ରି ପର୍ଯ୍ୟନ୍ତ- ସମଗ୍ରସ୍ତର ସମନ୍ୱିତ ଆଇଟି ବ୍ୟବସ୍ଥାରେ ରହିବ ଯେଉଁଠି ଟିକସ ଠକେଇ ବା ଫାଙ୍କିର ଅବକାଶ ରହିବ ନାହିଁ। ତେଣୁ ବ୍ୟବସାୟର ସମଗ୍ର ବ୍ୟବସ୍ଥା ସ୍ୱଚ୍ଛ ରହିବ। ଅତଏବ ଟିକସର ସରଳୀକରଣ ତଥା ହ୍ରାସ ଯୋଗୁଁ ଟିକସ ବୋଝ ହ୍ରାସ ପାଇବ ଓ କ୍ରେତା ବା ଖାଉଟିଙ୍କ ଉପରେ ସମୁଦାୟ ଟିକସ ବୋଝ ପଡ଼ିବ ନାହିଁ। ଟିକସ ପରିସର ବୃଦ୍ଧି ଯୋଗୁଁ ସରକାରଙ୍କ ଆୟ ମଧ୍ୟ ବଢ଼ିବ।


ସମଗ୍ର ବିଶ୍ୱରେ ପ୍ରାୟ ୧୬୦ଟି ଦେଶ ଭ୍ୟାଟ୍/ ଜିଏସ୍ଟି ପ୍ରବର୍ତ୍ତନ କରିଛନ୍ତି। ଆସିଆନମେଣ୍ଟର ସାତ, ଏସିଆର ୧୯, ୟୁରୋପର ୫୩, ଓସେନିଆ (ମହାସାଗରୀୟ)ର ସାତ, ଆଫ୍ରିକାର ୪୪, ଦକ୍ଷିଣ ଆମେରିକାର ୧୧ ଏବଂ କାରବୀୟ ଦ୍ୱୀପପୁଞ୍ଜ, କେନ୍ଦ୍ର ଓ ଉତ୍ତର ଆମେରିକାର ୧୯ଟି ଦେଶରେ ଏହା କାର୍ଯ୍ୟକାରୀ ହେଉଛି। ୟୁରୋପର ସର୍ବାଧିକ ଦେଶରେ ଏହି ଟିକସ ପ୍ରଚଳିତ। ୧୯୫୪ରେ ବିଶ୍ୱର ପ୍ରଥମ ରାଷ୍ଟ୍ରଭାବେ ଫ୍ରାନ୍ସ ଜିଏସ୍ଟି ପ୍ରଚଳନ କରିଥିଲା। ଏହାପରେ ୧୯୬୮ରେ ଜର୍ମାନୀ ଓ ୧୯୭୩ରେ ଗ୍ରେଟ୍‌ବ୍ରିଟେନ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଅଧିକାଂଶ ଦେଶରେ ଜିଏସ୍ଟି ଏକ ଏକୀକୃତ ଟିକସ ଭାବେ ଲାଗୁହୋଇଥିବା ବେଳେ କାନାଡ଼ା ଏବଂ ବ୍ରାଜିଲରେ ଦ୍ୱୈତ ଜିଏସ୍ଟି ହାର ପ୍ରଚଳିତ। ଭାରତ ମଧ୍ୟ ଦ୍ୱୈତ ଜିଏସ୍ଟି ହାର ପ୍ରଚଳନ କରିବାକୁ ନିଷ୍ପତ୍ତି ନେଇଛି। ଅଧିକାଂଶ ଦେଶରେ ଭାଟ୍ / ଜିଏସ୍ଟିର ସାଧାରଣ ସର୍ବନିମ୍ନ ହାର ୧୬ ରୁ ୨୦ ଶତାଂଶ ମଧ୍ୟରେ ରହିଛି। ଭାରତ ଏହି ହାରକୁ ୧୮ ରୁ ୨୨ ଶତାଂଶ ମଧ୍ୟରେ ରଖିବାକୁ ବିଚାର କରୁଛି।

ଅଷ୍ଟ୍ରେଲିଆ, କାନାଡ଼ା, ନ୍ୟୁଜିଲାଣ୍ଡ, ସିଙ୍ଗାପୁର, ଜାପାନ, ଦକ୍ଷିଣ କୋରିଆ ଓ ବ୍ରିଟେନ ଆଦି ରାଷ୍ଟ୍ର ସେମାନଙ୍କର ସ୍ଥୂଳ ଆର୍ଥିକ ସୂଚକାଙ୍କରେ ବେଶ୍ ଉନ୍ନତି ପ୍ରଦର୍ଶନ କରିଛନ୍ତି। ଦେଶ ଦେଶ ମଧ୍ୟରେ ଜିଏସ୍ଟିର ସ୍ୱରୂପ ଭିନ୍ନ। ଉଦାହରଣ ସ୍ୱରୂପ ଅଷ୍ଟ୍ରେଲିଆରେ ଏହା ଅତିକମ୍ ନିରପେକ୍ଷ, ନିଉଜିଲାଣ୍ଡରେ ଅତି ନିରପେକ୍ଷ। ତେବେ କାନାଡ଼ାରେ ଏହା ମଧ୍ୟମ ଧରଣର। ଏସବୁ ଦେଶରେ ଜିଏସ୍ଟି ଲାଗୁ ହେବା ପରେ ତୁରନ୍ତ ଦରଦାମ୍ ବୃଦ୍ଧି ପାଇଥିଲା। କିଛି କାଳପରେ ଏହା ସ୍ଥିର ରହି ଶେଷରେ ଦରଦାମ୍ ହ୍ରାସ ପାଇଲା। ତଥ୍ୟ ଅନୁସାରେ ଏସବୁ ଦେଶରେ ଜିଏସ୍ଟି ଲାଗୁ ହେବାର କିଛି ବର୍ଷ ପରେ ମୁଦ୍ରାସ୍ଫୀତି ହ୍ରାସ ପାଇ ସ୍ଥିର ଅବସ୍ଥାରେ ଥିଲା। ଜିଡିପି ଅଭିବୃଦ୍ଧି ହାର, ଆର୍ଥିକ ଭାରସାମ୍ୟ, ଚଳନ୍ତି ଖାତାର ଭାରସାମ୍ୟ, ଟିକସ-ଜିଡିପି ଅନୁପାତ ଭଳି ସ୍ଥୂଳ ସୂଚକାଙ୍କଗୁଡ଼ିକରେ ଉନ୍ନତି ଘଟିଥିଲା। ଅତଏବ ଜିଏସ୍ଟି ଭଳି ଏକ ସରଳ ଓ ଏକୀକୃତ ଟିକସ ବ୍ୟବସ୍ଥା ଏସବୁ ଦେଶର ଅର୍ଥନୀତିକୁ ଅଧିକ ପ୍ରତିସ୍ପର୍ଦ୍ଧିତ କରିବା ସହ ରପ୍ତାନୀ ବୃଦ୍ଧି, ଅଧିକ ରାଜସ୍ୱ ସଂଗ୍ରହ ଓ ମୂଲ୍ୟ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଛି। ତେବେ ଏସବୁ ଦେଶର ବିକାଶର ସ୍ତର ଭିନ୍ନଭିନ୍ନ ହୋଇଥିବାରୁ ଜିଏସ୍ଟିର ସଫଳ ରୂପାୟନ ସତ୍ତ୍ୱେ ଦେଶ ଦେଶ ମଧ୍ୟରେ ପ୍ରମୁଖ ଆର୍ଥିକ ସୂଚକାଙ୍କର ସ୍ତର ଭିନ୍ନଭିନ୍ନ ରହିଛି। ଏହି ସୂଚକାଙ୍କ କେବଳ ଟିକସ ବ୍ୟବସ୍ଥା ଉପରେ ନିର୍ଭର କରେ ନାହିଁ। ଏଥିପାଇଁ ଢାଞ୍ଚାଗତ, ନୀତିଗତ

ପରିବର୍ତ୍ତନର ଆବଶ୍ୟକତା ଅପରିହାର୍ଯ୍ୟ।

ମାଲେସିଆରେ ସଦ୍ୟ ଜିଏସ୍‌ଟି ପ୍ରବର୍ତ୍ତନ କରାଯାଇଛି। ଚୀନ୍ ମଧ୍ୟ ଏକକ ଟିକସ ବ୍ୟବସ୍ଥା ପ୍ରଚଳନ ପାଇଁ ପ୍ରୟାସ କରୁଛି। ମାଲେସିଆ ୨୦୧୫ ଏପ୍ରିଲ ପହିଲାରୁ ମାତ୍ର ୬ ଶତାଂଶ ଜିଏସ୍‌ଟି ହାର ଲାଗୁ କରିଛି। ୧୯୯୦ରୁ ୨୦୦୦ ମସିହା ମଧ୍ୟରେ ବାଂଲାଦେଶ, ଶ୍ରୀଲଙ୍କା, ପାକିସ୍ତାନ ଓ ନେପାଳ ଭଳି ଦକ୍ଷିଣ ଏସୀୟ ରାଷ୍ଟ୍ରମାନେ ଭ୍ୟାଟ୍ ପ୍ରଚଳନ କରିଥିଲେ। ଭାରତ ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଅଧିକାଂଶ ଆଫ୍ରିକୀୟ ରାଷ୍ଟ୍ର ଭ୍ୟାଟ୍ ଲାଗୁ କରିଛନ୍ତି। ତେବେ ବୁରୁଣ୍ଡି, କଂଗୋ, ଗାମ୍ବିଆ ଓ ମୋଜାମ୍ବିକ ଭଳି କେତେକ ଆଫ୍ରିକୀୟ ରାଷ୍ଟ୍ର ଗତ ୭-୮ ବର୍ଷ ତଳେ ଏହାକୁ ଲାଗୁ କରିଥିଲେ।

ଭାରତ ଭଳି କାନାଡ଼ାରେ କେବଳ ଦ୍ୱୈତ ଜିଏସ୍‌ଟି ବ୍ୟବସ୍ଥା ରହିଛି। ଦୃଢ଼ ବିରୋଧ ସତ୍ତ୍ୱେ କାନାଡ଼ା ସରକାର ଦେଶରେ ଜିଏସ୍‌ଟି ଲାଗୁ କରିଥିଲେ ଏବଂ ପରେ ଏହାର ହାରକୁ ହ୍ରାସ କରିଥିଲେ। ସେଠାରେ ଦୋକାନ ସଉଦା, ଘରଭଡ଼ା, ମେଡିକାଲ ସେବା ଓ ଆର୍ଥିକ ସେବା ଉପରେ ଜିଏସ୍‌ଟି ଲାଗୁ ହୋଇନାହିଁ। ସେଠାରେ ଦରଦାମ୍ ସ୍ଥିର ରହିଛି ଓ ସରକାରଙ୍କର ପ୍ରମୁଖ ଆର୍ଥିକ ସୂଚକାଙ୍କରେ ଅଭିବୃଦ୍ଧି ପରିଲକ୍ଷିତ ହୋଇଛି। ସେହିଭଳି ଅଷ୍ଟ୍ରେଲିଆରେ ୨୦୦୦ ମସିହାରେ ଜିଏସ୍‌ଟି ଲାଗୁ ହେବା ପରେ ସେ ଦେଶର ଟିକସ ଆୟ ଓ ଚଳନ୍ତି ଜମାଖାତାରେ ଆୟ ବଢ଼ିଛି। ନ୍ୟୁଜିଲାଣ୍ଡରେ ୧୯୮୬ରୁ ଜିଏସ୍‌ଟି ଲାଗୁ ହେବା ପରେ ଏହା ସଫଳତାର ସହ କାର୍ଯ୍ୟକରୁଛି। ସେଠାକାର ବିଶେଷତ୍ୱ ହେଲା ଖାଦ୍ୟ ପାନୀୟ ନିର୍ବିଶେଷରେ ସେଠାରେ ପ୍ରାୟ ସବୁପ୍ରକାର ସାମଗ୍ରୀ ଓ ସେବା ଉପରେ ସମାନ ଜିଏସ୍‌ଟି ଲାଗିଛି। ୟୁରୋପୀୟ ସମୁଦାୟରେ ଲାଗୁ





ହୋଇଥିବା ଜିଏସ୍‌ଟି ଭ୍ୟାଟ୍ ନାମରେ ପରିଚିତ। ଏହା ଦୁଇ ପ୍ରକାରର, ସାମଗ୍ରୀ ନିର୍ମାଣ ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ଉପରେ ଆଉଟ୍‌ପୁଟ୍ ଟିକସ ଓ ବ୍ୟାପାର ପାଇଁ ଉଦ୍ଦିଷ୍ଟ ସାମଗ୍ରୀ ଉପରେ ଇନ୍‌ପୁଟ୍ ଭ୍ୟାଟ୍ ନାମରେ ପରିଚିତ।

ଅନେକ ରାଷ୍ଟ୍ର ଜିଏସ୍‌ଟି ପ୍ରବର୍ତ୍ତନ କରିବା ପରେ ସେମାନଙ୍କୁ ଏହାର ହାର ବଢ଼ାଇବାକୁ ପଡ଼ିଛି। ଭାରତ ପରିପ୍ରେକ୍ଷୀରେ ଏହାର ଯଥେଷ୍ଟ ଆବଶ୍ୟକତା ଓ ଯଥାର୍ଥତା ରହିଛି। ପ୍ରଥମେ ଭାରତରେ ଜିଏସ୍‌ଟି ହାରକୁ ସର୍ବନିମ୍ନ ୨୭ ଶତାଂଶ କରିବାକୁ ଚିନ୍ତା କରାଯାଉଥିଲା। ଏବେ ତାହାକୁ ୧୬ ରୁ ୧୮ ଶତାଂଶରେ ରଖିବାକୁ ବିଚାର କରାଯାଉଛି। ଜିଏସ୍‌ଟିର ସଫଳତା ପାଇଁ ଏକ ଯୁକ୍ତିଯୁକ୍ତ ଓ ଗ୍ରହଣଯୋଗ୍ୟ ହାର ନିର୍ଦ୍ଧାରଣର ଆବଶ୍ୟକତା ରହିଛି।

**ଆନ୍ତର୍ଜାତିକ ଅନୁଭୂତିରୁ ଶିକ୍ଷା :** ପ୍ରଚଳିତ ଟିକସହାର ଠାରୁ ଜିଏସ୍‌ଟି ଟିକସହାର ଯଦି ଅଧିକ ହୁଏ ତାହା ଦରଦାମ୍ ବୃଦ୍ଧି ଘଟାଇବା ସହ ମୁଦ୍ରାସ୍ଫୀତିର କାରଣ ହୁଏ। ଏହା ଆନ୍ତର୍ଜାତିକ ଅନୁଭୂତିସିଦ୍ଧ କଥା। ସିଙ୍ଗାପୁରରେ ଏଭଳି ଅବସ୍ଥା ସୃଷ୍ଟି ହୋଇଥିଲା। ମାଲେସିଆରେ ମଧ୍ୟ ଅନୁରୂପ ଅବସ୍ଥା ଦେଖାଦେଇଥିଲା। ତେବେ ସେଠା କର୍ତ୍ତୃପକ୍ଷ କଠୋର ଦରଦାମ୍ ନିୟନ୍ତ୍ରଣ ପଦକ୍ଷେପ ହାତକୁ ନେଇ ପରିସ୍ଥିତିକୁ ନିୟନ୍ତ୍ରଣ କରିପାରିଥିଲେ। ମାଲେସିଆ ଘଟଣାରୁ ଆଉ ଏକ ଶିକ୍ଷା ହେଲା ଜିଏସ୍‌ଟି ପ୍ରବର୍ତ୍ତନ କରିବା ସହ ଏହାର ସଫଳ କାର୍ଯ୍ୟକାରିତା ପାଇଁ ଯଥା ସମ୍ଭବ ସବୁ ଆନୁଷଙ୍ଗିକ ବ୍ୟବସ୍ଥାକୁ ପ୍ରସ୍ତୁତ ରଖିବାକୁ ହେବ। ଏ କ୍ଷେତ୍ରରେ ବିଳମ୍ବ, ବିଭ୍ରାନ୍ତି ଏବଂ ବିଶୃଙ୍ଖଳା ସୃଷ୍ଟି ହୋଇପାରେ। ସେଥିପ୍ରତି ଭାରତକୁ ଦୃଷ୍ଟିଦେବାକୁ ପଡ଼ିବ। ଭାରତ ୨୦୧୭ ଏପ୍ରିଲ ପହିଲାରୁ ଜିଏସ୍‌ଟି ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ତେଣୁ ଏହାର ପ୍ରବର୍ତ୍ତନ ପାଇଁ ହାତରେ ଆଉ ମାତ୍ର ୯ ମାସ ସମୟ ଅଛି। ଏହି ସ୍ୱଳ୍ପ ସମୟ ମଧ୍ୟରେ ଜିଏସ୍‌ଟି ପ୍ରବର୍ତ୍ତନର ଆନୁସଙ୍ଗିକ ବ୍ୟବସ୍ଥାଗୁଡ଼ିକ ପ୍ରସ୍ତୁତ କରି ଭାରତ କେତେ ସଫଳତାର ସହ ତାହାକୁ କାର୍ଯ୍ୟକ୍ଷମ କରିପାରିବ ତାହା ଦେଖିବାର କଥା।

ଆହୁରି ମଧ୍ୟ ଆନ୍ତର୍ଜାତିକ ଅନୁଭୂତି କହୁଛି ଯେ ଜିଏସ୍‌ଟି ବସ୍ତୁତଃ ଏକ କେନ୍ଦ୍ରୀୟ ଟିକସ ଏବଂ ଏହାକୁ ଉଭୟ ଜାତୀୟ ଓ ପ୍ରାଦେଶିକ ସ୍ତରରେ ଦୁଇ ବ୍ୟବସ୍ଥାରେ ସଫଳତାର ସହ କାର୍ଯ୍ୟକାରୀ କରିବା ସହଜ ନୁହେଁ। ଟିକସ




ସଂଗ୍ରହ ଜନିତ ଅଧିକ ଖର୍ଚ୍ଚ, ସବୁ ନୀତିନିୟମ ପାଳନ କରିବା ବାବଦ ବ୍ୟୟ, ଟିକସ ଅସଂହତି ଜନିତ ପ୍ରତିବନ୍ଧକ ଏବଂ ସର୍ବୋପରି ନୂଆ ବ୍ୟବସ୍ଥାର ସୁପରିଚାଳନା ତଥା ସଫଳତା ପାଇଁ କେନ୍ଦ୍ର ସରକାର ସ୍ଥୁଳ ଅର୍ଥନୈତିକ ସଂସ୍କାରବାଦୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ନ କରିବା ଆଦି ପ୍ରସଙ୍ଗ ଏଥିରେ ଅନ୍ତରାୟ ସୃଷ୍ଟି କରିପାରେ। ଆନ୍ତଃସୀମା ବାଣିଜ୍ୟ କାରବାର କ୍ଷେତ୍ରରେ ମଧ୍ୟ ସମସ୍ୟା ଦେଖାଦେଇପାରେ। ଏ କ୍ଷେତ୍ରରେ ଉପ-ଜାତୀୟ (ସବ୍ ନେଶନାଲ) ଜିଏସ୍‌ଟିକୁ ବୈଷୟିକ କାରଣରୁ ବିରୋଧ କରାଯାଉଛି। ତେଣୁ ଏବାବଦ ରାଜସ୍ୱ ଭାଗବଣ୍ଟା ନେଇ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଅଧିକାଂଶ ସଂଘୀୟ ରାଷ୍ଟ୍ରରେ ଜାତୀୟ ସ୍ତରରେ ଭ୍ୟାଟ୍ ବ୍ୟବସ୍ଥା ଥିବା ବେଳେ ପ୍ରାଦେଶିକ ସରକାରଗୁଡ଼ିକୁ ସେଥିରୁ ଭାଗ ମିଳିବାର ବ୍ୟବସ୍ଥା ଅଛି।

ମୋଟାମୋଟି ଭାବେ ଜିଏସ୍‌ଟି ନେଇ ଆନ୍ତର୍ଜାତିକ ଅନୁଭୂତ ହେଉଛି– ଯଥାସମ୍ଭବ କମ୍ ସାମଗ୍ରୀ ଓ ସେବାକୁ ଟିକସ ପରିସରରୁ ମୁକ୍ତ ରଖିବା। ଏ କ୍ଷେତ୍ରରେ ରାଜନୈତିକ ଚାପ ଅପେକ୍ଷା ବାସ୍ତବତାକୁ ଗ୍ରହଣ କରାଯିବା ଉଚିତ। ତେବେ କେଉଁ ସାମଗ୍ରୀ କରମୁକ୍ତ ହେବ ତାହା ରାଜ୍ୟଗୁଡ଼ିକ ବସି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କଲେ କୌଣସି ଦ୍ୱନ୍ଦ୍ୱ ରହିବ ନାହିଁ। ଟିକସ ମୁକ୍ତ ସାମଗ୍ରୀ ତାଲିକା ଯେତେ ଲମ୍ବା ହେବ ରାଜ୍ୟଗୁଡ଼ିକର ଟିକସ ଆୟ ପରିମାଣ ସେହି ଅନୁପାତରେ କମିବ। ତେଣୁ ଟିକସ ଆଧାରକୁ ଯେତେ ଅସଂକୁଚିତ କରାଯିବ ରାଜ୍ୟର ଆର୍ଥିକ ସ୍ୱୟଂଶାସନ ସେତେ ଦୁର୍ବଳ ହେବ। ନ୍ୟୁଜିଲାଣ୍ଡରେ ସବୁଠୁ କମ୍ ସାମଗ୍ରୀ ଜିଏସ୍‌ଟି ଛାଡ଼ ତାଲିକାରେ ଅଛି। ମାତ୍ର ଭାରତରେ ତାହା କରିବା ସମ୍ଭବ ହୋଇ ନ'ପାରେ। ସମତା, ପ୍ରଶାସନିକ ସୁବିଧା, ଆଞ୍ଚଳିକ ବିକାଶ, ନିଯୁକ୍ତି ସୃଷ୍ଟି ଏବଂ ଅନ୍ୟାନ୍ୟ ପ୍ରମୁଖ ସାମାଜିକ ଆର୍ଥିକ ଆବଶ୍ୟକତାକୁ ବିଚାରକୁ ନେଇ ଭାରତରେ ଜିଏସ୍‌ଟିମୁକ୍ତ ସାମଗ୍ରୀ ଚିଠା ପ୍ରସ୍ତୁତ ହେବା ଦରକାର।

ନୂତନ ଜିଏସ୍‌ଟିକୁ ସାଧାରଣ ଜନତା, ବ୍ୟବସାୟୀ, କମ୍ପାନୀ ଓ ଉଦ୍ୟୋଗଜଗତ ଯେ ସହଜରେ ଗ୍ରହଣ କରିନେବ ଏକଥା କୁହାଯାଇ ନ'ପାରେ। କେତେକ କ୍ଷେତ୍ରରେ ପ୍ରତିରୋଧ ହେବ। ତେଣୁ ଏ ନେଇ ସଂପୃକ୍ତ ପକ୍ଷଙ୍କ ସହ ଆଗୁଆ ଆଲୋଚନା କରି ନୂଆ ଟିକସ ବ୍ୟବସ୍ଥାକୁ ଯୁକ୍ତିଯୁକ୍ତ କରିବାକୁ ପଡ଼ିବ। କେତେକ ରାଷ୍ଟ୍ରରେ ଏଭଳି ଆଗୁଆ ଆଲୋଚନା କରାଯାଇ ଜିଏସ୍‌ଟି ଜନିତ ବିରୋଧ ଓ ଦ୍ୱନ୍ଦ୍ୱର ସମାଧାନ କରାଯାଇପାରିଛି। ଜିଏସ୍‌ଟି ଏକ ଦକ୍ଷ ଟିକସ ସଂଗ୍ରହକାରୀ ବ୍ୟବସ୍ଥା ହୋଇଥିଲେ ହେଁ ପ୍ରବର୍ତ୍ତନକାଳୀନ ସ୍ଥିତିରେ ଏହା ପ୍ରାରମ୍ଭିକ ସମସ୍ୟାର ସମ୍ମୁଖୀନ ହୋଇପାରେ।

**ରୂପାୟନ ଜନିତ ପ୍ରସଙ୍ଗ**

ଜିଏସ୍‌ଟି ପ୍ରବର୍ତ୍ତନ ଘେନିଥିବା ପ୍ରମୁଖ ପ୍ରତିବନ୍ଧକ – ସମ୍ବିଧାନ ସଂଶୋଧନ ପ୍ରସଙ୍ଗର ସହଜରେ ଅବସାନ ଘଟିଛି। ଏବେ ବଡ଼ ପ୍ରଶ୍ନ ହେଉଛି ଜିଏସ୍‌ଟିର ସଫଳ ରୂପାୟନ ବା କାର୍ଯ୍ୟକାରିତା ଜନିତ ପ୍ରସଙ୍ଗ। ୨୦୧୭ ଏପ୍ରିଲ ପହିଲାରୁ ଏହା କାର୍ଯ୍ୟକାରୀ ହେବ ବୋଲି ଅର୍ଥମନ୍ତ୍ରୀ ଘୋଷଣା କରିସାରିଥିବାରୁ ଏ ନେଇ ଆଉ କୌଣସି ଦ୍ୱନ୍ଦ୍ୱ ନାହିଁ। ଅତଏବ ଏହାର କାର୍ଯ୍ୟକାରିତା ନେଇ ଯେଉଁ ବ୍ୟବସ୍ଥା ଓ କାର୍ଯ୍ୟକ୍ରମ ଏକାନ୍ତ ଅପରିହାର୍ଯ୍ୟ ତାହା ଯଥାଶୀଘ୍ର ପ୍ରସ୍ତୁତ ହୋଇଯିବା ଆଶା କରିବା ସ୍ୱାଭାବିକ। ଗୋଟିଏ ଆଇନର ସଫଳତା ତାହାର ଉତ୍ତମ କାର୍ଯ୍ୟକାରିତା ଉପରେ ସର୍ବଦା ନିର୍ଭରଶୀଳ। ଭାରତୀୟ ଟିକସ ବ୍ୟବସ୍ଥା ଏକ ଜଟିଳ ପ୍ରକ୍ରିୟା ହୋଇଥିବାରୁ ଜିଏସ୍‌ଟି ନେଇ ସରକାର ଆହ୍ୱାନର ସମ୍ମୁଖୀନ ହୋଇପାରନ୍ତି। ରାଜସ୍ୱ ନିରପେକ୍ଷ ଟିକସହାର (ଆର୍‌ଏନ୍‌ଆର୍) ଆପଣେଇଲେ ଏବଂ ଜିଏସ୍‌ଟିର ହାର ଯୁକ୍ତିଯୁକ୍ତ ହେଲେ ଏହାକୁ କେହି ବିରୋଧ କରିବେ ନାହିଁ। ସରକାରଙ୍କୁ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଆରଏନ୍‌ଆର ଜରିଆରେ ଏହା ନିଶ୍ଚିତ କରିବାକୁ ହେବ ଯେ ଜିଏସ୍‌ଟି ପ୍ରଚଳନ ପରେ ଟିକସ ହାର ହ୍ରାସ ସତ୍ତ୍ୱେ ସରକାରଙ୍କ ରାଜସ୍ୱ ଅପରିବର୍ତ୍ତିତ ରହିବ। ଆହୁରି ମଧ୍ୟ କେଉଁମାନେ ଟିକସ ପରିସରରୁ ମୁକ୍ତ ରହିବେ ଏବଂ ବାର୍ଷିକ କେତେ କାରବାର କରୁଥିବା କ୍ଷୁଦ୍ର ନାମମାତ୍ର ବ୍ୟବସାୟୀଙ୍କୁ ଜିଏସ୍‌ଟିରୁ ମୁକ୍ତ କରାଯିବ ତାହା ମଧ୍ୟ ଚୂଡ଼ାନ୍ତ କରିବା କଷ୍ଟସାଧ୍ୟ ହୋଇପାରେ।

୨୦୧୭ ଏପ୍ରିଲ ପହିଲା ସୁଦ୍ଧା ଜିଏସ୍‌ଟି ପ୍ରବର୍ତ୍ତନର ଯେଉଁ ଲକ୍ଷ୍ୟ ରହିଛି ତାହା କେତେକ ଗୁରୁତର ଆହ୍ୱାନର ସମ୍ମୁଖୀନ ହୋଇପାରେ । ସେଥିମଧ୍ୟରୁ ଗୋଟିଏ ହେଉଛି ଆବଶ୍ୟକ ଆଇଟି ପ୍ଲାଟଫର୍ମ ପ୍ରସ୍ତୁତ କରିବା ଯାହା ଏହି ବ୍ୟବସ୍ଥାର ସଫଳ କାର୍ଯ୍ୟକାରିତା ପାଇ ମୁଖ୍ୟ ବୈଷୟିକ ଆଧାର ହେବ । ଦ୍ୱିତୀୟ ଆହ୍ୱାନ ହେଲା କେନ୍ଦ୍ରୀୟ ଜିଏସ୍‌ଟି, ପ୍ରାଦେଶିକ ଜିଏସ୍‌ଟି, ସମନ୍ୱିତ ଜିଏସ୍‌ଟି ଏହି ତିନି ପ୍ରକାରର ଜିଏସ୍‌ଟିକୁ ସଫଳତାର ସହ ରୂପାୟିତ କରିବା ପାଇଁ ଆବଶ୍ୟକ ପ୍ରଶାସନିକ ଢାଞ୍ଚା ପ୍ରସ୍ତୁତ । ସେହିଭଳି ଟିକସ ବିବାଦ ଓ ସମାଧାନ ନୀତି ନିୟମଗୁଡ଼ିକୁ ଏକୀକୃତ ଏବଂ ଫଳପ୍ରଦ କରିବାକୁ ପଡ଼ିବ । ଏତେ କମ୍ ସମୟ ମଧ୍ୟରେ ଏସବୁ ବ୍ୟବସ୍ଥା ସରକାର ସଫଳତାର ସହ କରିପାରିବେ କି ନାହିଁ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଏକ ବିରାଟ ଆଇଟି ନେଟ୍‌ୱାର୍କ ଉପରେ ଏହାର ସଫଳ କାର୍ଯ୍ୟକାରିତା ଅନେକାଂଶରେ ନିର୍ଭର କରୁଛି । ଅବଶ୍ୟ ସରକାର ଇତିମଧ୍ୟରେ ଜିଏସ୍‌ଟି ନେଟୱାର୍କ (ଜିଏସ୍‌ଟିଏନ୍) ବ୍ୟବସ୍ଥା କରିସାରିଛନ୍ତି । ଏହା ଏକ ପୋର୍ଟାଲ ଜରିଆରେ ପଞ୍ଜୀକରଣ, ରିଟର୍ଣ୍ଣ, ଟିକସ ପୈଠ ଆଦି ବାବଦରେ ଆବଶ୍ୟକ ବୈଷୟିକ ସହାୟତା ଯୋଗାଇ ଦେବ । ଜିଏସ୍‌ଟି ପରିପ୍ରେକ୍ଷୀରେ ବ୍ୟାଙ୍କ ବ୍ୟବସ୍ଥାକୁ ମଧ୍ୟ ସୁସଂହତ ଓ କାରବାର ଅନୁକୂଳ କରିବାକୁ ପଡ଼ିବ । ଏଥିପାଇଁ କର୍ମଚାରୀଙ୍କୁ ତାଲିମ, ଜିଏସ୍‌ଟି ହାର ନିର୍ଦ୍ଧାରଣ, ଅନଗ୍ରସର ରାଜ୍ୟଙ୍କ ସ୍ୱାର୍ଥ ରକ୍ଷା, ରାଜସ୍ୱ ବଣ୍ଟନ ଆଦି ଯାବତୀୟ କାର୍ଯ୍ୟ ସମ୍ପାଦନ କରିବା ପାଇଁ ସମଗ୍ର ବ୍ୟବସ୍ଥା ୨୦୧୭ ଏପ୍ରିଲ ସୁଦ୍ଧା କେତେ ସମର୍ଥ ହେବ ତା' ଉପରେ ସବୁକଥା ନିର୍ଭର କରୁଛି । ଜିଏସ୍‌ଟି ହାରର ଷ୍ଟାଣ୍ଡାର୍ଡ ବା ମାନକ ନେଇ ନାନା ମତ ପ୍ରକାଶ ପାଉଥିଲେ ହେଁ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ୍ ଏହାକୁ ୧୭ ରୁ ୧୮ ଶତାଂଶରେ ରଖିବାକୁ ମତଦେଇଛନ୍ତି । ସେହିଭଳି ରେଭିନ୍ୟୁ ନ୍ୟୁଟ୍ରାଲ ରେଟ୍ ବା ରାଜସ୍ୱ ନିରପେକ୍ଷ ହାର ୧୫ ରୁ ୧୫.୫ ଶତାଂଶ ମଧ୍ୟରେ ରଖିବାକୁ ସେ ଜିଏସ୍‌ଟି ପରିଷଦକୁ ସୁପାରିଶ କରିଛନ୍ତି । ଅନ୍ୟ କେତେକ ଆରଏନ୍‌ଆର୍ ହାରକୁ ୧୧ ରୁ ୧୨ ଶତାଂଶରେ ସୀମିତ ରଖିବାକୁ ଚାହୁଁଛନ୍ତି । ତେବେ ସେ ଯା' ହେଉ ଜିଏସ୍‌ଟିର ସଫଳ କାର୍ଯ୍ୟକାରିତା ଏକ ବିରାଟ ଟିକସ ପ୍ରଶାସନ ବ୍ୟବସ୍ଥା ଉପରେ ନିର୍ଭର କରୁଛି ।

ଜିଏସ୍‌ଟିର ସଫଳତା ଏକ ଅତ୍ୟାଧୁନିକ ଆଇଟି ବ୍ୟବସ୍ଥା ଉପରେ ଅଧିକ ନିର୍ଭରଶୀଳ ହୋଇଥିବାରୁ ସରକାରଙ୍କୁ 'ଡିଜିଟାଲ ଇଣ୍ଡିଆ' କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବାକୁ ପଡ଼ିବ । ସାରା ଦେଶରେ ଡିଜିଟାଲ ବ୍ୟବସ୍ଥା ଯେତେ ଉନ୍ନତ ଓ ସଫଳ ହେବ ଜିଏସ୍ଟି କାର୍ଯ୍ୟକାରିତା ତଦନୁସାରେ ତ୍ୱରାନ୍ୱିତ ହୋଇପାରିବ । ଏହାଛଡ଼ା ରାଜ୍ୟ ରାଜ୍ୟ ମଧ୍ୟରେ ହାଇସ୍ପିଡ୍ ଆଇଟି କନେକ୍ଟିଭିଟି ବ୍ୟବସ୍ଥା ଓ ଆବଶ୍ୟକ ଲୋକଶକ୍ତି ସୃଷ୍ଟି କରିବାକୁ ପଡ଼ିବ । ପ୍ରାଦେଶିକ ସ୍ତରରେ ଜିଏସ୍ଟି ଲଗାଇବା ପାଇଁ ରାଜ୍ୟମାନଙ୍କୁ ସ୍ୱାଧୀନତା ଦେବାକୁ ଯେଉଁ ପ୍ରସ୍ତାବ ଉଠୁଛି ତାହା ଏକକ ଜିଏସ୍‌ଟିର ପ୍ରମୁଖ ଲକ୍ଷ୍ୟକୁ ପାଣିଚିଆ କରିପାରେ । ତେଣୁ ସବୁ ରାଜ୍ୟ ପାଇଁ ଗୋଟିଏ ପ୍ରକାର ଜିଏସ୍‌ଟି ହାର କରିବାକୁ ଜିଏସ୍‌ଟି ପରିଷଦ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରିବା ଆବଶ୍ୟକ । ଜିଏସ୍‌ଟି ବିଲ୍‌କୁ ଗୃହିତ କରାଇବା ପାଇଁ ପ୍ରଥମ ଥର ନିମନ୍ତେ ସବୁ ରାଜନୈତିକ ଦଳ ଏକ ହୋଇ ଆଗେଇ ଆସିବା ଏକ ବଡ଼ କଥା । ଜିଏସ୍‌ଟି କେବଳ ଏକ ପୋଖତ ଆଇନ ନୁହେଁ, ଏହା ସରକାରଙ୍କର ମଧ୍ୟ ଏକ ଉଲ୍ଲେଖନୀୟ ଉପଲବ୍ଧି । ଏହା ପୃଥିବୀର ସବୁଠୁ ବଡ଼ ଟିକସ ସଂସ୍କାର ପ୍ରୟାସ ଯେଉଁଥିରେ ୭୫ଲକ୍ଷ ବ୍ୟବସାୟୀ ପଞ୍ଜୀକୃତ ହୋଇ ଟିକସ ଓ ରିଟର୍ଣ୍ଣ ଦେବେ । ବାସ୍ତବରେ ଏହା ବ୍ୟବସାୟ କ୍ଷେତ୍ରରେ ଏକ ବଡ଼ ଆଶ୍ୱସ୍ତି ଆଣିବ; କାରଣ ସ୍ତରୀକୃତ ଟିକସ ଓ ଟିକସ ଉପରେ ଟିକସ ବ୍ୟବସ୍ଥାର ଅନ୍ତ ଏହାଦ୍ୱାରା ଘଟିବ । ସଂକ୍ଷେପରେ ଏହା ଏକ ଅତ୍ୟାବଶ୍ୟକ ଯୁଗାନ୍ତକାରୀ ଟିକସ ସଂସ୍କାର ବ୍ୟବସ୍ଥା । ଜିଏସ୍‌ଟିର ଯଥାର୍ଥତା ଓ ଉତ୍ତମ ଦିଗଗୁଡ଼ିକ ବିବାଦର ଉର୍ଦ୍ଧ୍ୱରେ ହୋଇଥିଲେ ହେଁ ଏହାର ସଫଳ କାର୍ଯ୍ୟକାରିତା ଉପରେ ସବୁକିଛି ନିର୍ଭର କରୁଛି । ସମୟ ଏହାର ଲାଭକ୍ଷତି କହିବ ।

ପ୍ରଭାକର ସାହୁ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଅର୍ଥନୈତିକ ଅଭିବୃଦ୍ଧି ପ୍ରତିଷ୍ଠାନରେ କର୍ଯ୍ୟରତ; ଅଶ୍ୱିନୀ ବିଷ୍ଣୋଇ, କୁରୁକ୍ଷେତ୍ର ଏନ୍‌ଆଇଟିର କଳା, ସାମାଜିକ ବିଜ୍ଞାନ ବିଭାଗର ସହଯୋଗୀ ପ୍ରଫେସର ।

# ଟିକସ ସଂସ୍କାରର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ

ଟି.ଏନ୍ ଅଶୋକ

ଜିଏସ୍‌ଟି ବ୍ୟବସ୍ଥା ସମଗ୍ର ଦେଶକୁ ଗୋଟିଏ ଅର୍ଥନୈତିକ ମଣ୍ଡଳରେ ପରିଣତ କରିବା ସହ କେନ୍ଦ୍ରୀୟ ଟିକସ ଓ ପ୍ରାଦେଶିକ ଟିକସର ବିବିଧତାର ଅନ୍ତ ଘଟାଇ ସାରା ଦେଶପାଇଁ ଗୋଟିଏ ଟିକସ ବ୍ୟବସ୍ଥା କରିବ। ୧୯୯୧ ପରେ ଜିଏସ୍‌ଟି ଭାରତର ସବୁଠୁ ବଡ଼ ଟିକସ ସଂସ୍କାର ବ୍ୟବସ୍ଥା ବୋଲି ନ୍ୟୁୟର୍କ ଟାଇମସ୍ ମତ ଦେଇଛି। ଭାରତର ପ୍ରଚଣ୍ଡ ଆର୍ଥିକ ଦକ୍ଷତା ସତ୍ତ୍ୱେ ନାନାବିଧ ଟିକସ ବ୍ୟବସ୍ଥା ଓ ଜଟିଳତା ଏହାର ବିକାଶରେ ପ୍ରତିବଂଧକ ସୃଷ୍ଟି କରୁଥିଲା। ଏହାର ପରିସମାପ୍ତି ପରେ ଭାରତରେ ବ୍ୟବସାୟ ବାଣିଜ୍ୟ କରିବା ସହଜ ହେବ ଏବଂ ବିଦେଶୀ ପୁଞ୍ଜି ବିନିଯୋଗ ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

**ଦେ**ଶର ବିକାଶ ପ୍ରକ୍ରିୟାରେ ଟିକସ ସଂସ୍କାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଆମେରିକା ଓ ବ୍ରିଟେନ ଭଳି ଯେଉଁ କେତେକ ବିକଶିତ ରାଷ୍ଟ୍ର ଭାରତ ଭଳି ବିକାଶଶୀଳ ଦେଶମାନଙ୍କର ଆଦର୍ଶ ବନିଛନ୍ତି ସେମାନେ ମଧ୍ୟ ନିଜ ଦେଶରେ ଏବେ ଟିକସ ବ୍ୟବସ୍ଥାର ସଂସ୍କାର କରୁଛନ୍ତି। ବ୍ରିଟେନ କଥା ବିଚାରକୁ ନିଆଯାଉ। ସେଠାକାର ରକ୍ଷଣଶୀଳ ଉଦାରବାଦୀ ଗଣତାନ୍ତ୍ରିକ ମିଳିତ ସରକାର ୨୦୧୦ ରୁ ୧୫ ମଧ୍ୟରେ ବିଭିନ୍ନ ପ୍ରକାର ଟିକସ ସଂସ୍କାର ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସେଠାରେ ୨୦ଲକ୍ଷ ଲୋକଙ୍କୁ ବସ୍ତୁତଃ ଆୟକର ଟିକସ ପରିସରରୁ ମୁକ୍ତ କରାଯାଇଛି। ସେଠାରେ ବ୍ୟକ୍ତିଗତ ଭତ୍ତାକୁ ବୃଦ୍ଧି କରାଯାଇ କର ଯୋଗ୍ୟ ଟିକସ ପରିମାଣକୁ କମ୍ କରାଯାଇଛି। ଜଣେ ବ୍ୟକ୍ତି ୯୪୪୦ ପାଉଣ୍ଡ ପର୍ଯ୍ୟନ୍ତ ରୋଜଗାର କରୁଥିଲେ ତାଙ୍କୁ ଆୟକର ଦେବାକୁ ପଡୁନାହିଁ। ସର୍ବୋଚ୍ଚ ଆୟକର ସୀମା ଯାହା ୪୦ ଶତାଂଶ ଥିଲା ତାହାକୁ ହ୍ରାସ କରାଯାଇଛି। ଫଳରେ ଏବେ ବ୍ୟକ୍ତିଗତ ଭତ୍ତା ବାହାରେ ୩୨୦୧୦ ପାଉଣ୍ଡ ଆୟ କରୁଥିବା ବ୍ୟକ୍ତି ସର୍ବୋଚ୍ଚ ଆୟକର ସୀମାରେ ରହୁଛନ୍ତି। ପୂର୍ବରୁ ବ୍ୟକ୍ତିଗତ ଭତ୍ତା ମିଶି ୩୪୩୭୦ ପାଉଣ୍ଡ ଆୟ କରୁଥିବା ବ୍ୟକ୍ତିଙ୍କୁ ୪୦ ଶତାଂଶ ହାରରେ ଆୟକର ଦେବାକୁ ପଡୁଥିଲା। ନୂଆ ବ୍ୟବସ୍ଥାରେ ଲୋକଙ୍କ ଆୟ ବଢ଼ିଛି ଓ କର କମିଛି। ସେହିଭଳି ସର୍ବୋଚ୍ଚ ଆୟକର ସୀମାରେ ୨୦୧୩-୧୪ରେ କର ହାର ୫୦ ଶତାଂଶରୁ ୪୫ ଶତାଂଶକୁ ହ୍ରାସ କରାଯାଇଛି। ଏହି ବ୍ୟବସ୍ଥାରେ ଯେଉଁମାନଙ୍କର ଆୟ ପରିମାଣ ୧୫୦୦୦୦ ପାଉଣ୍ଡ ସେମାନଙ୍କୁ ସର୍ବୋଚ୍ଚ ଆୟକର ସୀମାଭୁକ୍ତ କରାଯାଇଛି।

ଆମେରିକା ତାହାର ମୁକ୍ତ ବାଣିଜ୍ୟ ଓ ବିକଶିତ ଅର୍ଥନୀତି ପାଇଁ ସୁପରିଚିତ। ସେଠାରେ ମଧ୍ୟ ଆୟକର ଓ ଅନ୍ୟାନ୍ୟ ଟିକସ ହାର ଅତି ଚଢ଼ା। ଟିକସହାରକୁ ହ୍ରାସ କରି ଏହାକୁ ଅଧିକ ଯୁକ୍ତିସଂଗତ କରିବା ପାଇଁ ସେଠାକାର ଲୋକପ୍ରତିନିଧିମାନେ ଗତ ତିନିବର୍ଷ ଧରି ବିଭିନ୍ନ ପ୍ରସ୍ତାବ ଉପରେ ବିଚାରବିମର୍ଶ କରୁଛନ୍ତି। ତେବେ ଏ ନେଇ କୌଣସି ନିଷ୍କର୍ଷ ବାହାରି ପାରିନାହିଁ। ଦେଶର ଜନମତ ହେଉଛି କମ୍ପାନୀ ଓ ବ୍ୟକ୍ତିଗତ କରକୁ ଯଥାସମ୍ଭବ ହ୍ରାସ କରାଯାଉ। ତେବେ ପ୍ରଦୂଷଣ, ବୀମା, ଆବାସ ନିର୍ମାଣ ଉଦ୍ୟୋଗ, ସେବାକାର୍ଯ୍ୟ ଉପରେ କୌଣସି ଟିକସ ରିହାତି ନ'ଦେବା ପାଇଁ ଉଭୟ ଶାସକ ଓ ବିରୋଧୀ ପ୍ରାୟ ଏକମତ।

୨୦୧୬ ପର୍ଯ୍ୟନ୍ତ ଭାରତରେ ଟିକସ ସଂସ୍କାର ପ୍ରକ୍ରିୟା ଅବ୍ୟାହତ ରହିଛି। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାର ଏ ସମ୍ପର୍କରେ ବାସ୍ତବବାଦୀ ପଦକ୍ଷେପମାନ ନେଇ ଏହି ପ୍ରକ୍ରିୟାକୁ ଗତିଶୀଳ କରିଆସୁଛନ୍ତି। ଏହି ସଂସ୍କାର ପ୍ରକ୍ରିୟାର ନୀତି ପ୍ରାୟତଃ ସମାନ ରହିଛି। ଟିକସ ବ୍ୟବସ୍ଥାକୁ ସ୍ୱଚ୍ଛ, ପକ୍ଷପାତ ବିହୀନ, ନ୍ୟାୟୋଚିତ, ସରଳ ଓ ସହଜ

କରିବାକୁ ଗୁରୁତ୍ୱ ଦିଆଯାଉଛି । ବର୍ତ୍ତମାନର ସରକାର ପ୍ରତ୍ୟେକ୍ଷ ଟିକସ ବ୍ୟବସ୍ଥାକୁ ଅଧିକ ଯୁକ୍ତିସଂଗତ ଓ ସରଳ କରିବାକୁ ଉଦ୍ୟମ କରୁଛନ୍ତି । ଏହାଛଡ଼ା ଏହି ସଂସ୍କାର ପ୍ରକ୍ରିୟାରେ ବ୍ୟକ୍ତିଗତ ଆୟକରଦାତା ଯେପରି ସର୍ବାଧିକ ଉପକୃତ ହୋଇପାରିବେ ସେଥିପ୍ରତି ଅଗ୍ରାଧିକାର ଦିଆଯାଉଛି । ବର୍ଷ ବର୍ଷ ଧରି କ୍ରମାଗତ ଭାବେ ଆୟକର ପ୍ରଦାନର ପ୍ରବେଶ ସୀମା ସାମାନ୍ୟ ଭାବେ ବଢୁଥିବାବେଳେ ଆୟସ୍ତରକୁ ବିଚାରକୁ ନେଇ ବିଭିନ୍ନ ସ୍ଲାବ ବା ଶ୍ରେଣୀ କରି ଏହାକୁ ଯୁକ୍ତି ସଂଗତ, ସରଳ ତଥା ସ୍ୱଚ୍ଛ କରାଯାଉଛି । ଏବେ ଭାରତରେ ଆୟକର ଦାତାଙ୍କୁ ତିନିଟି ଶ୍ରେଣୀରେ ବିଭକ୍ତ କରାଯାଇ ତ୍ରିସ୍ତରୀୟ ସ୍ଲାବ ବ୍ୟବସ୍ଥା କରାଯାଇଛି । ଯେଉଁମାନେ ୨.୫୦ ଲକ୍ଷରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବାର୍ଷିକ ଆୟ କରୁଛନ୍ତି ସେମାନଙ୍କୁ ୧୦ ଶତାଂଶ ହାରରେ ଏବଂ ୫ଲକ୍ଷରୁ ୧୦ଲକ୍ଷ ଟଙ୍କା ଆୟକାରୀଙ୍କୁ ୨୦ ଶତାଂଶ ହାରରେ ଆୟକର ଦେବାକୁ ପଡୁଛି । ବାର୍ଷିକ ୧୦ଲକ୍ଷ ଟଙ୍କାରୁ ଅଧିକ ଆୟକରଦାତା ୩୦ ଶତାଂଶ ଆୟକର ଦେଉଛନ୍ତି ।

ଉଦ୍ୟୋଗଜଗତର କର ବ୍ୟବସ୍ଥାକୁ ସରଳ ଓ ଯୁକ୍ତିସଂଗତ କରାଯାଇଛି । ଏହାଛଡ଼ା ଉତ୍ପାଦନ ଓ ସୀମାଶୁଳ୍କ ଉପକର ବ୍ୟବସ୍ଥା ମଧ୍ୟ ଅଧିକ ସରଳ ହୋଇଛି । ଏସବୁ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକଙ୍କୁ ଆୟକର ପୈଠ କରିବାକୁ ଉତ୍ସାହିତ କରିବା ଓ ଅଧିକରୁ ଅଧିକ ଲୋକଙ୍କୁ କର ପରିସରଭୁକ୍ତ କରିବା । ଦେଶର ମୋଟ ଜାତୀୟ ଆୟ (ଜିଡିପି)ରେ ଟିକସଜନିତ ଆୟର ହାର ଭଲ ଥିଲେ ହେଁ ଲୋକ ସଂଖ୍ୟା ଅନୁପାତରେ ଏହି ଟିକସ ନଗଣ୍ୟ । ସିଧାକଥାରେ କହିଲେ ଦେଶର ମୋଟ ଜନସଂଖ୍ୟାର ମାତ୍ର ୨ ଶତାଂଶ ଲୋକ ସରକାରଙ୍କୁ କର ଦେଉଛନ୍ତି । ଆୟକର ଓ ଅନ୍ୟାନ୍ୟ ପ୍ରତ୍ୟେକ୍ଷ ଟିକସ ଦେଉଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ସହରାଞ୍ଚଳରେ ବସବାସ କରୁଛନ୍ତି । ସରକାର ଅଧିକରୁ ଅଧିକ ଲୋକଙ୍କୁ ଟିକସ ପରିସରଭୁକ୍ତ କରି କର ଆଦାୟ ପରିମାଣକୁ ବଢ଼ାଇବାକୁ ଚାହୁଁଥିବାବେଳେ ଏକ୍ଷେତ୍ରରେ ନାନାବିଧ ସଂସ୍କାର କାର୍ଯ୍ୟ ମଧ୍ୟ ହାତକୁ ନେଇଛନ୍ତି । ସେଥି ମଧ୍ୟରୁ ଦ୍ରବ୍ୟ ଓ ସେବାକର ବା ଜିଏସ୍‌ଟି ଅନ୍ୟତମ । ବିଭିନ୍ନ ପ୍ରକାର କରକୁ ମିଶାଇ ଏକ ପ୍ରକାର କର ବ୍ୟବସ୍ଥା ସାରା ଦେଶପାଇଁ କରିବା ଜିଏସ୍‌ଟିର ଲକ୍ଷ୍ୟ । ଏହାଦ୍ୱାରା ଉତ୍ପାଦନକାରୀ ନାନାବିଧ ଟିକସ ଜଂଜାଳରୁ ମୁକ୍ତ ହେବା ସହ ଖାଉଟି ମଧ୍ୟ କର ଉପରେ କର ଦେବା ବୋଝରୁ ତ୍ରାହି ପାଇବେ । ଏହା ମଧ୍ୟ ଜିନିଷପତ୍ରର ମୂଲ୍ୟବୃଦ୍ଧି ରୋକିବାର ସହାୟକ ହେବ । ଏ ସଂକ୍ରାନ୍ତ ବିଲ୍ ସଂସଦରେ ଅନୁମୋଦିତ ହୋଇ ଆଇନର ମାନ୍ୟତା ପାଇବା ଏକ ଐତିହାସିକ ପଦକ୍ଷେପ । ଏହା ଉପଭୋକ୍ତା, ନିର୍ମାତା ଓ ବ୍ୟବସାୟୀଙ୍କର ଅଶେଷ କଲ୍ୟାଣ କରିବ । ବହୁ ବିଚାର ଆଲୋଚନା ପରେ ଜିଏସ୍‌ଟି ବିଲ୍‌କୁ ଆଇନର ମର୍ଯ୍ୟାଦା ଦେବାକୁ ପାର୍ଲାମେଣ୍ଟରେ ୧୨୨ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇଛି । ଏହି ଆଇନ ଆସନ୍ତା ବର୍ଷଠାରୁ କାର୍ଯ୍ୟକାରୀ ହେଲେ ଅର୍ଥନୀତି ସମୃଦ୍ଧ ହେବା ସହ ଟିକସ ବ୍ୟବସ୍ଥା ଅଧିକ ସ୍ୱଚ୍ଛ ଓ ସରଳ ହେବ । ସର୍ବୋପରି ସାରା ଦେଶ ପାଇଁ ଏକକ ଟିକସ ବ୍ୟବସ୍ଥା ପ୍ରଚଳନ ସମ୍ଭବ ହୋଇପାରିବ । ଜିଏସ୍‌ଟିରେ ଟିକସ ପରିମାଣକୁ ସର୍ବନିମ୍ନ ଗ୍ରହଣୀୟ ସ୍ତରରେ ରଖିବାକୁ ସ୍ଥିର ହୋଇଛି । ଜିଏସ୍‌ଟି ପରିଷଦ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନେବ ।

ଜିଏସ୍‌ଟି ବ୍ୟବସ୍ଥା ସମଗ୍ର ଦେଶକୁ ଗୋଟିଏ ଅର୍ଥନୈତିକ ମଣ୍ଡଳରେ ପରିଣତ କରିବା ସହ କେନ୍ଦ୍ରୀୟ ଟିକସ ଓ ପ୍ରାଦେଶିକ ଟିକସର ବିବିଧତାର ଅନ୍ତ ଘଟାଇ ସାରା ଦେଶପାଇଁ ଗୋଟିଏ ଟିକସ ବ୍ୟବସ୍ଥା କରିବ । ୧୯୯୧ ପରେ ଜିଏସ୍‌ଟି ଭାରତର ସବୁଠୁ ବଡ଼ ଟିକସ ସଂସ୍କାର ବ୍ୟବସ୍ଥା ବୋଲି ନ୍ୟୁୟର୍କ ଟାଇମସ୍ ମତ ଦେଇଛି । ଭାରତର ପ୍ରଚଣ୍ଡ ଆର୍ଥିକ ଦକ୍ଷତା ସତ୍ତ୍ୱେ ନାନାବିଧ ଟିକସ ବ୍ୟବସ୍ଥା ଓ ଜଟିଳତା ଏହାର ବିକାଶରେ ପ୍ରତିବଂଧକ ସୃଷ୍ଟି କରୁଥିଲା । ଏହାର ପରିସମାପ୍ତି ପରେ ଭାରତରେ ବ୍ୟବସାୟ ବାଣିଜ୍ୟ କରିବା ସହଜ ହେବ ଏବଂ ବିଦେଶୀ ପୁଞ୍ଜି ବିନିଯୋଗ ପ୍ରକ୍ରିୟା ତ୍ୱରାନ୍ୱିତ ହେବ । ଜିଏସ୍‌ଟି ଦ୍ୱାରା ଭାରତର ଅର୍ଥନୀତି ଓ ଟିକସ ବ୍ୟବସ୍ଥା ଅଧିକ ଏକୀକୃତ ଏବଂ ପ୍ରଗତିଶୀଳ ହେବ ବୋଲି ନ୍ୟୁୟର୍କ ଟାଇମସ୍ ମତ ଦେଇଛି । ଜିଏସ୍‌ଟି ଦ୍ୱାରା ୧୫ଟି ପ୍ରାଦେଶିକ ଓ କେନ୍ଦ୍ରୀୟ ଟିକସର ଅବସାନ ଘଟିବ ଏବଂ ଏହା ଦେଶର ଆର୍ଥିକ ଅଭିବୃଦ୍ଧିକୁ ୦.୫ ଶତାଂଶରୁ ୨ ଶତାଂଶକୁ ବଢ଼ାଇ ପାରେ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି । ବର୍ତ୍ତମାନର କେନ୍ଦ୍ର ସରକାର ଯେଉଁ ସହଯୋଗ ଭିତ୍ତିକ ସଂଘୀୟ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଉଛନ୍ତି ଜିଏସ୍‌ଟି ତାହାକୁ ମଜଭୁତ କରିବ । ଏଥିରେ ରାଜ୍ୟମାନେ ସେମାନଙ୍କ ନ୍ୟାଯ୍ୟ ଟିକସ ପାଇବା ସହ କେନ୍ଦ୍ର ସରକାର ମଧ୍ୟ ତାଙ୍କ ଅଂଶ ଅଧିକ ପରିମାଣରେ ପାଇବେ । ସୂଚନାଯୋଗ୍ୟ ଯେ ରାଜ୍ୟମାନଙ୍କୁ ଅଧିକ କେନ୍ଦ୍ରୀୟ ପାଣ୍ଠି ଯୋଗାଇ ଦେବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାର ଟିକସ ବଣ୍ଟନ ନୀତିରେ ପରିବର୍ତ୍ତନ କରିଛନ୍ତି । ପଛୁଆ ରାଜ୍ୟ ସମୂହକୁ ବିକାଶର ଆଗ ଧାଡ଼ିକୁ ଆଣିବା ପାଇଁ ଆବଶ୍ୟକସ୍ଥଳେ ଅଧିକ ଅର୍ଥ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି ।

ଏହାଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟ ମିଳିତ ଭାବେ ବିକାଶପଥରେ ଆଗେଇ ପାରିବେ । ୧୯୯୧ରେ ଭାରତରେ ଅର୍ଥନୈତିକ ସଂସ୍କାର ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା । ଆର୍ଥିକ ଓ ଅନ୍ୟାନ୍ୟ କ୍ଷେତ୍ରରେ ରାଜ୍ୟମାନଙ୍କୁ ଅଧିକ ସହାୟତା ଓ କ୍ଷମତା ଦେବାର ପ୍ରକ୍ରିୟା ସେବେଠାରୁ ଆରମ୍ଭ କରାଯାଇଥିଲା । ଟିକସ ବ୍ୟବସ୍ଥାରେ ତ୍ରୁଟି ଓ ରାଜ୍ୟଙ୍କୁ ଅଧିକ ଅର୍ଥ ଯୋଗାଣରେ ପ୍ରତିବନ୍ଧକ ବିକାଶର ରାସ୍ତା ଓଗାଳୁଥିବା ଜଣାପଡ଼ିବା ପରେ ସେବେଠାରୁ ବିଭିନ୍ନ ସରକାର ଏ ଦିଗରେ ସଂସ୍କାରବାଦୀ କାର୍ଯ୍ୟକ୍ରମମାନ ହାତକୁ ନେଇ ସେହି ଧାରାକୁ ଅବ୍ୟାହତ ରଖିଛନ୍ତି ।

ଭାରତ ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମଙ୍କ ମତରେ ଜିଏସ୍‌ଟିର ସଫଳତା ପ୍ରାରମ୍ଭିକ ଅବସ୍ଥାରେ ମନ୍ଥର ହେବ ଏବଂ ୨୦୧୯ ବେଳକୁ ଏହାର ଲାଭ ମିଳିବ । ଆହୁରି ମଧ୍ୟ ଏହାଦ୍ୱାରା ମୁଦ୍ରାସ୍ଫୀତି ବଢ଼ିପାରେ । ତେବେ ସାରା ଦେଶ ପାଇଁ ଏକକ ଟିକସ ବ୍ୟବସ୍ଥା ନିଶ୍ଚିତ ଯେ ହିତକାରୀ ଓ ଏକ ଅଭିନବ ପ୍ରୟାସ ଏ ନେଇ ତାଙ୍କର ଦ୍ୱିରୁକ୍ତି ନାହିଁ । ଏହାର କାର୍ଯ୍ୟକାରିତା ଅବଶ୍ୟ ପ୍ରାରମ୍ଭିକ ସ୍ତରରେ ଜଟିଳ ହେବ ବୋଲି ସେ ସ୍ୱୀକାର କରିଛନ୍ତି । ତେବେ ଭବିଷ୍ୟତରେ ଜିଏସ୍‌ଟି ଅଧିକ ବିଦେଶୀ ପୁଞ୍ଜିନିବେଶ, ଦ୍ରବ୍ୟ ଓ ସେବା ରପ୍ତାନୀ ବୃଦ୍ଧି, ଅଧିକ ନିଯୁକ୍ତି ସୃଷ୍ଟି ଏବଂ ଅଧିକ ଟିକସ ଆଦାୟରେ ସହାୟକ ହେବ ବୋଲି ସେ କହିଛନ୍ତି ।

ଜିଏସ୍‌ଟି ପ୍ରୟାସକୁ ବ୍ୟବସାୟୀ ମହଲ ଓ ଉଦ୍ୟୋଗଜଗତ ସ୍ୱାଗତ କରିଛି । ଲୋକଙ୍କ ଜୀବନ ଏବଂ ଶିଳ୍ପ ବାଣିଜ୍ୟ ଉପରେ ଏହାର ବଡ଼ ସୁପ୍ରଭାବ ପଡ଼ିବ ବୋଲି ଏହି ମହଲ ଦାବି କରୁଛନ୍ତି । ଏହା ଟିକସ ଆତଙ୍କରାଜର ଅବସାନ ଘଟାଇବା ସହ ବ୍ୟବସାୟୀ, ଶିଳ୍ପୋଦ୍ୟୋଗୀଙ୍କୁ ଅଯଥା ହଇରାଣହରକତରୁ ରକ୍ଷା କରିବ । ଏହା ଟିକସ ବ୍ୟବସ୍ଥାକୁ ସରଳ କରି ଟିକସଦାତାଙ୍କୁ ଜଂଜାଳରୁ ମୁକ୍ତ କରିବ ବୋଲି ସେମାନଙ୍କର ମତ । ଟିକସ ପ୍ରସଙ୍ଗ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ବିବାଦର ମଂଜି ହୋଇଛି । ନୂଆ ବ୍ୟବସ୍ଥାରେ ଟିକସ ବଣ୍ଟନ ଓ ଆଦାୟ ବ୍ୟବସ୍ଥା ସ୍ୱଷ୍ଟ ତଥା ସରଳ ହୋଇଯାଇଥିବାରୁ ଏହି ଅଧ୍ୟାୟର ଅବସାନ ଘଟିବ । ଭାରତର ଅର୍ଥନୀତି ଏବେ ବାର୍ଷିକ ୭.୬ ହାରରେ ବୃଦ୍ଧି ପାଉଛି ଯାହା ଏକ ବଡ଼ ସଫଳତା । ତେବେ ମୁଦ୍ରାସ୍ଫୀତି ସର୍ବନିମ୍ନ ସ୍ତରରେ ଥିବା ସତ୍ତ୍ୱେ ନିଯୁକ୍ତି ସୁଯୋଗ ଆଶାନୁରୂପ ଭାବେ ସୃଷ୍ଟି ହେଉନାହିଁ । ଉଦ୍ୟୋଗଜଗତ ପାଖରେ ପାଣ୍ଠିର ଘୋର ଅଭାବ ଦେଖାଦେଇଛି । ଫଳରେ ମାନୁଫାକଚରିଂ ଉଦ୍ୟୋଗ ସ୍ଥାଣୁ ହୋଇଯାଇଛି । କେବଳ ଆଇଟି ଓ ସେବା କ୍ଷେତ୍ରରେ ଯାହା କିଛି ଅଗ୍ରଗତି ପରିଲକ୍ଷିତ ହେଉଛି । ରପ୍ତାନୀ ନ ବଢ଼ିଲେ ବୈଦେଶିକ ବିନିମୟ ମୁଦ୍ରା ଭଣ୍ଡାର ରିକ୍ତ ହେବ । ଏବେ ଭାରତ ପାଖରେ ୩୭୦୦୦ କୋଟି ଆମେରିକୀୟ ଡଲାର ବୈଦେଶିକ ମୁଦ୍ରା ଗଚ୍ଛିତ ଅଛି ।

ଜିଏସ୍‌ଟି ସହିତ ଟିକସ ସଂସ୍କାର କାର୍ଯ୍ୟକ୍ରମର ପରିସମାପ୍ତି ଘଟିଲା ବୋଲି ଭାବିବା ଠିକ୍ ନୁହେଁ । ଏବେ ପ୍ରତ୍ୟେକ୍ଷ ଟିକସ ଆଇନ (ଡିଟିସି)ର ସଂଶୋଧନ ଅପରିହାର୍ଯ୍ୟ ହୋଇଛି । ଏହାଦ୍ୱାରା ଦେଶର ବୃହତ୍ତର ଭାଗ ଜନତା ଉପକୃତ ହେବେ । ୨୦୧୬-୧୭ ବଜେଟରେ ଡିଟିସିକୁ ଉଚ୍ଛେଦ କରାଯାଇଛି । ଡିଟିସି ସ୍ଥାନରେ ଏକ ସଂସ୍କାରିତ ଟିକସ ବ୍ୟବସ୍ଥା ପ୍ରବର୍ତ୍ତନ ପାଇଁ ଆବଶ୍ୟକ ପଦକ୍ଷେପ ଆରମ୍ଭ କରିବାକୁ ସଂସଦର ଆର୍ଥିକ ବ୍ୟାପାର ସଂକ୍ରାନ୍ତ ସ୍ଥାୟୀ କମିଟି ଅର୍ଥମନ୍ତ୍ରୀଙ୍କୁ ପରାମର୍ଶ ଦେଇଛି ।

**ଡିଟିସି କ'ଣ ?** ସରକାରଙ୍କ ପରିକଳ୍ପନା ଅନୁସାରେ ୧୯୬୧ର ଭାରତୀୟ ଆୟକର ଆଇନରେ ସଂଶୋଧନ କରି ଆୟକର, ଲାଭାଂଶ ବଣ୍ଟନ ଟିକସ, ପ୍ରାନ୍ତୀୟ ଲାଭ ଟିକସ ଓ ସମ୍ପତ୍ତି କର ସଂକ୍ରାନ୍ତ ନୀତି ନିୟମର ସଂଶୋଧନ କରାଯିବା ଜରୁରୀ ହୋଇଛି । ଆର୍ଥିକ ଦୃଷ୍ଟିରୁ ଗୋଟିଏ ଦକ୍ଷ, ସଫଳ ବ୍ୟବସ୍ଥା ସୃଷ୍ଟି କରି ପ୍ରତ୍ୟେକ୍ଷ କର ବ୍ୟବସ୍ଥାକୁ ସ୍ୱଚ୍ଛ, ସରଳ ଏବଂ ବୋଧଗମ୍ୟ କରିବାକୁ ପଡ଼ିବ । ଏହାଦ୍ୱାରା ଲୋକଙ୍କୁ ସେମାନଙ୍କର ଆୟ ଓ ସମ୍ପତ୍ତି ବିଷୟରେ ସ୍ୱେଚ୍ଛାକୃତ ତଥ୍ୟ ପ୍ରଦାନ କରିବାକୁ ବ୍ୟବସ୍ଥା କରିବା ସହ ଅଧିକରୁ ଅଧିକ ଲୋକଙ୍କୁ ପ୍ରତ୍ୟେକ୍ଷ କର ବ୍ୟବସ୍ଥାରେ ସାମିଲ କରାଯାଇପାରିବ । ବ୍ୟବସ୍ଥା ଏପରି ହେବା ଉଚିତ ଯେଉଁଥିରେ ଲୋକେ ନିଜର ଆୟ ଲୁଚାଇବେ ନାହିଁ ଏବଂ ମୋଟ ଜାତୀୟ ଆୟରେ ପ୍ରତ୍ୟେକ୍ଷ କରଦାତାଙ୍କ ସଂଖ୍ୟା ଓ ଅବଦାନ ବଢ଼ିବ । ଆହୁରି ମଧ୍ୟ କର ପ୍ରଦାନ କ୍ଷେତ୍ରରେ ଥିବା ବିବାଦ ସମାଧାନ ବ୍ୟବସ୍ଥାକୁ ସରଳ, ତ୍ୱରିତ କରିବାକୁ ଚିନ୍ତା କରାଯାଉଛି । ଏକକ ସଂଯୁକ୍ତ ଟିକସଦାତା ରିପୋଟିଂ ବ୍ୟବସ୍ଥା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ଏଥିପାଇଁ ସରକାର ଯେଉଁ ନକ୍ସା ପ୍ରସ୍ତୁତ କରିଛନ୍ତି ସେଥିରେ ପ୍ରଚଳିତ ଆୟକର ଆଇନର ବହୁ ପୁରୁଣାକାଳିଆ ଧାରା ଉପଧାରା ଏବଂ ବିବାଦୀୟ ଅସ୍ପଷ୍ଟ ନୀତିକୁ ବାଦ୍ ଦିଆଯାଇଛି । ଡିଟିସିରେ ପ୍ରଚଳିତ ଆୟକର ଆଇନର ଅଧିକାଂଶ ନିୟମ ସ୍ଥାନ ପାଇବାକୁ ଥିବାବେଳେ ସେଥିରେ ବର୍ତ୍ତମାନର ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି କେତେକ ନୂଆ ବ୍ୟବସ୍ଥା ଓ ସଂଶୋଧନର ପ୍ରସ୍ତାବ ରହିଛି । ଡିଟିସିରେ ପ୍ରତ୍ୟେକ୍ଷ କର ପାଇଁ ଏକକ କୋଡ୍ ବ୍ୟବସ୍ଥାର ପରିକଳ୍ପନା

ରହିଛି । ଏହି ଏକକ କୋଡ୍ ଅଧୀନରେ ସବୁ ପ୍ରତ୍ୟେକ୍ଷ କର ରହିବ । ତେଣୁ ଜଣେ ଲୋକ ଗୋଟିଏ ବ୍ୟବସ୍ଥାରେ ତା'ର ଯାବତୀୟ ପ୍ରତ୍ୟେକ୍ଷ କର ଜମା ଓ ହାନିଲାଭ ବୁଝିପାରିବ । ଏହାର ସରଳ ଭାଷା ଓ ସ୍ପଷ୍ଟ ନିର୍ଦ୍ଦେଶାବଳୀକୁ ଲୋକେ ବୁଝି ସ୍ୱେଚ୍ଛାକୃତ ଭାବେ ଆୟ ପ୍ରକାଶ କରିବାର ସୁଯୋଗ ପାଇବେ । ଏଥିରେ ପାରୁପର୍ଯ୍ୟନ୍ତ ବିବାଦ ପରିସରକୁ କମ୍ କରାଯିବ । ଏହି ଆଇନର ଧାରା ଓ ଭାଷା ଅତି ସରଳ ଏବଂ ବୋଧଗମ୍ୟ ହେବ ଯାହାକୁ ନେଇ କରଦାତାଙ୍କ ମଧ୍ୟରେ ଭ୍ରାନ୍ତି ରହିବ ନାହିଁ । ଆହୁରି ମଧ୍ୟ ଏହି ପ୍ରସ୍ତାବିତ ଆଇନକୁ ଏପରି ଢଙ୍ଗରେ ପ୍ରସ୍ତୁତ କରାଯାଉଛି ଯେଉଁଠି ଏକ ପ୍ରଗତିଶୀଳ ଅର୍ଥନୀତିର ପରିବର୍ତ୍ତିତ ଓ ଭବିଷ୍ୟତ ଆବଶ୍ୟକତା ପୂରଣ ପାଇଁ ଆଇନକୁ ବାରମ୍ବାର ବଦଳାଇବାକୁ ପଡ଼ିବ ନାହିଁ । ଅଧିକାଂଶ କରଦାତା କ୍ଷୁଦ୍ର ଓ ନାମମାତ୍ର ବର୍ଗର ହୋଇଥିବାରୁ ସେମାନଙ୍କ ସୁବିଧାକୁ ଆଖି ଆଗରେ ରଖି ଟିକସ ପ୍ରଦାନ ଫର୍ମକୁ ସରଳ ଓ ସହଜ କରାଯିବ । ସେଥିରେ ବିଭିନ୍ନ ସ୍ତରର ଟିକସ ହାର ଓ ଆୟ ଅନୁସାରେ ଟିକସ ପରିମାଣର ସ୍ପଷ୍ଟ ଉଲ୍ଲେଖ ରହିବ । ଏହି କୋଡ୍ କାର୍ଯ୍ୟକାରୀ ହେଲେ ସଂସଦରେ ବାର୍ଷିକ ଅର୍ଥ ବିଲ୍‌ର ଉପସ୍ଥାପନ ଆଉ କରିବାକୁ ପଡ଼ିବ ନାହିଁ । ଡିଟିସି ପାଇଁ ଦେଶର ବହୁ ବିଶେଷଜ୍ଞ ମଗଜ ଖେଳାଉଛନ୍ତି । ଏହା ବିଫଳ ଯିବନି । ହୁଏତ ଏହାର ନାମ ବଦଳିପାରେ, କିନ୍ତୁ ଅନ୍ୟନାମରେ ଏହା ଆତ୍ମ ପ୍ରକାଶ କରିବା ପ୍ରାୟ ନିଶ୍ଚିତ । ପ୍ରଚଳିତ ଆୟକର ଆଇନର ଅନେକ ଧାରା ଉପଧାରା ଏଥିରେ ସ୍ଥାନିତ ହେବା ପ୍ରାୟ ନିଶ୍ଚିତ ମନେ ହେଉଥିଲେ ହେଁ ନୂଆ ବ୍ୟବସ୍ଥା ଯେ ପ୍ରତ୍ୟେକ୍ଷ କରଦାତାଙ୍କର ଅଶେଷ କଲ୍ୟାଣ କରିବ ଏହା ସ୍ଥିର ନିଶ୍ଚିତ । ଉଦ୍ୟୋଗଜଗତ ମଧ୍ୟ ବିପୁଳ ଟିକସ ସଂସ୍କାର ଲୋଡ଼େ । ସର୍ବନିମ୍ନ ବିକଳ୍ପ ଟିକସ (ମ୍ୟାଟ୍) ରେଟ୍ରୋସ୍ପେକ୍ଟିଭ ଟ୍ୟାକ୍ସ, ଟିକସଛୁଟିର ପର୍ଯ୍ୟାୟକ୍ରମିକ ଅପସାରଣ, କ୍ୟାପିଟାଲ ଗେନ୍ସ ଟ୍ୟାକ୍ସ ଆଦି ସେଥି ମଧ୍ୟରୁ ଅନ୍ୟତମ । ଟିକସ ଛୁଟି ବ୍ୟବସ୍ଥା ନ'ରହିଲେ ସ୍ୱତନ୍ତ୍ର ଅର୍ଥନୈତିକ ଅଞ୍ଚଳ (ଏସଇଜେଡ୍)ରେ ପୁଞ୍ଜି ନିବେଶ ପ୍ରକ୍ରିୟା ବ୍ୟାହତ ହୋଇପାରେ ।

ତେବେ ସେ ଯା' ହେଉ ଦେଶର ଟିକସ ବ୍ୟବସ୍ଥାରେ ଜିଏସ୍‌ଟି ଏକ ବିରାଟ ସଂସ୍କାର ଯାହା ପୁଞ୍ଜି ନିବେଶକ, ବ୍ୟବସାୟୀ, ଶିଳ୍ପୋଦ୍ୟୋଗୀ ଓ ଖାଉଟୀଙ୍କ ବିଶ୍ୱାସ ବୃଦ୍ଧିରେ ସହାୟକ ହୋଇଛି । ଏହାର ସଫଳତା ଅନ୍ୟାନ୍ୟ କ୍ଷେତ୍ରର ସଂସ୍କାରକୁ କ୍ରମଶଃ ତ୍ୱରାନ୍ୱିତ କରିବ ।

ଲେଖକ ଜଣେ ବରିଷ୍ଠ ସାମ୍ବାଦିକ ।

## ରାଜ୍ୟରେ ଆଇସିଡିଏସ୍ ଓ ମଧ୍ୟାହ୍ନ ଭୋଜନ ଯୋଜନାରେ ଦୁଗ୍ଧକୁ ସାମିଲ କରିବାକୁ କେନ୍ଦ୍ରର ପରାମର୍ଶ

କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ କେନ୍ଦ୍ର କୃଷି ମନ୍ତ୍ରଣାଳୟ ତରଫରୁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖାଯାଇ ରାଜ୍ୟରେ ଅଙ୍ଗନବାଡ଼ି କେନ୍ଦ୍ର ଓ ସ୍କୁଲ୍‌ରେ ମଧ୍ୟାହ୍ନ ଭୋଜନ ଯୋଜନାରେ ଦୁଗ୍ଧକୁ ସାମିଲ କରିବାକୁ ପରାମର୍ଶ ଦିଆଯାଇଛି । ଶ୍ରୀ ପ୍ରଧାନ ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ସେ ଓଡ଼ିଶା ଦୁଗ୍ଧ ଚାଷୀ ସଂଘର ଏକ ଦାବିପତ୍ରକୁ କେନ୍ଦ୍ର କୃଷିମନ୍ତ୍ରୀ ଶ୍ରୀ ରାଧାମୋହନ ସିଂହଙ୍କ ପାଖକୁ ପଠାଇ ଦୁଗ୍ଧ ଚାଷୀମାନଙ୍କର ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଥିଲେ । କୃଷିମନ୍ତ୍ରୀ ରାଧାମୋହନ ସିଂହ ଶ୍ରୀ ପ୍ରଧାନଙ୍କୁ ଉତ୍ତର ଲେଖି ଏ ବିଷୟରେ ସୂଚନା ଦେଇଥିବା ଶ୍ରୀ ପ୍ରଧାନ କହିଛନ୍ତି । ରାଜ୍ୟରେ ଦୁଗ୍ଧ ଚାଷୀମାନଙ୍କୁ ଋଣ ସୁବିଧା ସଂପର୍କରେ ସୂଚନା ଦେଇ ଭାରତ ସରକାରଙ୍କର ଦୁଗ୍ଧ ଉଦ୍ୟୋଗୀ ବିକାଶ ଯୋଜନା (ଡାଏରି ଏଟରପ୍ରୋନ୍ୟୋରସିପ୍ ଡେଭଲପ୍‌ମେଣ୍ଟ୍ ସ୍କିମ୍) ଦ୍ୱାରା ସାଧାରଣ ବର୍ଗର ଦୁଗ୍ଧଚାଷୀମାନଙ୍କୁ ଋଣରେ ୨୫ ପ୍ରତିଶତ ରିହାତି ଓ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଏହି ରିହାତି ହାର ୩୩.୩୩ ପ୍ରତିଶତ ଉପଲବ୍ଧ ଥିବା କହିଛନ୍ତି । ରାଜ୍ୟର ଅଧିକରୁ ଅଧିକ ଦୁଗ୍ଧଚାଷୀ ଏହାର ଲାଭ ନେବେ ବୋଲି ଶ୍ରୀ ପ୍ରଧାନ ଆଶା ବ୍ୟକ୍ତ କରିଛନ୍ତି । ଶ୍ରୀ ରାଧାମୋହନ ସିଂହ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ସରକାର ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସ୍କୁଲ୍‌ମାନଙ୍କରେ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମରେ ଦୁଗ୍ଧକୁ ଅନ୍ତର୍ଭୁକ୍ତ କରିଛନ୍ତି ।

ଓଡ଼ିଶାରେ ଶିଶୁ ମାତୃ ମୃତ୍ୟୁ ହାର ତଥା ପୁଷ୍ଟିହୀନତା ଏକ ପ୍ରମୁଖ ସମସ୍ୟା ହୋଇଥିବା କାରଣରୁ ସରକାରୀ ଯୋଜନାରେ ଦୁଗ୍ଧକୁ ଅନ୍ତର୍ଭୁକ୍ତ କରାଗଲେ ଓଡ଼ିଶାର ପୁଷ୍ଟି ନିରାପତ୍ତା ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହୋଇ ପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ଅର୍ଥନୀତି ଓ ଜନସାଧାରଣଙ୍କ ଉପରେ ଜି.ଏସ୍.ଟି.ର ପ୍ରଭାବ

ରଂଜିତ୍ ମେହଟ୍ଟା

**ସା**ମଗ୍ରୀ ଓ ସେବାକର କ୍ଷେତ୍ରରେ ଭାରତ ସରକାରଙ୍କ ଅକ୍ଳାନ୍ତ ଉଦ୍ୟମ ପ୍ରଶଂସନୀୟ । ଏଥିପାଇଁ ସମ୍ବିଧାନ ସଂଶୋଧନ ବିଧେୟକ ପାରିତ କରିବା ଓ ମୋଡେଲ୍ ଜିଏସ୍‌ଟି ଆଇନ ତିଆରି କରିବା, ଭାରତ ସରକାରଙ୍କ ଜିଏସ୍‌ଟି ପ୍ରତି ଥିବା ପ୍ରତିବଦ୍ଧତାର ପ୍ରମାଣ । ବର୍ତ୍ତମାନ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ହେଉଛି ମେକ୍ ଇନ୍ ଇଣ୍ଡିଆ । ଭାରତକୁ ଏହାର ଏକ ପେଣ୍ଠସ୍ଥଳୀ ଭାବେ ପରିଣତ କରି, ଦେଶର କ୍ରମବର୍ଦ୍ଧିଷ୍ଣୁ ଯୁବପୀଢ଼ି ପାଇଁ କର୍ମନିଯୁକ୍ତି ସୁଯୋଗ ସୃଷ୍ଟି ପ୍ରୟାସ କରାଯାଉଛି । ତେବେ ଏଥିପାଇଁ, ବିଦେଶୀ ପୁଂଜି ନିବେଶକାରୀ ଓ କମ୍ପାନିମାନଙ୍କ ପାଇଁ ଏକ ଅନୁକୂଳ ବ୍ୟବସାୟିକ ବାତାବରଣ ଆବଶ୍ୟକ । ଏ କ୍ଷେତ୍ରରେ ସବୁଠାରୁ ବଡ଼ ଅନ୍ତରାୟ ହେଉଛି ଦେଶର ଅନିଶ୍ଚିତ ପରୋକ୍ଷ କର ବ୍ୟବସ୍ଥା । ଦେଶର ସ୍ତରୀଭୂତ କର ବ୍ୟବସ୍ଥା ଓ କେନ୍ଦ୍ର-ରାଜ୍ୟ ପୃଥକ କର ଧାର୍ଯ୍ୟ କ୍ଷମତା ଦ୍ୱାରା ଟିକସ ଉପରେ ଟିକସ ଦେବା ପାଇଁ ପଡୁଛି । ପୁନଶ୍ଚ, ବିଭିନ୍ନ ସ୍ତରରେ ଭିନ୍ନଭିନ୍ନ ଟିକସ ହାର ମଧ୍ୟ ରହିଛି । ଆୟକର, ସେବାକର, କେନ୍ଦ୍ରୀୟ ବିକ୍ରି କର, ଉତ୍ପାଦନ ଶୁଳ୍କ ଓ ନିରାପତ୍ତା ଶୁଳ୍କ ଆଦି କେନ୍ଦ୍ର ସରକାର ଆଦାୟ କରୁଥିବା ବେଳେ, ରାଜ୍ୟ ସରକାରଗୁଡ଼ିକ ଭ୍ୟାଟ୍ ବା ବିକ୍ରିକର, ଅକ୍ଟ୍ରୋଇ, ରାଜ୍ୟ ଉତ୍ପାଦ ଶୁଳ୍କ, ସମ୍ପତ୍ତି କର, ପ୍ରବେଶ ଶୁଳ୍କ ଓ କୃଷି କର ଆଦି ଆଦାୟ କରିଥାନ୍ତି । ଏହା ଦ୍ୱାରା ଉଭୟ ଦେଶ ଓ ବିଦେଶରେ ଭାରତୀୟ ସାମଗ୍ରୀଗୁଡ଼ିକର ମୂଲ୍ୟରେ ବୃଦ୍ଧି ଘଟିଥାଏ ।

ଦେଶରେ ପ୍ରଚଳିତ ଥିବା ଯାବତୀୟ ପରୋକ୍ଷ କର, ଟିକସ, ସର୍‌ଚାର୍ଜ ଓ ସେସ୍ ଆଦିକୁ ସମାହିତ କରି ଏକକ ଟିକସ ବ୍ୟବସ୍ଥା ହେଉଛି ଜିଏସ୍‌ଟି । ଏହାଦ୍ୱାରା ପରୋକ୍ଷ କର ପୈଠ ଓ ଆଦାୟ କ୍ଷେତ୍ରରେ ସୁଗମତା ଆସିବା ସହିତ, ସମଗ୍ର ଦେଶରେ ସାମଗ୍ରୀ ଗୁଡ଼ିକର ଅନାୟାସ କିଣାବିକା ହୋଇପାରିବ । ଏତଦ୍‌ବ୍ୟତୀତ, ଏହା ଦ୍ୱାରା ଟିକସ ଫାଙ୍କିକୁ ରୋକାଯାଇ ଅଧିକ ଟିକସ ଆଦାୟ ହେବ, ଅଭିବୃଦ୍ଧି ଓ ପୁଂଜିନିବେଶକୁ ପ୍ରୋତ୍ସାହନ ମିଳିବ ଏବଂ ଦେଶରେ ବ୍ୟବସାୟ ପାଇଁ ପରିବେଶରେ ଉନ୍ନତି ଘଟିବ । ପୁନଶ୍ଚ, ଏହାଦ୍ୱାରା କର ଆଦାୟ କ୍ଷେତ୍ର ମଧ୍ୟ ବ୍ୟାପକ ହେବ ।

ଏହି ସମସ୍ୟାର ସମାଧାନ ପାଇଁ ସାମଗ୍ରୀ ଓ ସେବାକର ସମ୍ବିଧାନ ସଂଶୋଧନ ବିଧେୟକ, ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିସାରିଛି । ଏହା ପୂର୍ବରୁ ଏହି ବିଧେୟକଟି ଅଗଷ୍ଟ ୩ ତାରିଖ ଦିନ ରାଜ୍ୟସଭାରେ ଓ ଅଗଷ୍ଟ ୮ ତାରିଖ ଦିନ ଲୋକସଭାରେ ପାରିତ ହୋଇ ୫୦ ପ୍ରତିଶତରୁ ଊର୍ଦ୍ଧ୍ୱ ରାଜ୍ୟ ବିଧାନସଭାଗୁଡିକ ଦ୍ୱାରା ମଧ୍ୟ ଅନୁମୋଦିତ ହୋଇଥିଲା । ସମସ୍ତ ପ୍ରକାରର ପରୋକ୍ଷ କର ଅପସାରଣ କରି, ସମଗ୍ର ଦେଶରେ ଆସନ୍ତା ଏପ୍ରିଲ୍ ୨୦୧୭ରୁ ଜିଏସ୍‌ଟି ଲାଗୁ କରିବାକୁ କେନ୍ଦ୍ର ସରକାର ବଦ୍ଧପରିକର । ଭାରତ ଭଳି ଏକ ବିଶାଳ ଦେଶରେ ଗୋଟିଏ କେନ୍ଦ୍ର ସରକାର, ୨୯ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଂଚଳର ବିଭିନ୍ନତା ପୃଷ୍ଠଭୂମିରେ, ରାଜନୈତିକ ସହମତି ଭିତ୍ତିରେ, ୭.୫ ନିୟୁତ କରଦାତାଙ୍କ ଉପରେ ପ୍ରଭାବ ପକାଉଥିବା ଏବଂ କର ଆଦାୟ ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ଗ୍ରହଣ କରିବା ନିଶ୍ଚିତ ପକ୍ଷେ ଆଧୁନିକ କର ଇତିହାସରେ ସମଗ୍ର ବିଶ୍ୱରେ ଜିଏସ୍‌ଟି ହେଉଛି ଏକ ବିରଳ ବ୍ୟବସ୍ଥା । ଏଥିପାଇଁ କରାଯାଇଥିବା ପ୍ରୟାସକୁ ଆମକୁ ମୁକ୍ତ କଣ୍ଠରେ ସ୍ୱୀକାର କରିବାକୁ ପଡ଼ିବ । ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରରେ ଜଡ଼ିତ ଥିବା ସମସ୍ତଙ୍କୁ ସାଧୁବାଦ ଦେବାକୁ ପଡ଼ିବ ।

ଏସିଆ ମହାଦେଶର ତୃତୀୟ ବୃହତ

ଅର୍ଥନୀତି ଭାରତ ପାଇଁ ସ୍ୱାଧୀନତା ପରବର୍ତ୍ତୀ କାଳର ଏହି ଜିଏସ୍‌ଟି ବ୍ୟବସ୍ଥା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟିକସ ସଂସ୍କାର । ଦେଶରେ ପ୍ରଚଳିତ ଥିବା ଯାବତୀୟ ପରୋକ୍ଷ କର, ଟିକସ, ସରଚାର୍ଜ ଓ ସେସ୍ ଆଦିକୁ ସମାହିତ କରି ଏକକ ଟିକସ ବ୍ୟବସ୍ଥା ହେଉଛି ଜିଏସ୍‌ଟି । ଏହାଦ୍ୱାରା ପରୋକ୍ଷ କର ପୈଠ ଓ ଆଦାୟ କ୍ଷେତ୍ରରେ ସୁଗମତା ଆସିବା ସହିତ, ସମଗ୍ର ଦେଶରେ ସାମଗ୍ରୀ ଗୁଡ଼ିକର ଅନାୟାସ କିଣାବିକା ହୋଇପାରିବ । ଏତଦ୍‌ବ୍ୟତୀତ, ଏହା ଦ୍ୱାରା ଟିକସ ଫାଙ୍କିକୁ ରୋକାଯାଇ ଅଧିକ ଟିକସ ଆଦାୟ ହେବ, ଅଭିବୃଦ୍ଧି ଓ ପୁଂଜିନିବେଶକୁ ପ୍ରୋତ୍ସାହନ ମିଳିବ ଏବଂ ଦେଶରେ ବ୍ୟବସାୟ ପାଇଁ ପରିବେଶରେ ଉନ୍ନତି ଘଟିବ । ପୁନଶ୍ଚ, ଏହାଦ୍ୱାରା କର ଆଦାୟ କ୍ଷେତ୍ର ମଧ୍ୟ ବ୍ୟାପକ ହେବ । ସମଗ୍ର ଦେଶରେ ଗୋଟିଏ ବଜାର ସ୍ଥାପିତ ହେବ ଏବଂ କର ଉପରେ କର ଦେବାକୁ ପଡ଼ିବ ନାହିଁ । ମୋଟାମୋଟି ଭାବେ ବର୍ତ୍ତମାନର ଅପ୍ରତ୍ୟକ୍ଷ କର ବ୍ୟବସ୍ଥାରେ ଏକ ଆମୂଳଚୂଳ ପରିବର୍ତ୍ତନ ଘଟିବ । ଦେଶରେ ହେଉଥିବା ବ୍ୟବସାୟ କ୍ଷେତ୍ରର ପ୍ରତ୍ୟେକଟି ଦିଗ ଉପରେ ଏହାର ପ୍ରଭାବ ପଡ଼ିବ । ସାମଗ୍ରୀ ଓ ସେବାର ମୂଲ୍ୟ ନିର୍ଦ୍ଧାରଣ, ଯୋଗାଣ ବ୍ୟବସ୍ଥା, ଏବଂ କର ପୈଠ କରିବା ପ୍ରବୃତ୍ତି ଆଦିରେ ସୁଫଳ ମିଳିବ । ତେଣୁ, ଜିଏସ୍‌ଟିକୁ ସ୍ୱାଧୀନ ଭାରତର ଏକ ଅପୂର୍ବ କର ସଂସ୍କାର ଭାବେ ବିବେଚନା କରାଯାଉଛି ।

ବର୍ତ୍ତମାନ, ରାଜ୍ୟ ରାଜ୍ୟ ମଧ୍ୟରେ ଟିକସ ହାରରେ ପ୍ରଭେଦ ରହିଛି । ଜିଏସ୍‌ଟି ବ୍ୟବସ୍ଥା ଦ୍ୱାରା ଟିକସ କ୍ଷେତ୍ରରେ ସଂପ୍ରସାରଣ ଘଟି, ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ସାମଗ୍ରୀ ଓ ସେବାର ମୂଲ୍ୟ ହ୍ରାସ ଘଟିବ । ଏତଦ୍‌ବ୍ୟତୀତ ଅର୍ଥ ମନ୍ତ୍ରଣାଳୟର ଆକଳନ ଅନୁଯାୟୀ ଏହି ବ୍ୟବସ୍ଥା ଦ୍ୱାରା ଦେଶର ସକଳ ଘରୋଇ ଉତ୍ପାଦନରେ ପ୍ରାୟ ଦୁଇ ପ୍ରତିଶତ ଅଭିବୃଦ୍ଧି ଘଟିବ ।

**ସାମଗ୍ରୀ ଓ ସେବାକର ବ୍ୟବସ୍ଥାର ପ୍ରମୁଖ ଉପାଦେୟତା ଗୁଡ଼ିକ ହେଉଛି : –**

● ଜିଏସ୍‌ଟି ଦ୍ୱାରା ଭାରତୀୟ ଅର୍ଥନୀତିରେ ଉନ୍ନତି ଆସିବ । ଏକ ସାକ୍ଷାତକାରରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ବିକାଶ ଓ ଦାରିଦ୍ର୍ୟ ଉନ୍ମୂଳନ ପାଇଁ ଏହା ମାଧ୍ୟମରେ ସମ୍ବଳ ସୃଷ୍ଟି କରାଯାଇପାରିବ । କର ଆଧାରର ସଂପ୍ରସାରଣ ସହିତ ଏହା ପରୋକ୍ଷ ଭାବରେ ସମ୍ଭବ ହେବ । ପ୍ରତ୍ୟକ୍ଷ ଭାବରେ ମଧ୍ୟ ଉତ୍ତରପ୍ରଦେଶ, ବିହାର ଓ ମଧ୍ୟପ୍ରଦେଶ ଭଳି ଗରିବ ରାଜ୍ୟଗୁଡ଼ିକର ସମ୍ବଳ ବଢ଼ିବ । କାରଣ ସେଠାରେ ଉପଭୋକ୍ତାଙ୍କ ସଂଖ୍ୟା ଅଧିକ ।

● ଜିଏସ୍‌ଟି ଦ୍ୱାରା ଦ୍ୱୈତ ମୂଲ୍ୟଯୁକ୍ତ କର ବା ଭ୍ୟାଟ୍ ବ୍ୟବସ୍ଥାର ଏକ ସ୍ୱଚ୍ଛ ସଂସ୍କରଣ ସମ୍ଭବ ହେବ ଏବଂ ସଂପୂର୍ଣ୍ଣ ଭାବେ ସ୍ୱାଧୀନ ଓ କେନ୍ଦ୍ରୀକୃତ ବ୍ୟବସ୍ଥାର ଅସୁବିଧାରୁ ମୁକ୍ତି ମିଳିବ । ସମାନ ଆଧାର ଓ କର ଯୋଗୁଁ, ଜନସାଧାରଣଙ୍କ କର ପ୍ରଦାନ କରିବା ପ୍ରବୃତ୍ତି ଅଧିକ ସୁସଂହତ ହେବ । ଏତଦ୍‌ବ୍ୟତୀତ ଜିଏସ୍‌ଟି ପରିସର ବାହାରେ ଥିବା କେତେକ ଦ୍ରବ୍ୟ (କେନ୍ଦ୍ର ପାଇଁ ପେଟ୍ରୋଲିୟମ ଓ ତମାଖୁ ଏବଂ ରାଜ୍ୟ ପାଇଁ ପେଟ୍ରୋଲିୟମ ଓ ମଦ) ଉପରେ ଅବକାରୀ ଶୁଳ୍କ ଲାଗୁ କରି ରାଜ୍ୟଗୁଡ଼ିକ କିଛିଟା ଆର୍ଥିକ ଲାଭ ମଧ୍ୟ ପାଇବେ । ଏହି ସାମଗ୍ରୀଗୁଡ଼ିକୁ ଜିଏସ୍‌ଟି ପରିସରଭୁକ୍ତ କରାଗଲେ ମଧ୍ୟ ରାଜ୍ୟଗୁଡ଼ିକ ଟପ୍-ଅପ୍ ଟ୍ୟାକ୍ସ ମାଧ୍ୟମରେ କିଛିଟା ସମ୍ବଳ ସଂଗ୍ରହ କରିପାରିବେ ।

● ଜିଏସ୍‌ଟି ଦ୍ୱାରା 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମ ସଶକ୍ତ ହେବ । କାରଣ କେନ୍ଦ୍ରୀୟ ବିକ୍ରିକର, ବହୁଗୁଡ଼ିଏ ଆନ୍ତଃରାଜ୍ୟ ଟିକସ ଏବଂ ଘରୋଇ ଉତ୍ପାଦନ ଅପେକ୍ଷା ରପ୍ତାନୀକୁ ପ୍ରୋତ୍ସାହିତ କରୁଥିବା କାଉଣ୍ଟର ଭେଲିଂ ଡ୍ୟୁଟି ଭଳି କର ବ୍ୟବସ୍ଥାର ଉଚ୍ଛେଦ ଦ୍ୱାରା ସମଗ୍ର ଦେଶରେ ଗୋଟିଏ ବଜାର ସୃଷ୍ଟି ହେବ ।

● ଜିଏସ୍‌ଟି ଦ୍ୱାରା କର ପ୍ରଶାସନ ବ୍ୟବସ୍ଥାର ଉନ୍ନତି ଘଟିବ । ପ୍ରଥମତଃ ମୂଲ୍ୟଯୁକ୍ତ କର ବ୍ୟବସ୍ଥାରେ ଅନ୍ତର୍ନିହିତ ଇନ୍‌ପୁଟ୍ ଟ୍ୟାକ୍ସ କ୍ରେଡିଟ୍ ପାଇବା ପାଇଁ ପ୍ରତ୍ୟେକ ଡିଲର, ତାଙ୍କ ପୂର୍ବବର୍ତ୍ତୀ ଡିଲରଙ୍କଠାରୁ ଆବଶ୍ୟକ ଭ୍ୟାଟ୍ ପଇଠ ସଂପର୍କିତ କାଗଜପତ୍ର ଦାବି କରିବେ । ନିଜ ଉପରେ ନିଜେ ସଜାଗ ସୃଷ୍ଟି ରଖିବା ଯୋଗୁଁ କର ପ୍ରଶାସନ ସ୍ୱଚ୍ଛ ହୋଇପାରିବ । ଦ୍ୱିତୀୟତଃ ଜିଏସ୍‌ଟିରେ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପାଖରେ ମନିଟରିଂ ବ୍ୟବସ୍ଥା ରହିବ । ଏହା ଦ୍ୱାରା ଟିକସ ଲାଗୁ କରିବା ଓ ଆଦାୟ କରିବାକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଓ ସମନ୍ୱୟ ବୃଦ୍ଧି ପାଇବ । ଜଣେ ଯଦି ଟିକସ ଫାଙ୍କିବାକୁ ଜାଣିନପାରିଲା, ଅନ୍ୟଜଣକ ପାଖରେ ଏଭଳି ଅନୈତିକ କାର୍ଯ୍ୟ ଧରାପଡ଼ିଯିବ ।

● ବହୁବିଧ କର ବ୍ୟବସ୍ଥା ଓ ତଦ୍‌ଜନୀତ ଖାଉଟୀଙ୍କ ଉପରେ ବୋଝ ହ୍ରାସ ପାଇଁ ଜିଏସ୍‌ଟିରେ ପ୍ରାବଧାନ ରହିଛି । କେନ୍ଦ୍ର, ରାଜ୍ୟ ଓ ସମନ୍ୱିତ ଜିଏସ୍‌ଟି ଭଳି ସଂଘୀୟ ଆଭିମୁଖ୍ୟ ବହନ କରୁଥିବା ଏହି ନୂତନ ପରୋକ୍ଷ କର ବ୍ୟବସ୍ଥା, ସାମଗ୍ରୀ ଓ ସେବା କ୍ଷେତ୍ରର ପରିବହନ, ବିକ୍ରି, ଅଦଳ ବଦଳ ଆଦି ପ୍ରତ୍ୟେକଟି ଦିଗ ଉପରେ ନିୟନ୍ତ୍ରଣ ରଖିବ ।

● ଏହା ଦ୍ୱାରା ଦ୍ୱୈତ କର ବ୍ୟବସ୍ଥାର ଅସୁବିଧା ଦୂରୀଭୂତ ହେବ । ଖାଉଟୀମାନଙ୍କ ପାଇଁ ବର୍ତ୍ତମାନ ପରିପ୍ରେକ୍ଷୀରେ ସାମଗ୍ରୀଗୁଡ଼ିକର ମୂଲ୍ୟରେ କର ବୋଝ ପ୍ରାୟ ୨୫ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ କମିଯିବ ।

● ଦର ନିୟନ୍ତ୍ରଣ : ଏହି ବ୍ୟବସ୍ଥାରେ ନିର୍ମାତା ଓ ବ୍ୟବସାୟୀମାନେ କର ପରିମାଣକୁ ସେମାନଙ୍କ ଉତ୍ପାଦନ ଖର୍ଚ୍ଚରେ

ଯୋଡ଼ି ପାରିବେ ନାହିଁ । ଫଳ ସ୍ୱରୂପ, ସାମଗ୍ରୀଗୁଡ଼ିକର ଦର ହ୍ରାସ ଘଟିବ ।

- କର ଆଦାୟ ପାଇଁ ପରିଶ୍ରମ ଲାଘବ ହେବ । ପୁନଶ୍ଚ, କେନ୍ଦ୍ର, ରାଜ୍ୟ ଓ ସମନ୍ୱିତ ଜିଏସ୍‌ଟିର ହିସାବ ଅଲଗା ଅଲଗା ରଖିବାକୁ ପଡ଼ିବ ନାହିଁ ।
- ଏହା ଦ୍ୱାରା ସୃଷ୍ଟ ଉତ୍ତମ ବ୍ୟବସାୟିକ ବାତାବରଣ ଯୋଗୁଁ, ବିଦେଶୀ ପୁଂଜି ନିବେଶକାରୀମାନେ ଆକୃଷ୍ଟ ହେବେ ।
- ଟିକସ ବୋଝ କମିଯିବାରୁ, ଉତ୍ପାଦନରେ ବୃଦ୍ଧି ଘଟିବ । ଦ୍ୱୈତ କର ବ୍ୟବସ୍ଥା ଯୋଗୁଁ ବର୍ତ୍ତମାନ ଉତ୍ପାଦନକାରୀମାନେ ଅଧିକ ଉତ୍ପାଦନ ପାଇଁ ଅମଙ୍ଗ ହେଉଛନ୍ତି । ଜିଏସ୍‌ଟି ବ୍ୟବସ୍ଥା ଦ୍ୱାରା, ନିର୍ମାତାମାନେ ବରଂ ଟ୍ୟାକ୍ସ କ୍ରେଡିଟ୍ ପାଇପାରିବେ ।
- ପରିବହନ ସମୟରେ ବହୁ ଚେକ୍‌ଗେଟ୍ ଦେଇ ଅତିକ୍ରମ କରିବାକୁ ପଡୁଥିବାରୁ, ଶୀଘ୍ର ନଷ୍ଟ ହେଉଥିବା ସାମଗ୍ରୀଗୁଡ଼ିକ ସଂପୂର୍ଣ୍ଣ ବରବାଦ ହୋଇଥାଏ । ଏହାର ଅନ୍ୟ ଏକ ପ୍ରଭାବ ପଡ଼େ ଏଭଳି ସାମଗ୍ରୀଗୁଡ଼ିକର ଭଣ୍ଡାରଣ ଖର୍ଚ୍ଚ ଉପରେ । ଜିଏସ୍‌ଟି ଦ୍ୱାରା ମାଲ୍ ପରିବହନ ସୁଗମ ହୋଇପାରିବ ଏବଂ ଅଯଥା ସମୟ ଅପଚୟ ହେବନାହିଁ ।
- ଏହି ବ୍ୟବସ୍ଥାରେ ଉତ୍ପାଦନକାରୀଙ୍କୁ କେବଳ ଗୋଟିଏ ଟିକସ ଦେବାକୁ ପଡୁଥିବାରୁ, ଏହାର ସୁଫଳ ଖାଉଟିମାନେ ପାଇବେ । ସେମାନେ ଆଉ ମଧ୍ୟ କେଉଁ ସାମଗ୍ରୀ ପାଇଁ କେତେ ଟିକସ ଦେଉଛନ୍ତି, ତାହା ଜାଣିପାରିବେ ।
- ଜିଏସ୍‌ଟିରେ ଟ୍ୟାକ୍ସ କ୍ରେଡ଼ିଟ୍ ବ୍ୟବସ୍ଥା ରହିଛି । ଅର୍ଥାତ୍, ଜଣେ ଉତ୍ପାଦନକାରୀ, ଯାହାଙ୍କଠୁଁ କଞ୍ଚାମାଲ୍ ଆଣିଥାନ୍ତି, ତାଙ୍କୁ କିଛି କର ଦେଇଥାନ୍ତି, ଯାହା ପରବର୍ତ୍ତୀ ସମୟରେ ତାଙ୍କ ପାଖକୁ ଟ୍ୟାକ୍ସ କ୍ରେଡିଟ୍ ଭାବରେ ଫେରିଆସେ । ଏହା ଦ୍ୱାରା, ଉତ୍ପାଦନକାରୀମାନେ କେବଳ ପଂଜିକୃତ କଞ୍ଚାମାଲ୍ ଯୋଗାଣକାରୀ ସଂସ୍ଥାଗୁଡ଼ିକରୁ ସାମଗ୍ରୀ କ୍ରୟ କରିବା ପାଇଁ ଆଗ୍ରହୀ ହେବେ । ଫଳ ସ୍ୱରୂପ, ଟିକସ ଆଧାରରେ ସଂପ୍ରସାରଣ ଘଟିବ ।
- ଜିଏସ୍‌ଟିରେ ରପ୍ତାନୀ ଉପରେ ସୀମାଶୁଳ୍କ ବ୍ୟବସ୍ଥା ନାହିଁ । ଫଳରେ ଭାରତୀୟ ସାମଗ୍ରୀଗୁଡ଼ିକ ବିଦେଶୀ ବଜାରରେ ପ୍ରତିଦ୍ୱନ୍ଦ୍ୱିତା କରିବାରେ ସକ୍ଷମ ହେବେ ।

**<u>ଅର୍ଥନୀତି ଉପରେ ପ୍ରଭାବ</u>**

**ରିଏଲ୍ ଇଷ୍ଟେଟ୍ :**

ରିଏଲ୍ ଇଷ୍ଟେଟ୍ କ୍ଷେତ୍ରର ଏକ ଆର୍ଥିକ ଗୁଣିତକ ପ୍ରଭାବ ରହିଛି । କୃଷି ପରେ କୋଠାବାଡ଼ି, ନିର୍ମାଣ କ୍ଷେତ୍ର ହେଉଛି ଦେଶର ଦ୍ୱିତୀୟ ସର୍ବାଧିକ ନିଯୁକ୍ତି ସୃଷ୍ଟିକାରୀ କ୍ଷେତ୍ର । ଏହି କ୍ଷେତ୍ରର ସକଳ ଘରୋଇ ଉତ୍ପାଦନରେ ଅବଦାନ ମଧ୍ୟ ଉଲ୍ଲେଖନୀୟ ୨୦୧୫-୧୬ ଅର୍ଥନୈତିକ ସର୍ବେକ୍ଷଣ ଅନୁଯାୟୀ ୨୦୧୩-୧୪ ମସିହାରେ ଦେଶର ସକଳ ଘରୋଇ ଉତ୍ପାଦନରେ ଏହି କ୍ଷେତ୍ରର ଅବଦାନ ହେଉଛି ୭.୪% । ତେବେ ବର୍ତ୍ତମାନର ଜଟିଳ ଟିକସ ବ୍ୟବସ୍ଥାରେ ଏହି କ୍ଷେତ୍ର ଛନ୍ଦି ହୋଇପଡ଼ିଛି । ନିର୍ମାଣଠାରୁ ଆରମ୍ଭ କରି କୋଠାବାଡ଼ି ବିକ୍ରି ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ କିସମର କର ଲାଗୁ କରାଯାଉଛି । ସେଗୁଡ଼ିକ ମଧ୍ୟରେ ରହିଛି ସେବା ଟିକସ, ମୂଲ୍ୟଯୁକ୍ତ କର, ଷ୍ଟାମ୍ପ ଡ୍ୟୁଟି, ନିର୍ମାଣ ସେସ୍, ଅବକାରୀ ଶୁଳ୍କ ଓ କେନ୍ଦ୍ରୀୟ ବିକ୍ରିକର ଆଦି । ଏହା ଦ୍ୱାରା ଉପଭୋକ୍ତାଙ୍କ ଉପରେ ଆର୍ଥିକ ବ୍ୟୟ ଭାର ପଡ଼ିଥାଏ । ଜିଏସ୍‌ଟି ଏହି ସବୁ କର ଉଚ୍ଛେଦ କରି, ଏକ ସରଳ, ସାବଲୀଳ ଟିକସ ବ୍ୟବସ୍ଥା ଲାଗୁ କରିବାକୁ ଉଦ୍ଦିଷ୍ଟ । ତେଣୁ ଏହା ଏକ ବୃହତ କର ସଂସ୍କାର । ଏହି ବ୍ୟବସ୍ଥା ଦ୍ୱାରା, ରିଏଲ୍ ଇଷ୍ଟେଟ୍ କ୍ଷେତ୍ରରେ ଟିକସ ଫାଙ୍କି ରୋକି ହେବ ଏବଂ ସ୍ୱଚ୍ଛତା ଆସିବ । ଏହି ବ୍ୟବସ୍ଥାରେ କୌଣସି ବସ୍ତୁ ବା ପଦାର୍ଥଉପରେ ଯେହେତୁ କେବଳ ଥରେ ଟିକସ ଧାର୍ଯ୍ୟ ହେବ, ତେଣୁ ବର୍ତ୍ତମାନ ଭଳି ଟିକସ ଉପରେ ଆଉ ଟିକସ ଦେବାକୁ ପଡ଼ିବ ନାହିଁ ।

**ଓଲଟା କର ବ୍ୟବସ୍ଥା:**

ସ୍ୱାସ୍ଥ୍ୟ ସେବା ଉଦ୍ୟୋଗ ସମ୍ମୁଖରେ ଏକ ବଡ଼ ଆହ୍ୱାନ ହେଉଛି ଓଲଟା କର ବ୍ୟବସ୍ଥା ଯଦ୍ୱାରା ବ୍ୟୟ ତୁଳନାରେ ଉତ୍ପାଦକତା କମ୍ ହୋଇଥାଏ । ଏଥିପାଇଁ ଏହି କ୍ଷେତ୍ର ହତୋତ୍ସାହିତ ହୁଏ । ଜି.ଏସ.ଟି ଦ୍ୱାରା ଏଭଳି ଓଲଟା କର ବ୍ୟବସ୍ଥା ଉଚ୍ଛେଦ ହେବ ନଚେତ୍ ଜମା କରାଯାଇଥିବା କର ଫେରସ୍ତ ହେବ । ଏହା ଦ୍ୱାରା ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଅଭିବୃଦ୍ଧି ଘଟିବ । ବର୍ତ୍ତମାନ ଆମଦାନୀ ଶୁଳ୍କ ଯୋଗୁଁ ସ୍ୱାସ୍ଥ୍ୟ ସେବା ପାଇଁ ଉଦ୍ଦିଷ୍ଟ ଉପକରଣ ମହଙ୍ଗା ହେଉଛି । ଜି.ଏସଟି ଏହାକୁ ଶସ୍ତା କରିବାରେ ସାହାଯ୍ୟ କରିବ । ପୁନଶ୍ଚ ,ଔଷଧ ତିଆରି ଉଦ୍ୟୋଗ ଉପରେ ମଧ୍ୟ ଏହାର ସୁଫଳ ପଡ଼ିବ । ବର୍ତ୍ତମାନ ଏହି କ୍ଷେତ୍ରରେ ଲାଗୁ ହେଉଥିବା ଆଠ ପ୍ରକାରର କର ବଦଳରେ ସରଳ ଟିକସ ଢାଞ୍ଚା ତିଆରି ହେବ । ଗୋଟିଏ ପ୍ରକାର କର ଲାଗୁ ହେବା ଯୋଗୁଁ ଏବଂ ଟିକସ ଉପରେ ଟିକସ ବ୍ୟବସ୍ଥାର ଉଚ୍ଛେଦ ହେବା ଯୋଗୁଁ ,ଏକ୍ଷେତ୍ରରେ ବ୍ୟବସାୟ କରିବା ସହଜ ହେବ । ପୁନଶ୍ଚ ,ଏହା ଦ୍ୱାରା ଯୋଗାଣ ବ୍ୟବସ୍ଥାରେ ସୁଗମତା ଆସିବ ଯାହା ଦ୍ୱାରା ଔଷଧ ବଜାର ଅନ୍ତତଃ ୨% ସଂପ୍ରସାରିତ ହେବ । କାରଣ ଜିଏସଟି ଦ୍ୱାରା ଔଷଧ ନିର୍ମାଣ କମ୍ପାନୀ ମାନଙ୍କ ଯୋଗାଣ ବ୍ୟବସ୍ଥା ସୁସଂହତ ହେବ ।

ଏହି ଉଦ୍ୟୋଗ ପାଇଁ ଏକ ବଡ଼ ସୁବିଧା ହେଉଛି କେନ୍ଦ୍ରୀୟ ବିକ୍ରି କର ଉଚ୍ଛେଦ ଦ୍ୱାରା ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ଯାଉଥିବା ଔଷଧ କାରବାର ଜନିତ ବ୍ୟୟ ଭାର ସଙ୍କୁଚିତ ହେବ । ଜି.ଏସ.ଟି ଦ୍ୱାରା ଉତ୍ପାଦନ

ଖର୍ଚ୍ଚ ହ୍ରାସ ହେବ ଏବଂ ଉତ୍ପାଦନ କିମ୍ବା ବଣ୍ଟନ ଖର୍ଚ୍ଚରେ ଯଦି ଦୁଇ ପ୍ରତିଶତ ହ୍ରାସ ହୁଏ,ତେବେ ତାହା ୨୦% ଲାଭ ପ୍ରଦାନ କରିବ । ଏଭଳି ସ୍ଥିତିରେ ଜନସାଧାରଣଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଅଧିକ ଶସ୍ତା ହେବ ଯାହା ଭାରତ ସରକାରଙ୍କ ଅନ୍ୟତମ ବୃହତ୍ ଲକ୍ଷ୍ୟ ।

ଏହି କ୍ଷେତ୍ରରେ ଅନେକ ଟିକସ ରିହାତି ମଧ୍ୟ ଦିଆଯାଏ । ତେବେ,ନୂତନ ଜି.ଏସ୍.ଟି ବ୍ୟବସ୍ଥାରେ ଏଭଳି ରିହାତି ଓ ସୁବିଧା ବଳବତ୍ତର ରହିବ କି ନାହିଁ, ତାହା ବର୍ତ୍ତମାନ ସ୍ପଷ୍ଟ ହୋଇନାହିଁ । ସ୍ୱାସ୍ଥ୍ୟ ବୀମା ଓ ରୋଗ ନିରୂପଣ କେନ୍ଦ୍ର ଗୁଡ଼ିକ ସେବା ପର୍ଯ୍ୟାୟଭୁକ୍ତ ହୋଇଥିବା ଯୋଗୁଁ, ଏହି କ୍ଷେତ୍ରରେ ଅଧିକ କର ଲାଗୁ କରାଯାଇପାରେ ,ଯାହାର ପ୍ରଭାବ ଉପଭୋକ୍ତାଙ୍କ ଉପରେ ପଡ଼ିବ ।

**ବ୍ୟାଙ୍କିଂ ସେବା:** ଭାରତରେ ଅଧିକାଂଶ ବ୍ୟାଙ୍କିଂ ଓ ବିତ୍ତୀୟ ସେବା ଉପରେ ଟିକସ ଲାଗୁ ହୁଏ । ଏହି ଟିକସ ହାର ୧୪.୫ ପ୍ରତିଶତ ଥିବା ବେଳେ ଜି.ଏସ.ଟି ଦ୍ୱାରା ଏହି ହାର ୧୮ରୁ ୨୦ ପ୍ରତିଶତକୁ ବୃଦ୍ଧି ପାଇବ । ତେଣୁ, ଏପ୍ରକାର ସେବାର ମୂଲ୍ୟ ବୃଦ୍ଧି ଘଟିବ । ପୁନଶ୍ଚ ,ଜି.ଏସ.ଟି ଏକ ଗନ୍ତବ୍ୟ -ଆଧାରିତ କର ବ୍ୟବସ୍ଥା ହୋଇଥିବା ଯୋଗୁଁ ,ବିଭିନ୍ନ ସେବାର ପ୍ରକୃତ ଗନ୍ତବ୍ୟସ୍ଥଳ ନିର୍ଦ୍ଧାରଣ କରିବା କଷ୍ଟକର ହେବ । ବର୍ତ୍ତମାନ ସେବା ପ୍ରଦାନ କରାଯାଉଥିବା ସ୍ଥାନରେ ହିଁ କର ଲାଗୁ କରାଯାଉଛି । ଏହା ଦ୍ୱାରା,ବ୍ୟାଙ୍କରୁ ବ୍ୟାଙ୍କ୍ ଏବଂ ବ୍ୟାଙ୍କରୁ ଉପଭୋକ୍ତାଙ୍କ ମଧ୍ୟରେ ହେଉଥିବା କାରବାର ଉପରେ କେନ୍ଦ୍ରୀୟ ,ରାଜ୍ୟ ଓ ସମନ୍ୱିତ କର ଧାର୍ଯ୍ୟ କରିବା କଷ୍ଟ ସାଧ୍ୟ ହୋଇପାରେ ।

ଋଣ ଉପରେ ସୁଧ ,ପ୍ରତିଭୂତି ବିନିମୟ,ବୈଦେଶିକ ମୁଦ୍ରା ଓ ଖୁଚୁରା ସେବା ଆଦି ଜି.ଏସ.ଟି ପର୍ଯ୍ୟାୟଭୁକ୍ତ ହେବ । ଯଦିଓ ବହୁ ବ୍ୟାଙ୍କ ଏଭଳି ବ୍ୟବସ୍ଥା ବିରୋଧରେ ସୁପାରିଶ କରିଛନ୍ତି ବର୍ତ୍ତମାନ ସୁଦ୍ଧା ଏ ସଂପର୍କରେ ସ୍ଥିତି ସ୍ପଷ୍ଟ ନୁହଁ । ମୋଟାମୋଟି ଭାବେ ଜଣାପଡୁଛି ଯେ ବ୍ୟାକିଙ୍ଗ ଓ ବିତ୍ତୀୟ ସେବା ଉପରେ ସାମଗ୍ରୀ ଓ ସେବା କର ଲାଗୁ କରିବା ଏକ ଆହ୍ୱାନ ହୋଇପାରେ ଏବଂ ଏଥିରେ ଯଦି ଭାରତ ସଫଳ ହୁଏ ,ତେବେ ସମଗ୍ର ବିଶ୍ୱ ପାଇଁ ଏହା ଏକ ମୋଡ଼େଲ ଭାବେ ପରିଣତ ହେବ ।

**ଆତିଥ୍ୟ ଓ ପର୍ଯ୍ୟଟନ**: ଦେଶର ପର୍ଯ୍ୟଟନ ଓ ଭ୍ରମଣକ୍ଷେତ୍ରରେ ମଧ୍ୟ ଏକାଧିକ ଟିକସ ଲାଗୁ ହୋଇଥାଏ । ତେବେ ଜିଏସ୍‌ଟି ଲାଗୁ ହେଲା ପରେ ଆଶା କରାଯାଉଥିଲା ଯେ ଏହି କ୍ଷେତ୍ରରେ କେବଳ ଗୋଟିଏ ପ୍ରକାର ଟିକସ ହିଁ ଲାଗୁ ହେବ । ପୁନଶ୍ଚ, ଏହି ନୂତନ ବ୍ୟବସ୍ଥାରେ ପୂର୍ବରୁ ଦିଆଯାଇଥିବା କର ଫେରସ୍ତ ହେବାର ମଧ୍ୟ ସମ୍ଭାବନା ଅଛି । ବିଭିନ୍ନ ପ୍ରକାରର ସେସ୍, ଫ୍ରାନ୍‌ଚାଇଜି ଫି ଆଦିକୁ ଜିଏସ୍‌ଟିରେ ସମାହିତ କରାଯିବ । ଟିକସ ବ୍ୟବସ୍ଥା ସରଳ ହେବା ଦ୍ୱାରା, ଟିକସ ପ୍ରଦାନ ପାଇଁ ପ୍ରତିବଦ୍ଧତା ବଢ଼ିବ । ତେବେ ଏହି କ୍ଷେତ୍ରକୁ ପୂର୍ବରୁ ବିଦେଶ ବ୍ୟବସାୟ ନୀତି ଅନୁଯାୟୀ ମିଳୁଥିବା ସୁବିଧା ସୁଯୋଗ, ଜିଏସ୍‌ଟି ଅଧୀନରେ ମିଳିବ କି ନାହିଁ, ତାହା ବର୍ତ୍ତମାନ ଅସ୍ପଷ୍ଟ ।

**ଶିକ୍ଷା :** ବର୍ତ୍ତମାନ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ପ୍ରକାରର ସୁବିଧା ଓ ରିହାତି ପ୍ରଦାନ କରାଯାଉଛି । ବିଦ୍ୟାଳୟ ଦ୍ୱାରା ପ୍ରଦତ୍ତ ସେବାକୁ ଟିକସ ପରିସର ବାହାରେ ରଖାଯାଇଛି । ଜିଏସ୍‌ଟି ବ୍ୟବସ୍ଥାରେ ଏହି ସବୁ ପୂର୍ବଭଳି ବଳବତ୍ତର ରହିବ ବୋଲି ଆଶା କରାଯାଏ । ଏପରି ନ ହେଲେ ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକ ଇନ୍‌ପୁଟ୍ କ୍ରେଡିଟ୍ ବା କର ଫେରସ୍ତ ପାଇବାର ଲାଭ ଉଠାଇ ପାରିବେ । ଏପରି ସ୍ଥଳେ ଶିକ୍ଷାଗତ ସେବା ଆହୁରି ଶସ୍ତା ହେବାର ସମ୍ଭାବନା ରହିଛି ।

**ଜନସାଧାରଣଙ୍କ ଉପରେ ପ୍ରଭାବ :**
ଜିଏସ୍‌ଟି ତା'ର ଅନ୍ତିମ ପର୍ଯ୍ୟାୟକୁ ପହଞ୍ଚିବା ବେଳକୁ, ସମଗ୍ର ଦେଶରେ ଏକକ ଟିକସ ବ୍ୟବସ୍ଥା ଲାଗୁ ହୋଇ, ସକଳ ଘରୋଇ ଉତ୍ପାଦନରେ ଅଧିକ ଦୁଇ ପ୍ରତିଶତ ଅଭିବୃଦ୍ଧି ଘଟିସାରିଥିବ । ଯଦିଓ ଏହି ବ୍ୟବସ୍ଥା ଦ୍ୱାରା ସେବାଗୁଡ଼ିକ ମହଙ୍ଗା ହେବ, ତଥାପି ଖାଉଟିମାନଙ୍କ ପାଇଁ ବିଭିନ୍ନ ସାମଗ୍ରୀ ଉପରେ ଏହାର ମିଶ୍ରିତ ପ୍ରଭାବ ପଡ଼ିବ ।

ବର୍ତ୍ତମାନ ପରିସ୍ଥିତିରେ ସାମଗ୍ରୀଗୁଡ଼ିକ ଉପରେ ୧୨.୫% ଅବକାରୀ ଶୁଳ୍କ ଏବଂ ୫.୧୫% ମୂଲ୍ୟଯୁକ୍ତ କର ଧାର୍ଯ୍ୟ କରାଯାଉଛି । ଏହା ସିଧାସଳଖ ଖାଉଟିମାନେ ବହନ କରନ୍ତି । ତେଣୁ ଯଦି ଜିଏସ୍‌ଟି ଅଧୀନରେ ୧୮% କର ଧାର୍ଯ୍ୟ ହୁଏ, ତେବେ ବହୁ ସାମଗ୍ରୀର ଦାମ କମିବ । ଏହା ପଛର କାରଣ ହେଉଛି ସାମଗ୍ରୀ ଆହରଣ କରିବା ଖର୍ଚ୍ଚ କମିଯିବ । ଉଦାହରଣ ସ୍ୱରୂପ ବସ୍ତ୍ର, ପୁସ୍ତକ, ରନ୍ଧନ ତୈଳ ଆଦି ଘରୋଇ ବ୍ୟବହାର୍ଯ୍ୟ ସାମଗ୍ରୀ ଉପରେ, ବିଭିନ୍ନ ରିହାତି ଯୋଗୁଁ ମାତ୍ର ୫ - ୮% ଟିକସ ଲାଗୁ ହୁଏ । ତେଣୁ ଯଦି ଜିଏସ୍‌ଟି ୧୮% ହୁଏ, ତେବେ ଏଭଳି ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧି ଘଟିବ । ସେବା କ୍ଷେତ୍ରରେ ୧୫ରୁ ୧୮% ଟିକସ ଲାଗୁ ହେବାର ସମ୍ଭାବନା ଅଛି ।

ନୂତନ ଟିକସ ବ୍ୟବସ୍ଥାରେ ହୋଟେଲ୍‌ରେ ଖାଇବା କମ୍ ଖର୍ଚ୍ଚ ସାପେକ୍ଷ ହେବ । କାରଣ ବର୍ତ୍ତମାନ ଖାଉଟିଙ୍କୁ ଉଭୟ ସେବା କର ଓ ମୂଲ୍ୟଯୁକ୍ତ କର ଦେବାକୁ ପଡୁଛି, ଯାହା କେବଳ ଗୋଟିଏ କରରେ ରୂପାନ୍ତରିତ ହେବ । ଅନ୍ୟ ପକ୍ଷରେ, ଯେହେତୁ ସେବା ଟିକସ ହାର ଧାର୍ଯ୍ୟ କରିବାରେ ରାଜ୍ୟମାନଙ୍କ ନିଷ୍ପତ୍ତି ମଧ୍ୟ ନିହିତ ଅଛି, ତେଣୁ ଟେଲିଯୋଗାଯୋଗ, ରେଳଯାତ୍ରା, ବ୍ୟାଙ୍କିଙ୍ଗ୍ ଓ ଉଡ଼ାଜାହାଜ ଯାତ୍ରା

ମହଙ୍ଗା ହୋଇପାରେ । କିନ୍ତୁ ଛୋଟ କାର୍ ଓ ଏଫ୍‌ଏମ୍‌ସିଜି ସାମଗ୍ରୀଗୁଡ଼ିକ ଶସ୍ତା ହେବାର ସମ୍ଭାବନା ଅଛି । ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ ଯୋଗୁଁ ସ୍ୱଳ୍ପ ଜିଏସ୍‌ଟି ହାର ସକାଶେ ଟେଲିଭିଜନ ଶସ୍ତା ହେବ । ଉଦାହରଣ ସ୍ୱରୂପ ବର୍ତ୍ତମାନ ଗୋଟିଏ ୨୦ ହଜାର ଟଙ୍କାର ଏଲ୍.ଇ.ଡି. ଟିଭି କିଣିଲେ ଗ୍ରାହକଙ୍କୁ ୨୪.୫% ହାରରେ ଟିକସ ଦେବାକୁ ପଡ଼େ ଏବଂ ଟିଭିଟିର ମୂଲ୍ୟ ୨୪,୯୦୦ ଟଙ୍କାକୁ ବୃଦ୍ଧି ପାଏ । କିନ୍ତୁ ଯଦି ଏହା ଉପରେ ୧୮% ସାମଗ୍ରୀ ଓ ସେବା କର ଲାଗୁ ହୁଏ, ତେବେ ଏହାର ମୂଲ୍ୟ ୨୩,୬୦୦ ଟଙ୍କାରେ ସୀମିତ ରହିବ । ସେହିଭଳି ଇ-ବାଣିଜ୍ୟ ଉପରେ ମଧ୍ୟ ଟିକସ ଲାଗୁ ହେବାକୁ ଥିବାରୁ ବ୍ୟାଗ୍, ଜୋତା ଓ ଇଲେକ୍‌ଟ୍ରୋନିକ୍ ଉପକରଣଗୁଡ଼ିକ ମହଙ୍ଗା ହୋଇପାରେ । ଫଳସ୍ୱରୂପ ଏହି କମ୍ପାନିମାନେ ବର୍ତ୍ତମାନ ଦେଉଥିବା ବିଭିନ୍ନ ରିହାତି ବନ୍ଦ ହୋଇଯିବ । ପରିଶେଷରେ ଏତିକି କୁହାଯାଇପାରେ ଯେ ସାମଗ୍ରୀ ଓ ସେବା କର ବ୍ୟବସ୍ଥାର ସଫଳତା ନିର୍ଭର କରେ ସାଧାରଣ ଭାରତୀୟ ଖାଉଟିଙ୍କ ଉପରେ ପଡୁଥିବା ଏହାର ପ୍ରଭାବ ଉପରେ । ଏହି ବ୍ୟବସ୍ଥାର ମୂଳକଥା ହେଲା ଯେ ସମସ୍ତ ସାମଗ୍ରୀ ଓ ସେବା ଉପରେ ସହି ହେଲା ଭଳି ଟିକସ ଲାଗୁ ହେବା ଉଚିତ । କାରଣ, ଯେତେବେଳେ ମଧ୍ୟ କୌଣସି ନୂତନ ବ୍ୟବସ୍ଥା ଲାଗୁ ହୁଏ, ଜନସାଧାରଣଙ୍କ ଉପରେ ଏହାର ପ୍ରଭାବ ପଡ଼େ । ସାମଗ୍ରୀ ଓ ସେବା କର ବ୍ୟବସ୍ଥାରେ ମଧ୍ୟ ସମାନ କଥା । ଆଶା କରାଯାଇପାରେ ଯେ ସମସ୍ତଙ୍କ ଉପରେ ଏହି ନୂତନ ବ୍ୟବସ୍ଥାର ସୁ-ପ୍ରଭାବ ପଡ଼ିବ ଏବଂ ଅର୍ଥନୀତି ମଜବୁତ୍ ହେବ । ଅର୍ଥନୀତି ବଳିଷ୍ଠ ହେଲେ, ସାଧାରଣ ଜନତାଙ୍କ ଆର୍ଥିକ ସଶକ୍ତିକରଣ ମଧ୍ୟ ସମ୍ଭବ ହୋଇପାରିବ ।

ଲେଖକ ହେଉଛନ୍ତି ନୂଆଦିଲ୍ଲୀସ୍ଥିତ ପି.ଏଚ୍.ଡି. ଚ୍ୟାମ୍ବର୍ ଅଫ୍ କମର୍ସ ଓ ଇଣ୍ଡଷ୍ଟ୍ରିର ନିର୍ଦ୍ଦେଶକ ।

## ଓଡ଼ିଶାରେ ତୈଳ ଓ ଗ୍ୟାସ୍‌ର ସନ୍ଧାନ ପାଇଁ ପ୍ରୟାସ

ଗତ ଅକ୍ଟୋବର ୧୨ ତାରିଖ ଦିନ ନ୍ୟାସନାଲ୍ ସିସମିକ ପ୍ରୋଗ୍ରାମ (ଏନ୍‌ଏସ୍‌ପି) ସର୍ବଭାରତୀୟ ଉଦ୍‌ଘାଟନ ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ତରାଙ୍ଗ ଗ୍ରାମରେ କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଦ୍ୱାରା ସଂପନ୍ନ ହୋଇଛି । ଏହି ଯୋଜନାରେ ମହାନଦୀ ବେସିନ୍‌ରେ ସମ୍ଭାବ୍ୟ ଗଚ୍ଛିତ ଥିବା ତୈଳ ଓ ଗ୍ୟାସ୍‌ର ଆକଳନ କରାଯିବ । ଓଡ଼ିଶାର ମାଟି ତଳେ ଦୁର୍ମୂଲ୍ୟ ଗ୍ୟାସ୍ ଓ ତୈଳ ସମ୍ପଦ ସନ୍ଧାନ ମିଳିଲେ ଓଡ଼ିଶାର ଅର୍ଥନୀତିରେ ଐତିହାସିକ ପରିବର୍ତ୍ତନ ଆସିବ ବୋଲି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରି ଶ୍ରୀ ପ୍ରଧାନ କହିଛନ୍ତି । ବାଲେଶ୍ୱରର ତରାଙ୍ଗ ଗ୍ରାମରେ ସ୍ୱିଚ୍ ଟିପି ଭୂପୃଷ୍ଠ ତଳେ ବ୍ଲାଷ୍ଟିଂ ମାଧ୍ୟମରେ ଶ୍ରୀ ପ୍ରଧାନ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଦୀର୍ଘ ୨୫ବର୍ଷ ହେଲା ଦେଶରେ ତୈଳ ଓ ଅନୁସନ୍ଧାନ କାର୍ଯ୍ୟ ମୋଟାମୋଟି ବନ୍ଦ ପଡ଼ିଥିବା ବେଳେ ଶ୍ରୀ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି । ସାରା ଦେଶରେ ଓଡ଼ିଶାକୁ ପ୍ରାଥମିକତା ଦିଆଯାଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରାଥମିକ ଭାବେ କେନ୍ଦୁଝର- ବାଲେଶ୍ୱର-ଭଦ୍ରକ-ଯାଜପୁର-କେନ୍ଦ୍ରାପଡ଼ା-ମୟୂରଭଞ୍ଜ-ପୁରୀ-ଖୋର୍ଦ୍ଧା ଏବଂ ଗଂଜାମ ଜିଲ୍ଲାରେ ଏହି ଅନ୍ୱେଷଣ କାର୍ଯ୍ୟ ହାତକୁ ନିଆଯାଇଛି । ୧୦୦ କୋଟି ଟଙ୍କା ବ୍ୟୟରେ ଏହି ଆକଳନ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଯୋଜନା କରିଥିବା ଶ୍ରୀ ପ୍ରଧାନ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି ଅନ୍ୱେଷଣ କାର୍ଯ୍ୟ ମାଧ୍ୟମରେ ନୂତନ ଜ୍ଞାନକୌଶଳ ବ୍ୟବହାରରେ ମହାନଦୀ ବେସିନ୍‌ର ମାଟିତଳର ୨-ଡି ହାଇ ରିଜଲ୍ୟୁସନ୍ ତଥ୍ୟ ଏକାଠି କରାଯିବ । ମାଟି ତଳର ତଥ୍ୟ ଏକାଠି କରାଯିବା ପରେ ୨୦୧୮ ମସିହା ସୁଦ୍ଧା ଏହି ତଥ୍ୟର ବୈଜ୍ଞାନିକ ବିଶ୍ଳେଷଣ କରାଯାଇ ସମ୍ଭାବ୍ୟ ତୈଳ ଓ ପ୍ରାକୃତିକ ଗ୍ୟାସ୍‌ର ସଠିକ୍ ଆକଳନ କରାଯାଇ ପାରିବ । ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ମାଟି ତଳେ ଥିବା ସମ୍ଭାବ୍ୟ ହାଇଡ୍ରୋକାର୍ବନ୍ ସମ୍ପଦର ଆକଳନ କରାଯିବା ଅତ୍ୟନ୍ତ ଜରୁରୀ । ମାଟି ତଳେ ବିସ୍ଫୋରଣ କରି ଓଡ଼ିଶାର ମହାନଦୀ ବେସିନ୍‌ରେ କେତେ ତୈଳ ଓ ଗ୍ୟାସ୍ ସମ୍ପଦ ରହିବା ସମ୍ଭାବନା ଅଛି ତାହା ଆକଳନ କରିବା ପାଇଁ ଯେତେ ଅର୍ଥର ଆବଶ୍ୟକତା ରହିଛି, ସେତେ ଅର୍ଥ ଲଗାଇବା ପାଇଁ କେନ୍ଦ୍ର ସରକାର ପ୍ରସ୍ତୁତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅନୁସନ୍ଧାନ କାର୍ଯ୍ୟକ୍ରମରେ ଓଡ଼ିଶାର ଚାରିଟି ମୁଖ୍ୟ ଶିକ୍ଷାନୁଷ୍ଠାନ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଉତ୍କଳ ବିଶ୍ୱବିଦ୍ୟାଳୟ, ଆଇଆଇଟି ଭୁବନେଶ୍ୱର ଓ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଭୂତତ୍ତ୍ୱ ସଂପର୍କିତ ବିଭାଗର ଅଧ୍ୟାପକ ଓ ଛାତ୍ର- ଛାତ୍ରୀମାନଙ୍କୁ ସାମିଲ କରାଯାଇଥିଲା ।

# ଜିଏସ୍‌ଟି ଓ ସମ୍ବିଧାନ

ଜୟନ୍ତ ରାଏ ଚୌଧୁରୀ

ଜିଏସ୍‌ଟିକୁ ସମସ୍ତ ପ୍ରକାରର ଆର୍ଥିକ ସମସ୍ୟା ପାଇଁ ଏକ ସର୍ବୌଷଧି ଭାବେ ଏଯାବତ୍ ସମଗ୍ର ବିଶ୍ୱ ଗ୍ରହଣ କରିନାହିଁ । ଯୁକ୍ତରାଷ୍ଟ୍ର ଆମେରିକା ଏ ପର୍ଯ୍ୟନ୍ତ ଜିଏସ୍‌ଟି ବ୍ୟବସ୍ଥା ଲାଗୁ କରି ନାହିଁ। ଏହାର ସଂଘୀୟ ବ୍ୟବସ୍ଥା ଏକ କାରଣ ହୋଇପାରେ ଏପରି ନକରିବା ପଛରେ । ବାସ୍ତବରେ ସେଠାକାର ରାଜ୍ୟଗୁଡ଼ିକ ଲାଗୁ କରୁଥିବା ନାନା ପ୍ରକାରର କର ସମ୍ପର୍କରେ ଜାଣିଲେ ଯେ କୌଣସି ଅପରିଚିତ ବ୍ୟକ୍ତି ଆଶ୍ଚର୍ଯ୍ୟ ହେବ ନିଶ୍ଚୟ । ଉଦାହରଣ ସ୍ୱରୂପ, ଭାରତରେ ପ୍ରତ୍ୟେକ୍ଷ କର କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇ, ଏହାର ଅର୍ଥ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ରାଜ୍ୟଗୁଡ଼ିକ ସହିତ ଭାଗ ବଣ୍ଟା ହେଉଥିବା ବେଳେ, ଆମେରିକାରେ ଏହା ରାଜ୍ୟ ଗୁଡ଼ିକର କ୍ଷମତା ପରିସରଭୁକ୍ତ ।

**ବ**ହୁ ପ୍ରତିକ୍ଷୀତ ସାମଗ୍ରୀ ଓ ସେବାକର ବ୍ୟବସ୍ଥା, ସମଗ୍ର ଭାରତକୁ ଗୋଟିଏ ବଜାରରେ ପରିଣତ କରିବା ପାଇଁ ଉଦ୍ଦିଷ୍ଟ । ଏହିଭଳି ଟିକସ ବ୍ୟବସ୍ଥା କାନାଡ଼ା ଓ ୟୁରୋପିୟ ସଂଘରେ ପରିବର୍ତ୍ତନ ଆଣିସାରିଛି। ତେବେ, ସାମଗ୍ରୀ ଓ ସେବାକର ବ୍ୟବସ୍ଥାର ଏକ ଅନିଚ୍ଛାକୃତ ପରିଣାମ ହେଉଛି ଭାରତୀୟ ସମ୍ବିଧାନର ସଂଘୀୟ ଚରିତ୍ର ଉପରେ ପ୍ରଭାବ ପଡ଼ିବା ।

ସାମଗ୍ରୀ ଓ ସେବାକର ବ୍ୟବସ୍ଥା ପାଇଁ ଆଇନ୍ ପ୍ରଣୟନ ହେବା ପୂର୍ବରୁ, ବହୁସ୍ତରୀୟ ବିରକ୍ତିକର ଟିକସ ବ୍ୟବସ୍ଥାରେ ତ୍ରସ୍ତ କେତେକ ବ୍ୟାପାରୀ, 'ଗୋଟିଏ ଦେଶ, ଗୋଟିଏ ଟିକସ' ସପକ୍ଷରେ ସ୍ଲୋଗାନ ଦେଲେ । ଅବଶ୍ୟ, ଦେଶର ବଜାରକୁ ଗୋଟିଏ ବଜାରରେ ପରିଣତ କରିବା ପାଇଁ ଚଳିତ ଶତାବ୍ଦୀ ଆରମ୍ଭରୁ 'ଭ୍ୟାଟ୍' ପ୍ରଚଳିତ ହେଲା । ଅନ୍ୟପକ୍ଷରେ ନିଜନିଜର ଚାହିଦା ମୁତାବକ ବିଭିନ୍ନ ରାଜ୍ୟ ପୃଥକ ପୃଥକ ଟିକସ ବ୍ୟବସ୍ଥା ଆପଣେଇବା ଦ୍ୱାରା 'ଭ୍ୟାଟ୍' ବ୍ୟତିରେକ ଅନ୍ୟାନ୍ୟ ଟିକସ ମଧ୍ୟ ଲାଗୁ କରାଗଲା । ଫଳ ସ୍ୱରୂପ, ଭାରତକୁ ଏକ ଅତ୍ୟଧିକ କର ଲାଗୁ କରୁଥିବା ରାଷ୍ଟ୍ର ଭାବେ ବର୍ଣ୍ଣନା କରାଗଲା ।

ସାମଗ୍ରୀ ଓ ସେବାକର ଭଳି ଏକକ ଟିକସ ବ୍ୟବସ୍ଥା କେବଳ ବାଣିଜ୍ୟିକ ସୁବିଧା ଓ ସୁଗମତା ପାଇଁ ଉଦ୍ଦିଷ୍ଟ । ଦେଶର ସ୍ୱାଧୀନତା ଓ ଦେଶ ବିଭାଜନ ପରେ ସମ୍ବିଧାନ ପ୍ରଣୟନରେ ଏହି ଚିନ୍ତାଧାରା ପ୍ରତିଫଳିତ ହୋଇନାହିଁ । ଭାରତକୁ 'ଏକକ ଚରିତ୍ର ବିଶିଷ୍ଟ ଏକ ସଂଘୀୟ ଦେଶ' ଭାବେ ଗଢ଼ିତୋଳିବାକୁ ସାମ୍ବିଧାନିକ ପ୍ରୟାସ ପଛରେ ରହିଛି ଦେଶ ବିଭାଜନ ସମୟର ଅନୁଭୂତି, ଯେତେବେଳେ ନୂତନ ଭାବେ ଆତ୍ମପ୍ରକାଶ କରିଥିବା ଭାରତ ପାଇଁ ବିଚ୍ଛିନ୍ନତାବାଦର ବିପଦ ରହିଥିଲା । ସମ୍ବିଧାନ ପ୍ରଣୟନ ସହ ସଂଶ୍ଳିଷ୍ଟ ଥିବା କେତେକ ବ୍ୟକ୍ତିଙ୍କ ମତରେ, ସମ୍ବିଧାନ ସଭା ଦ୍ୱାରା ଦେଶର 'ଏକକ' ଚରିତ୍ର ଓ ସାର୍ବଭୌମତ୍ୱ ଉପରେ ମାତ୍ରାଧିକ ଅଗ୍ରାଧିକାର ଦିଆଯାଇଥିଲା । ବିହାରର ଜଣେ ସାଂସଦ ଶ୍ୟାମାନନ୍ଦନ ସହାୟ ଯୁକ୍ତି ବାଢ଼ିଥିଲେ 'କେନ୍ଦ୍ର ଓ ରାଜ୍ୟ ଆର୍ଥିକ ସମ୍ପର୍କରେ, ରାଜ୍ୟଗୁଡ଼ିକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଇନାହିଁ । ଏ ବିଷୟରେ ମୁଁ ଅନୁଭବ କରୁଛି ଯେ, ୧୯୩୫ ମସିହାର ଆଇନ୍ ସମୟରେ ରାଜ୍ୟ ଗୁଡ଼ିକର ଅବସ୍ଥା ଠାରୁ ମଧ୍ୟ ବର୍ତ୍ତମାନର ଅବସ୍ଥା ଆହୁରି ଖରାପ । ଜନସାଧାରଣଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିବା, ସେମାନଙ୍କ ପାଇଁ ସୁବିଧା ସୁଯୋଗ ସୃଷ୍ଟି କରିବା ପରିସର, କେନ୍ଦ୍ର ଅପେକ୍ଷା ରାଜ୍ୟଗୁଡ଼ିକ ପାଖରେ ଅଧିକ ବ୍ୟାପକ । ଏହି ଦୃଷ୍ଟିରୁ ଟିକସ ଆଦାୟ କ୍ଷେତ୍ରରେ, ରାଜ୍ୟଗୁଡ଼ିକୁ ଅଧିକ ସୁଯୋଗ ଦେବାର ଉଚିତ୍ ଥିଲା' ।

ସେତେବେଳେ ଅତ୍ୟଧିକ ସଂଘୀୟ ଚରିତ୍ରକୁ ଦେଶର ଏକତାର ପରିପନ୍ଥୀ ବୋଲି ମନେ କରାଯାଉଥିଲା । ଫଳସ୍ୱରୂପ, ଟିକସ କ୍ଷମତା, ରାଜ୍ୟ ଅପେକ୍ଷା କେନ୍ଦ୍ର ପାଖରେ

ଅଧିକ ରହିଲା । ସେ ସମୟରେ ୟୁନାଇଟେଡ୍ ପ୍ରୋଭିନ୍ସରୁ ଜଣେ ସାଂସଦ ପଣ୍ଡିତ୍ ହୃଦୟନାଥ କୁଞ୍ଜରୁ ଯୁକ୍ତି ବାଢ଼ିଥିଲେ 'ରାଜ୍ୟ ଗୁଡ଼ିକର ଆର୍ଥିକ ଓ ପ୍ରଶାସନିକ ସ୍ଥିରତା, କେନ୍ଦ୍ର ଉପରେ ବହୁ ମାତ୍ରାରେ ନିର୍ଭର କରେ । ତେଣୁ, କେନ୍ଦ୍ରଠାରୁ ଅତ୍ୟଧିକ ଭାଗ ମାଗିବା, ରାଜ୍ୟ ଗୁଡ଼ିକ ପାଇଁ ଅପରିଣାମଦର୍ଶୀ ହୋଇପାରେ ।' ସେ ସମୟରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନେତୃତ୍ୱରେ ଥିବା କେନ୍ଦ୍ର ସରକାର ଓ କଂଗ୍ରେସ ନେତୃତ୍ୱାଧୀନ ରାଜ୍ୟ ସରକାରଗୁଡ଼ିକ ମଧ୍ୟରେ ଏଭଳି ବ୍ୟବସ୍ଥା ଉପରେ ସହମତି ରହିଥିଲା । ତେବେ, ୧୯୬୦ ଦଶକରେ ରାଜ୍ୟ ଗୁଡ଼ିକରେ ରାଜନୈତିକ ପଟ୍ଟ ପରିବର୍ତ୍ତନ ସମୟରୁ ସଂଘୀୟ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ସ୍ୱର ଉଠିଲା । ସେତେବେଳର କେତେକ ଅଣ କଂଗ୍ରେସ ରାଜ୍ୟ ଥିଲେ, ସିପିଏମ୍ ଶାସିତ ପଶ୍ଚିମବଙ୍ଗ ଓ ଏନ୍.ଟି. ରାମାରାଓ ନେତୃତ୍ୱାଧୀନ ଆନ୍ଧ୍ରପ୍ରଦେଶ ।

ବର୍ତ୍ତମାନ ରାଜ୍ୟଗୁଡ଼ିକ ପାଖରେ ଟିକସ ଧାର୍ଯ୍ୟ କରିବା ପାଇଁ ଯଥେଷ୍ଟ ସୁଯୋଗ ଓ କ୍ଷମତା ରହିଛି । କେତେକ ରାଜ୍ୟ, ଆଇନ୍‌ରେ ଥିବା ଦୁର୍ବଳତା ଯୋଗୁଁ, ନିଜନିଜର ଟିକସ ଲାଗୁ କରିବାର ପରିସରକୁ ବ୍ୟାପକ ମଧ୍ୟ କରିପାରିଛନ୍ତି । ଉଦାହରଣ ସ୍ୱରୂପ, ଅନ୍ୟରାଜ୍ୟକୁ ପଠାଯାଉଥିବା କୋଇଲା ଉପରେ ପଶ୍ଚିମବଙ୍ଗ ସରକାର ଟିକସ ଧାର୍ଯ୍ୟ କରିଥାନ୍ତି । କେତେକ ରାଜ୍ୟ, ଅନ୍ୟ ରାଜ୍ୟରୁ ଆସୁଥିବା ସାମଗ୍ରୀ ଉପରେ ଟିକସ ଲଗାନ୍ତି । ତେବେ ଏଭଳି ବ୍ୟବସ୍ଥା ଉଭୟ ଗ୍ରାହକ ଓ ବେପାରୀମାନଙ୍କ ପାଇଁ ଅନୁକୂଳ ନୁହେଁ ନିଶ୍ଚୟ । ଅଧିକ ଟିକସ ଆଦାୟ କରି, ରାଜ୍ୟଗୁଡ଼ିକ ନିଜନିଜର ଆବଶ୍ୟକତା ମେଣ୍ଟାଇବାକୁ ଏହାଦ୍ୱାରା ଚେଷ୍ଟା କରନ୍ତି । ଉଦାହରଣ ସ୍ୱରୂପ, ନିଜସ୍ୱ କ୍ଷମତା ଦ୍ୱାରା ତାମିଲନାଡୁ ସରକାର କେତେକ ଟିକସ ଆଦାୟ କରି ବିଭିନ୍ନ ସାମାଜିକ ସଂସ୍କାର ପଦକ୍ଷେପ ନେଇଛନ୍ତି । ତେଣୁ, ସାମଗ୍ରୀ ଓ ସେବା କର ବ୍ୟବସ୍ଥାର ଅନେକଗୁଡ଼ିଏ ବିନ୍ଦୁ ବିପକ୍ଷରେ ତାମିଲନାଡୁ ସରକାର ଯୁକ୍ତି ଦର୍ଶାଇଥିଲେ ।

ଏହା ସତ ଯେ, ବିଭିନ୍ନ ସାମାଜିକ ସଂସ୍କାର କ୍ଷେତ୍ରରେ, ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଅନ୍ୟ ରାଜ୍ୟ ତୁଳନାରେ ଆଗୁଆ ଅଛନ୍ତି । ପ୍ରସିଦ୍ଧ ଅର୍ଥନୀତିଜ୍ଞ ଜାଁ ଡ୍ରେଜ୍‌ଙ୍କ ଭାଷାରେ କେରଳ ଓ ତାମିଲନାଡୁ ଭଳି ରାଜ୍ୟ ବିକାଶ ସୂଚକାଙ୍କରେ ଅନ୍ୟ ରାଜ୍ୟ ତୁଳନାରେ ବେଶ୍ ଆଗୁଆ ଅଛନ୍ତି । ରାଜ୍ୟ ବ୍ୟତିରେକ, ପୌରସଂସ୍ଥାଗୁଡ଼ିକ ମଧ୍ୟ ନାନା ପ୍ରକାର ଟିକସ ଧାର୍ଯ୍ୟ କରିଥାନ୍ତି । ଉଦାହରଣ ସ୍ୱରୂପ, ମୁମ୍ବାଇ ପୌର ନିଗମ ତରଫରୁ ଅକ୍ଟ୍ରୋଇ ଟିକସ ଜରିଆରେ ପର୍ଯ୍ୟାପ୍ତ ଅର୍ଥ ଆଦାୟ କରାଯାଏ । ତେବେ ସାମଗ୍ରୀ ଓ ସେବାକର ବ୍ୟବସ୍ଥା ଲାଗୁ ହେବା ଦ୍ୱାରା ଏହି ବ୍ୟବସ୍ଥା ଉଚ୍ଛେଦ ହେବ ଏବଂ ସଂପୃକ୍ତ ପୌରସଂସ୍ଥାକୁ ବିପୁଳ ଅର୍ଥ ହରାଇବାକୁ ପଡ଼ିବ । ଏହି ଦୃଷ୍ଟିରୁ, ଦେଶବ୍ୟାପୀ ସାମଗ୍ରୀ ଓ ସେବାକରରେ ଥିବା ରାଜ୍ୟ ଗୁଡ଼ିକର ଅଂଶର ୨୫ରୁ ୩୦ ପ୍ରତିଶତ ଅର୍ଥ ପୌରସଂସ୍ଥା ଗୁଡ଼ିକୁ ପ୍ରଦାନ କରିବା ସକାଶେ, କେନ୍ଦ୍ର ନଗର ଉନ୍ନୟନ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ ପରାମର୍ଶ ଦେଇଛି ।

ଆଇନ୍‌ଗତ ଦୃଷ୍ଟିରୁ, ସାମଗ୍ରୀ ଓ ସେବାକର (ସଂଶୋଧନ) ଅଧିନିୟମ ଦ୍ୱାରା ଏକ ବିଶାଳ କ୍ଷେତ୍ରରେ ଟିକସ ଧାର୍ଯ୍ୟ କରିବାର କ୍ଷମତା, ଏକ ଅଣ-ନିର୍ବାଚିତ ସଂସ୍ଥା ଉପରେ ନ୍ୟସ୍ତ କରାଯାଇଛି । ବାସ୍ତବପକ୍ଷେ ଏଥିପାଇଁ ଉଦ୍ଦିଷ୍ଟ ଜିଏସ୍‌ଟି ପରିଷଦ ଦ୍ୱାରା, ସମଗ୍ର ଦେଶ ପାଇଁ ବିଭିନ୍ନ ଟିକସ ଦର ଧାର୍ଯ୍ୟ କରାଯିବ । ଏହି ପରିଷଦ ଭିତରେ ଥିବା ଭୋଟିଂ କ୍ଷମତାକୁ ବାଦ୍‌ଦେଲେ, ପ୍ରତ୍ୟେକ ସାମଗ୍ରୀ ଓ ସେବା ଉପରେ ଟିକସ ଧାର୍ଯ୍ୟ କରିବାର ସର୍ବୋଚ୍ଚ ସଂସ୍ଥା ହେଉଛି ଏହି ପରିଷଦ, ଯାହା ସଂସଦ ଓ ବିଧାନସଭା ଭଳି କୌଣସି ନିର୍ବାଚିତ ସଦସ୍ୟଙ୍କ ସଂସ୍ଥା ନୁହଁ । କେବଳ ସେତିକି ନୁହଁ, ଏପର୍ଯ୍ୟନ୍ତ ରାଜ୍ୟଗୁଡ଼ିକ ଲାଗୁ କରିଆସୁଥିବା ଟିକସଗୁଡ଼ିକୁ, ଜିଏସ୍‌ଟି ବ୍ୟବସ୍ଥାରେ ସମାହିତ କରାଯାଇଥିବା ଦୃଷ୍ଟିରୁ, କୌଣସି ଟିକସ ଧାର୍ଯ୍ୟ କରିବା ପାଇଁ ଥିବା ରାଜ୍ୟ ବିଧାନସଭା ଓ କାର୍ଯ୍ୟପାଳିକାର କ୍ଷମତା ସଙ୍କୁଚିତ ହେବ । ଅନ୍ୟପକ୍ଷରେ, ବିତ୍ତୀୟ ଶୃଙ୍ଖଳା ଓ ବଜେଟ୍ ପରିଚାଳନା ଅଧିନିୟମ ଦ୍ୱାରା ରାଜ୍ୟଗୁଡ଼ିକ ବଣ୍ଡ କିମ୍ବା ବଜାର ମାଧ୍ୟମରେ ଯୋଗାଡ଼ କରୁଥିବା ଋଣ ପରିମାଣ ଉପରେ ମଧ୍ୟ ଏକ ସୀମା ନିର୍ଦ୍ଧାରଣ କରାଯାଇଛି । ଯଦିଓ ଏହାଦ୍ୱାରା ରାଜ୍ୟ ଗୁଡ଼ିକର ଋଣ ପ୍ରବଣତା ଉପରେ ଅଂକୁଶ ଲଗାଯାଇ ପାରୁଛି, ତଥାପି କେତେକ ରାଜ୍ୟର ବିଶେଷ ବିକାଶ ସମ୍ପର୍କିତ ଆବଶ୍ୟକତା ପାଇଁ ଅର୍ଥ ଯୋଗାଡ଼ କରିବା ମଧ୍ୟ ଏହା ଦ୍ୱାରା ବାଧାପ୍ରାପ୍ତ ହେବ । ତେଣୁ ଜିଏସ୍‌ଟି ଏବଂ ଏଫ୍‌ଆର୍‌ବିଏମ୍ - ଏହି ଦୁଇଟି ବ୍ୟବସ୍ଥାର ପରିଣାମ ହେଉଛି ଯେ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ କ୍ୟାବିନେଟ୍ କେବଳ ଏକ ରାଜନୈତିକ କାର୍ଯ୍ୟପାଳିକାର ଦାୟିତ୍ୱ ନିର୍ବାହ କରିବେ । କାରଣ ସେମାନଙ୍କ ଦ୍ୱାରା କାର୍ଯ୍ୟାନ୍ୱିତ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ଅର୍ଥ ଯୋଗାଡ଼ କରିବା କ୍ଷମତା ସେମାନଙ୍କ ପାଖରେ ରହିବ ନାହିଁ । ଏପରିକି, କୌଣସି କାର୍ଯ୍ୟକ୍ରମକୁ ବିସ୍ତାର କରିବାକୁ ଚାହିଁଲେ ମଧ୍ୟ ରାଜ୍ୟକୁ କେନ୍ଦ୍ରର ସହମତି ହାସଲ କରିବାକୁ ପଡ଼ିବ ।

ଆମେରିକାର ସ୍ୱାଧୀନତା ସଂଗ୍ରାମ ସମୟରେ ଟିକସ ଧାର୍ଯ୍ୟ କରିବାର କ୍ଷମତାକୁ ସାର୍ବଭୌମତ୍ୱର ଏକ ଯୁକ୍ତି ଭାବେ ଉପସ୍ଥାପନ କରାଯାଉଥିଲା । ଏହି ପରିପ୍ରେକ୍ଷୀରେ ଜିଏସ୍‌ଟି ପ୍ରତି କେତେକ ରାଜ୍ୟର ବିରୋଧକୁ ସାମ୍ନା କରି କେନ୍ଦ୍ର

ଅର୍ଥମନ୍ତ୍ରୀ ଓ ଆଇନ୍ ବିଶେଷଜ୍ଞ ଅରୁଣ ଜେଟ୍‌ଲୀ କହିଥିଲେ:- ଯେଉଁମାନେ ଏହାକୁ ସାର୍ବଭୌମତ୍ୱର ସମର୍ପଣ ବୋଲି ଭାବୁଛନ୍ତି, ସେମାନେ ଏହା ଜାଣିବା ଉଚିତ୍ ଯେ ଏହା ପ୍ରକୃତରେ ହେଉଛି କେନ୍ଦ୍ର ପାଖରେ ସମସ୍ତ ରାଜ୍ୟର ସାର୍ବଭୌମତ୍ୱର ସଂଗ୍ରହାଳୟ ।

ତେବେ ଏହା ମନେରଖିବାକୁ ହେବ ଯେ, ଜିଏସ୍‌ଟିକୁ ସମସ୍ତ ପ୍ରକାରର ଆର୍ଥିକ ସମସ୍ୟା ପାଇଁ ଏକ ସର୍ବୌଷଧି ଭାବେ ଏଯାବତ୍ ସମଗ୍ର ବିଶ୍ୱ ଗ୍ରହଣ କରିନାହିଁ । ଯୁକ୍ତରାଷ୍ଟ୍ର ଆମେରିକା ଏ ପର୍ଯ୍ୟନ୍ତ ଜିଏସ୍‌ଟି ବ୍ୟବସ୍ଥା ଲାଗୁ କରି ନାହିଁ । ଏହାର ସଂଘୀୟ ବ୍ୟବସ୍ଥା ଏକ କାରଣ ହୋଇପାରେ ଏପରି ନକରିବା ପଛରେ । ବାସ୍ତବରେ ସେଠାକାର ରାଜ୍ୟଗୁଡ଼ିକ ଲାଗୁ କରୁଥିବା ନାନା ପ୍ରକାରର କର ସମ୍ପର୍କରେ ଜାଣିଲେ ଯେ କୌଣସି ଅପରିଚିତ ବ୍ୟକ୍ତି ଆଶ୍ଚର୍ଯ୍ୟ ହେବ ନିଶ୍ଚୟ । ଉଦାହରଣ ସ୍ୱରୂପ, ଭାରତରେ ପ୍ରତ୍ୟେକ୍ଷ କର କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇ, ଏହାର ଅର୍ଥ ଏକ ନିର୍ଦ୍ଦିଷ୍ଟ ଅନୁପାତରେ ରାଜ୍ୟଗୁଡ଼ିକ ସହିତ ଭାଗ ବଣ୍ଟା ହେଉଥିବା ବେଳେ, ଆମେରିକାରେ ଏହା ରାଜ୍ୟ ଗୁଡ଼ିକର କ୍ଷମତା ପରିସରଭୁକ୍ତ । ପୁନଶ୍ଚ, ସଂଘୀୟ ସରକାରଙ୍କ ଟିକସ ହିସାବ ଅନୁଯାୟୀ ରାଜ୍ୟଗୁଡ଼ିକ ସ୍ଥାନୀୟ ଓ ରାଜ୍ୟସ୍ତରୀୟ ଆୟକର ନିର୍ଦ୍ଧାରଣ କରନ୍ତି । ଅବଶ୍ୟ, କେତେକ ରାଜ୍ୟ ପୁଣି ନିଜନିଜ ସ୍ତରରେ ଆୟକର ହିସାବ କରିଥାନ୍ତି । ଏଭଳି ଆପାତତଃ ଅସାମଞ୍ଜସ୍ୟତା ଭିତରେ ମଧ୍ୟ ଭାରତର ବ୍ୟକ୍ତିଗତ ଆୟକର ପରିମାଣ ସକଳ ଘରୋଇ ଉତ୍ପାଦନର ୧୬.୬ ପ୍ରତିଶତ ହୋଇଥିବାବେଳେ, ଆମେରିକାରେ ଏହା ହେଉଛି ୨୪.୮% ।

ଅନ୍ୟପକ୍ଷରେ, ଗତ ଶତାବ୍ଦୀରେ ଜିଏସ୍‌ଟି ଲାଗୁ କରିଥିବା କାନାଡ଼ାରେ ରାଜ୍ୟ ଗୁଡ଼ିକର ପ୍ରତ୍ୟେକ୍ଷ କର ଏବଂ ସଂଘୀୟ ସରକାରଙ୍କ ଅପ୍ରତ୍ୟକ୍ଷ କର ଉପରେ ସମ୍ପୂର୍ଣ୍ଣ ଅଧିକାର ଅଛି । ଏଥିଯୋଗୁଁ, ଜିଏସ୍‌ଟି ଲାଗୁ ହେଲା ପରେ ମଧ୍ୟ ରାଜ୍ୟ ଗୁଡ଼ିକର କ୍ଷମତା ଉପରେ କୌଣସି ପ୍ରତିକୂଳ ପ୍ରଭାବ ପଡ଼ିନଥିଲା ।

ତେବେ, ସାମଗ୍ରୀ ଓ ସେବାକର ବ୍ୟବସ୍ଥାକୁ ଭାରତ କିଭଳି ଭାବରେ ଲାଗୁ କରୁଛି, ତାହା ଦେଖିବାର କଥା । ଏଥିରେ ଆସିବାକୁ ଥିବା ଆହ୍ୱାନ ଗୁଡ଼ିକର ମୁକାବିଲା କରିବା ଉଦ୍ୟମ ବେଶ୍ ପ୍ରଣିଧାନଯୋଗ୍ୟ । ଏଭଳି ପୃଷ୍ଠଭୂମିରେ ରାଜ୍ୟଗୁଡ଼ିକ ପାଖରେ ଦୁଇଟି ବିକଳ୍ପ ରହିଛି । ସେମାନେ ଅଷ୍ଟ୍ରେଲିଆ ମୋଡେଲ ଅନୁଯାୟୀ, ୭୫ ପ୍ରତିଶତ ଟିକସ ଆଦାୟ କ୍ଷମତା ସଂଘୀୟ ସରକାରଙ୍କ ଉପରେ ନ୍ୟସ୍ତ କରିପାରନ୍ତି । ସେଠାରେ, ଭାରତର ଅର୍ଥ ଆୟୋଗଙ୍କ ଦ୍ୱାରା ନିର୍ଦ୍ଧାରିତ ଟିକସ ବଣ୍ଟନ ବ୍ୟବସ୍ଥାର ସୁବ୍ୟବସ୍ଥିତ ପରମ୍ପରା ରହିଛି । ଅନ୍ୟପକ୍ଷରେ, କାନାଡ଼ାର ମୋଡ୍ରେଲ ଅନୁଯାୟୀ, ରାଜ୍ୟଗୁଡ଼ିକୁ ପ୍ରତ୍ୟକ୍ଷକର ଓ କେନ୍ଦ୍ରକୁ ଅପ୍ରତ୍ୟକ୍ଷ କର ଆଦାୟ ପାଇଁ କ୍ଷମତା ପ୍ରଦାନ କରିବା ମଧ୍ୟ ଏକ ବିକଳ୍ପ ହୋଇପାରେ । କିମ୍ବା, ଏକ ସମ୍ପୂର୍ଣ୍ଣ ଭାବେ ଅଲଗା ଟିକସ ବ୍ୟବସ୍ଥା ମଧ୍ୟ ଚିନ୍ତା କରାଯାଇପାରେ ।

ତେଣୁ, ଭାରତରେ ଟିକସ ଆଇନ୍‌ର ଭବିଷ୍ୟତ ନିର୍ଭର କରେ ଭାରତୀୟ ରାଜନୈତିକ ବ୍ୟବସ୍ଥାର ଅନୁପମ ଉପାୟ ଉପରେ । ତେବେ, ସାଂପ୍ରତିକ ପରିପ୍ରେକ୍ଷୀରେ, ଜିଏସ୍‌ଟି ଦ୍ୱାରା ସୃଷ୍ଟି ହୋଇଥିବା ବ୍ୟବସ୍ଥା, ଆଗାମୀ ବହୁ ବର୍ଷ ପର୍ଯ୍ୟନ୍ତ ଭାରତର ସଂଘୀୟ ବ୍ୟବସ୍ଥାର ସଂଜ୍ଞା ପୁନଃ ନିର୍ଦ୍ଧାରଣ କରିବ ।

ଏକ ପ୍ରତିଷ୍ଠିତ ଇଂରାଜୀ ଦୈନିକରେ ଲେଖକ ଜଣେ ବରିଷ୍ଠ ସମ୍ପାଦକ ।

## ହାଇଡ୍ରୋକାର୍ବନ୍ କ୍ଷେତ୍ରରେ ଭାରତ-ନାଇଜେରିଆ ମଧ୍ୟରେ ସହଯୋଗ ପାଇଁ ପ୍ରୟାସ

ଗତ ୧୭ ଅକ୍ଟୋବରରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ତିନି ଦିନିଆ ଭାରତ ଗସ୍ତରେ ଆସିଥିବା ନାଇଜେରିଆର ପେଟ୍ରୋଲିୟମ୍ ମନ୍ତ୍ରୀ ଡ. ଇମାନୁଏଲ୍ ଇବେ କାଚିକ୍ୟୁଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଏହି ସାକ୍ଷାତ ଆଲୋଚନା ସମୟରେ ଉଭୟ ଦେଶ ମଧ୍ୟରେ ହାଇଡ୍ରୋକାର୍ବନ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଥିଲା । କଥାବାର୍ତ୍ତା ସମୟରେ ଶ୍ରୀ ପ୍ରଧାନ ଭାରତୀୟ ରାଷ୍ଟ୍ରାୟତ ଉଦ୍ୟୋଗମାନଙ୍କୁ ନାଇଜେରିଆ ପକ୍ଷରୁ ଚୁକ୍ତି ମିଆଦ କରିଥିବାରୁ ସେ ଧନ୍ୟବାଦ ଦେବା ସହିତ ଦୀର୍ଘକାଳୀନ ଚୁକ୍ତି ମିଆଦ କରିବାକୁ ସେ ଡ. ଇମାନୁଏଲ୍ ଇବେ କାଚିକ୍ୟୁଙ୍କୁ ଅନୁରୋଧ କରିଥିଲେ ।

ଉଲ୍ଲେଖଯୋଗ୍ୟ ଯେ ନାଇଜେରିଆ ଭାରତର ଆଫ୍ରିକାରେ ବଡ଼ ବାଣିଜ୍ୟିକ ସହଯୋଗୀ । ୨୦୧୫-୧୬ରେ ଭାରତ ତା'ର ତୈଳ ଆମଦାନୀର ମୋଟ୍ ୧୨ ପ୍ରତିଶତ ଅଶୋଧିତ ତୈଳ ନାଇଜେରିଆରୁ ଆମଦାନୀ କରିଥିଲା ।

# ଭାରତୀୟ କର ବ୍ୟବସ୍ଥା ସଂପର୍କରେ ଏକ କ୍ଷୁଦ୍ର ସମୀକ୍ଷା

ମାଳିନୀ ଚକ୍ରବର୍ତ୍ତୀ

ଭାରତୀୟ ଟିକସ ବ୍ୟବସ୍ଥାର ଅନ୍ୟ ଏକ ଦିଗ ହେଲା ଏଥିରେ ପ୍ରଗତିଶୀଳତାର ଅଭାବ । ଯେଉଁ ଟିକସ ଉଚ୍ଚ ଆୟକାରୀ ବର୍ଗଙ୍କ ଅପେକ୍ଷା ନିମ୍ନ ଆୟକାରୀ ବର୍ଗଙ୍କ ଉପରେ ଅଧିକ ବୋଝ ଲଦି ଦେଇଥାଏ (ବ୍ୟବହାର ଓ ଆୟ ଅନୁସାରେ) ତାହାକୁ ପଶ୍ଚାତ୍‌ଗାମୀ କର କୁହାଯାଏ । ସେଥିପାଇଁ ପରୋକ୍ଷ କରକୁ ସାଧାରଣତଃ ପଶ୍ଚାତ୍‌ଗାମୀ କର ଭାବେ ବିବେଚନା କରାଯାଏ କାରଣ ସମାନ ଜିନିଷ ବ୍ୟବହାର ପାଇଁ ଉଭୟ ଧନୀ ଓ ଗରିବ ଶ୍ରେଣୀର ଲୋକଙ୍କୁ ସମାନ ଟିକସ ଦେବାକୁ ପଡିଥାଏ ।

**ଆ**ମେ ଆମ ଦୈନନ୍ଦିନ ଜୀବନରେ ସରକାରଙ୍କୁ କୌଣସି ନା କୌଣସି ମାଧ୍ୟମରେ ଟିକସ ଦେଇଥାଉ । ଆମେ ଦେଉଥିବା ଟିକସ ସରକାରଙ୍କୁ ବିଭିନ୍ନ କାର୍ଯ୍ୟ କରିବା ପାଇଁ ଆର୍ଥିକ ସହାୟତା ଯୋଗାଇଥାଏ । ସରକାର ସମସ୍ତଙ୍କ ପାଇଁ ଆଇନ୍ ସୁନିଶ୍ଚିତ କରିବା, ଜନସାଧାରଣଙ୍କୁ ସାମଗ୍ରୀ ଓ ସେବା ଯୋଗାଇଦେବା, ବିଭିନ୍ନ ସାମାଜିକ ଓ ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବା, ଲୋକଙ୍କ ଶିକ୍ଷା ପାଇଁ ଅର୍ଥ ବିନିଯୋଗ କରିବା, ଦାରିଦ୍ର୍ୟ ଦୂରିକରଣ ଇତ୍ୟାଦି ବିଭିନ୍ନ ଦାୟିତ୍ୱ ସମ୍ପାଦନ କରିଥାନ୍ତି । ଖୋଲାଖୋଲି ଭାବେ କହିବାକୁ ଗଲେ ସରକାରଙ୍କୁ ବିଭିନ୍ନ ପ୍ରତିଶ୍ରୁତି ପୂରଣ କରିବା ପାଇଁ ଏକ ବୃହତ୍ ପରିମାଣର ଆର୍ଥିକ ସମ୍ବଳ ସଂଗ୍ରହ କରିବାକୁ ପଡିଥାଏ । ସରକାର ଏହିସବୁ କାର୍ଯ୍ୟ ପାଇଁ ଦରକାର କରୁଥିବା ଆର୍ଥିକ ସମ୍ବଳ ବିଭିନ୍ନ ଟିକସ, ୟୁଜର୍ସ ଫି, ସେବା କର ଏବଂ ଋଣ ମାଧ୍ୟମରେ ସଂଗ୍ରହ କରିଥାନ୍ତି । ଯେଉଁ ପାଣ୍ଠି ସଂଗ୍ରହ ଦ୍ୱାରା ଉତ୍ତର ଦାୟିତ୍ୱ ବଢେ ନାହିଁ ବା ସମ୍ପତ୍ତି ହ୍ରାସ ହୁଏନାହିଁ ସେଗୁଡିକୁ ରାଜସ୍ୱ ଆୟ କୁହାଯାଏ । ପାଣ୍ଠି ସଂଗ୍ରହର ଅନ୍ୟ ଉତ୍ସ ଯେପରିକି ଋଣ ଯାହାକି ଉତ୍ତରଦାୟିତ୍ୱ ବଢାଇଥାଏ ଏବଂ ସମ୍ପତ୍ତି ହ୍ରାସ କରିଥାଏ (ଯେପରିକି ବିନିବେଶ) ସେଗୁଡିକୁ ପୁଞ୍ଜିଗତ ଆୟ କୁହାଯାଏ । ତେଣୁ, ଟିକସ ଏବଂ ୟୁଜର୍ସ ଫି/ସେବା କର ଆଦି ସରକାରୀ ରାଜସ୍ୱ ଆୟର ଉଦାହରଣ ହୋଇଥିବାବେଳେ ପାଣ୍ଠି ଉଧାର ଆଣିବା ପୁଞ୍ଜିଗତ ଆୟର ଅନ୍ତର୍ଭୁକ୍ତ ।

**କର ରାଜସ୍ୱ ଏବଂ ଅଣ-କର ରାଜସ୍ୱ**

ସରକାରୀ ରାଜସ୍ୱ ଆୟ ପୁଣି ଦୁଇ ଭାଗରେ ବିଭକ୍ତ : କର ରାଜସ୍ୱ ଏବଂ ଅଣ-କର ରାଜସ୍ୱ । ସରକାରୀ ନିୟମ ଅନୁଯାୟୀ ଧାର୍ଯ୍ୟ ହୋଇଥିବା ଟିକସରୁ ସଂଗ୍ରହ ହେଉଥିବା ଅର୍ଥ କର ରାଜସ୍ୱ ହୋଇଥିବାବେଳେ ଟିକସ ବ୍ୟତୀତ ଫି/ୟୁଜର୍ସ ଫି, ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଗୁଡିକର ଅଂଶଧନ ଓ ଲାଭାଂଶ, ସୁଧ, ଅର୍ଥଦଣ୍ଡ ବା ଜୋରିମାନା ଆଦି ସୂତ୍ରରୁ ସରକାର ଆଦାୟ କରୁଥିବା ଅର୍ଥକୁ ଅଣ-କର ରାଜସ୍ୱ କୁହାଯାଏ । ବିଶ୍ୱର ଅଧିକାଂଶ ଦେଶରେ କର ରାଜସ୍ୱ ସରକାରୀ ରାଜସ୍ୱର ଏକ ବୃହତ୍ତ ଅଂଶ ହୋଇଥାଏ ।

**ପ୍ରତ୍ୟକ୍ଷ ଏବଂ ପରୋକ୍ଷ କର**

କର ସାଧାରଣତଃ ଦୁଇ ଭାଗରେ ବିଭକ୍ତ: ପ୍ରତ୍ୟକ୍ଷ କର ଏବଂ ପରୋକ୍ଷ କର ।

**ପ୍ରତ୍ୟକ୍ଷ କର:** ଟିକସର ବୋଝ ସିଧାସଳଖ ଟିକସ ଦେଉଥିବା ବ୍ୟକ୍ତି ବା ଅନୁଷ୍ଠାନ ଉପରେ ପଡିଲେ ତାହାକୁ ପ୍ରତ୍ୟକ୍ଷ କର କୁହାଯାଏ । ଅନ୍ୟ ଅର୍ଥରେ କହିବାକୁ ଗଲେ ପ୍ରତ୍ୟକ୍ଷ କର ବ୍ୟକ୍ତି ବା ଅନୁଷ୍ଠାନ ସରକାରଙ୍କୁ ସିଧାସଳଖ ପଇଠ କରିଥାନ୍ତି ଏବଂ ସେମାନେ ଏହି ନିର୍ଦ୍ଦିଷ୍ଟ ଟିକସର ବୋଝ ଉଠାଇଥାନ୍ତି ଏହାଛଡା ସେମାନେ ଏହାକୁ ଅନ୍ୟ କାହା ଉପରେ ଲଦିପାରନ୍ତି ନାହିଁ । ପ୍ରତ୍ୟକ୍ଷ କର ଆୟ, ସମ୍ପତ୍ତି ଏବଂ ଧନସମ୍ପଦ ଉପରେ ଧାର୍ଯ୍ୟ କରାଯାଇଥାଏ ।

ଅନ୍ୟପକ୍ଷରେ ଯେଉଁକ୍ଷେତ୍ରରେ କରର

ବୋଝ ବ୍ୟବସାୟିକ କାରବାର ସମୟରେ ଅନ୍ୟଜଣଙ୍କୁ ହସ୍ତାନ୍ତର କରିହୁଏ ସେଗୁଡିକୁ ପରୋକ୍ଷ କର କୁହାଯାଏ। ଏହି କରଗୁଡିକ ପରୋକ୍ଷ କାରଣ ଏହି କର ଗୁଡିକ ଯିଏ ବହନ କରେ ପ୍ରକୃତରେ ଏହି କର ସେମାନଙ୍କ ଉପରେ ଧାର୍ଯ୍ୟ କରାଯାଇନଥାଏ। ଆମଦାନୀ ଶୁଳ୍କ, ଉତ୍ପାଦନ ଶୁଳ୍କ, ସେବା କର ଏବଂ ବିକ୍ରୀ କର/ମୂଲ୍ୟଯୁକ୍ତ କର (ଭ୍ୟାଟ୍)ଆଦି ପରୋକ୍ଷ କରର ପରିସରଭୁକ୍ତ।

**ଭାରତରେ ବିଭିନ୍ନ ପ୍ରକାରର ପ୍ରତ୍ୟକ୍ଷ ଓ ପରୋକ୍ଷ କର:** ଭାରତରେ ଏକାଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ କର ରହିଛି ଯାହାକି ଆମ ଅର୍ଥନୀତିର ପରିସରରେ ଥିବା ବିଭିନ୍ନ ପ୍ରକାରର ଆୟ, ସାମଗ୍ରୀ ଓ ସେବାର ଉତ୍ପାଦନ ଓ ବିକ୍ରୀ ତଥା ସାମଗ୍ରୀଗୁଡିକର ସୀମାପାର ବିକ୍ରୀ ଉପରେ ଧାର୍ଯ୍ୟ କରାଯାଇଥାଏ। ଭାରତରେ ପ୍ରଚଳିତ କେତେକ ବିଭିନ୍ନ ପ୍ରକାରର କର ସମ୍ପର୍କରେ ନିମ୍ନରେ ସୂଚନା ଦିଆଗଲା।

**ପ୍ରତ୍ୟକ୍ଷ କର**

**ଉଦ୍ୟୋଗ କର:** ଏହି କର ଦେଶର ପଞ୍ଜିକୃତ କମ୍ପାନୀ/ନିଗମ ଉପରେ ଧାର୍ଯ୍ୟ କରାଯାଇଥାଏ (ଏହା ଜାତୀୟ/ବହୁଦେଶୀୟ/ ବିଦେଶୀ ହୋଇପାରେ)। ଭାରତରେ ଜାତୀୟ କମ୍ପାନୀଗୁଡିକ ସେମାନଙ୍କ ମୋଟ୍ ଆୟ ଅନୁସାରେ ଟିକସଭୁକ୍ତ ହୋଇଥାନ୍ତି। ତେବେ ବିଦେଶୀ କମ୍ପାନୀଗୁଡିକ କେବଳ ଭାରତରେ ସେମାନଙ୍କ କାରବାରରୁ କରୁଥିବା ଆୟ ଉପରେ ଟିକସଭୁକ୍ତ ହୋଇଥାନ୍ତି।

**ବ୍ୟକ୍ତିଗତ ଆୟ ଉପରେ ଟିକସ**

ଆୟକର ଆଇନ ୧୯୬୧ ଅନୁସାରେ ଏହା କମ୍ପାନୀଗୁଡିକ ବ୍ୟତୀତ ବ୍ୟକ୍ତି ବା ଫାର୍ମଗୁଡିକର ଆୟ ଉପରେ ଧାର୍ଯ୍ୟ କରାଯାଇଥାଏ।

– ପ୍ରତ୍ୟକ୍ଷ କର ମଧ୍ୟରେ ଅନ୍ୟ କର ଯେପରିକି ପ୍ରତିଭୂତି ବିନିମୟ କର ମଧ୍ୟ ରହିଛି ଯାହା ଷ୍ଟକ୍ ଏକ୍ସଚେଞ୍ଜର ତାଲିକାଭୁକ୍ତ ସିକ୍ୟୁରିଟିଜ୍ ଏବଂ ମ୍ୟୁଚୁଆଲ ଫଣ୍ଡ୍ କାରବାର ଉପରେ ଧାର୍ଯ୍ୟ କରାଯାଇଥାଏ।

**ପୁଞ୍ଜି ଲାଭ କର:** ମୂଲ୍ୟବାନ ସମ୍ପତ୍ତି (ଅର୍ଥ ବା ବସ୍ତୁ) ଯେପରିକି କରଦାତାଙ୍କ ପାଖରେ ଥିବା କୌଣସି ସମ୍ପତ୍ତି, ଚିତ୍ରକଳା, ଗହଣା, ବ୍ୟବସାୟିକ ଷ୍ଟକ, ମ୍ୟୁଚୁଆଲ ଫଣ୍ଡ ଇତ୍ୟାଦି ବିକ୍ରୀରୁ ମିଳୁଥିବା ଲାଭ ଏହି ଟିକସର ଅନ୍ତର୍ଭୁକ୍ତ। ଏହା ସ୍ୱଳ୍ପମିଆଦି ବା ଦୀର୍ଘମିଆଦି ହୋଇପାରେ। ଟିକସଭୁକ୍ତ ପୁଞ୍ଜି ଲାଭ ବା ନଗଦ ଲାଭ ମଧ୍ୟରେ ପ୍ରଭେଦ ହେଉଛି ସମ୍ପତ୍ତିଟି କିଣା ସମୟର ମୂଲ୍ୟ ଓ ବିକ୍ରୀ ସମୟର ମୂଲ୍ୟ ମଧ୍ୟରେ ଥିବା ପ୍ରଭେଦ। ମୂଲ୍ୟବାନ ସମ୍ପତ୍ତିଟି ବିକ୍ରୀହେବା ବର୍ଷରେ ହିଁ ପୁଞ୍ଜି ଲାଭ ଟିକସ ଲାଗୁ ହୋଇଥାଏ।

**ସମ୍ପଦ କର:** ସମ୍ପଦ କର ଆଇନ୍ ୧୯୫୭ ଅନୁସାରେ କେତେକ କମ୍ପାନୀ ଓ ଲୋକଙ୍କର ସମ୍ପତ୍ତି ଉପରେ ଏହି ଟିକସ ଧାର୍ଯ୍ୟ କରାଯାଇଥାଏ। ସମ୍ପଦ କର ଉତ୍ପାଦନକ୍ଷମ ସମ୍ପତ୍ତି ଉପରେ ଲାଗୁ କରାଯାଇନଥାଏ। ତେଣୁ ଅଂଶଧନରେ ବିନିଯୋଗ, ଋଣସ୍ୱୀକାର ପତ୍ର, ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ୍‌ଗୁଡିକ ସମ୍ପଦ କର ଅଧିନରେ ଆସିନଥାନ୍ତି। ୨୦୧୫-୧୬ ମସିହାରେ ସମ୍ପଦ କର ଉଚ୍ଛେଦ କରାଯାଇ କେବଳ କେତେକ ଅତି ଧନୀ ବ୍ୟକ୍ତିମାନଙ୍କ ପାଇଁ ଅତିରିକ୍ତ ଦେୟ ବା ସରଚାର୍ଜ ବ୍ୟବସ୍ଥା କରାଯାଇଛି।

**ସମ୍ପତ୍ତିକର:** ଭାରତୀୟ ଆୟକର ଆଇନ୍ ଅନୁସାରେ ସମ୍ପତ୍ତିରୁ ମିଳୁଥିବା ଅର୍ଥ ମଧ୍ୟ ଆୟର ପରିସରଭୁକ୍ତ। ତେଣୁ ସମ୍ପତ୍ତିରୁ ମିଳୁଥିବା ଆୟ ଉପରେ ଟିକସ ଧାର୍ଯ୍ୟ କରାଯାଇଥାଏ। ଏହାମଧ୍ୟରେ କୋଠାବାଡି, ବହୁତଳ ପ୍ରାସାଦ, ଦୋକାନ ଓ ଜମିବାଡି ଅନ୍ତର୍ଭୁକ୍ତ।

**ପରୋକ୍ଷ କର**

**ଅବକାରୀ ଟିକସ** : ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ଯାହାକି ଘରୋଇ ବ୍ୟବହାର ପାଇଁ ଉଦ୍ଦିଷ୍ଟ ସେହିସବୁ ଦ୍ରବ୍ୟ ଉପରେ ଅବକାରୀ ଟିକସ ଧାର୍ଯ୍ୟ କରାଯାଏ।

**ବିକ୍ରୀକର** : କିଛି ଟିକସଯୁକ୍ତ ସାମଗ୍ରୀର କ୍ରୟ ବା ବିନିମୟ ସମୟରେ ଏହି କର ଧାର୍ଯ୍ୟ କରାଯାଏ। ସାମଗ୍ରୀର ମୋଟ୍ ମୂଲ୍ୟ ଅନୁଯାୟୀ ବିକ୍ରୀକର ସ୍ଥିର କରାଯାଇଥାଏ।

**ମୂଲ୍ୟଯୁକ୍ତ କର (ଭ୍ୟାଟ୍):** ମୂଲ୍ୟଯୁକ୍ତ କର ବା ଭ୍ୟାଟ୍ ହେଉଛି ଏକ ବହୁସ୍ତରୀୟ ଟିକସ ଯାହାକି ପଦାର୍ଥର ଉତ୍ପାଦନରୁ ବିକ୍ରି ହେବା ପର୍ଯ୍ୟନ୍ତ ଯୋଗାଣ ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ମୂଲ୍ୟଯୁକ୍ତ ହେଉଥିବା ପଦାର୍ଥ ଉପରେ ଧାର୍ଯ୍ୟ ହେଉଥିବା ଟିକସ। ଭ୍ୟାଟ୍ ବ୍ୟବସ୍ଥାରେ କରଦାତାମାନେ ଯୋଗାଣ ବ୍ୟବସ୍ଥାର ପୂର୍ବବର୍ତ୍ତୀ ସ୍ତରରେ ଦିଆଯାଇଥିବା ଟିକସ ଉପରେ ରିହାତି ପାଇଥାନ୍ତି।

**ସେବା କର:** କୌଣସି ବ୍ୟକ୍ତିବିଶେଷଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ଉପରେ ଏହି କର ଧାର୍ଯ୍ୟ କରାଯାଇଥାଏ। ଏହି କର ଦେବାର ଦାୟିତ୍ୱ ସେବା ପ୍ରଦାନକାରୀଙ୍କ ଉପରେ ନ୍ୟସ୍ତ ଥାଏ।

**ସୀମାଶୁଳ୍କ:** ଦେଶକୁ ଆମଦାନୀ ହେଉଥିବା ଏବଂ ଦେଶରୁ ରପ୍ତାନୀ ହେଉଥିବା ଦ୍ରବ୍ୟ ଉପରେ ଏହି ଟିକସ ଧାର୍ଯ୍ୟ କରାଯାଇଥାଏ।

**କେନ୍ଦ୍ର ଓ ରାଜ୍ୟ ମଧ୍ୟରେ କର କ୍ଷମତାର ବିଭାଜନ:** ଭାରତୀୟ ସମ୍ବିଧାନ ସ୍ପଷ୍ଟଭାବରେ ଶାସନ ବ୍ୟବସ୍ଥାର ବିଭିନ୍ନ ସ୍ତରରେ କରଧାର୍ଯ୍ୟ କରିବାର କ୍ଷମତା ନିର୍ଦ୍ଧାରଣ କରିଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ଏହିପରିଭାବରେ କର ଓ ଶୁଳ୍କ ଧାର୍ଯ୍ୟ କରିବାର କ୍ଷମତା ତ୍ରିସ୍ତରୀୟ ଶାସନ ବ୍ୟବସ୍ଥାରେ ଭାଗ କରାଯାଇଛି। ।

– ଉଦ୍ୟୋଗ ଓ ବ୍ୟକ୍ତିଗତ ଆୟ ଉପରେ ଟିକସ ଧାର୍ଯ୍ୟ କରିବାର କ୍ଷମତା (କୃଷିଜାତ ଆୟଉପରେ ଟିକସ ବ୍ୟତୀତ, ଯାହା ଉପରେ ରାଜ୍ୟ ସରକାର ଟିକସ ଧାର୍ଯ୍ୟ କରିପାରିବେ) ମୁଖ୍ୟତଃ କେନ୍ଦ୍ର ସରକାରଙ୍କ ନିକଟରେ ଥାଏ।

– ପରୋକ୍ଷ ଟିକସ କ୍ଷେତ୍ରରେ ଉତ୍ପାଦନ ଓ ନିର୍ମାଣ ପାଇଁ ଅବକାରୀ ଶୁଳ୍କ ଲାଗୁ କରିବା ସହ ସେବା ପ୍ରଦାନ ପାଇଁ ସେବା କର ଲାଗୁ କରିବାର କ୍ଷମତା କେନ୍ଦ୍ର ସରକାରଙ୍କର ରହିଛି। ତେବେ ରାଜ୍ୟ ସରକାରଙ୍କର ସାମଗ୍ରୀ ଉପରେ ବିକ୍ରୀ ଟିକସ ଓ ଅନ୍ୟ କେତେକ ଟିକସ ଲାଗୁ କରିବାର କ୍ଷମତା ରହିଛି। କେନ୍ଦ୍ର ସରକାର ଲାଗୁ କରୁଥିବା କେତେକ ପରୋକ୍ଷ ଟିକସ ଗୁଡିକ ହେଲା– ସୀମା ଶୁଳ୍କ, କେନ୍ଦ୍ରୀୟ ଅବକାରୀ ଶୁଳ୍କ, ବିକ୍ରୀ କର ଓ ସେବା କର ।

– ବିକ୍ରୀ କର, ଷ୍ଟାମ୍ପ ଡ୍ୟୁଟି (ସମ୍ପତ୍ତି ହସ୍ତାନ୍ତର କ୍ଷେତ୍ରରେ ଲାଗୁ ଟିକସ), ରାଜ୍ୟ ଅବକାରୀ (ମଦ ଉତ୍ପାଦନ ପାଇଁ ଟିକସ), ଜମିଜମା ରାଜସ୍ୱ (କୃଷିଜାତ ଓ ଅଣ କୃଷିଜାତ ଜମିଗୁଡିକ ଉପରେ ଲାଗୁ ଟିକସ), ମନୋରଞ୍ଜନ ଟିକସ ଏବଂ ବୃତ୍ତିଗତ କର ଲାଗୁ କରିବାର କ୍ଷମତା ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି। ରାଜ୍ୟଗୁଡିକ ମୂଲ୍ୟଯୁକ୍ତ କର ଲାଗୁ କରିବା ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଲାଗୁ କରାଯାଉଥିବା ବିକ୍ରୀକର ସ୍ଥାନରେ ୨୦୦୫ ମସିହାରୁ ମୂଲ୍ୟଯୁକ୍ତ କର ଲାଗୁ କରାଯାଇଛି।

– ସମ୍ପତ୍ତି କର (କୋଠାବାଡି ଇତ୍ୟାଦି) ଅକ୍ଟ୍ରୋଇ (ସ୍ଥାନୀୟ ଅଂଚଳରେ ବ୍ୟବହାର ପାଇଁ ପ୍ରବେଶ କରୁଥିବା ସାମଗ୍ରୀ ଉପରେ ଲାଗୁ ଟିକସ), ବଜାର ଉପରେ ଲାଗୁ ହେଉଥିବା ଟିକସ ଏବଂ ଜଳଯୋଗାଣ, ଡ୍ରେନେଜ ଆଦି ବ୍ୟବସ୍ଥା ଉପଭୋଗ ପାଇଁ ଲାଗୁ ହେଉଥିବା ଟିକସ ଇତ୍ୟାଦି ସ୍ଥାନୀୟ ପ୍ରଶାସନର କ୍ଷମତା ପରିସରଭୁକ୍ତ। ଗତ କିଛି ବର୍ଷ ହେଲା ବିଭିନ୍ନ ସ୍ଥାନୀୟ ପ୍ରଶାସନ ଅକ୍ଟ୍ରୋଇ ଉଚ୍ଛେଦ କରିଛନ୍ତି।

**କେନ୍ଦ୍ରୀୟ କର ବ୍ୟବସ୍ଥାରେ ସଂଗୃହୀତ ରାଜସ୍ୱର ବିତରଣ:** ବିଭିନ୍ନ କାରଣରୁ କେନ୍ଦ୍ର ଓ ରାଜ୍ୟଗୁଡିକ ମଧ୍ୟରେ ଟିକସ ବ୍ୟବସ୍ଥା ଓ ବ୍ୟୟଭାରକୁ ନେଇ ଅସାମଞ୍ଜସ୍ୟ ଦେଖାଦେଇଥାଏ। ଏହି ସମସ୍ୟାର ସମାଧାନ ପାଇଁ ପ୍ରତି ୫ ବର୍ଷରେ ଅର୍ଥ କମିଶନ୍ ଗଠିତ ହୋଇଥାଏ ଯାହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଅର୍ଥ ଭାଗବଣ୍ଟାପାଇଁ ସୁପାରିଶ କରିଥାନ୍ତି ଯାହାକି କେନ୍ଦ୍ର ସରକାରଙ୍କ ଟିକସ ବ୍ୟବସ୍ଥାରେ ଆଦାୟ ହେଉଥିବା ରାଜସ୍ୱ ବଣ୍ଟନ ସହ ସମ୍ପର୍କୀତ। ବର୍ତ୍ତମାନ ସେସ୍, ସରଚାର୍ଜ ଓ କେନ୍ଦ୍ରଶାସିତ ଅଂଚଳଗୁଡିକରୁ ଆଦାୟ ହେଉଥିବା ଟିକସ ବ୍ୟତୀତ କେନ୍ଦ୍ରୀୟ କର ବ୍ୟବସ୍ଥାରୁ ଆଦାୟ ହେଉଥିବା ସମସ୍ତ ରାଜସ୍ୱ ଏବଂ କେନ୍ଦ୍ରୀୟ ଟିକସ ଆଦାୟ ପାଇଁ ବ୍ୟୟ ହେଉଥିବା ସମକକ୍ଷ ଅର୍ଥକୁ କେନ୍ଦ୍ରୀୟ ରାଜସ୍ୱ ଟିକସର ଭାଗକାରୀ ଅର୍ଥ ଭାବେ ବିବେଚନା କରାଯାଇଥାଏ। ଚତୁର୍ଦ୍ଦଶ ଅର୍ଥ କମିଶନ୍ (୧ ଏପ୍ରିଲ୍ ୨୦୧୫ରେ ଗଠିତ ହୋଇଥିବା)ଙ୍କ ସୁପାରିଶକ୍ରମେ କେନ୍ଦ୍ରୀୟ ରାଜସ୍ୱର ୪୨ ପ୍ରତିଶତ ଅର୍ଥ ପ୍ରତିବର୍ଷ ରାଜ୍ୟଗୁଡିକୁ ପ୍ରଦାନ କରାଯାଏ ଏବଂ ବଳକା ଅର୍ଥ କେନ୍ଦ୍ର ବେଜଟ୍ ପାଇଁ ରଖାଯାଏ।

**କର-ସକଳ ଘରୋଇ ଉତ୍ପାଦ ଅନୁପାତ**

ଗୋଟିଏ ଦେଶର କର-ସକଳ ଘରୋଇ ଉତ୍ପାଦ ଅନୁପାତ ଏକ ଗୁରୁତ୍ୱପୂର୍ଣ୍ଣ ସୂଚକାଙ୍କ ଯାହାକି ସମଗ୍ର ଅର୍ଥନୀତିର ଆକାର ଅନୁସାରେ ସରକାର କେତେ ଟିକସ ରାଜସ୍ୱ ସଂଗ୍ରହ କରୁଛନ୍ତି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥାଏ। ଏକ ଉଚ୍ଚତର କର-ଘରୋଇ ଉତ୍ପାଦ ଅନୁପାତ ସରକାରଙ୍କ ବଜେଟକୁ ଉନ୍ନତ କରିଥାଏ ଯାହାଦ୍ୱାରା ସରକାର ବିନା ଋଣରେ ଅଧିକ ବ୍ୟୟ କରିପାରିବେ। ତେବେ, ବହୁ ବର୍ଷର ଉଚ୍ଚ ଅଭିବୃଦ୍ଧି ସତ୍ତ୍ୱେ ଭାରତର କର-ସକଳ ଘରୋଇ ଉତ୍ପାଦ ଅନୁପାତ କମ୍ ରହିଆସୁଛି। ଏହା ଏତେ କମ ଯେ ବ୍ରିକ୍ସ ରାଷ୍ଟ୍ରସମୂହର ସମସ୍ତ ଦେଶର କର-ସକଳ ଘରୋଇ ଉତ୍ପାଦ ଅନୁପାତ ତୁଳନାରେ ଏହା ସବୁଠାରୁ ନିମ୍ନରେ ରହିଛି। ତେଣୁ ଖୁବ୍‌ଶୀଘ୍ର ଏହି ଅନୁପାତ ବୃଦ୍ଧି କରିବାର ଆବଶ୍ୟକତା ରହିଛି।

ଭାରତୀୟ ଟିକସ ବ୍ୟବସ୍ଥାର ଅନ୍ୟ ଏକ ଦିଗ ହେଲା ଏଥିରେ ପ୍ରଗତିଶୀଳତାର ଅଭାବ। ଯେଉଁ ଟିକସ ଉଚ୍ଚ ଆୟକାରୀ ବର୍ଗଙ୍କ ଅପେକ୍ଷା ନିମ୍ନ ଆୟକାରୀ ବର୍ଗଙ୍କ ଉପରେ ଅଧିକ ବୋଝ ଲଦି ଦେଇଥାଏ (ବ୍ୟବହାର ଓ ଆୟ ଅନୁସାରେ) ତାହାକୁ ପଶ୍ଚାତ୍‌ଗାମୀ କର କୁହାଯାଏ। ସେଥିପାଇଁ ପରୋକ୍ଷ କରକୁ ସାଧାରଣତଃ ପଶ୍ଚାତ୍‌ଗାମୀ କର ଭାବେ ବିବେଚନା କରାଯାଏ କାରଣ ସମାନ ଜିନିଷ ବ୍ୟବହାର ପାଇଁ ଉଭୟ ଧନୀ ଓ ଗରିବ ଶ୍ରେଣୀର ଲୋକଙ୍କୁ ସମାନ ଟିକସ ଦେବାକୁ ପଡିଥାଏ। ଅନ୍ୟପକ୍ଷରେ ପ୍ରତ୍ୟକ୍ଷ କରକୁ ପ୍ରଗତିଶୀଳ କର ଭାବେ ବିବେଚନା କରାଯାଏ, କାରଣ ଏହା ଟିକସଦାତାର ଟିକସ ଦେବାର କ୍ଷମତା ସହ ଜଡିତ ଓ ଟିକସଦାତାର ରୋଜଗାର ବଢିବା ସଙ୍ଗେ ସଙ୍ଗେ ଟିକସ ପରିମାଣ ମଧ୍ୟ ବୃଦ୍ଧି ପାଇଥାଏ। ଭାରତରେ ସଂଗୃହୀତ ହେଉଥିବା ସମୁଦାୟ ଟିକସ (ରାଜ୍ୟ ଓ କେନ୍ଦ୍ର)ର ୬୦ ଭାଗ ଟିକସ ପରୋକ୍ଷ ଟିକସରୁ ଆସିଥାଏ, ଯାହାକି ଏକ ପଶ୍ଚାତଭିମୁଖୀ ଟିକସ ବ୍ୟବସ୍ଥାକୁ ସୂଚିତ କରିଥାଏ।

ଭାରତର କର-ସକଳ ଘରୋଇ

### ଉତ୍ପାଦ ଅନୁପାତ (ମିଳିତଭାବେ କେନ୍ଦ୍ର ଓ ରାଜ୍ୟ) (ପ୍ରତିଶତରେ)

| ବର୍ଷ | ମୋଟ୍ କର-ସକଳ ଘରୋଇ ଉତ୍ପାଦ ଅନୁପାତ | ପ୍ରତ୍ୟକ୍ଷ କର-ସକଳ ଘରୋଇ ଉତ୍ପାଦ ଅନୁପାତ | ପରୋକ୍ଷ କର-ସକଳ ଘରୋଇ ଉତ୍ପାଦ ଅନୁପାତ |
|---|---|---|---|
| ୨୦୦୧-୦୨ | ୧୩.୩୯ | ୩.୧୧ | ୧୦.୨୮ |
| ୨୦୦୨-୦୩ | ୧୪.୦୮ | ୩.୪୫ | ୧୦.୬୩ |
| ୨୦୦୩-୦୪ | ୧୪.୫୯ | ୩.୮୬ | ୧୦.୭୩ |
| ୨୦୦୪-୦୫ | ୧୫.୨୫ | ୪.୨୩ | ୧୧.୦୨ |
| ୨୦୦୫-୦୬ | ୧୫.୯୧ | ୪.୫୪ | ୧୧.୩୭ |
| ୨୦୦୬-୦୭ | ୧୭.୧୫ | ୫.୩୯ | ୧୧.୭୭ |
| ୨୦୦୭-୦୮ | ୧୭.୪୫ | ୬.୩୯ | ୧୧.୦୬ |
| ୨୦୦୮-୦୯ | ୧୬.୨୬ | ୫.୮୩ | ୧୦.୪୩ |
| ୨୦୦୯-୧୦ | ୧୫.୫ | ୫.୮ | ୯.୬ |
| ୨୦୧୦-୧୧ | ୧୬.୩ | ୫.୮ | ୧୦.୫୦ |
| ୨୦୧୧-୧୨ | ୧୬.୩ | ୫.୬ | ୧୦.୭ |
| ୨୦୧୨-୧୩ | ୧୬.୯ | ୫.୬ | ୧୧.୩ |
| ୨୦୧୩-୧୪ (ସଂଶୋଧିତ ଆକଳନ) | ୧୭.୧ | ୫.୭ | ୧୧.୪ |
| ୨୦୧୪-୧୫ (ବଜେଟ୍ ଆକଳନ) | ୧୭.୪ | ୫.୮ | ୧୧.୬ |

**ସୌଜନ୍ୟ- ଭାରତୀୟ ସର୍ବସାଧାରଣ ଅର୍ଥ ପରିସଂଖ୍ୟାନ ୨୦୧୪-୧୫, ଅର୍ଥ ମନ୍ତ୍ରଣାଳୟ, ଭାରତ ସରକାର**

**ଟିକସ ବ୍ୟବସ୍ଥାରେ ସଂସ୍କାର**

ବିଗତ ବର୍ଷମାନଙ୍କରେ ଭାରତକୁ ଟିକସ ଅନୁକୂଳ ଓ ଟିକସ ବ୍ୟବସ୍ଥାକୁ ସରଳ କରିବା ପାଇଁ (ବିଶେଷକରି ପରୋକ୍ଷ ଟିକସ ବ୍ୟବସ୍ଥାକୁ) ସରକାର ଏକାଧିକ ଟିକସ ସଂସ୍କାର ପଦକ୍ଷେପ ହାତକୁ ନେଇଛନ୍ତି। ବର୍ତ୍ତମାନ ଟିକସ ସଂସ୍କାର କ୍ଷେତ୍ରରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସାମଗ୍ରୀ ଓ ସେବା କର (ଜିଏସ୍‌ଟି)। ଯଦିଓ ସମସ୍ତ ରାଜ୍ୟରେ ୨୦୦୫ ସୁଦ୍ଧା ବିକ୍ରୀ କର ସ୍ଥାନରେ ମୂଲ୍ୟଯୁକ୍ତ କର ପ୍ରଚଳନ କରାଯାଇଛି ତେବେ ବର୍ତ୍ତମାନ ମୂଲ୍ୟଯୁକ୍ତ କର ବା ଭ୍ୟାଟ୍ ସହ ଅନ୍ୟ କେତେକ ପରୋକ୍ଷ କର ମଧ୍ୟ ଆଦାୟ କରାଯାଉଛି। ଏହା ପର୍ଯ୍ୟାୟକ୍ରମେ ଧାର୍ଯ୍ୟ ହେଉଥିବା ଟିକସ ବ୍ୟବସ୍ଥାର ସମସ୍ୟାକୁ ଦର୍ଶାଇଥାଏ ଯେଉଁଠାରେ ଗୋଟିଏ ଜିନିଷ ଉତ୍ପାଦନଠାରୁ ଖୁଚୁରା ବିକ୍ରୀ ପର୍ଯ୍ୟନ୍ତ ବାରମ୍ବାର ଟିକସଭୁକ୍ତ ହୋଇଥାଏ। ଏହି ବ୍ୟବସ୍ଥାରେ ଗୋଟିଏ ଜିନିଷରେ ବାରମ୍ବାର ଟିକସ ଦେବାକୁ ପଡିଥାଏ ଯାହାଦ୍ୱାରା ଶେଷରେ ଜିନିଷଟିର ଦାମ୍‌ରେ ଅଧିକ ଟିକସ ଯୁକ୍ତ ହୋଇଥାଏ। ଏହାବ୍ୟତୀତ ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଉଥିବା ବହୁଟିକସ ବ୍ୟବସ୍ଥା ଟିକସ ଫାଙ୍କିବା ପାଇଁ ପର୍ଯ୍ୟାପ୍ତ ସୁଯୋଗ ଦେଇଥାଏ।

ବର୍ତ୍ତମାନ ପ୍ରଚଳିତ ବହୁବିଧ ପରୋକ୍ଷ ଟିକସ ବ୍ୟବସ୍ଥାର ଜଟିଳ ପଞ୍ଜାରୁ ମୁକୁଳିବା ତଥା ଏହାକୁ ଏକୀକୃତ ପରୋକ୍ଷ ଟିକସରେ ପରିବର୍ତ୍ତନ କରିବା ପାଇଁ ସାମଗ୍ରୀ ଓ ସେବା କର ଆରମ୍ଭ କରାଯାଇଛି। ଏହା ଭ୍ୟାଟ୍ ସହ ସମକକ୍ଷ ତେଣୁ ଏହା ବହୁସ୍ତରୀୟ ଟିକସ ବ୍ୟବସ୍ଥାରେ ଟିକସ ଉପରେ ଟିକସ ଦେବାର ଜଟିଳତାକୁ କମ୍ କରିବାରେ ସକ୍ଷମ ହେବ ବୋଲି ଆଶା କରାଯାଉଛି। ଏହା ଅଧିକାଂଶ ସାମଗ୍ରୀ ଓ ସେବା ଉପରେ ଲାଗୁ କରାଯିବ। ତେବେ ଏହା ପେଟ୍ରୋଲିୟମ୍, ତମାଖୁ, ମଦ ଆଦି ଉପରେ ଲାଗୁ କରାଯିବ ନାହିଁ। ସାମଗ୍ରୀ ଓ ସେବା କର ଯଦିଓ ଗୋଟିଏ ଟିକସ ତେବେ ଏଥିରେ କେନ୍ଦ୍ରୀୟ ସାମଗ୍ରୀ ଓ ସେବା କର ଏବଂ ରାଜ୍ୟ ସାମଗ୍ରୀ ଓ ସେବା କର ମିଳିତ ଭାବେ ରହିଛି। ଏ. ସୁବ୍ରମଣ୍ୟମଙ୍କ ଅଧ୍ୟକ୍ଷତାରେ ଗଠିତ କମିଟି କେତେକ ଟିକସ ହାରକୁ ସୀମାବଦ୍ଧ କରିବାକୁ ପଦକ୍ଷେପ ନେଇଛନ୍ତି।

ଲେଖିକା ବିଭିନ୍ନ ଅର୍ଥନୈତିକ ବିଷୟର ଜଣେ ଗବେଷିକା।

# କଳାଧନର ମୁକାବିଲା ପାଇଁ ସରକାରୀ ପ୍ରୟାସ

ଦିଲାଶା ସେଠ୍

କଳାଧନର ତଦନ୍ତ ପାଇଁ ଗଠିତ ଏମ.ବି. ଶାହା ନେତୃତ୍ୱାଧୀନ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ (ଏସ୍ଆଇଟି)ଙ୍କ ମତ ହେଲା ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କାରବାରରେ ନଗଦ ଅର୍ଥ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା। ଏହାଦ୍ୱାରା କଳାଧନକୁ ନିୟନ୍ତ୍ରଣ କରିହେବ ବୋଲି ଏସ୍ଆଇଟି ବିଚାର କରନ୍ତି। ଏହାଛଡ଼ା ଜଣେ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଅତି ବେଶୀରେ ନିଜ ପାଖରେ ୧୫ଲକ୍ଷ ଟଙ୍କାରୁ ଅଧିକ ରଖି ନପାରିବାର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଏସ୍ଆଇଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସରକାର ଏହି ପ୍ରସ୍ତାବକୁ ବିଚାର କରି ଦେଖୁଛନ୍ତି। ଯଦି ଏହା ଆଇନରେ ପରିଣତ ହେଲା ତା' ହେଲେ କଳାଧନ ଠୁଳ କରିବା ଆଉ ସହଜ ହେବ ନାହିଁ।

**କ**ଳାଧନ ବିରୋଧରେ ସରକାର ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଯେଉଁମାନେ ନିଜର ଆୟ ଲୁଚାଇ କଳା ପଇସା ଜମାକରୁଛନ୍ତି ସେମାନଙ୍କୁ ସରକାର ଅନ୍ତିମ ସୁଯୋଗ ଦେଇ ନିଜ ନିଜର ଆୟର ହିସାବ ଦେବାକୁ ଏକ ଚାରିମାସିଆ ସୁଯୋଗ ଦେଇଥିଲେ। ଏହାର ସୁଯୋଗ ନେଇ ଜୁନ୍ ପହିଲାରୁ ସେପ୍ଟେମ୍ବର ୩୦ ତାରିଖ ମଧ୍ୟରେ ୬୪୨୭୫ ବ୍ୟକ୍ତି ବିଶେଷ ନିଜର କଳାଧନ ଘୋଷଣା କରିଛନ୍ତି। ସେମାନଙ୍କ ନାମ ଗୋପନ ରଖାଯିବା ସହିତ ଗଚ୍ଛିତ ଧନ ଉପରୁ ଟିକସ ଏବଂ ଦଣ୍ଡଆକାରରେ ଧାର୍ଯ୍ୟ ଅର୍ଥ ଲାଗୁ କରାଯାଇଛି। ଏବେ ଏହି ଲୋକମାନେ ନିଜର ଗଚ୍ଛିତ ଧନକୁ କଳାରୁ ଧଳା କରିବାରେ ସଫଳ ହେବା ସହ ଦଣ୍ଡରୁ ମଧ୍ୟ ମୁକ୍ତି ପାଇଛନ୍ତି। ଏହି ସରକାରୀ ସୁଯୋଗର ଉପଯୋଗ କରି ସେମାନେ ଏବେ ଚିନ୍ତାମୁକ୍ତ। ସରକାର ଆଶା କରିଛନ୍ତି ଯେ ଯେଉଁ ଆୟ ଘୋଷଣା ଯୋଜନା (ଆଇଡିଏସ୍) କାର୍ଯ୍ୟକାରୀ ହେଉଛି ତା'ମାଧ୍ୟମରେ ଆସନ୍ତା ବର୍ଷ ସେପ୍ଟେମ୍ବର ସୁଦ୍ଧା ସରକାର ଟିକସ ବାବଦରେ ୩୦ ହଜାର କୋଟି ଟଙ୍କା ସଂଗ୍ରହ କରିବେ। ଏହି ଯୋଜନାରେ ଏ ପର୍ଯ୍ୟନ୍ତ ସରକାରଙ୍କୁ ଟିକସ ଆକାରରେ ୬୫,୨୫୦ କୋଟି ଟଙ୍କା ମିଳିଛି। ଆସନ୍ତା ବର୍ଷ ସୁଦ୍ଧା ଏହାର ଅଧିକ ୪୫ ଶତାଂଶ ଅର୍ଥ ସରକାର ଟିକସ ବାବଦରେ ପାଇବେ। ତେବେ ସରକାର କଳାଧନ ଜମାକାରୀଙ୍କ ଠାରୁ ଯେତିକି ଅର୍ଥ ପାଇଛନ୍ତି ତାହା କିଛି ନୁହେଁ। ଯେଉଁ ପରିମାଣର କଳାଧନ ଲୋକେ ଲୁଚାଇ ରଖିଛନ୍ତି ତାହା ଅକଳନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କଳାଧନ ବିରୋଧରେ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସ୍ୱେଚ୍ଛାକୃତ ଆୟ ଘୋଷଣା ତାରିଖ ପରେ ଯେଉଁମାନେ କଳାଧନ ଲୁଚାଇ ରଖିଥିବେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଧାନମନ୍ତ୍ରୀ ବାରମ୍ବାର ସତର୍କ କରାଇଦେଇଛନ୍ତି। ତେଣୁ କଳାଧନ ରଖିଥିବା ଲୋକଙ୍କ ଉପରେ ଯେକୌଣସି ମୁହୂର୍ତ୍ତରେ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ।

ଭାରତର ମୋଟ ୧୨୦ କୋଟି ଜନସଂଖ୍ୟା ମଧ୍ୟରୁ ମାତ୍ର ୫.୪୩ କୋଟି ଲୋକ ବା ସମୁଦାୟ ଜନସଂଖ୍ୟାର ୫ ଭାଗରୁ କମ୍ ଟିକସ ଦିଅନ୍ତି। ଅନେକ ଲୋକ ନିଜର ଆୟ ଲୁଚାଉଥିବାରୁ ସଙ୍କୋଚ କରଦାତାମାନଙ୍କ ଉପରେ ଅଧିକ ଚାପ ପଡ଼େ ଓ ସେମାନଙ୍କୁ ଏହା ବାଧେ। ଭାରତୀୟ ଅର୍ଥନୀତିରେ କଳାଧନର ପରିମାଣ କେତେ ତାହା ଆକଳନ କରିବା କଷ୍ଟ। ତଥାପି ଦେଶର ୨ ଟ୍ରିଲିୟନ ଡଲାର ଅର୍ଥନୀତିରେ ୨୦ ରୁ ୭୦ ଶତାଂଶ କଳାଧନ ରହିଛି ବୋଲି ଅନୁମାନ କରାଯାଉଛି। ସୁଇଜରଲ୍ୟାଣ୍ଡ ସରକାରଙ୍କ ସୂଚନା ଅନୁସାରେ ୨୦୧୦ ଶେଷ ସୁଦ୍ଧା ବିଭିନ୍ନ ସୁଇସ୍ ବ୍ୟାଙ୍କରେ ଭାରତୀୟମାନେ ୯୫୦୦ କୋଟି ଟଙ୍କା ଜମା ରଖିଥିଲେ।

ଦେଶରେ ଆଠ ଲକ୍ଷ କୋଟିର ପ୍ରତ୍ୟେକ୍ଷ ଟିକସ ରାଜସ୍ୱ ମଧ୍ୟରୁ କମ୍ପାନୀ ଓ ଉଦ୍ୟୋଗଜଗତ ୬୦ ଶତାଂଶ ଟିକସ ଦେଉଥିବାବେଳେ ବ୍ୟକ୍ତିଗତ ଆୟକରରୁ ୪୦ ଶତାଂଶ ସଂଗୃହୀତ ହୋଇଥାଏ । ତେଣୁ ଟିକସ ଆଧାରକୁ ସଂପ୍ରସାରିତ କରା ନ'ଗଲେ କମ୍ ଲୋକଙ୍କ ଉପରେ ଟିକସ ବୋଝ ପଡ଼ିବ ଏବଂ ଲୋକେ ଆୟ ଲୁଚାଇବାକୁ ବାଧ୍ୟ ହେବେ । ଭାରତରେ ଥିବା ୨୫କୋଟି ପ୍ୟାନ୍‌କାର୍ଡଧାରୀଙ୍କ ମଧ୍ୟରୁ ମାତ୍ର ୫.୪୩ କୋଟି ଟିକସ ଦିଅନ୍ତି । ତେବେ ସେ ଯା'ହେଉ ନିର୍ବାଚନ ଘୋଷଣାନାମା ଅନୁସାରେ ସରକାର କଳାଧନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିବାରୁ କଳାଧନ ରଖିଥିବା ଲୋକଙ୍କୁ କଠିନ ସମୟ ଦେଇ ଗତି କରିବାକୁ ପଡ଼ିପାରେ । କଳାଧନ ପ୍ରାଦୁର୍ଭାବକୁ ରୋକିବା ପାଇଁ ସରକାର ଏକ ବହୁମୁଖୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରୁଛନ୍ତି । ସ୍ୱେଚ୍ଛାକୃତ ଆୟ ଘୋଷଣା ସ୍କିମ୍ ବ୍ୟତୀତ ବିଦେଶରେ ଥିବା ସମ୍ପତ୍ତି ତାଲିକା ଘୋଷଣା ପାଇଁ ଏକ ସ୍ୱତନ୍ତ୍ର ବିଭାଗ, କଳାଧନ ଠାବ ପାଇଁ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ସଂସ୍ଥା (ଏସ୍‌ଆଇଟି) ଗଠନ, ବିଭିନ୍ନ ଦେଶ ସହ ଥିବା ଦ୍ୱିପାକ୍ଷିକ ଟିକସ ଚୁକ୍ତିର ସମୀକ୍ଷା, ଦୁଇ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ କାରବାର ପାଇଁ ପ୍ୟାନକାର୍ଡର ବ୍ୟବହାରକୁ ବାଧ୍ୟତାମୂଳକ କରିବା, ବିଭିନ୍ନ ଦେଶ ସହ ସୂଚନା ଆଦାନ ପ୍ରଦାନ ଚୁକ୍ତି, ଜିଏସ୍‌ଟି ପ୍ରଚଳନର ବ୍ୟବସ୍ଥା ଆଦି ସେଥି ମଧ୍ୟରୁ ଅନ୍ୟତମ । ଆସନ୍ତାବର୍ଷଠାରୁ ଜିଏସ୍‌ଟି ସାରାଦେଶରେ ଲାଗୁ ହେଲେ ବିଭିନ୍ନ କ୍ଷେତ୍ରରେ ଟିକସ ଠକେଇର ସୁଯୋଗ ବନ୍ଦ ହୋଇଯିବ ।

ଅର୍ଥମନ୍ତ୍ରଣାଳୟର ତଥ୍ୟ ଅନୁସାରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ'କରି ତୃତୀୟ ପକ୍ଷଙ୍କ ସୂଚନା, ଲୋକଙ୍କ ପ୍ୟାନ୍‌କାର୍ଡ ଓ ଆଇଟି ତଥ୍ୟାବଳୀର ଉପଯୋଗ କରି ସରକାର ୧୬ହଜାର କୋଟି ଟଙ୍କାର ଟିକସ ଆଦାୟ କରିବାରେ ସକ୍ଷମ ହୋଇଛନ୍ତି । ଏବେ ୯୨ ଶତାଂଶ ଟିକସ ରାଜସ୍ୱ ଟିକସଦାତାଙ୍କ ଦରମାରୁ କଟାଯାଇ ଟିଡିଏସ୍ ବ୍ୟବସ୍ଥାରେ ଆଗତୁରା ସରକାରୀ ତହବିଲକୁ ଆସିପାରୁଛି । ଅବଶିଷ୍ଟ ଆଠ ଶତାଂଶ ରାଜସ୍ୱ ଆବଶ୍ୟକ ଯାଞ୍ଚ ପରେ ଆସୁଛି । ଏହି ବ୍ୟବସ୍ଥାରେ କେତେକ ପରିବର୍ତ୍ତନ ହେବ ବୋଲି ସଂକେତ ମିଳୁଛି । ଟିକସ ଫାଙ୍କିକୁ ଧରିବା ପାଇଁ ଆରମ୍ଭ ହୋଇଥିବା 'ପ୍ରୋଜେକ୍ଟ ଇନ୍‌ସାଇଡ୍' କାର୍ଯ୍ୟକ୍ରମରେ ଘରୋଇ ଆଇଟି କମ୍ପାନୀର ସାହାଯ୍ୟ ନିଆଯାଉଛି । ଆଇଟି ଜ୍ଞାନକୌଶଳର ଉପଯୋଗ କରି ସରକାର ଆୟକର ବିଭାଗର ସମସ୍ତ ତଥ୍ୟ, ଲୋକଙ୍କ ପ୍ୟାନ୍ କାର୍ଡର କାରବାର, ଅର୍ଥଦେଣନେଣ, ଗହଣା, ଗାଡ଼ି, ସମ୍ପତ୍ତି କ୍ରୟ ବିକ୍ରୟ ଆଦି ଯାବତୀୟ ତଥ୍ୟ ଜାଣିପାରିବେ । ଏହାଦ୍ୱାରା ଟିକସ ଫାଙ୍କୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହଜ ହେବ । ଏହି ତଥ୍ୟାବଳି ଆଧାରରେ ଟିକସଦାତାଙ୍କ ଟିକସଫାଙ୍କିର ପରିମାଣକୁ ହିସାବକୁ ନେଇ ସେମାନଙ୍କ ତାଲିକା ପ୍ରସ୍ତୁତି କରାଯିବ ଏବଂ ଯେଉଁମାନେ ଅଧିକ ଟିକସ ଫାଙ୍କୁଥିବେ ଆୟକର ବିଭାଗ ଓ ସରକାର ତାଲିକା ଅନୁସାରେ ସେମାନଙ୍କ ଉପରେ ଚଢ଼ାଉ କରିପାରିବେ । ଏହି ପ୍ରକଳ୍ପର ସଫଳତା ପାଇଁ କେନ୍ଦ୍ରୀୟ ପ୍ରତ୍ୟେକ୍ଷ କର ପରିଷଦ (ସିବିଡିଟି) ଓ ଗୁଇନ୍ଦା ବିଭାଗ ଆଉ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।

୨୦୧୬ ଜାନୁୟାରୀ ପହିଲାରୁ ସରକାର ଦୁଇ ଲକ୍ଷ ଟଙ୍କାରୁ ଅଧିକ କାରବାର ପାଇଁ ପ୍ୟାନ୍‌କାର୍ଡ ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି । ସେହିଭଳି ସୁନା ଗହଣା କ୍ରୟ କ୍ଷେତ୍ରରେ ୨ ଲକ୍ଷ ଟଙ୍କାରୁ ଅଧିକ କାରବାରରେ ପ୍ୟାନ୍ ବ୍ୟବହାର ବାଧ୍ୟତାମୂଳକ ହୋଇଛି । ପୂର୍ବରୁ ଏହା ପାଞ୍ଚଲକ୍ଷ ଟଙ୍କା ଥିଲା । ଏବେ ମଧ୍ୟ ସମବାୟ ବ୍ୟାଙ୍କ, ବିଭିନ୍ନ ପ୍ରକାର ନିଧି (ଫଣ୍ଡ), ଡାକଘର ଜମା ଓ ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ ଅନୁଷ୍ଠାନରେ ଅର୍ଥଜମା ପାଇଁ ପ୍ୟାନ୍ ବାଧ୍ୟତାମୂଳକ ହୋଇଛି ।

ଏବେ ସାତଟି ତୃତୀୟ ପକ୍ଷ ଉତ୍ସ ପାଇଁ ବାର୍ଷିକ ସୂଚନା ରିଟର୍ଣ୍ଣ ଫର୍ମ (ଏ-ଆଏଆର) ଦାଖଲ କରିବା ବାଧ୍ୟତାମୂଳକ ହୋଇଛି । ଯେକୌଣସି ବ୍ୟକ୍ତି ଯଦି ଗୋଟିଏ ବର୍ଷରେ କୌଣସି ବ୍ୟାଙ୍କରେ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଜମା ରଖନ୍ତି ତା'ହେଲେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ସରକାରଙ୍କୁ ଏନେଇ ସୂଚନା ଦେବାକୁ ପଡ଼ିବ । ସେହିଭଳି ବ୍ୟାଙ୍କ କିମ୍ବା କମ୍ପାନୀ ବାର୍ଷିକ ୨ଲକ୍ଷ ଟଙ୍କାରୁ ଅଧିକ କାରବାର କରୁଥିବା ବ୍ୟକ୍ତିଙ୍କୁ କ୍ରେଡିଟ କାର୍ଡ ଦେଉଥିଲେ, କେହି ଯଦି ବାର୍ଷିକ ୨ଲକ୍ଷ କିମ୍ବା ତା'ଠାରୁ ଅଧିକ ମ୍ୟୁଚୁଆଲ୍ ଫଣ୍ଡରେ ଲଗାଉଥିଲେ, ଯଦି କେହି ପାଞ୍ଚ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ବଣ୍ଡ, ଡିବେଞ୍ଚର, ସେୟାର କିଣୁଥିବେ କିମ୍ବା ୩୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ସମ୍ପତ୍ତି କ୍ରୟ କରୁଥିବେ ସେଥିପାଇଁ ସମ୍ପୃକ୍ତ ବ୍ୟାଙ୍କ, ଅନୁଷ୍ଠାନ ଓ କର୍ତ୍ତୃପକ୍ଷ କ୍ରେତାଙ୍କ ସମ୍ପର୍କରେ ସରକାରଙ୍କୁ ସୂଚନା ପ୍ରଦାନ କରିବାକୁ ବାଧ୍ୟ । ଏହା ଫଳରେ କଳାଧନର ଅବାଧ କାରବାର ଉପରେ ନିୟନ୍ତ୍ରଣ ରଖିହେବ ।

**ଆୟକର ବିଭାଗର ଦୃଷ୍ଟି ସଂପ୍ରସାରିତ :**

କଳାଧନ ବିରୋଧରେ ଆୟକର ବିଭାଗର କାର୍ଯ୍ୟାନୁଷ୍ଠାନ ବ୍ୟାପକ ଏବଂ ଯୋରଦାର ହେବା ଯୋଗୁଁ ଗତ ଅଢ଼େଇ ବର୍ଷରେ ୧୯୮୬ କୋଟି ଟଙ୍କା ଜବତ ହେବା ସହ ୫୬,୩୭୮କୋଟି ଟଙ୍କାର କଳାଧନକୁ ଠାବ କରାଯାଇଛି । ଜବତ ହୋଇଥିବା ଅର୍ଥ ମଧ୍ୟରୁ ଅଧିକାଂଶ ଘରୋଇ ମେଡିକାଲ ଓ ଶିକ୍ଷାନୁଷ୍ଠାନ ଉଦ୍ୟୋଗର । ତୃତୀୟ ପକ୍ଷଙ୍କ ସୂଚନା ଆଧାରରେ କେନ୍ଦ୍ରୀୟ

ପ୍ରତ୍ୟକ୍ଷ ଟିକସ ବୋର୍ଡ ସିବିଡିଟି ସାତ ଲକ୍ଷ ବ୍ୟକ୍ତିବିଶେଷଙ୍କୁ ଚିଠି ଲେଖିବା ସହ ନିଜ ନିଜ ଅଘୋଷିତ ସମ୍ପତ୍ତିର ତାଲିକା ଦେଇ ସନ୍ଦେହମୁକ୍ତ ହେବାକୁ ପରାମର୍ଶ ଦେଇଛି। ଲକ୍ଷ ଲକ୍ଷ ଲୋକ ପ୍ୟାନ୍ ବ୍ୟବହାର ନ'କରି ବିପୁଳ ଅର୍ଥ କାରବାର କରୁଥିବାର ଖବର ମଧ୍ୟ ଆୟକର ବିଭାଗ ଓ ସିବିଡିଟି ପାଖରେ ଅଛି। ପହଞ୍ଚୁଥିବା ବାର୍ଷିକ ସୂଚନା ରିପୋର୍ଟ ତର୍ଜମା କରି ବେଆଇନ ଭାବେ ଅର୍ଥ ଜମା ଓ କାରବାର କରୁଥିବା ବ୍ୟକ୍ତିବିଶେଷଙ୍କ ଉପରେ ନଜର ରଖାଯାଇଛି। ସିବିଡିଟିର ୪୨ ହଜାର ଅଧିକାରୀ ଓ କର୍ମଚାରୀ ଏହି କାର୍ଯ୍ୟରେ ନିୟୋଜିତ। ସେମାନେ ନିଷ୍ଠାର ସହ କାର୍ଯ୍ୟ କଲେ କଳାଧନ ଠାବ ପ୍ରକ୍ରିୟା ତ୍ୱରାନ୍ୱିତ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବାଦୀ।

ପରୋକ୍ଷ କର କ୍ଷେତ୍ରରେ ବିଭିନ୍ନ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୫୦ ହଜାର କୋଟି ଟଙ୍କାର ଟିକସ ଫାଙ୍କିକୁ ଧରାଯାଇଥିବାବେଳେ ୨୧ହଜାର କୋଟିର ଅଘୋଷିତ ଧନକୁ ଜବତ କରାଯାଇଛି।

**ଏସ୍ଆଇଟିର ପ୍ରସ୍ତାବ :**

କଳାଧନର ତଦନ୍ତ ପାଇଁ ଗଠିତ ଏମ.ବି. ଶାହା ନେତୃତ୍ୱାଧୀନ ସ୍ୱତନ୍ତ୍ର ଅନୁସନ୍ଧାନ ଦଳ (ଏସ୍ଆଇଟି)ଙ୍କ ମତ ହେଲା ୩ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ କାରବାରରେ ନଗଦ ଅର୍ଥ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା। ଏହାଦ୍ୱାରା କଳାଧନକୁ ନିୟନ୍ତ୍ରଣ କରିହେବ ବୋଲି ଏସ୍ଆଇଟି ବିଚାର କରନ୍ତି। ଏହାଛଡ଼ା ଜଣେ ବ୍ୟକ୍ତି ବିଶେଷ, ଅନୁଷ୍ଠାନ ଅତି ବେଶୀରେ ନିଜ ପାଖରେ ୧୫ଲକ୍ଷ ଟଙ୍କାରୁ ଅଧିକ ରଖି ନପାରିବାର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଏସ୍ଆଇଟି ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ସରକାର ଏହି ପ୍ରସ୍ତାବକୁ ବିଚାର କରି ଦେଖୁଛନ୍ତି। ଯଦି ଏହା ଆଇନରେ ପରିଣତ ହେଲା ତା' ହେଲେ କଳାଧନ ଠୁଳ କରିବା ଆଉ ସହଜ ହେବ ନାହିଁ। ଯିଏ ଏହି ଧାର୍ଯ୍ୟ ପରିମାଣରୁ ଅଧିକ ଅର୍ଥ ନିଜ ପାଖରେ ରଖିବାକୁ ଚାହିଁବ ସେଥିପାଇଁ ଆବଶ୍ୟକ କାରଣ ଦର୍ଶାଇ ଆୟକର ବିଭାଗରୁ ଅନୁମତି ନେବାକୁ ଏସ୍ଆଇଟି ତାଙ୍କ ପ୍ରସ୍ତାବରେ ଉଲ୍ଲେଖ କରିଛନ୍ତି। ଆମଦାନୀ-ରପ୍ତାନି ବାଟରେ ଅନେକ ବ୍ୟବସାୟୀ ଓ ପ୍ରତିଷ୍ଠାନ ବିଦେଶକୁ ପ୍ରଚୁର ଟଙ୍କା ପଠାଇ ଫାଇଦା ଉଠାଉଥିବାରୁ ଏସବୁର ତଥ୍ୟାବଳୀ ପଞ୍ଜୀକୃତ କରିବା ସହ ଆୟକର ବିଭାଗ ଓ ଅର୍ଥମନ୍ତ୍ରଣାଳୟ ସହ ତଥ୍ୟ ଆଦାନପ୍ରଦାନର ସୁବିଧା କରିବାକୁ ଆବଶ୍ୟକ ଆନୁଷ୍ଠାନିକ ବ୍ୟବସ୍ଥା, ପଦ୍ଧତି ପ୍ରସ୍ତୁତ କରିବାକୁ ଏସ୍ଆଇଟି ପକ୍ଷରୁ ରିଜର୍ଭବ୍ୟାଙ୍କକୁ ପରାମର୍ଶ ଦିଆଯାଇଛି। ରାଜସ୍ୱ ଗୁଇନ୍ଦା ସଂସ୍ଥା (ଡିଆରଆଇ) ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ସହ ରିଜର୍ଭବ୍ୟାଙ୍କକୁ ଏ କ୍ଷେତ୍ରରେ ସୂଚନାରେ ଭାଗୀଦାରୀ ହେବାକୁ କୁହାଯାଇଛି। ଆମଦାନୀ ରପ୍ତାନୀରେ ଠକୁଥିବା ବ୍ୟବସାୟୀ ଓ ପ୍ରତିଷ୍ଠାନ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

**ବିଦେଶରେ ଗଚ୍ଛିତ କଳାଧନ :**

ବିଦେଶରେ ଭାରତୀୟମାନଙ୍କ ଦ୍ୱାରା କେତେ କଳାଧନ ଗଚ୍ଛିତ ଅଛି ତାହାର ସଠିକ୍ ଆକଳନ ହୋଇନାହିଁ କିମ୍ବା ହେବା ଏତେ ସହଜ ନୁହେଁ। ତଥାପି ବିଭିନ୍ନ ସୂତ୍ରରୁ ମିଳୁଥିବା ତଥ୍ୟ ସୂଚନାକୁ ଆଧାର କରି ବେଆଇନ ଜମା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବିଦେଶରୁ କଳାଧନ ସଂକ୍ରାନ୍ତ ତଥ୍ୟ ଆଦାନ ପ୍ରଦାନ ଓ ଟିକସ ଫାଙ୍କି ନେଇ ଭାରତ ଏବେ ବିଭିନ୍ନ ଦେଶ ସହ ଚୁକ୍ତି କରିଛି। ସେଥିମଧ୍ୟରୁ ଭାରତ-ଆମେରିକା ବିଦେଶୀ ଜମା ଟିକସ ଅନୁପାଳନ ଆଇନ ଅନ୍ୟତମ। ଏହି ଆଇନ ବଳରେ ଭାରତ ସ୍ୱୟଂକ୍ରିୟ ବ୍ୟବସ୍ଥାରେ ବିଦେଶରେ ଭାରତୀୟ ଜମାର ସବିଶେଷ ତଥ୍ୟାବଳୀ ପାଉଛି। ଆଇସିଇଜେ ବା ଇଣ୍ଟରନେଶନାଲ କନସୋର୍ଟିୟମ ଅଫ୍ ଇନ୍‌ଭେଷ୍ଟିଗେଟିଭ୍ ଜର୍ନାଲିଜିମର ତଥ୍ୟ ଆଧାରରେ ବିଦେଶରେ ଭାରତୀୟଙ୍କ ୧୭୫ଟି କଳାଧନ ଗଚ୍ଛିତ ମାମଲାରେ ୧୬୪ଟି ମାମଲା ଦାଏର କରି ଏହାର ଅନୁସନ୍ଧାନ କରୁଛି। ଭାରତ ସରକାର ଇତିମଧ୍ୟରେ ବିଦେଶରେ ଜମାଥିବା ୫୦୦୦କୋଟି ଟଙ୍କାର କଳାଧନକୁ ଠାବ କରିଥିବାବେଳେ ୫୫ଟି ମାମଲା ଦାଏର କରିଛନ୍ତି।

ସେହିଭଳି ପାନାମା ପେପର୍ସର ପ୍ରଘଟ ତଥ୍ୟ ଅନୁସାରେ ୨୫୦ଟି ମାମଲାରେ ସମ୍ପୃକ୍ତ ଦେଶଠାରୁ ସୂଚନା ଓ ପ୍ରମାଣ ମଗାଯାଇଛି। ବିଦେଶରେ ଟଙ୍କା ଜମାକାରୀଙ୍କୁ ସ୍ୱେଚ୍ଛାକୃତ ତଥ୍ୟ ଦେବାକୁ ସରକାର ଯେଉଁ ୟୁନିଟ୍ ଖୋଲିଛନ୍ତି ସେଥିରେ ୨୦୧୫ ସୁଦ୍ଧା ୪୧୪୭ କୋଟି ଟଙ୍କାର ଜମା ସମ୍ପର୍କରେ ତଥ୍ୟ ମିଳିଛି। ସମ୍ପୃକ୍ତ ଜମାକାରୀ ଟିକସବାବଦରେ ୬୦ଶତାଂଶ ଅର୍ଥ ବା ୨୪୨୮ କୋଟି ସୁଧ ଓ ଜୋରିମାନା ବାବଦରେ ଦେଇଛନ୍ତି।

ପାନାମା ପେପର୍ସ ତଥ୍ୟ ଅନୁସାରେ ବିଦେଶରେ ୫୦୦ ଭାରତୀୟଙ୍କର କଳାଧନ ଜମା ଅଛି। ସେମାନଙ୍କ ମଧ୍ୟରେ ଚଳଚ୍ଚିତ୍ର ତାରକା ଅମିତାଭ ବଚ୍ଚନ, ଐଶ୍ୱର୍ଯ୍ୟା ରାୟବଚ୍ଚନ, ଉଦ୍ୟୋଗଜଗତର ମଧ୍ୟସ୍ଥି ନୀରା ରାଡିଆ ପ୍ରମୁଖ ଅନ୍ତର୍ଭୁକ୍ତ। ଏମାନେ ବେଆଇନ ଭାବେ ଏହି ଟଙ୍କା ଜମା ରଖିଥିବା କୁହାଯାଉଛି। ସେସବୁ ଅଭିଯୋଗର ତଦନ୍ତ ଚାଲିଛି। ପାନାମା ପେପର୍ସର ତଥ୍ୟ ପ୍ରଘଟ ପରିପ୍ରେକ୍ଷୀରେ ଏସ୍ଆଇଟି ବିଦେଶରେ ଟଙ୍କା ଜମା ଆଇନ ଓ କଳାଧନ ନିବାରଣ ଆଇନରେ ସଂଶୋଧନ ପାଇଁ ସୁପାରିସ କରିଛି।

ଟିକସ ପ୍ରଶାସନରେ ଥିବା ତ୍ରୁଟି ବିଚ୍ୟୁତିର ଭରପୂର ଫାଇଦା ଉଠାଇ ଠକମାନେ ଟିକସ ଫାଙ୍କୁଛନ୍ତି। ମରିସସ୍, ସିଙ୍ଗାପୁର ଓ ସାଇପ୍ରସ ସହିତ ଭାରତର ଯେଉଁ ଟିକସ ମୁକ୍ତ ଆର୍ଥିକ କାରବାର ବ୍ୟବସ୍ଥା ଅଛି ତାହା କଳାଧନ ଠୁଳ ପାଇଁ ସବୁଠୁ ବେଶୀ ସହାୟକ ହେଉଛି। ଦ୍ୱୈତ ଟିକସ ପରିହାର ମୁକ୍ତ ବ୍ୟବସ୍ଥା ବା ଡିଟିଏଏର ଉଦ୍ଦେଶ୍ୟ ହେଲା ଟିକସଦାତାଙ୍କୁ ଯେପରି ଦୁଇ ଦେଶରେ କର ଭରିବାକୁ ନପଡ଼ିବ ଓ ସେମାନେ ଅଯଥା ହଇରାଣ ନ'ହେବେ। ମାତ୍ର ଦେଖାଯାଉଛି ଏହି ଆଇନ ବଳରେ ଟିକସଦାତା ଦୁଇ ଦେଶରେ ଟିକସ ଫାଙ୍କିବାରେ ସଫଳ ହେଉଛି। ଏହି ଦ୍ୱୈତ ଟିକସ ଅବସାନ ଆଇନର ପରିସମାପ୍ତି ପାଇଁ ସରକାର ଏବେ ତତ୍ପର। ଏସବୁ ରାଷ୍ଟ୍ରଙ୍କ ସହ ଥିବା ଚୁକ୍ତିର ଅବସାନ ଘଟାଇ ସେଇ ଦେଶ ଦେଇ ଭାରତକୁ ଆସୁଥିବା ବା ଭାରତରୁ ଯାଉଥିବା ପୁଞ୍ଜି ଉପରେ ଟିକସ ବସାଇବାର ବ୍ୟବସ୍ଥା କରାଯାଉଛି। ଇତିମଧ୍ୟରେ ମରିସସ୍ ଓ ସାଇପ୍ରସ୍ ସହିତ ଥିବା ଏ ସଂକ୍ରାନ୍ତ ଚୁକ୍ତିର ସଂଶୋଧନ କରାଯାଇଥିବା ବେଳେ ସିଙ୍ଗାପୁର ସହ ଥିବା ଚୁକ୍ତିରେ ସଂଶୋଧନ କରାଯାଉଛି। ମରିସସ୍ ଓ ସିଙ୍ଗାପୁର ଦେଇ ଭାରତକୁ ସର୍ବାଧିକ ପ୍ରତ୍ୟେକ୍ଷ ବିଦେଶୀ ପୁଞ୍ଜି ଆସୁଥିଲା। ୨୦୧୭ ଏପ୍ରିଲ ପହିଲାଠାରୁ ଜେନେରାଲ୍ ଆଣ୍ଟି ଆଭଏଡାନ୍ସ ରୁଲ୍ (ଗାର) କାର୍ଯ୍ୟକାରୀ ହେବ। ଏହାଦ୍ୱାରା ପୁଞ୍ଜିନିବେଶ ଜନିତ ଟିକସ ଛାଡ଼ ଓ ସ୍ୱଳ୍ପ ଟିକସ ବ୍ୟବସ୍ଥାର ଅବସାନ ଘଟିବ। ନୂଆ ବ୍ୟବସ୍ଥାରେ ଭାରତ ପୁଞ୍ଜିନିବେଶ କ୍ଷେତ୍ରରେ ଟିକସ ଓ ଅନ୍ୟାନ୍ୟ ଆଇନଗତ ବ୍ୟବସ୍ଥାର ତଦାରଖ କରିବାର ଅଧିକାର ପାଇବ। ମରିସସ୍ ସହଥିବା ଏ ସଂକ୍ରାନ୍ତ ଚୁକ୍ତିର ସଂଶୋଧନ ପରେ ଭାରତ ସେୟାର ଉପରେ ପୁଞ୍ଜିଆହରଣ ଟିକସ ଲଗାଇବାର ଅଧିକାର ପାଇଛି। ତା'ଛଡ଼ା ବିଭିନ୍ନ କମ୍ପାନୀ ବାଟରେ ଆସୁଥିବା ଅର୍ଥ ଓ ପୁଞ୍ଜି ଉପରେ ଟିକସ ଲାଗୁହେବ। ଏବେ ପ୍ରାରମ୍ଭିକ ଭାବେ ୧୫ ଶତାଂଶ ହାରରେ ଏବଂ ୨୦୧୯ ଠାରୁ ପୂର୍ଣ୍ଣାଙ୍ଗ ହାରରେ ଟିକସ ଆଦାୟ କରାଯିବ। ବିଶ୍ୱର ୮୨ ଦେଶ ସହିତ ଭାରତର ଦ୍ୱୈତ ଟିକସ ପରିହାର ଚୁକ୍ତି ରହିଛି। ନୂଆ ବ୍ୟବସ୍ଥାରେ ୫୦ଶତାଂଶ ପୁଞ୍ଜି ଉପରେ ଟିକସ ନ'ଲଗାଇବାକୁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ଅନ୍ୟ ୩୦ଟି ଦେଶ ସହ ଭାରତର ଟିକସ ଆଦାୟ ସଂକ୍ରାନ୍ତ ଆପୋସ ଚୁକ୍ତି ରହିଛି। ସାଇପ୍ରସରେ ଭାରତୀୟ ପୁଞ୍ଜି କାରବାର ଉପରେ ଟିକସ ଲଗାଇବାର ଅଧିକାର ସେଠା ସରକାର ଭାରତକୁ ପ୍ରଦାନ କରିଛନ୍ତି।

**ବେନାମୀ କାରବାର ଆଇନ :**

ପୁଞ୍ଜି ବା ଅର୍ଥର ବେନାମୀ କାରବାର ନିଷିଦ୍ଧ ଆଇନ ବିଲ୍ ୨୦୧୬ ଅଗଷ୍ଟରେ ସଂସଦର ଅନୁମୋଦନ ଲାଭ କରିଛି। ଯେଉଁମାନେ ଅନ୍ୟ ଲୋକଙ୍କ ନାମରେ ଅର୍ଥ, ପୁଞ୍ଜି ବା ସମ୍ପତ୍ତି ଲୁଚାଇ ରଖିଛନ୍ତି ସେମାନଙ୍କୁ ଧରି ଦଣ୍ଡିତ କରିବା ଓ ସେହି ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ସଂକ୍ରାନ୍ତ ଆଇନର ପରିସର ବ୍ୟାପକ ହୋଇଛି। ଅନେକ ଲୋକ ଟିକସ ଏଡ଼ାଇବା ପାଇଁ ଅନ୍ୟନାମରେ ବା ଛଦ୍ମନାମରେ ପୁଞ୍ଜି / ଅର୍ଥ ଜମା କରନ୍ତି ଯାହା ବେନାମୀ ସମ୍ପତ୍ତି ନାମରେ ଜଣାଶୁଣା। ଏହା କଳାଧନ ଲୁଚାଇ ରଖିବାର ଏକ ବଡ଼ ବାଟ। ଏହି କଳାଧନ ମୁଖ୍ୟତଃ କୋଠାବାଡ଼ି, ସମ୍ପତ୍ତି, ବ୍ୟବସାୟ ଆଦିରେ ବିନିଯୋଗ ହୋଇଥାଏ। ନୂଆ ବିଲ୍‌ରେ ଜୋରିମାନା ଓ ଦଣ୍ଡବିଧାନ ବ୍ୟବସ୍ଥାକୁ ଅଧିକ କଠୋର କରାଯାଇଛି। ଦୋଷୀଙ୍କୁ ଏକରୁ ସାତ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ସମ୍ପତ୍ତିର ୨୫ ଶତାଂଶ ବଜାର ମୂଲ୍ୟ ପର୍ଯ୍ୟନ୍ତ ଜୋରିମାନାର ବ୍ୟବସ୍ଥା ଅଛି। ସେହିଭଳି ତ୍ରୁଟିପୂର୍ଣ୍ଣ ତଥ୍ୟ ପ୍ରଦାନ ପାଇଁ ୨ରୁ ୫ବର୍ଷ ପର୍ଯ୍ୟନ୍ତ ଜେଲ୍‌ଦଣ୍ଡ ଓ ବେନାମୀ ସମ୍ପତ୍ତିର ବଜାର ମୂଲ୍ୟର ୧୦ଶତାଂଶ ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା କରାଯାଇଛି।

ବିଶ୍ୱର ଅଧିକାଂଶ ପ୍ରମୁଖ ଅର୍ଥନୀତି କଳାଧନ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଭାରତ ମଧ୍ୟ ଏଥିରେ ସାମିଲ ହୋଇଛି। କଳାଧନ ସମ୍ପର୍କରେ ତଥ୍ୟ ଆଦାନ ପ୍ରଦାନ ପାଇଁ ଏସବୁ ଦେଶଙ୍କ ସହିତ ଭାରତର ବୁଝାମଣା ହୋଇଛି। ଦେଶ ଦେଶ ମଧ୍ୟରେ ଏହି ତଥ୍ୟର ଅବାଧ ଆଦାନପ୍ରଦାନ କଳାଧନ ଜମାକାରୀ ଓ ଟିକସ ଫାଙ୍କୁଥିବା ଲୋକଙ୍କୁ ଧରିବାରେ ନିଶ୍ଚିତ ସହାୟକ ହେବ। ଏଥିପାଇଁ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ଜ୍ଞାନକୌଶଳ ଉପଯୋଗ କରାଯାଉଛି। ଭାରତ ମଧ୍ୟ 'ପ୍ରୋଜେକ୍ଟ ଇନ୍‌ସାଇଡ୍' ନାମରେ ଏକ ସଂସ୍ଥା ଖୋଲି କଳାଧନ ଠାବ କରୁଛି। ଏସବୁ ସତ୍ତ୍ୱେ ନଗଦ ଅର୍ଥ କାରବାରକୁ ନିରୁତ୍ସାହିତ କରି ଅଧିକରୁ ଅଧିକ କାର୍ଡ ପ୍ରଚଳନ ଉପରେ ଗୁରୁତ୍ୱ ଦିଆଗଲେ କଳାଧନ ପ୍ରସାର ଓ କାରବାରକୁ ଅନେକାଂଶରେ ରୋକାଯାଇପାରିବ।

ଲେଖିକା ଜଣେ ବରିଷ୍ଠ ସମ୍ବାଦିକା।

# ପରୋକ୍ଷ ଟିକସ ସଂସ୍କାର

## ନଜିବ ଶାହା

କେନ୍ଦ୍ରୀୟ ସୀମା ଶୁଳ୍କ ଓ ଉତ୍ପାଦନ ବୋର୍ଡ (ସିବିଇସି) ଇତି ମଧ୍ୟରେ ବାଣିଜ୍ୟ ପ୍ରୋତ୍ସାହନ ପାଇଁ ସିଙ୍ଗଲ ଉଇଣ୍ଡୋ ଇଣ୍ଟରଫେସ୍ (ସୁଇଫ୍ଟ) ବ୍ୟବସ୍ଥା ୨୦୧୬ ଏପ୍ରିଲ ପହିଲାରୁ ଆରମ୍ଭ କରିଛନ୍ତି । ଏହାଦ୍ୱାରା ଇଲେକ୍‌ଟ୍ରୋନିକ ବ୍ୟବସ୍ଥାରେ ବ୍ୟବସାୟୀ ବା ପୁଞ୍ଜିନିବେଶକାରୀ ଗୋଟିଏ ସ୍ଥାନରେ ନିଜର କାଗଜାତ୍ ଦାଖଲ କରି ଅନୁମତି ଲାଭ କରୁଛନ୍ତି । ସେମାନଙ୍କୁ ଆଉ ବିଭିନ୍ନ ଦପ୍ତରକୁ ଦୌଡ଼ି ହଇରାଣ ହରକତ ହେବାକୁ ପଡୁନାହିଁ । ଅନଲାଇନ୍ ବ୍ୟବସ୍ଥାରେ ବ୍ୟବସାୟୀ ଓ ପୁଞ୍ଜିନିବେଶକାରୀ ନିଜ ନିଜର ପ୍ରସ୍ତାବିତ ବ୍ୟବସାୟ ବା ପ୍ରକଳ୍ପ ପାଇଁ ସୁବିଧାରେ କ୍ଲିୟରାନ୍ସ ପାଇପାରୁଛନ୍ତି ।

**ଦେଶ** ଗଠନରେ ଉଭୟ ପ୍ରତ୍ୟେକ୍ଷ ଓ ପରୋକ୍ଷ ଟିକସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ପରୋକ୍ଷ ଟିକସ ବା କର ସଂକ୍ରାନ୍ତ ନୀତି ନିର୍ଦ୍ଧାରଣ, ଏହାର ପ୍ରୟୋଗ ଓ ଅନ୍ୟାନ୍ୟ କଥା ବୁଝିବାକୁ କେନ୍ଦ୍ରୀୟ ଉତ୍ପାଦନ ଓ ସୀମାଶୁଳ୍କ ବୋର୍ଡ ସିବିଇସି ନାମରେ ଏକ ବୈଧାନିକ ସଂସ୍ଥା ରହିଛି । ୧୯୬୩ ରାଜସ୍ୱ ଆଇନର ଧାରା ୫୪ ଅନୁସାରେ ଏହା ଗଠିତ । ଏହି ବୋର୍ଡର ନୀତି ଓ ଆଇନଗତ ବ୍ୟବସ୍ଥା ବଳରେ ପରୋକ୍ଷ କର ଲାଗୁ କରାଯିବା ସହିତ ତାହାକୁ ଆଦାୟ କରାଯାଇଥାଏ । ସୀମା ବା ବହିଃଶୁଳ୍କ, କେନ୍ଦ୍ରୀୟ ଉତ୍ପାଦନ କର, ସେବା କର ଆଦି ଏହି ପରୋକ୍ଷ ଟିକସର ଅନ୍ତର୍ଭୁକ୍ତ । ଦେଶର ବିକାଶରେ ରାଜସ୍ୱ ଆଦାୟର ଭୂମିକାକୁ ସରକାର ସ୍ୱୀକାର କରୁଥିବାବେଳେ ଏହି ଟିକସ ନୀତି ଯେପରି ଏକ ପ୍ରତିଦ୍ୱନ୍ଦ୍ୱିତାମୂଳକ ଆକଳନ ସାଧ୍ୟ, ସ୍ୱଚ୍ଛ ଓ ସହଜ ହୋଇପାରିବ ସେଭଳି ପରିବେଶ ସୃଷ୍ଟି ଉପରେ ଗୁରୁତ୍ୱ ଦେଉଛନ୍ତି । ସରକାରଙ୍କ 'ର୍‌ୟାପିଡ୍' ନୀତି (ରେଭେନ୍ୟୁ, ଆକାଉଣ୍ଟେ ବିଲିଟି, ପ୍ରବିଟି, ଇନଫରମେଶନ, ଡିଜିଟାଇଜେସନ) ଆଧାରରେ ସିବିଇସି ପକ୍ଷରୁ ଭାରତରେ ବେପାରବଣିଜ କିପରି ସୁବିଧାରେ ହୋଇପାରିବ ସେ ନେଇ ନାନା ପ୍ରକାର ପ୍ରୟାସ ଆରମ୍ଭ କରାଯାଇଛି । ଏଥିରେ ଟିକସ ନିୟମକାନୁନ କୋହଳ କରାଯିବା ସହିତ ଉତ୍ପାଦନକାରୀ, ଆମଦାନୀକାରୀ, ରପ୍ତାନିକାରୀ ଆଦିଙ୍କର ଆପତ୍ତି ଅଭିଯୋଗ ଶୁଣାଯାଇ ତାହା ସମାଧାନ କରାଯାଉଛି । ଏହି ପ୍ରୟାସ ଏକ ଅସୁବିଧାମୁକ୍ତ ଓ ପ୍ରୋତ୍ସାହନକାରୀ ଟିକସ ବ୍ୟବସ୍ଥା ସୃଷ୍ଟିରେ ସହାୟକ ହୋଇପାରିବ ।

୨୦୧୫-୧୬ରେ ଟିକସ ସଂଗ୍ରହ ବ୍ୟବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଘଟିଛି । ପରୋକ୍ଷ କର ସଂଗ୍ରହରେ ଅଭିବୃଦ୍ଧି ଯୋଗୁଁ ମୋଟ ଘରୋଇ ଆୟରେ ଏହାର ଅଂଶ ୫.୨ ଶତାଂଶକୁ ବଢ଼ିଛି । ୨୦୧୪-୧୫ରେ ଏହି ଅଂଶଥିଲା ୪.୪ ଶତାଂଶ । ୨୦୧୬-୧୭ରେ ଏହା ୫.୨୦ ଶତାଂଶରେ ପହଞ୍ଚିବ ବୋଲି ଆକଳନ କରାଯାଇଛି । ୨୦୧୫-୧୬ ଆର୍ଥିକ ବର୍ଷରେ ସିବିଇସି ପରୋକ୍ଷ କର ବାବଦରେ ୭.୦୯ ଲକ୍ଷ କୋଟି ଟଙ୍କା ଆଦାୟ କରିଥିଲା । ଏହା ଆଦାୟ କ୍ଷେତ୍ରରେ ୩୧ ଶତାଂଶ ଅଭିବୃଦ୍ଧି । ଚଳିତ ଆର୍ଥିକ ବର୍ଷରେ ୭.୭୮ ଲକ୍ଷ କୋଟିଟଙ୍କା ପରୋକ୍ଷ ଟିକସ ଆଦାୟର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

**ମେକ୍‌ଇନ୍ ଇଣ୍ଡିଆ :** ଗତ ଅଢ଼େଇ ବର୍ଷ ମଧ୍ୟରେ ସିବିଇସି ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି । ସେଥିମଧ୍ୟରୁ ମେକଇନ୍ ଇଣ୍ଡିଆ ଅନ୍ୟତମ । ଏହି କାର୍ଯ୍ୟକ୍ରମରେ ଦେଶର ଘରୋଇ ଉଦ୍ୟୋଗକୁ ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ ପାଇଁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ଏସବୁ ପ୍ରତିରକ୍ଷା ସାମଗ୍ରୀ ଯୋଗାଣ ଉପରୁ ସୀମାଶୁଳ୍କ ଓ କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ଉଚ୍ଛେଦ କରାଯାଇଛି । ସେହିଭଳି ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକାରୀ ରାଷ୍ଟ୍ରାୟତ୍ତ ସଂସ୍ଥା ଓ ଅସ୍ତ୍ର ନିର୍ମାଣକାରୀ ବୋର୍ଡ ଉପରୁ କେନ୍ଦ୍ରୀୟ

ଉତ୍ପାଦନ ଶୁଳ୍କ ଉଠାଇ ଦିଆଯାଇଛି ।

**ଜିଏସ୍‌ଟି ପ୍ରଚଳନ ପାଇଁ ପ୍ରସ୍ତୁତି :**

ସେହିଭଳି ସମଗ୍ର ଦେଶରେ ଏକପ୍ରକାର ସେବା ଓ ଦ୍ରବ୍ୟ କର (ଜିଏସ୍‌ଟି) ପ୍ରବର୍ତ୍ତନ ପାଇଁ ସିବିଇସି ପକ୍ଷରୁ କେତେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ସେଥିମଧ୍ୟରୁ ଗହଣା ଉପରେ ଏକ ଶତାଂଶ ଉତ୍ପାଦନ ଶୁଳ୍କ (ଇନ୍‌ପୁଟ ଟ୍ୟାକ୍ସ କ୍ରେଡିଟ ବ୍ୟତୀତ) ଲଗାଯାଇଛି । ଅନେକ ପ୍ରକାର ଟିକସ ବ୍ୟବସ୍ଥା ପ୍ରଚଳନକୁ ହ୍ରାସ କରିବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଲାଗୁ ହୋଇଥିବା ସେସ୍ ବା ଉପକରକୁ ଉଚ୍ଛେଦ କରାଯାଇଛି । ଏସବୁ କରର ହାନିଲାଭ ରାଜସ୍ୱ ବିଭାଗ ବୁଝିଆସୁଥିଲା । ସେହଭଳି ଉତ୍ପାଦନ କର ଲାଗୁ ହେଉଥିବା ସାମଗ୍ରୀ ଓ ଟିକସ ଯୋଗ୍ୟ ସେବା ଉପରୁ ଶିକ୍ଷା ଉପରେ (ସେସ୍)କୁ ଉଠାଇ ଦିଆଯାଇଛି । କେବଳ ଟିକସ ମୁକ୍ତ ତାଲିକାରେ ଥିବା କେତେକ କ୍ଷେତ୍ରକୁ ଛାଡ଼ି ଆଉ ଯେଉଁ ସବୁ ବ୍ୟବସାୟ କ୍ଷେତ୍ରକୁ ସରକାର ବା ସ୍ଥାନୀୟ କର୍ତ୍ତୃପକ୍ଷ ସେବା ପ୍ରଦାନ କରୁଛନ୍ତି ତା' ଉପରେ ସେବା କର ଲାଗୁ କରାଯାଇଛି ।

**ବ୍ୟବସାୟ କାରବାରକୁ ସହଜ କରିବା ପ୍ରୟାସ :** ନିବେଶକାରୀଙ୍କ ପାଇଁ ଭାରତରେ ବ୍ୟବସାୟ ବାଣିଜ୍ୟକୁ ସହଜ କରିବାର ପରିବେଶ ସୃଷ୍ଟି କରାଯାଇଛି । ତଦନୁସାରେ ଦେଶର ସବୁ ପ୍ରମୁଖ ବନ୍ଦର ଓ ବିମାନବନ୍ଦରରେ ଥିବା ବହିଃଶୁଳ୍କ କେନ୍ଦ୍ରରେ କଷ୍ଟମ କ୍ଲିୟରାନ୍ସ ଫାସିଲିଟେସନ କମିଟି ଗଠନ କରାଯାଇଛି । ଏହି କମିଟି କଷ୍ଟମ କ୍ଲିୟରାନ୍ସ ଭିତ୍ତିଭୂମି କ୍ଷେତ୍ର, ସାମଗ୍ରୀ ଆମଦାନୀ ରପ୍ତାନୀ ଆଦି ବ୍ୟବସ୍ଥାରେ ଥିବା ଜଟିଳ ବ୍ୟବସ୍ଥାକୁ ପରିହାର କରି ଏହାକୁ ଅଧିକ ସରଳ ଓ ସହଜ କରିଛନ୍ତି ।

କେନ୍ଦ୍ରୀୟ ସୀମା ଶୁଳ୍କ ଓ ଉତ୍ପାଦନ ବୋର୍ଡ (ସିବିଇସି) ଇତି ମଧ୍ୟରେ ବାଣିଜ୍ୟ ପ୍ରୋତ୍ସାହନ ପାଇଁ ସିଙ୍ଗଲ ଉଇଣ୍ଡୋ ଇଣ୍ଟରଫେସ୍ (ସୁଇଫ୍ଟ) ବ୍ୟବସ୍ଥା ୨୦୧୬ ଏପ୍ରିଲ ପହିଲାରୁ ଆରମ୍ଭ କରିଛନ୍ତି । ଏହାଦ୍ୱାରା ଇଲେକ୍‌ଟ୍ରୋନିକ ବ୍ୟବସ୍ଥାରେ ବ୍ୟବସାୟୀ ବା ପୁଞ୍ଜିନିବେଶକାରୀ ଗୋଟିଏ ସ୍ଥାନରେ ନିଜର କାଗଜାତ୍ ଦାଖଲ କରି ଅନୁମତି ଲାଭ କରୁଛନ୍ତି । ସେମାନଙ୍କୁ ଆଉ ବିଭିନ୍ନ ଦପ୍ତରକୁ ଦୌଡ଼ି ହଇରାଣ ହରକତ ହେବାକୁ ପଡୁନାହିଁ । ଅନଲାଇନ୍ ବ୍ୟବସ୍ଥାରେ ବ୍ୟବସାୟୀ ଓ ପୁଞ୍ଜିନିବେଶକାରୀ ନିଜ ନିଜର ପ୍ରସ୍ତାବିତ ବ୍ୟବସାୟ ବା ପ୍ରକଳ୍ପ ପାଇଁ ସୁବିଧାରେ କ୍ଲିୟରାନ୍ସ ପାଇପାରୁଛନ୍ତି । ବ୍ୟକ୍ତିଗତ ଭାବେ ହାଜର ହୋଇ ଦସ୍ତଖତ କରିବା ଓ କାଗଜପତ୍ର ଦାଖଲ କରିବା ଭଳି ସମୟସାପେକ୍ଷ ଓ ବିରକ୍ତି କର ବ୍ୟବସ୍ଥାର ଅବସାନ ଘଟାଇ ଏଣିକି ଡିଜିଟାଲ ଦସ୍ତଖତ ଥିବା କାଗଜପତ୍ର ଗ୍ରହଣକୁ ଅଗ୍ରାଧିକାର ଦିଆଯାଉଛି । ସବୁ ରପ୍ତାନୀ ଓ ଆମଦାନୀକାରୀ, ଜାହାଜ ଚଳାଚଳକାରୀ ସଂସ୍ଥା, ବିମାନ ପରିବହନକାରୀ ସଂସ୍ଥା ନିଜ ନିଜର କଷ୍ଟମ କାଗଜପତ୍ର ଡିଜିଟାଲ ଦସ୍ତଖତ ମାଧ୍ୟମରେ ଦାଖଲ କରିବାକୁ ୨୦୧୬ ଜାନୁୟାରୀ ପହିଲାରୁ ସିବିଇସି ନିର୍ଦ୍ଦେଶ ଜାରି କରିଛି ।

ନିର୍ଦ୍ଦିଷ୍ଟ କେତେକ ଶ୍ରେଣୀର ରପ୍ତାନୀ ଓ ଆମଦାନୀକାରୀଙ୍କ ପାଇଁ ଶୁଳ୍କ ପୈଠ ବ୍ୟବସ୍ଥାକୁ ପରବର୍ତ୍ତୀକାଳରେ କରିବାର ସୁଯୋଗ ଦିଆଯାଇଛି । ଏହି ବ୍ୟବସ୍ଥାରେ ଶୁଳ୍କ ପୈଠ ନ'କରି ମଧ୍ୟ ସଂପୃକ୍ତ ସଂସ୍ଥାଙ୍କର ଜିନିଷପତ୍ରକୁ ବୋଝେଇ ଖଲାସ କରିହେବ ଓ ତାହା ଆଉ ଅଟକି ରହିବ ନାହିଁ । ଏହା ବ୍ୟବସାୟ ବାଣିଜ୍ୟ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ । ଏହାଛଡ଼ା ଦେଶର ୧୯ଟି ବନ୍ଦର ଓ ୧୭ ବିମାନ ବନ୍ଦରରେ ୨୪ ଘଣ୍ଟିଆ କଷ୍ଟମ କ୍ଲିୟରାନ୍ସ ବ୍ୟବସ୍ଥା କରାଯାଇଛି । ଏହାଛଡ଼ା ଉତ୍ପାଦନ ଶୁଳ୍କ ଓ ସେବା ଟିକସ ଫେରସ୍ତ ଏବଂ ରିଆତି ପାଇଁ ଇ-ପେମେଣ୍ଟ ବ୍ୟବସ୍ଥା କରାଯାଇଥିବା ବେଳେ ଉତ୍ପାଦନକାରୀଙ୍କ କେନ୍ଦ୍ର ଉତ୍ପାଦନ ଟିକସ ରିଟର୍ଣ୍ଣ ଫାଇଲ ସଂଖ୍ୟା ୨୭ରୁ ୧୩କୁ ହ୍ରାସ କରାଯାଇଛି । ଋଣ ଯୋଗାଣ ବୃଦ୍ଧି ଏବଂ ବିବାଦହ୍ରାସ ନିମନ୍ତେ କେନ୍ଦ୍ରୀୟ ଭାଟ୍ କ୍ରେଡିଟ୍ ନିୟମକୁ ସଂଶୋଧନ କରାଯିବା ସହିତ ପଞ୍ଜିକୃତ ଡିଲରମାନଙ୍କୁ ବିକ୍ରେତାଙ୍କଠାରୁ ଜିନିଷପତ୍ର ନେଇ ସିଧାସଳଖ କ୍ରେତାଙ୍କ ପାଖରେ ପହଞ୍ଚାଇବାର ସୁବିଧା ମିଳିଛି । ଜବ୍ ୱାର୍କରଙ୍କ ପାଇଁ ଅନୁରୂପ ସୁବିଧା କରାଯାଇଛି । ଏହା ସାଙ୍ଗକୁ ଇନ୍‌ପୁଟ ଓ ଇନ୍‌ପୁଟ ସେବାରେ କେନ୍ଦ୍ରୀୟ ମୂଲ୍ୟ ମିଶ୍ରିତ କର (ସେନ୍‌ଭ୍ୟାଟ୍) ଉପରେ ରିଆତି ନେବାର ସମୟକୁ ଛ'ମାସରୁ ଏକବର୍ଷକୁ ବଢ଼ାଇ ଦିଆଯାଇଛି । ସିଏଜିଙ୍କ ଦ୍ୱାରା ଉତ୍‌ଥାପିତ ଆପତ୍ତି ଅଭିଯୋଗର ଶୁଣାଣି ବ୍ୟବସ୍ଥାକୁ ସରଳ କରାଯିବା ସହ ସେଗୁଡ଼ିକର ତ୍ୱରିତ ଶୁଣାଣି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଛି । ତେବେ ଯେଉଁ କ୍ଷେତ୍ରରେ ରାଜସ୍ୱ ସହ ବିବାଦର କୌଣସି ତାଳମେଳ ନଥିବ ସେଠାରେ ପକ୍ଷଙ୍କ ବିରୋଧରେ କୌଣସି ନୋଟିସ ଜାରି ନ କରିବାକୁ ସ୍ଥିର ହୋଇଛି । ପରୋକ୍ଷ ଟିକସ ବ୍ୟବସ୍ଥାକୁ ଟିକସଦାତାଙ୍କ ଅନୁକୂଳ କରିବା ପାଇଁ ଏସବୁ ପଦକ୍ଷେପ ଗ୍ରହଣ କରାଯାଇଛି । ଅଡିଟରେ ଉତ୍‌ଥାପିତ ଆପତ୍ତି ଅଭିଯୋଗର ଶୁଣାଣି ଶୀଘ୍ର ଶେଷ କରି ପକ୍ଷଙ୍କୁ ଉପଯୁକ୍ତ ନ୍ୟାୟ ଦେବାକୁ ସରକାର ସବୁମନ୍ତେ ଉଦ୍ୟମ କରୁଛନ୍ତି । ସେହିଭଳି ସେବା ପ୍ରଦାନକାରୀଙ୍କୁ ଆଗୁଆ ଅଧିକ ଜମା କରାଯାଇଥିବା ଟିକସର ୮୦ ଶତାଂଶ ୫ଦିନ ମଧ୍ୟରେ ଫେରାଯାଉଛି ।

**ବିବାଦ ସମାଧାନ ବ୍ୟବସ୍ଥା :** ଟିକସ ଭରଣାକୁ ସହଜ କରିବା ସହିତ ତୁରନ୍ତ ବିବାଦ ସମାଧାନ ପାଇଁ ସୀମାଶୁଳ୍କ, କେନ୍ଦ୍ରୀୟ ଉତ୍ପାଦନ କର ଓ ସେବା କର ଉପରେ ଜୋରିମାନା ନିୟମକୁ ଯୁକ୍ତିଯୁକ୍ତ ଓ ସରଳ କରାଯାଇଛି । ସର୍ବୋଚ୍ଚ ଅଦାଲତଙ୍କର ଯେଉଁ ସବୁ ମାମଲାରେ ରାୟ ବା ନିର୍ଦ୍ଦେଶ ରହିଛି ଅନୁରୂପ ମାମଲାରେ ସଂପୃକ୍ତ ପକ୍ଷଙ୍କ ବିରୋଧରେ ହାଇକୋର୍ଟ ଓ 'ସେସ୍‌ଟାଟ୍'ରେ

ଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି। ଏସବୁ ମାମଲାକୁ ମଧ୍ୟ ପୁନଃ ସମୀକ୍ଷା ପରିସରରୁ ବାଦ ଦେବାକୁ ବିଚାର କରାଯାଉଛି। ସେହଭଳି ଯେଉଁସବୁ ଟିକସ ମାମଲାକୁ ହାଇକୋର୍ଟ କିମ୍ବା ସେସ୍‌ଟାଟ୍ (ଟିକସ ଟ୍ରାଇବୁନାଲ)କୁ ପଠାଇବାର ବ୍ୟବସ୍ଥା ହୋଇଛି ସେଥିରେ ସର୍ବନିମ୍ନ ଟିକସ ପରିମାଣକୁ ୧୦ ରୁ ୧୫ ଲକ୍ଷ ଟଙ୍କାକୁ ବଢ଼ାଇ ଦିଆଯାଇଛି। ଅର୍ଥାତ୍ ୧୫ଲକ୍ଷ ବା ତା' ଠାରୁ ଉର୍ଦ୍ଧ୍ୱ ଟିକସ ବିବାଦଗୁଡ଼ିକ ଏଣିକି ନ୍ୟାୟାଳୟକୁ ଯିବ। ତଦନୁସାରେ ହାଇକୋର୍ଟରେ ଥିବା ୨୦୫୧ଟି ଏବଂ ଟ୍ରାଇବୁନାଲରେ ଥିବା ୫୨୬୧ଟି ମାମଲାକୁ ସ୍ୱଳ୍ପ ଟିକସ ପରିମାଣ ଦୃଷ୍ଟିରୁ ସରକାର ପ୍ରତ୍ୟାହାର କରିବାକୁ ନିଷ୍ପତ୍ତି ନେଇଛନ୍ତି।

ପାଞ୍ଚଲକ୍ଷ ଟଙ୍କା ପର୍ଯ୍ୟନ୍ତ ପନ୍ଦର ବର୍ଷର ପୁରୁଣା ଟିକସ ମାମଲାରେ ଦଣ୍ଡବିଧାନ ପାଇଁ ଯେଉଁ ସବୁ ମାମଲା ଅଦାଲତରେ ଚାଲିଛି ତାହାକୁ ମଧ୍ୟ ପ୍ରତ୍ୟାହାର କରିବାକୁ ସ୍ଥିର ହୋଇଛି। ଯେଉଁ କ୍ଷେତ୍ରରେ ଟିକସ ଠକେଇ ପରିମାଣ ୫୦ଲକ୍ଷ ଟଙ୍କାରୁ ଅଧିକ ସେ କ୍ଷେତ୍ରରେ ପ୍ରଧାନ ଆୟକର କମିଶନର / କମିଶନର କାରଣ ଦର୍ଶାଅ ନୋଟିସ ଜାରି କରିବା ପୂର୍ବରୁ ପକ୍ଷଙ୍କ ସହ ପରାମର୍ଶ କରିବାର ବ୍ୟବସ୍ଥା ହୋଇଛି। କ୍ରମାଗତ ଭାବେ ସିବିଇସି ଦ୍ୱିତୀୟ ବର୍ଷ ପାଇଁ ଟିକସ ଦାତାଙ୍କ ଅନୁଭୂତି ସମ୍ପର୍କରେ ସର୍ଭେ କରୁଛନ୍ତି। ଏଥିରେ ପିଂକି ଓ କେଏମ୍‌ପିଜି ସହଯୋଗ କରୁଛି। ଏହି ସର୍ଭେ କାଳରେ ଟିକସ ସଂସ୍କାର ସମ୍ପର୍କରେ ଗ୍ରହଣ କରାଯାଇଥିବା ଉପରୋକ୍ତ କାର୍ଯ୍ୟକ୍ରମଗୁଡ଼ିକୁ ୭୦% ଟିକସଦାତା ଗଠନମୂଳକ ଓ ଉଦାରବାଦୀ ବୋଲି କହିଛନ୍ତି। ବିଶେଷତଃ ସାମଗ୍ରୀ ଆମଦାନୀ ରପ୍ତାନୀ ବ୍ୟବସ୍ଥାରେ ଥିବା ପ୍ରତିବନ୍ଧକଗୁଡ଼ିକ ଦୂର କରାଯିବା ସହିତ ଟିକସ ସରଳ କରାଯାଇଥିବାରୁ ଉଭୟ ସମୟ ଓ ଅର୍ଥ ଅପଚୟ ରୋକାଯାଇ ପାରିଛି ବୋଲି ସର୍ଭେରୁ ଜଣାପଡ଼ିଛି। ଏହାର ଅନୁକୂଳ ପ୍ରଭାବ ମଧ୍ୟ ଦେଶର ଲଜିଷ୍ଟିକ ପରଫରମାନ୍ସ ଇଣ୍ଡେକ୍ସ ଏଲ୍‌ପିଆଇ ଉପରେ ପଡ଼ିଛି ଏବଂ ଭାରତର ପାହ୍ୟା ବିଶ୍ୱବ୍ୟାଙ୍କର ଏହି ତାଲିକାରେ ଉପରକୁ ଉଠିଛି। ଏହି ତାଲିକାରେ ଭାରତ ୨୦୧୪ ରେ ୬୫ରେ ଥିବା ବେଳେ ୨୦୧୬ରେ ୩୮ ପାହାଚ ଉପରକୁ ଉଠି ୨୭ରେ ପହଞ୍ଚିଛି।

**ଦ୍ରବ୍ୟ ଓ ସେବା କର :** ଏବେ ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ ଦ୍ରବ୍ୟ ଓ ସେବା କର ବା ଜିଏସ୍‌ଟି ସବୁଠୁ ଅଧିକ ଚର୍ଚ୍ଚିତ ବିଷୟ ହୋଇଛି। ଏହି ଟିକସ ବ୍ୟବସ୍ଥା ଅର୍ଥନୀତିଜ୍ଞ, ଶିଳ୍ପୋଦ୍ୟୋଗୀ ଓ ସରକାର ସମସ୍ତଙ୍କ ପରିକଳ୍ପନାକୁ ଆଚ୍ଛାଦିତ କରିଛି। ୨୦୦୬ରେ ତତ୍‌କାଳୀନ ଅର୍ଥମନ୍ତ୍ରୀଙ୍କ ବଜେଟ ଭାଷଣରେ ଭାରତରେ ଜିଏସ୍‌ଟି ପ୍ରବର୍ତ୍ତନର ପ୍ରଥମ ସଂଦେଶ ମିଳିଥିଲା। ଏହାପରେ ଜିଏସ୍‌ଟି ପ୍ରଚଳନ ପାଇଁ ଭାରତରେ କ୍ରମାଗତ ଉଦ୍ୟମ ଜାରି ରହିଥିଲା। ଏହି ପ୍ରୟାସର ପରିସମାପ୍ତି ଘଟିଚି। ଏ ସଂକ୍ରାନ୍ତ ୧୨୨ତମ ସମ୍ବିଧାନ ସଂଶୋଧନ ବିଲ୍ ସଂସଦରେ ଗୃହିତ ହେବା ଦ୍ୱାରା ଏହା ଭାରତରେ ଜିଏସ୍‌ଟି ପ୍ରବର୍ତ୍ତନର ପଥ ପରିଷ୍କାର କରିଦେଇଛି।

**ଜିଏସ୍‌ଟି କାହିଁକି ?**

ଏବେ କେନ୍ଦ୍ର ସରକାର ଉତ୍ପାଦନ କ୍ଷେତ୍ରରେ ବିଭିନ୍ନ ପ୍ରକାର ଟିକସ ଆଦାୟ କରୁଛନ୍ତି। ସେହିଭଳି କେତେକ ଟିକସ କେନ୍ଦ୍ରଦ୍ୱାରା ଲାଗୁହୋଇଥିବାବେଳେ ତାହାର ସଂଗ୍ରହ ଦାୟିତ୍ୱ ବିଭିନ୍ନ ରାଜ୍ୟ ସରକାରଙ୍କ ଉପରେ ନ୍ୟସ୍ତ ହୋଇଛି। ଏହାଛଡ଼ା ରାଜ୍ୟ ସରକାର ବିଭିନ୍ନ ସାମଗ୍ରୀ ଉପରେ ନିଜସ୍ୱ ଟିକସ ଲାଗୁ କରିଥିବା ବେଳେ କେନ୍ଦ୍ରଦ୍ୱାରା ଟିକସ ଲାଗୁ ହୋଇଥିବା ସାମଗ୍ରୀ ଓ ସେବା ଉପରେ ମଧ୍ୟ ଟିକସ (ଭ୍ୟାଟ୍) ବସାଇ ତାହାକୁ ଆଦାୟ କରୁଛନ୍ତି। ଏହାଛଡ଼ା ପ୍ରବେଶ କର, କ୍ରୟ ଟିକସ ଆଦି ଲଗାଯାଉଛି। ଫଳରେ ଟିକସ ଉପରେ ଟିକସ ଲଗାଯାଉଛି। ଏହାର କୁପ୍ରଭାବ ଖାଉଟି, ଉତ୍ପାଦକ ଓ ବ୍ୟବସାୟୀଙ୍କ ଉପରେ ପଡୁଛି। ସବୁଠୁ ଅଧିକ ଟିକସ ବୋଝ ବହନ କରୁଛନ୍ତି ସାଧାରଣ ଖାଉଟି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିନ୍ନଭିନ୍ନ ଟିକସ ବ୍ୟବସ୍ଥାର ପ୍ରଭାବ ଯୋଗାଣ ବ୍ୟବସ୍ଥା ଉପରେ ପଡୁଛି। ଟିକସ ପ୍ରଶାସନରେ ଥିବା ସଂଯୋଗ ଯୋଗୁଁ ଅନେକ ବ୍ୟବସାୟୀ ଓ ଉତ୍ପାଦନକାରୀ ମଧ୍ୟ ପ୍ରଚୁର ଟିକସ ଫାଙ୍କୁଛନ୍ତି। ଏହି ବିବିଧ ଟିକସ ବ୍ୟବସ୍ଥା ସମଗ୍ର ଦେଶକୁ ଏକାଧିକ ଅର୍ଥନୈତିକ ଅଞ୍ଚଳରେ ବିଭକ୍ତ କରୁଛି। ଅକ୍ଟ୍ରାଇ, ପ୍ରବେଶ କର ଭଳି ପ୍ରତିବନ୍ଧକ ଯୋଗୁଁ ତନଖି ଫାଟକଗୁଡ଼ିକ ଦେଇ ରାଜ୍ୟରାଜ୍ୟ ମଧ୍ୟରେ ସାମଗ୍ରୀର ଅବାଧ କାରବାର ବ୍ୟାହତ ହେଉଛି। ବିବିଧ କର ଯୋଗୁଁ ଟିକସଦାତାଙ୍କୁ ନାନାପ୍ରକାର କର ଭରଣା ଓ ରିଟର୍ଣ୍ଣ ଦାଖଲ କରିବାର ଜଞ୍ଜାଳ ମୁଣ୍ଡାଇବାକୁ ହେଉଛି। ମୋଟାମୋଟି କହିଲେ ଭାରତର ପ୍ରଚଳିତ ଟିକସ ବ୍ୟବସ୍ଥା ଏକ ଯୁକ୍ତିଯୁକ୍ତ ଅର୍ଥନୈତିକ କାରଣ ପରିବର୍ତ୍ତେ ଏକ ବ୍ୟବସାୟଭିତ୍ତିକ ଟିକସରାଜର ପରିବେଶ ସୃଷ୍ଟି କରିଛି। ତେଣୁ ଏସବୁର ଅବସାନ ଘଟାଇ ସାରା ଦେଶ ପାଇଁ ଗୋଟିଏ ପ୍ରକାର ଟିକସ ବ୍ୟବସ୍ଥା ସପକ୍ଷରେ ଯୁକ୍ତି ଓ ମତ ପ୍ରକାଶ ପାଉଛି। ଏହାଦ୍ୱାରା ଖାଉଟି, ବ୍ୟବସାୟୀ ଓ ଉତ୍ପାଦକ ସମସ୍ତଙ୍କର ସମସ୍ୟା ଅନେକାଂଶରେ ଦୂର ହେବ। ତେଣୁ ଏ ସମସ୍ତ ଟିକସର ଅବସାନ ଘଟାଇ ଜିଏସ୍‌ଟି ଆକାରରେ ଗୋଟିଏ ଟିକସ ପ୍ରଚଳନ କରାଯିବାକୁ ପ୍ରୟାସ ଚାଲିଛି ଓ ତାହା ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଟିକସ ଦ୍ରବ୍ୟ ଓ ସେବାର ଯୋଗାଣ ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ଲାଗୁ ହେବ। ଅର୍ଥାତ୍ ଉତ୍ପାନକାରୀ ବା ଆମଦାନୀକାରୀଠାରୁ ଖୁଚୁରା ବିକ୍ରି ପ୍ରତ୍ୟେକ ସ୍ତରରେ ଏହା ଲାଗୁହେବାର ବ୍ୟବସ୍ଥା ହୋଇଛି। ପ୍ରସ୍ତାବିତ ଜିଏସ୍‌ଟିକୁ ଦୁଇ ଭାଗରେ ବିଭକ୍ତ କରାଯିବାର ପ୍ରସ୍ତାବ ରହିଛି। ଗୋଟିଏ କେନ୍ଦ୍ର ଦ୍ୱାରା ଲାଗୁ ହେବ ଯାହା କେନ୍ଦ୍ରୀୟ ଜିଏସ୍‌ଟି ଏବଂ ଅନ୍ୟଟି

ପ୍ରଦେଶମାନଙ୍କଦ୍ୱାରା ଲାଗୁ କରାଯିବ ଯାହା ପ୍ରାଦେଶିକ ଜିଏସ୍‌ଟି ଭାବେ ପରିଗଣିତ ହେବ। ଏହା ବାଦ୍ ସାମଗ୍ରୀ ଓ ସେବାର ଆନ୍ତଃରାଜ୍ୟ କାରବାର କ୍ଷେତ୍ରରେ କେନ୍ଦ୍ର ସରକାର ଏକ ସମନ୍ୱିତ ଜିଏସ୍‌ଟି ଲାଗୁ କରିବାର ପରିକଳ୍ପନା ରହିଛି।

**ଜିଏସ୍‌ଟିର ସୁବିଧା :** ଜିଏସ୍‌ଟି ପ୍ରଚଳନ ଦ୍ୱାରା ଯେଉଁ ସୁବିଧା ହେବ ତାହାକୁ କ ଓ ଖ ନାମରେ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। 'କ' ବିଭାଗରେ ହେବାକୁ ଥିବା ସୁବିଧାଗୁଡ଼ିକ ହେଲା –

– ଏହାଦ୍ୱାରା ଏକ ସାଧାରଣ ଏକକ ବଜାର ସାରା ଦେଶରେ ସୃଷ୍ଟି ହେବ। ଏହା ବିଦେଶୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ସହ 'ମେକ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମକୁ ସଫଳ କରିବ।

– ଏହା ଟିକସର ସ୍ତରୀକୃତ ବୋଝକୁ ଦୂର କରିବ। ଯୋଗାଣ ବ୍ୟବସ୍ଥାର ପ୍ରତ୍ୟେକ ସ୍ତରରେ ଇନ୍‌ପୁଟ ଟିକସ କ୍ରେଡିଟର ସୁବିଧା ମିଳିବ। ଅର୍ଥାତ୍ ଟିକସ ଗୋଟିଏ ବର୍ଗ (ଖାଉଟି) ଉପରେ ନ' ପଡ଼ି ବାଣ୍ଟି ହୋଇଯିବ।

– ଟିକସ ଆଇନରେ ସଂହତି ଆସିବ ଏବଂ ଟିକସ ହାର ସରଳ ଓ ଯୁକ୍ତିଯୁକ୍ତ ହେବ।

– ଟିକସ ରିଟର୍ଣ୍ଣ ବ୍ୟବସ୍ଥା ଅଧିକ ସରଳ ଓ ସୁବିଧାଜନକ ହେବ। ଟିକସଦାତା ଇ ଫାଇଲିଙ୍ଗ୍ ବ୍ୟବସ୍ଥାରେ ଅନ୍‌ଲାଇନ୍ ଏହା କରିପାରିବେ ଏବଂ ଆବଶ୍ୟକ ତଥ୍ୟ ସେମାନେ ସହଜରେ ପାଇବେ। ସରଳ ବ୍ୟବସ୍ଥା ଯୋଗୁଁ ଅଧିକ ଲୋକ ଟିକସ ପରିସରକୁ ଆସିବାକୁ ଆଗ୍ରହୀ ହେବେ।

– ଏହା ଟିକସ ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଝାମେଲାମୁକ୍ତ କରିବ ଓ ଇନ୍‌ଭଏସ୍ ସପିଂକୁ ନିରୁତ୍ସାହିତ କରିବ।

– ଟିକସଦାତାଙ୍କ ପଞ୍ଜିକରଣର ସାଧାରଣ ସରଳ ବ୍ୟବସ୍ଥା, ରିଫଣ୍ଡ, ଟ୍ୟାକ୍ସ ରିଟର୍ଣ୍ଣ, ଏକକ ଟିକସ ହାର, ସମସ୍ତଙ୍କ ପାଇଁ ଗୋଟିଏ ଢାଞ୍ଚା, ଜିନିଷପତ୍ରର ବର୍ଗୀକରଣ ଟିକସ ବ୍ୟବସ୍ଥାକୁ ଅଧିକ ସୁସଂହତ କରିବ।

– ଏ କ୍ଷେତ୍ରରେ ଆଇଟିର ଅଧିକ ଉପଯୋଗ ମାନବୀୟ ହସ୍ତକ୍ଷେପକୁ କମାଇବ। ଟିକସଦାତା ଓ ଅଦାୟକାରୀଙ୍କର ପ୍ରତ୍ୟେକ୍ଷ ସମ୍ପର୍କ ହ୍ରାସ ପାଇବାରୁ ଦୁର୍ନୀତି କମିଯିବ।

– ଏହା ସାମଗ୍ରୀ ଓ ସେବା ଆମଦାନୀକୁ ଅଧିକ ସରଳ ଓ ତ୍ୱରିତ କରିବ ଏବଂ ବିଶ୍ୱବାଣିଜ୍ୟ ରାଜିନାମା ଅନୁସାରେ ଆମଦାନୀ ବ୍ୟବସ୍ଥାକୁ ସ୍ୱଚ୍ଛ ତଥା ଦକ୍ଷ କରିବ।

– ଏହାଦ୍ୱାରା ରପ୍ତାନୀ ବଢ଼ିବ, ମାନୁଫାକଚରିଂ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଫଳରେ ନିଯୁକ୍ତି ପରିସର ବଢ଼ିବ ଏବଂ ଅର୍ଥନୀତି ସୁଦୃଢ଼ ହେବା ସହ ଭାରତର ଜାତୀୟ ଆୟ ବୃଦ୍ଧି ପାଇବ।

– ପରିଶେଷରେ ଏହା ଦାରିଦ୍ର୍ୟ ଦୂରୀକରଣରେ ସହାୟକ ହେବ। ଅଧିକ ନିଯୁକ୍ତି ସୃଷ୍ଟି କରିବା ସହ ଆର୍ଥିକ ସମ୍ବଳ ବୃଦ୍ଧି ପାଇବ।

'ଖ' ବିଭାଗରେ ଜିଏସ୍‌ଟିର ସୁବିଧା ବାଣିଜ୍ୟ ଓ ଉଦ୍ୟୋଗ ଉପରେ ନିମ୍ନମତେ ପଡ଼ିବ। ସେଗୁଡ଼ିକ ହେଲା –

– ଅଳ୍ପ ଜିନିଷ କର ବ୍ୟବସ୍ଥାରୁ ମୁକ୍ତ ହେବ ଏବଂ ଟିକସ ବ୍ୟବସ୍ଥା ଅଧିକ ସରଳ ହେବ।

– ପ୍ରଚଳିତ ପରୋକ୍ଷ ଟିକସ ବ୍ୟବସ୍ଥାରେ ଥିବା ବହୁ ପ୍ରକାର ଟିକସର ଅବସାନ ଘଟି ଏବେ ସରଳ ଓ ଏକକ ଟିକସ ବ୍ୟବସ୍ଥା ସୃଷ୍ଟି ହେବ।

– ବିଭିନ୍ନ ସ୍ତରରେ ଟିକସ ରିଆତି ବା ଇନ୍‌ପୁଟ୍ ଟିକସ କ୍ରେଡିଟ ବ୍ୟବସ୍ଥାର ପ୍ରଚଳନ ଯୋଗୁଁ ସ୍ତରୀକୃତ ଟିକସ ବୋଝ ହ୍ରାସ ପାଇବ। ତେଣୁ ଉତ୍ପାଦନ, ବିକ୍ରେତା ଓ କ୍ରେତା ସମସ୍ତେ ଉପକୃତ ହେବେ।

– କର ପରିମାଣ ହ୍ରାସ ସହ ଟିକସ ପ୍ରଦାନର ଝାମେଲା କମିବ। ଏଥିପାଇଁ ନାନା ପ୍ରକାର ରେକର୍ଡ ଓ ତଥ୍ୟାବଳୀ ରଖିବାର ଜଞ୍ଜାଳ ରହିବ ନାହିଁ। ଏହାଦ୍ୱାରା ଉଭୟ ଶ୍ରମ ଓ ଅର୍ଥ ସଂଚିତ ହେବ।

– ଟିକସ ପରିମାଣ ସ୍ୱଳ୍ପ ଓ ଯୁକ୍ତିଯୁକ୍ତ ହେଲେ ଉତ୍ପାଦନ ବଢ଼ିବ ଏବଂ ରପ୍ତାନୀ ବାଣିଜ୍ୟ ପ୍ରୋତ୍ସାହିତ ହେବ। ଫଳରେ ଭାରତୀୟ ସାମଗ୍ରୀ ଆନ୍ତର୍ଜାତିକ ବଜାରରେ ଅଧିକ ପ୍ରତିଯୋଗିତା କରିପାରିବ।

– ସରଳ ଓ ସ୍ୱୟଂକୃତ ବ୍ୟବସ୍ଥା ଦ୍ୱାରା ପଞ୍ଜୀକରଣ, ରିଟର୍ଣ୍ଣ ଦାଖଲ, ରିଫଣ୍ଡ ଏବଂ ଟିକସ ଦାଖଲ ସହଜ ହେବ।

– ଜିଏସ୍‌ଟିଏନ୍ ପୋର୍ଟାଲ ମାଧ୍ୟମରେ ଟିକସ ସଂକ୍ରାନ୍ତ ସବୁ କାର୍ଯ୍ୟ ସୁବିଧାରେ ହେବାଦ୍ୱାରା ଟିକସାତା ଓ ଟିକସ ପ୍ରଶାସନ ମଧ୍ୟରେ ପ୍ରତ୍ୟେକ୍ଷ ସମ୍ପର୍କ ହ୍ରାସ ପାଇବ।

– ଟିକସଦାତାଙ୍କ କଲ୍ୟାଣ ପାଇଁ ଆବଶ୍ୟକ ସମସ୍ତ ତଥ୍ୟାବଳୀ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯୋଗାଇଦିଆଯିବ।

– କମ୍ପାନୀ ସମୂହ ଉପରେ ହାରାହାରି ଟିକସ ବୋଝ କମିଯିବ। ଏହା ଫଳରେ ଜିନିଷପତ୍ରର ମୂଲ୍ୟ କମିବ ଏବଂ କାରବାର ବଢ଼ିବ। ଏହା ଅଧିକ ଉତ୍ପାଦନ ପାଇଁ ସହାୟକ ହେବା ସହ ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେବ। ଫଳରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଉତ୍ପାଦନ କେନ୍ଦ୍ରରେ ପରିଣତ କରିବାର ସ୍ୱପ୍ନ ସାକାର ହୋଇପାରିବ।

ଲେଖକ କେନ୍ଦ୍ର ଉତ୍ପାଦନ ଓ ସିମାଶୁଳ୍କ ପରିଷଦର ଅଧକ୍ଷ।

# ଧାମରାରେ ଗ୍ୟାସ ଟର୍ମିନାଲ : ପୂର୍ବଭାରତ ବିକାଶରେ ଓଡ଼ିଶାକୁ ଗୁରୁତ୍ୱ

## ଅନୁପମ ପ୍ରହରାଜ

ଗ୍ରାମାଞ୍ଚଳ ପରେ ସହରାଞ୍ଚଳରେ ଏହି ସ୍ଥିତି ଯଦିଓ ଅପେକ୍ଷାକୃତ ଅଧିକ ସୁସ୍ଥ ଓ ସ୍ୱଚ୍ଛ; ତଥାପି ଏଦିଗରେ ଆଉ ଏକ ପଦକ୍ଷେପ ନେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଭାରତ ସରକାର। ସବୁଜଘର ପ୍ରଭାବ, କଳକାରଖାନାର ଧୂଆଁ ଓ ଅନ୍ୟାନ୍ୟ କ୍ଷତିକାରକ ବାଷ୍ପର ନିର୍ଗମନ ବାୟୁମଣ୍ଡଳରେ ବଢିବଢି ଚାଲୁଥିବାରୁ ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଘାତକ ପାଲଟିବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ୟାରିସ୍ ଜଳବାୟୁ ସମ୍ମିଳନୀ (କୋପେନହେଗେନ୍) ଜରିଆରେ ସବୁ ବିକାଶଶୀଳ ଓ ବିକଶିତ ରାଷ୍ଟ୍ରଙ୍କୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ୍ ନିର୍ଗମନ ରୋକିବା ଲାଗି ପରାମର୍ଶ ଦିଆଯାଇଛି।

**ରୋ**ଷେଇ ଘର ହେଉଛି ଜଣେ ଗୃହିଣୀଙ୍କ ପାଇଁ ସବୁଠାରୁ ଅଧିକ କର୍ମପ୍ରବଣ ସ୍ଥାନ। କାରଣ ତାଙ୍କ ଜୀବନର ସର୍ବାଧିକ ଅର୍ଥାତ୍ ୭୩ ପ୍ରତିଶତରୁ ଊର୍ଦ୍ଧ୍ୱ ସମୟ କେବଳ ରୋଷେଇ ଘରେ ହିଁ କଟିଥାଏ। ଏକ ଅନୁସନ୍ଧାନରୁ ଏହା ଜଣାପଡିଛି। ଅତଏବ ଗୃହିଣୀଟିଏ ପାଇଁ ରୋଷେଇ ଘର (କିଚେନ୍) ଯେ ସର୍ବାଧିକ ଅବଧିର ବିଚରଣ କ୍ଷେତ୍ର; ଏହା କହିବାରେ ବସ୍ତୁତଃ ଭୁଲ୍ ହେବନି। କାଠ, କୋଇଲା ଚୁଲାରେ ରୋଷେଇ କରି ଥକି ପଡିଥିବା ଗରିବ ମହିଳାଙ୍କ ଦୁଃଖଲାଘବ ପାଇଁ କେନ୍ଦ୍ର ତୈଳ ମନ୍ତ୍ରଣାଳୟ ପକ୍ଷରୁ ଯେଉଁ ଉଜ୍ଜ୍ୱଳା ଯୋଜନା ଚାଲିଛି; ତାହାର ସଫଳତା କ୍ରମଶଃ ଗାଁ ଗହଳିମାନଙ୍କରେ ଦେଖିବାକୁ ମିଳୁଛି। ଦାରିଦ୍ର୍ୟ ସୀମାରେଖା ତଳେ(ବିପିଏଲ) ପରିବାରକୁ ୫ କିଲୋ ସିଲିଣ୍ଡରଯୁକ୍ତ ଗ୍ୟାସ୍ ସିଲିଣ୍ଡର ସହିତ ରନ୍ଧନ ଚୁଲା, ପାଇପ୍ ଓ ରେଗୁଲେଟର ଆଦି କେନ୍ଦ୍ର ସରକାର ମାଗଣାରେ ଯୋଗାଇ ଦେଉଛନ୍ତି। କଳାଧୂଆଁ ଓ ରୋଷେଇ ଘରେ ଅଣନିଃଶ୍ୱାସୀ ହୋଇ ସ୍ୱାସ୍ଥ୍ୟ ସମସ୍ୟା ଭୋଗୁଥିବା ମହିଳାଙ୍କ ପାଇଁ ଏହା ଏକ ନିସ୍ତାରର ବାଟ। ଗ୍ରାମାଞ୍ଚଳର ଗରିବ ଗୃହିଣୀଙ୍କ ଆର୍ଥିକ, ସାମାଜିକ ଓ ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ଉଜ୍ଜ୍ୱଳା ଯୋଜନା ଏକ ବୈପ୍ଳବିକ ପରିବର୍ତ୍ତନ ବୋଲି ଅଧିକନ୍ତୁ କହିହେବ।

ଗ୍ରାମାଞ୍ଚଳ ପରେ ସହରାଞ୍ଚଳରେ ଏହି ସ୍ଥିତି ଯଦିଓ ଅପେକ୍ଷାକୃତ ଅଧିକ ସୁସ୍ଥ ଓ ସ୍ୱଚ୍ଛ; ତଥାପି ଏଦିଗରେ ଆଉ ଏକ ପଦକ୍ଷେପ ନେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଭାରତ ସରକାର। ସବୁଜଘର ପ୍ରଭାବ, କଳକାରଖାନାର ଧୂଆଁ ଓ ଅନ୍ୟାନ୍ୟ କ୍ଷତିକାରକ ବାଷ୍ପର ନିର୍ଗମନ ବାୟୁମଣ୍ଡଳରେ ବଢିବଢି ଚାଲୁଥିବାରୁ ଜଳବାୟୁ ପରିବର୍ତ୍ତନ ଏବେ ସାରା ବିଶ୍ୱ ପାଇଁ ଘାତକ ପାଲଟିବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ପ୍ୟାରିସ୍ ଜଳବାୟୁ ସମ୍ମିଳନୀ (କୋପେନହେଗେନ୍) ଜରିଆରେ ସବୁ ବିକାଶଶୀଳ ଓ ବିକଶିତ ରାଷ୍ଟ୍ରଙ୍କୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ବିଷାକ୍ତ ଗ୍ୟାସ୍ ନିର୍ଗମନ ରୋକିବା ଲାଗି ପରାମର୍ଶ ଦିଆଯାଇଛି। ଭାରତ ମଧ୍ୟ ଏକ ବିକାଶଶୀଳ ରାଷ୍ଟ୍ର ଭାବେ ଏହି ଚୁକ୍ତିରେ ନିଜ ଦାୟିତ୍ୱବୋଧ ଦୃଷ୍ଟିରୁ ଅଙ୍ଗାରକାମ୍ଳ ଗ୍ୟାସ ନିର୍ଗମନ କମାଇବା ପାଇଁ ସହମତ ହୋଇଛି। ଏଦିଗରେ ମଧ୍ୟ କାମ ଆରମ୍ଭ ହୋଇଛି। ପ୍ରଦୂଷଣର କାରଣ ଇନ୍ଧନ। ତେଣୁ ଭାରତୀୟ ବୈଜ୍ଞାନିକମାନେ ମଧ୍ୟ ସ୍ୱଚ୍ଛ ଓ ବିକଳ୍ପ ଇନ୍ଧନ ସନ୍ଧାନରେ ଲାଗିପଡିଛନ୍ତି। ଏଭଳିସ୍ଥିତିରେ ଦିଲ୍ଲୀରେ ସିଏନଜିକୁ ବାଧ୍ୟତାମୂଳକ କରାଯାଉଛି। ଗାଡି ଗୁଡିକରେ ସିଏନଜି ସଂଯୋଗ ଲାଗି ନିୟମ କରାଯାଇଛି। ସର୍ବାଧିକ ପ୍ରଦୂଷଣଯୁକ୍ତ ୧୦୦ ସହର ମଧ୍ୟରେ ଦିଲ୍ଲୀ, ପାଟନା, ଗୋୱାଲିୟର ଓ ରାୟପୁର ତାଲିକାର ପ୍ରଥମ ସ୍ଥାନରେ ଥିବାବେଳେ ଏହା ତଳକୁ ରହିଛି ପାକିସ୍ତାନର ତିନି ସହର କରାଚୀ, ପେଶାୱର ଏବଂ ରାୱଲପିଣ୍ଡି। ତେବେ ଭାରତଠୁ ଅଧିକ ଜନଘନତ୍ୱ ଥିବା ରାଷ୍ଟ୍ର ଚୀନ୍ କିନ୍ତୁ ପ୍ରଦୂଷଣ

କ୍ଷେତ୍ରରେ ଆମଠାରୁ ଭଲ ରହିଛି । ଏବେ ଆସିବା ପ୍ରମୁଖ ପ୍ରସଙ୍ଗକୁ । ଜୀବାଶ୍ମ ଇନ୍ଧନ ଯଦିଓ ସ୍ୱଚ୍ଛ ନୁହେଁ; କିନ୍ତୁ ପାରମ୍ପରିକ ଜାଳେଣିଠାରୁ ଏହା ପରିବେଶର ସେଭଳି କ୍ଷତି ଘଟାଇ ନଥାଏ । ପେଟ୍ରୋଲ ଓ ଡିଜେଲର ଦହନକୁ ବାଦ୍‌ଦେଲେ ପ୍ରାକୃତିକ ଗ୍ୟାସ୍ ଦହନରେ ଅପେକ୍ଷାକୃତ ସ୍ୱଚ୍ଛତା ଥାଏ । ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳ ଗୁଡିକରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ଓ ପରିବହନ ସଂସ୍ଥା ଏବଂ ଘରୋଇ ବ୍ୟବହାର ପାଇଁ ପାଇପ୍ ଲାଇନ୍ ଜରିଆରେ ଗ୍ୟାସ ଯୋଗାଇ ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି । ପ୍ରାରମ୍ଭିକ ଭାବେ ଏନେଇ ଭାରତୀୟ ତୈଳ ନିଗମ ଓ ଗେଲ୍ ଇଣ୍ଡିଆ ମଧ୍ୟରେ ହୋଇଛି ବୁଝାମଣାପତ୍ର ସ୍ୱାକ୍ଷର । ଏଭଳି ଚୁକ୍ତିରୁ ଓଡ଼ିଶା ବିଶେଷ ଲାଭବାନ ହେବା ଆଶା କରାଯାଉଛି ।

ଓଡ଼ିଶା, ବିହାର, ଝାଡ଼ଖଣ୍ଡ. ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ଦେଇ ବିଛାଯିବ ଏହି ଗ୍ୟାସ୍ ପାଇପ୍‌ଲାଇନ୍ । ଏହା ମାଧ୍ୟମରେ ବିଭିନ୍ନ ଶିକ୍ଷାନୁଷ୍ଠାନ, ବାଣିଜ୍ୟିକ ଓ ପରିବହନ ସଂସ୍ଥା ଏବଂ ଘରୋଇ ବ୍ୟବହାର ପାଇଁ ଗ୍ୟାସ ଯୋଗାଇ ଦିଆଯିବ । ଗୁରୁତ୍ୱପୂର୍ଣ୍ଣ ହେଉଛି, ଏହି ପ୍ରକଳ୍ପ ଅଧୀନରେ 'ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ୍' ବା ସହରାଞ୍ଚଳ ଜାଳେଣି ଗ୍ୟାସ୍ ବିତରଣ ନେଟ୍‌ୱର୍କ ସ୍ଥାପନ କରାଯିବ । ଏହାଦ୍ୱାରା ଘରେ ଘରେ ସ୍ୱଚ୍ଛ ଜାଳେଣି ଗ୍ୟାସ୍ ପାଇପ ମାଧ୍ୟମରେ ପହଞ୍ଚାଯିବ । ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଓ ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହିତ ଦେଶର ପାଞ୍ଚଟି ବଡ଼ ସହରରେ ଏହା କାର୍ଯ୍ୟକାରୀ ହେବ । ଏହି ଯୋଜନା କାର୍ଯ୍ୟକାରୀ କରିବାକୁ କେନ୍ଦ୍ର ସରକାର ମୋଟ ୧୨ହଜାର ୯୪୦କୋଟିର ଅଟକଳ କରିଛନ୍ତି ।

ତେବେ ପ୍ରାଥମିକ ପର୍ଯ୍ୟାୟରେ ୪୦ପ୍ରତିଶତ; ଅର୍ଥାତ୍ ୫ହଜାର ୧୭୬କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଏ ନେଇ ଗତମାସ (ନଭେମ୍ବର ୨୧ ତାରିଖ)ରେ କ୍ୟାବିନେଟ ଅନୁମୋଦନ ମିଳିଛି । ଏହି ଅର୍ଥରେ ବୋକାରୋ-ଧାମରା ଓ ଜଗଦୀଶପୁର-ହଳଦିଆ ୨ହଜାର ୫୩୯ କିଲୋମିଟର ଦୀର୍ଘ ପାଇପ୍‌ଲାଇନ୍ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ । ଏହା ନ୍ୟାସନାଲ ଗ୍ରୀଡ଼ ସହିତ ଦେଶର ପୂର୍ବାଞ୍ଚଳକୁ ସଂଯୁକ୍ତ କରିବ । ଏହି ଦାୟିତ୍ୱ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ 'ଗେଲ୍'କୁ ଅର୍ପଣ କରାଯିବା ପାଇଁ ନିଷ୍ପତ୍ତି ହୋଇଛି ।

ଭଦ୍ରକର ଧାମରାରେ ପ୍ରତିଷ୍ଠା ହେବ ଗ୍ୟାସ୍ ଟର୍ମିନାଲ । ପୂର୍ବଭାରତରେ ଗ୍ୟାସ ପାଇପ୍ ଲାଇନ ସହ ଏ ସବୁ ରାଜ୍ୟର ପ୍ରମୁଖ ସହର ଗୁଡ଼ିକରେ ପାଇପ୍ ଯୋଗେ ଘର ଘରକୁ ରୋଷେଇ ଗ୍ୟାସ୍ ସଂଯୋଗ କରାଯିବ ବୋଲି କ୍ୟାବିନେଟ୍ ବୈଠକ ପରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସାମ୍ବାଦିକମାନଙ୍କୁ ଯେଉଁ ସୂଚନା ଦେଇଥିଲେ ତାହା ଦ୍ୱୈତନଗରବାସୀଙ୍କ ଲାଗି ଏକ ଖୁସି ଖବର ନିଶ୍ଚୟ । ପୂର୍ବଭାରତର ପ୍ରମୁଖ ରାଜ୍ୟଭାବେ ଓଡ଼ିଶା ଏଥିରେ ସିଂହଭାଗ ପାଇବ । ଏହାଦ୍ୱାରା ରାଜ୍ୟମାନଙ୍କରେ ସାର କାରଖାନା, ତୈଳ ବିଶୋଧନାଗାର ସମେତ ପ୍ରମୁଖ ସହରକୁ ରୋଷେଇ ଗ୍ୟାସ୍ ଓ ପରିବହନ ପାଇଁ ଇନ୍ଧନ ଯୋଗାଇବାରେ ସହାୟକ ହେବ । ଓଡ଼ିଶାର ଶିଳ୍ପାୟନ, କୃଷି ଓ ସହରର ଜନତା ଏହାର ଫାଇଦା ପାଇବେ । ଆଇଓସିଏଲ୍ ଓ ଗେଲ୍ ହିଁ ଏହାକୁ ଚୂଡ଼ାନ୍ତ ରୂପରେଖ ଦେବେ । 'ଜେଏଚ୍‌ବିଡିପିଏଲ'(ଜଗଦୀଶପୁର-ହଳଦିଆ, ବୋକାରୋ-ଧାମରା ପାଇପ୍‌ଲାଇନ୍) ପ୍ରକଳ୍ପ ନିଶ୍ଚିତ ରୂପେ ଏକ ଐତିହାସିକ ନିଷ୍ପତ୍ତି । ଏହି ପ୍ରକଳ୍ପ ମାଧ୍ୟମରେ ସ୍ୱଳ୍ପ ମୂଲ୍ୟରେ ପରିବେଶ ଅନୁକୂଳ ଜାଳେଣି ଗ୍ୟାସ ପୂର୍ବାଞ୍ଚଳର ଚାରିଟି ରାଜ୍ୟକୁ ଯୋଗାଇ ଦିଆଯିବ । ଏହାଦ୍ୱାରା ଶିଳ୍ପୋଦ୍ୟୋଗୀ, ବାଣିଜ୍ୟିକ ସଂସ୍ଥା ଓ ଘରୋଇ ଗ୍ରାହକ ବେଶ୍ ଉପକୃତ ହେବେ । ପ୍ରଧାନମନ୍ତ୍ରୀଙ୍କ ନିର୍ବାଚମଣ୍ଡଳୀ ବାରଣାସୀ ସହ ପାଟନା, ରାଞ୍ଚି, ଜାମସେଦପୁର, କୋଲକାତା ଏବଂ ଓଡ଼ିଶାର ଭୁବନେଶ୍ୱର ଓ କଟକ ମହାନଗରକୁ ଏହି ନେଟ୍‌ୱର୍କ ସଂଯୋଗ କରିବ । ଏହି ମହାନଗରୀଗୁଡ଼ିକରେ ବାସ କରୁଥିବା ପ୍ରାୟ ଏକ କୋଟି ୨୫ଲକ୍ଷ ଜନତା ଉପକୃତ ହେବେ ।

'ଗେଲ୍' ସମ୍ପୃକ୍ତ ରାଜ୍ୟଗୁଡ଼ିକର ସହଯୋଗରେ ଏହି ବ୍ୟବସ୍ଥା କରିବ । ତେବେ ମହତ୍ତ୍ୱାକାଂକ୍ଷୀ ପ୍ରକଳ୍ପ କାର୍ଯ୍ୟକାରିତାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୧ହଜାର ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବା ଆଶା କରୁଛନ୍ତି କେନ୍ଦ୍ର ସରକାର । ଏହା ସମ୍ପୃକ୍ତ ରାଜ୍ୟବାସୀଙ୍କ ଅର୍ଥନୈତିକ ଓ ସାମାଜିକ ବିକାଶରେ ମଧ୍ୟ ସହଯୋଗୀ ହେବ । ଉଲ୍ଲେଖଯୋଗ୍ୟ କି ପୂର୍ବରୁ ନୂଆଦିଲ୍ଲୀ ସମେତ ଅନ୍ୟ କେତେକ ବଡ଼ ସହରରେ ପାଇପ୍ ଯୋଗେ ଗ୍ୟାସ୍ ବିତରଣ କରାଯାଉଛି । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କଟକ-ଭୁବନେଶ୍ୱରରେ ଗ୍ରାହକ ଗ୍ୟାସ୍ ସିଲିଣ୍ଡର ପରିବର୍ତ୍ତେ ପାଣି ବା ବିଦ୍ୟୁତ୍ ସଂଯୋଗ ଭଳି ଗ୍ୟାସ୍ ସଂଯୋଗ ଆଣିବେ ।

ଟ୍ୟାପ୍ ପାଣି ଭଳି ପାଇପ୍‌ରେ ମିଳିବ ରୋଷେଇ ଗ୍ୟାସ । ସଂଯୋଗ ହେବ ସହଜ । ସିଲିଣ୍ଡର ଝମେଲା ବି କମିବ । ସାମାନ୍ୟ ସାବଧାନତା ଅବଲମ୍ବନ ଦ୍ୱାରା ରୋକିହେବ ଅନେକ ଦୁର୍ଘଟଣା । ପୂର୍ବ ଭାରତର ସମୃଦ୍ଧିରେ ହିଁ ଭାରତର ବିକାଶ ସମ୍ଭବପର ବୋଲି ସ୍ୱପ୍ନାଭିଳାଷୀ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସହ ତୈଳମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏଥିପାଇଁ ଓଡ଼ିଶାକୁ ଟର୍ମିନାଲ ନେଟ୍‌ୱର୍କର କେନ୍ଦ୍ର ରୂପେ ବାଛିବା ଓଡ଼ିଶାବାସୀଙ୍କ ଲାଗି ଆନନ୍ଦର କଥା । ପୂର୍ବରୁ ପାରାଦ୍ୱୀପଠାରେ ଆଇଓସିଏଲ

ପକ୍ଷରୁ ପେଟ୍ରୋଲିୟମ ଓ ପେଟ୍ରୋକେମିକାଲ ଉତ୍ପାଦନର ସଂପ୍ରସାରିତ ୟୁନିଟ୍‌କୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିସାରିଛନ୍ତି। ତାଳଚେର ସାରକାରଖାନାର ପୁର୍ନବିନ୍ୟାସ, ସାଗରମାଳା ପ୍ରକଳ୍ପରେ ଓଡ଼ିଶାର ବେଳାଭୂମିରେ ୪ ଥାକିଆ ରାଜପଥ ନିର୍ମାଣ, ବ୍ରାହ୍ମଣୀ-ବୈତରଣୀ-ମହାନଦୀ ଦେଇ ଆନ୍ତରାଜ୍ୟ ଜଳପଥ ପ୍ରଶସ୍ତୀକରଣ ଯୋଜନା ପୂର୍ବଭାରତରେ ଓଡ଼ିଶାର ସ୍ଥିତିକୁ ଆଗାମୀ ଦିନରେ ଅଧିକ ମଜବୁତ୍ କରିବାର ସୁନେଲି ସମ୍ଭାବନା ରହିଛି। ଓଡ଼ିଶାରେ ଏକାଧିକ ପ୍ରତିଷ୍ଠାନ, ଅନୁଷ୍ଠାନ ଓ ପ୍ରକଳ୍ପ ହେଲେ ହିଁ ରାଜ୍ୟ ବିକାଶର ଗ୍ରାଫ୍ ଉପରକୁ ଉଠିବ। ତେବେ ଏସବୁ ଲାଗି କେନ୍ଦ୍ର ସରକାରଙ୍କ ଘୋଷଣାରେ ଆନ୍ତରିକତା ତ' ରହିଛି; ମାତ୍ର ଏହା ସାରିବାକୁ ଯେଉଁ ଅଢେଇବର୍ଷର ଅବଧି ରଖାଯାଇଛି ତାହା ନିର୍ଦ୍ଧାରିତ ସମୟରେ ଶେଷ କରାଯାଉ। ସେଥିଲାଗି ନିରନ୍ତର କାର୍ଯ୍ୟାନ୍ୱୟନ ଓ ସମୟାନ୍ତର ସମୀକ୍ଷାର ଆବଶ୍ୟକତା ରହିଛି।

ଅପରପକ୍ଷରେ ରାଜ୍ୟ ସରକାରଙ୍କର ମଧ୍ୟ ଏହାକୁ ରୂପାୟନ କରିବା କ୍ଷେତ୍ରରେ ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ଜମି ଓ ଆନୁସଙ୍ଗିକ ସାଧନ ଯୋଗାଇବା ରାଜ୍ୟର ଦାୟିତ୍ୱ। ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ସୁଯୋଗ ମିଳିବା ବିଳମ୍ବ ହେଲେ ଯୋଜନା ରହିବ ଯୋଜନ ଦୂରରେ। ଏଥିଲାଗି ଉଭୟ କେନ୍ଦ୍ର-ରାଜ୍ୟ ସମ୍ମିଳିତ ଉଦ୍ୟମରେ ପ୍ରକଳ୍ପ କାର୍ଯ୍ୟକାରୀ କରାନ୍ତୁ। ଜଗତସିଂହପୁରରେ ୫୨ ହଜାର କୋଟି ଟଙ୍କାର ପୋସ୍କୋ ଅଥବା କେନ୍ଦୁଝରରୁ ମିତ୍ତଲ ଫେରିବା ଭଳି ଅବସ୍ଥା ନହେଉ। ଓଡ଼ିଶାବାସୀଙ୍କ ହିତରେ ପ୍ରକଳ୍ପକୁ ନେଇ ଅନ୍ତତଃପକ୍ଷେ ଭୋଟ ରାଜନୀତି ନହେଉ। ବିକାଶ ହିଁ ଆଣିବ ଓଡ଼ିଶା ଲାଗି ସୁଦିନ। ହଟିବ ଦାରିଦ୍ର୍ୟ ଓ ଦାଦନର ଦୁଃଖ। ବଦଳିବ ଅଭାବ ଓ ଗରିବ ଓଡ଼ିଶାର ଛାପ।

ଲେଖକ ଜଣେ ପ୍ରତିଷ୍ଠିତ ଓଡ଼ିଆ ଖବର କାଗଜର ସହ-ସଂପାଦକ।

## ଶ୍ରୀଲଙ୍କାରେ ତୈଳ ଷ୍ଟୋରେଜ୍, ଗ୍ୟାସ୍ ବ୍ୟବସାୟ ଓ ରିଫାଇନିଂ କ୍ଷେତ୍ରରେ ବାଣିଜ୍ୟକୁ ବଢ଼ାଇବାର ଯୋଜନା

କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅକ୍ଟୋବର ୫ ତାରିଖ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ରନିଲ୍ ବିକ୍ରମସିଂହେ ଓ ବଙ୍ଗଳାଦେଶର ଶକ୍ତି, ବିଜୁଳି ଓ ଖଣିଜ ସଂପଦ ବିଭାଗର ମନ୍ତ୍ରୀ ନସରୁଲ ହମିଦଙ୍କ ସହ ପୃଥକ ପୃଥକ୍‌ଭାବେ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ ଶ୍ରୀଲଙ୍କାର ପ୍ରଧାନମନ୍ତ୍ରୀ ରନିଲ ବିକ୍ରମ ସିଂହେଙ୍କ ସହ ଆଲୋଚନା ବେଳେ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଚାଲିଥିବା ଦ୍ୱିପାକ୍ଷିକ ତୈଳ ଓ ଗ୍ୟାସ୍ ପ୍ରକଳ୍ପର ଅଗ୍ରଗତି ନେଇ ଆଲୋଚନା କରିଥିଲେ । ଶ୍ରୀଲଙ୍କାରେ ରିଟେଲ୍ କ୍ଷେତ୍ରରେ ଇଣ୍ଡିଆନ୍ ଅଏଲ୍‌ର ଉପସ୍ଥିତି ରହିଥିବା ବେଳେ ଆଗାମୀ ଦିନରେ ଭାରତ ଶ୍ରୀଲଙ୍କାରେ ତୈଳ ଷ୍ଟୋରେଜ୍, ଗ୍ୟାସ୍ ବ୍ୟବସାୟ ଓ ରିଫାଇନିଂ କ୍ଷେତ୍ରରେ ବାଣିଜ୍ୟକୁ ବଢ଼ାଇବାର ଯୋଜନା ରଖିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେହିପରି ବଙ୍ଗଳାଦେଶର ଶକ୍ତି, ବିଜୁଳି ଓ ଖଣିଜ ସଂପଦ ବିଭାଗର ମନ୍ତ୍ରୀ ନସରୁଲ ହମିଦଙ୍କ ସହ ଆଲୋଚନାରେ ଉଭୟ ଦେଶ ମଧ୍ୟରେ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ କ୍ଷେତ୍ରରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ଚର୍ଚ୍ଚା ହୋଇଥିଲା । ପେଟ୍ରୋଲିୟମ୍ ଉତ୍ପାଦଗୁଡ଼ିକୁ ନେଇ ଟ୍ରକ୍ ଗୁଡ଼ିକୁ ବଙ୍ଗଳାଦେଶ ଦେଇ ମେଘାଳୟ ଓ ତ୍ରିପୁରାକୁ ଯିବା ପାଇଁ ଭାରତ ସରକାରଙ୍କ ଅନୁରୋଧକୁ ସ୍ୱୀକାର କରିଥିବାରୁ ଏହି ଆଲୋଚନା ସମୟରେ ଶ୍ରୀ ପ୍ରଧାନ ବଙ୍ଗଳାଦେଶକୁ ଧନ୍ୟବାଦ ଦେଇଥିଲେ । ଉତ୍ତରପୂର୍ବ ରାଜ୍ୟମାନଙ୍କରେ ପେଟ୍ରୋଲିୟମ ଉତ୍ପାଦର ଅଭାବ କାରଣରୁ ଭାରତ ସରକାର ଆଇଓସିଏଲ୍‌ର ଟ୍ରକ୍ ଗୁଡ଼ିକୁ ବଙ୍ଗଳାଦେଶ ଦେଇ ଯିବାକୁ ଅନୁମତି ଦେବା ପାଇଁ ଗତ ଅଗଷ୍ଟ ମାସରେ ଅନୁରୋଧ କରିଥିଲେ ଓ ବଙ୍ଗଳାଦେଶ ସରକାର ଏହାକୁ ଅନୁମତି ଦେଇଥିଲେ ।

# ଦ୍ରବ୍ୟ ଓ ସେବାକର : ଗୋଟିଏ ରାଷ୍ଟ୍ର ଗୋଟିଏ ଟିକସ

## ଶିଶିର ଶର୍ମା

ଆସନ୍ତା ବର୍ଷ ଏପ୍ରିଲ ଠାରୁ ସାରା ଦେଶରେ ଜିଏସ୍‌ଟି ଲାଗୁ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଓ ବ୍ୟବସ୍ଥା ସରକାର ଜୋର୍‌ସୋର୍ ଚଳାଇଛନ୍ତି । ଏଥିପାଇଁ ଶୀର୍ଷ ସ୍ତରରେ ଏକ ଜିଏସ୍‌ଟି ପରିଷଦ ଗଠନ କରାଯାଇଛି ଯେଉଁଥିରେ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ପ୍ରତିନିଧି ରହିଛନ୍ତି । ଏହି ପରିଷଦ ତାହାର ପ୍ରଥମ ବୈଠକରେ ଜିଏସ୍‌ଟି ପ୍ରଚଳନ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି । ଦ୍ୱିତୀୟତଃ ଜିଏସ୍‌ଟି ବ୍ୟବସ୍ଥା ପ୍ରଚଳନ ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ ସଂକ୍ରାନ୍ତ ସମସ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି । ଏହାଦ୍ୱାରା ତଥ୍ୟ ଆଦାନପ୍ରଦାନରେ କୌଣସି ଅସୁବିଧା ରହିବ ନାହିଁ ।

"**ମୁଁ** ନିଶ୍ଚିତ ଯେ ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ଆଇନ ଭାରତ ଭଳି ଏକ ସଂଘୀୟ ରାଷ୍ଟ୍ରରେ ଆର୍ଥିକ ପରିଚାଳନା କ୍ଷେତ୍ରରେ ସର୍ବୋତ୍ତମ ସହଯୋଗ ଯୋଗାଇବ । ଏହା ରାଜ୍ୟଗୁଡ଼ିକୁ ସଶକ୍ତ କରିବ । ଏହାଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କର ରାଜସ୍ୱ ବଢ଼ିବ । ଏହା ଟିକସ ଫାଙ୍କିକୁ ନିରୁତ୍ସାହିତ କରିବା ସହ ଟିକସ ଉପରେ ଟିକସ ବ୍ୟବସ୍ଥାର ଅବସାନ ଘଟାଇବ । ତେଣୁ ସାମଗ୍ରୀର ମୂଲ୍ୟ ଉପରେ ଟିକସର ଯେଉଁ ଅତିରିକ୍ତ ସୋପାନୀକୃତ ବୋଝର ପ୍ରଭାବ ପଡୁଥିଲା ତାହାର ଅବସାନ ଘଟି ଜିନିଷପତ୍ର ଶସ୍ତା ହେବ । ଏପରିକି କିଛି ଜିନିଷପତ୍ରର ମୂଲ୍ୟ ମଧ୍ୟ କମିପାରେ । ଦେଶର ଅର୍ଥନୀତି ସାମ୍ପ୍ରତିକ ଜଟିଳ ସ୍ଥିତିରେ ଯାହା ଚାହୁଁଛି ତାହାକୁ ବଳ ଦେବାରେ ଏହା ନିଶ୍ଚିତ ସହାୟକ ହେବ ।"

(୨୦୧୬ ଅଗଷ୍ଟ ୩ ତାରିଖରେ ସଂସଦରେ ଜିଏସ୍‌ଟି ସଂକ୍ରାନ୍ତ ସମ୍ବିଧାନ ସଂଶୋଧନ ବିଲ୍ ଆଗତ କରିବା ଅବସରରେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଦେଇଥିବା ଭାଷଣର କିୟଦଂଶ ।)

ଉପରୋକ୍ତ ଭାଷଣ ସହିତ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସ୍ୱାଧୀନ ଭାରତରେ ସବୁଠୁ ଅଭିଳାଷୀ ଟିକସ ସଂସ୍କାର ବ୍ୟବସ୍ଥାର ଅୟମାରମ୍ଭ କରିଥିଲେ । ଏ ସଂକ୍ରାନ୍ତ ୧୨୨ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ହୋଇ ଆଇନରେ ପରିଣତ ହେବାପରେ ଜିଏସ୍‌ଟି ବ୍ୟବସ୍ଥା ପ୍ରବର୍ତ୍ତନର ବାଟ ଫିଟିଛି । ୨୦୧୭-୧୮ ବର୍ଷରୁ ଏହା କାର୍ଯ୍ୟକାରୀ ହେବ । ଏଥି ସହିତ ଦ୍ରବ୍ୟ ଓ ସେବା ଉପରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ନିଜ ନିଜର ଟିକସ ଲାଗୁ କରିବାର ଯେଉଁ ଆଇନଗତ ଅଧିକାର ୧୦୧ତମ ସମ୍ବିଧାନ ସଂଶୋଧନ ବିଲ୍ ବଳରେ ପାଇଥିଲେ ତାହାର ଅବସାନ ଘଟିଛି । ଏବେ ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ପ୍ରଚଳନ ତାଲିକାରେ ଥିବା ଅଳ୍ପ କେତେକ ରାଷ୍ଟ୍ର ଯଥା କାନାଡ଼ା, ଅଷ୍ଟ୍ରେଲିଆ, ସିଙ୍ଗାପୁର ଓ ମାଲେସିଆ ସହିତ ଭାରତ ସାମିଲ ହୋଇଛି ।

ଆସନ୍ତା ବର୍ଷ ଏପ୍ରିଲ ଠାରୁ ସାରା ଦେଶରେ ଜିଏସ୍‌ଟି ଲାଗୁ କରିବା ପାଇଁ ଆବଶ୍ୟକ ପ୍ରକ୍ରିୟା ଓ ବ୍ୟବସ୍ଥା ସରକାର ଜୋର୍‌ସୋର୍ ଚଳାଇଛନ୍ତି । ଏଥିପାଇଁ ଶୀର୍ଷ ସ୍ତରରେ ଏକ ଜିଏସ୍‌ଟି ପରିଷଦ ଗଠନ କରାଯାଇଛି ଯେଉଁଥିରେ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ପ୍ରତିନିଧି ରହିଛନ୍ତି । ଏହି ପରିଷଦ ତାହାର ପ୍ରଥମ ବୈଠକରେ ଜିଏସ୍‌ଟି ପ୍ରଚଳନ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି । ଦ୍ୱିତୀୟତଃ ଜିଏସ୍‌ଟି ବ୍ୟବସ୍ଥା ପ୍ରଚଳନ ପାଇଁ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ ସଂକ୍ରାନ୍ତ ସମସ୍ତ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି । ଏହାଦ୍ୱାରା ତଥ୍ୟ ଆଦାନପ୍ରଦାନରେ କୌଣସି ଅସୁବିଧା ରହିବ ନାହିଁ । ତୃତୀୟରେ ଜିଏସ୍ଆର ମଡେଲ ଆଇନ ଯାହା ସାଧାରଣ ଜନତାଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତାହାକୁ

ଆବଶ୍ୟକ ଆଇନଗତ ବୈଧତା ଦେଇ କାର୍ଯ୍ୟକାରୀ କରିବାକୁ ଅନ୍ତିମ ପ୍ରୟାସ ଚାଲିଛି। ଚତୁର୍ଥରେ ୨୦୧୬ ନଭେମ୍ବର ୨୨ ସୁଦ୍ଧା ଜିଏସ୍‌ଟି ହାର ଚୂଡ଼ାନ୍ତ କରିବା ସହ ଏହି ଆଇନରୁ କେଉଁ କେଉଁ ସାମଗ୍ରୀକୁ ବାଦ ଦିଆଯିବ ଏବଂ କରଛାଡ଼ ସୀମା କେତେ ହେବ ସେ ନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି।

**ଜିଏସ୍‌ଟି କ'ଣ ?** ଜିଏସ୍‌ଟି ବିଭିନ୍ନ ଦ୍ରବ୍ୟ ଓ ସେବା ଉପରେ ଏକ ସରଳୀକୃତ ଟିକସ ବ୍ୟବସ୍ଥା। ଏହା ଏକ ମୂଲ୍ୟ ମିଶ୍ରିତ ଟିକସ ଯାହା ଯୋଗାଣ ବ୍ୟବସ୍ଥାର ପ୍ରତ୍ୟେକ ବିନ୍ଦୁରେ ଲାଗୁହୁଏ। ଏଥିରେ ଯୋଗାଣ ପାଇଁ ଦରକାର ହେଉଥିବା ସାମଗ୍ରୀ, ଉପାଦାନ ଆଦି ଉପରେ ଟିକସ ଲଗାଣରେ ଅବ୍ୟାହତି ବ୍ୟବସ୍ଥା ଥାଏ। ତେଣୁ ସାମଗ୍ରୀ ବା ସେବା ନିର୍ମାଣ ଉପରେ ଟିକସ ଲାଗୁ ନ'ହୋଇ ଏହାର ଯୋଗାଣ ବା ବିକ୍ରିବଟା ସମୟରେ ଟିକସ ଆଦାୟ କରାଯାଉଛି। ମୋଟାମୋଟି କହିବାକୁ ଗଲେ ଜିଏସ୍‌ଟି ଏକ ଲକ୍ଷ୍ୟ ଭିତ୍ତିକ ଟିକସ ଯାହା ଦ୍ରବ୍ୟ ବା ସେବା ଯୋଗାଣ ସମୟରେ ଆଦାୟ ହେବ ଓ ବର୍ତ୍ତମାନର ନିର୍ମାଣ ବା ତିଆରି ଭିତ୍ତିକ ଟିକସଠାରୁ ଭିନ୍ନ ହେବ।

ଦେଶର ସଂଘୀୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସାରା ଦେଶରେ ଦୁଇ ପ୍ରକାର ଜିଏସ୍‌ଟି ବ୍ୟବସ୍ଥା କରାଯିବ। ସେଥିମଧ୍ୟରୁ ଗୋଟିଏ କେନ୍ଦ୍ରୀୟ ଜିଏସ୍‌ଟି ଓ ଅନ୍ୟଟି ପ୍ରାଦେଶିକ ଜିଏସ୍‌ଟି। ଏହାର ଅର୍ଥ ଉଭୟ କେନ୍ଦ୍ର ଓ ପ୍ରଦେଶ ସ୍ତରରେ ଏକ ପ୍ରକାର ସାଧାରଣ ଟିକସ ବ୍ୟବସ୍ଥା ରହିବ। ଏହାଛଡ଼ା ନୂଆ ବ୍ୟବସ୍ଥାରେ ଏକ ସମନ୍ୱିତ ଜିଏସ୍‌ଟି ପ୍ରଚଳିତ ହେବ। ଏହି କରଟି ଆନ୍ତଃରାଜ୍ୟ ସାମଗ୍ରୀ ବା ସେବା ପରିବହନ ବେଳେ ଲାଗୁ କରାଯିବ। ଏହି କର କେନ୍ଦ୍ରଦ୍ୱାରା ଆଦାୟ କରାଯିବ। ସାମଗ୍ରୀ ବା ସେବା ଆମଦାନୀକୁ ଆନ୍ତଃରାଜ୍ୟ ଯୋଗାଣ ଭାବେ ବିବେଚନା କରାଯାଇ ସୀମା ଶୁଳ୍କ ସହିତ ସମନ୍ୱିତ ଜିଏସ୍‌ଟି ଆଦାୟ ହେବ। ଏହି ତିନି ଶ୍ରେଣୀର ଟିକସ ହାର ଜିଏସ୍‌ଟି ପରିଷଦ ଚୂଡ଼ାନ୍ତ କରିବ।

**ଜିଏସ୍‌ଟି କାହିଁକି ?** ନିଜ ନିଜର ଆର୍ଥିକ ସ୍ଥିତି ବଢ଼ାଇବା ପାଇଁ ବିଭିନ୍ନ ସ୍ତରରେ ବିଭିନ୍ନ ପ୍ରକାର ଟିକସ ଲାଗୁ କରିବାର ଅଧିକାର ଭାରତୀୟ ସମ୍ବିଧାନ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ଦେଇଛି। ମଦ, ଅଫିମ ଓ ନିଶାଦ୍ରବ୍ୟ ବ୍ୟତିତ ବିଭିନ୍ନ ଦ୍ରବ୍ୟ ବା ସାମଗ୍ରୀ ପ୍ରସ୍ତୁତି ଉପରେ ଟିକସ ବସାଇବାର ଅଧିକାର କେନ୍ଦ୍ର ସରକାରଙ୍କର ଥିବାବେଳେ ଜିନିଷପତ୍ରର ବିକ୍ରିବଟା ଉପରେ ବିକ୍ରୟ ଟିକସ ଲାଗୁ କରିବାର ଅଧିକାର ରାଜ୍ୟଗୁଡ଼ିକର ରହିଛି। ଏହା ବ୍ୟତୀତ ସାମଗ୍ରୀର ଆନ୍ତଃରାଜ୍ୟ କାରବାର ବା ପରିବହନ ଉପରେ ଟିକସ ଲଗାଇବାର ଅଧିକାର କେବଳ କେନ୍ଦ୍ରର ରହିଥିବାବେଳେ ଏ ବାବଦରେ ଆଦାୟ ହେଉଥିବା ଅର୍ଥକୁ ସମ୍ପୃକ୍ତ ରାଜ୍ୟ ରଖିବାର ବ୍ୟବସ୍ଥା ଅଛି। ମାତ୍ର ସେବା ଉପରେ ଲାଗୁହେଉଥିବା କର ବା ସେବା କର କେନ୍ଦ୍ର ସରକାରଙ୍କର ସମ୍ପୂର୍ଣ୍ଣ ନିଜସ୍ୱ। କେବଳ କେନ୍ଦ୍ର ସରକାର ଏହି ଟିକସ ଲଗାଇଥାନ୍ତି।

ଏହି ବ୍ୟବସ୍ଥା ସମଗ୍ର ପରୋକ୍ଷ କର ବ୍ୟବସ୍ଥାକୁ ଅତ୍ୟନ୍ତ ଜଟିଳ କରିଥାଏ। ଏଥିରେ ମଧ୍ୟ ଅନେକ ଅସୁବିଧା ରହିଛି। ଉଦାହରଣ ସ୍ୱରୂପ ଜଣେ ବ୍ୟବସାୟୀଙ୍କୁ ଟିକସ ଭରଣା ନେଇ ଅନେକ କାଗଜପତ୍ର ଓ ହିସାବ ରଖିବାକୁ ହୋଇଥାଏ। ଏହାଦ୍ୱାରା ବ୍ୟବସାୟରେ ଖର୍ଚ୍ଚ ବଢ଼େ ଏବଂ ବ୍ୟବସାୟ କରିବା ସମସ୍ୟା ବହୁଳ ହୁଏ। ଏକାଧିକ ଟିକସ ବ୍ୟବସ୍ଥା ଯୋଗୁଁ ଅନେକ ସମୟରେ ଟିକସ ଉପରେ ଟିକସ ଲାଗୁ କରାଯାଏ ଯାହା ଜିନିଷପତ୍ରର ଦାମ୍ ବଢ଼ାଇଥାଏ। ଏହାଦ୍ୱାରା ଖାଉଟି ମଧ୍ୟ ପ୍ରଭାବିତ ହୁଏ। ଯେହେତୁ ଜିଏସ୍‌ଟିରେ ମାତ୍ର ଗୋଟିଏ ଟିକସ ବ୍ୟବସ୍ଥା ରହିବ ତାହା ଉଭୟ କ୍ରେତା, ବିକ୍ରେତାଙ୍କୁ ସୁହାଇବ। ଏହା ମଧ୍ୟ ବ୍ୟବସାୟକୁ ସହଜ କରିବ। ସେହିଭଳି ନିର୍ମାଣଠାରୁ ଉପଭୋକ୍ତା ବା କ୍ରେତା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ଜିଏସ୍‌ଟି ଲାଗୁ ହୋଇ ଟିକସ ଆଦାୟ ହୋଇ ପୂର୍ବବର୍ତ୍ତୀ ପର୍ଯ୍ୟାୟରେ ଟିକସ ଅସୁଲି ହେବାର ବ୍ୟବସ୍ଥା ଥିବାରୁ ଟିକସ ଉପରେ ଟିକସ ଲାଗୁ ହେବାର ସମ୍ଭାବନା ରହିବ ନାହିଁ। ଆଶା କରାଯାଉଛି ଯେ ନୂଆ ଟିକସ ବ୍ୟବସ୍ଥା ଦ୍ୱାରା ଦ୍ରବ୍ୟ ଓ ସେବାର ସାମଗ୍ରିକ ଟିକସ ବୋଝ (ଯାହା ବର୍ତ୍ତମାନ ୨୫ ରୁ ୩୦ ଶତାଂଶ) ଯଥେଷ୍ଟ ହ୍ରାସ ପାଇବ। ଏହାଦ୍ୱାରା ଖାଉଟି ଶସ୍ତାରେ ସେସବୁ ସାମଗ୍ରୀ ଓ ସେବା ପାଇବେ।

**ଜିଏସ୍‌ଟିଏନ୍ :** ଜିଏସ୍‌ଟିର ସଫଳ କାର୍ଯ୍ୟକାରିତା ପାଇଁ ସରକାର ଆବଶ୍ୟକ ସୂଚନା, ପ୍ରଯୁକ୍ତି ଭିତ୍ତିଭୂମି ପ୍ରସ୍ତୁତ କରିଛନ୍ତି। ଏଥିପାଇଁ ଦ୍ରବ୍ୟ ଓ ସେବା ଟିକସ ନେଟ୍‌ୱାର୍କ ବା ଜିଏସ୍‌ଟିନ୍ ପ୍ରସ୍ତୁତ କରାଯାଇଛି। ଏହା କମ୍ପାନୀ ଆଇନର ଧାରା ୨୫ ଅନ୍ତର୍ଭୁକ୍ତ ଏକ କମ୍ପାନୀ। ଅର୍ଥାତ୍ ଏହା ଆର୍ଥିକ ଲାଭ ପାଇଁ କାର୍ଯ୍ୟ କରିବ ନାହିଁ। ବିନା ଲାଭରେ ସେବା ଯୋଗାଣ ଏହାର ଲକ୍ଷ୍ୟ। ଏହା ଏକ ବେସରକାରୀ ଘରୋଇ ସସୀମ କମ୍ପାନୀ। ଏଥିରେ କେନ୍ଦ୍ର ସରକାରଙ୍କର ୨୪.୫ ଶତାଂଶ ଅଂଶଧନ, ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମିଳିତ ଭାବେ ୨୪.୫ ଶତାଂଶ ଏବଂ ବାକିତକ ଅଂଶଧନ ବେସରକାରୀ ବିତ୍ତୀୟ ପ୍ରତିଷ୍ଠାନ ସମୂହର ରହିବ। ଏହି କମ୍ପାନୀ କେନ୍ଦ୍ର ଓ ରାଜ୍ୟ ସରକାର, ଟିକସଦାତା ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ପକ୍ଷଙ୍କୁ ଏକକ ସୂଚନା ପ୍ରଯୁକ୍ତି ଭିତ୍ତିଭୂମି, ସେବା ଯୋଗାଇଦେବ। ଜିଏସ୍‌ଟିର ସଫଳତା ପାଇଁ ଆବଶ୍ୟକ

ପରିବେଶ ଯୋଗାଣ ସହ ବ୍ୟବହାରକାରୀଙ୍କ କଲ୍ୟାଣ ପାଇଁ ଏହା ଅନ୍ୟ ସଂସ୍ଥାଙ୍କ ସହ ସମ୍ପର୍କ ରଖିପାରିବ । ଏହା ଜିଏସ୍‌ଟି ସୁବିଧା ଯୋଗାଣ ବ୍ୟବସ୍ଥା କରିବା ସହ ସରଳ ସେବା ଓ ସୂଚନା ଯୋଗାଇବ । ଟିକସ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ପକ୍ଷଙ୍କୁ ତାଲିମ ପ୍ରଦାନ ସହ ବ୍ୟବସ୍ଥାର ସୁପରିଚାଳନା ପାଇଁ ଗବେଷଣା ତଥା ଉନ୍ନୟନ ଉପରେ ଧ୍ୟାନ ଦେବ । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଏହା ସେମାନଙ୍କ ଅନୁରୋଧ କ୍ରମେ ଆବଶ୍ୟକ ସେବା ଓ ଟିକସ ଜନିତ ପରାମର୍ଶ ଯୋଗାଇଦେବ । ଟିକସଦାତାଙ୍କ ପ୍ରୋଫାଇଲିଙ୍ଗ ୟୁଟିଲିଟି (ଟିପିୟୁ) ପ୍ରସ୍ତୁତ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିକସ ପ୍ରଶାସନକୁ ଯୋଗାଇବ । ଟିକସ ବ୍ୟବସ୍ଥାର ଉନ୍ନତି ଓ ଟିକସଦାତାଙ୍କ ସମସ୍ୟାର ଆଶୁ ସମାଧାନ ନିମନ୍ତେ ଟିକସ କର୍ତ୍ତୃପକ୍ଷଙ୍କୁ ସହାୟତା କରିବା ସହ ସରକାର ଓ ଅନ୍ୟାନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସେମାନଙ୍କ ଆବଶ୍ୟକତା ଅନୁସାରେ ସାହାଯ୍ୟ ଓ ପରାମର୍ଶ ଯୋଗାଇବ ।

**ଜିଏସ୍‌ଟି ପରିଷଦ :** ୧୨୨ତମ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ ହେବାପରେ ପ୍ରଥମ ପଦକ୍ଷେପ ସ୍ୱରୂପ ଜିଏସ୍‌ଟି ପରିଷଦ ଗଠନ କରାଯାଇଛି । ଏହା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିନିଧିମାନଙ୍କୁ ନେଇ ଗଠିତ ଜିଏସ୍‌ଟି ସଂକ୍ରାନ୍ତ ଶୀର୍ଷ ସଂଗଠନ । ଜିଏସ୍‌ଟି ପ୍ରବର୍ତ୍ତନର ଯାବତୀୟ କଥା ବୁଝିବା ସହ ଏ ସଂକ୍ରାନ୍ତ ସମସ୍ତ ବିବାଦର ସମାଧାନ କରିବା ଦାୟିତ୍ୱ ଏହି ପରିଷଦ ଉପରେ ନ୍ୟସ୍ତ । କେନ୍ଦ୍ର ଅର୍ଥମନ୍ତ୍ରୀ ପରିଷଦର ଅଧ୍ୟକ୍ଷ ରହିବାର ବ୍ୟବସ୍ଥା ଥିବାବେଳେ ରାଜସ୍ୱ ବିଭାଗର ଦାୟିତ୍ୱରେ ଥିବା କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ, ବିଭିନ୍ନ ରାଜ୍ୟ ଦ୍ୱାରା ମନୋନୀତ ପ୍ରାଦେଶିକ ଅର୍ଥ କିମ୍ବା ଟିକସ ବ୍ୟାପାର ଅଥବା ଅନ୍ୟ ଯେକୌଣସି ମନ୍ତ୍ରୀ ଏହାର ସଦସ୍ୟ ରହିବାର ବ୍ୟବସ୍ଥା କରାଯାଇଛି । ପରିଷଦର ମୋଟ୍ ସଦସ୍ୟ ସଂଖ୍ୟା ୩୩ । ସେଥିରୁ ୨୯ ରାଜ୍ୟ ଓ ଦୁଇ କେନ୍ଦ୍ରଶାସିତ ଅଞ୍ଚଳର ଦୁଇ ମନ୍ତ୍ରୀସ୍ତରୀୟ ପ୍ରତିନିଧିଙ୍କ ସହିତ କେନ୍ଦ୍ରର ଦୁଇ ଜଣ ମନ୍ତ୍ରୀ ରହିବାର ବିଧାନ ଅଛି । କେନ୍ଦ୍ର ରାଜସ୍ୱ ସଚିବ ପରିଷଦର ପଦପ୍ରଯୁକ୍ତ ସଚିବ ଭାବେ କାର୍ଯ୍ୟ କରିବାର ବ୍ୟବସ୍ଥା ଥିବାବେଳେ କେନ୍ଦ୍ରୀୟ ଉତ୍ପାଦନ ଓ ବହିଃଶୁଳ୍କ ବୋର୍ଡର ଅଧ୍ୟକ୍ଷ ଏହାର ସ୍ଥାୟୀ ମନୋନୀତ ସଦସ୍ୟ ରହିବେ । ତାଙ୍କର କିନ୍ତୁ ଭୋଟ ଦେବାର କ୍ଷମତା ରହିବ ନାହିଁ । କେଉଁ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗିବ ନାହିଁ, କାହା ଉପରେ କେତେ ଲାଗିବ ତାହା ନିର୍ଦ୍ଧାରଣ କରିବା ସହ ଜିଏସ୍‌ଟିର ହାର କେତେ ହେବ, ଏହାର ଆଦର୍ଶ ଆଇନ ପ୍ରଣୟନ ଆଦି ସମସ୍ତ ବିଷୟରେ ପରିଷଦ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ । ଏହାଛଡ଼ା ପ୍ରାକୃତିକ ବିପର୍ଯ୍ୟୟ ଓ ଅନ୍ୟାନ୍ୟ ସଙ୍କଟ କାଳରେ ରାଜ୍ୟଗୁଡ଼ିକୁ ଅତିରିକ୍ତ ସମ୍ବଳ ସଂଗ୍ରହ କରିବା ପାଇଁ ସ୍ୱତନ୍ତ୍ର ଜିଏସ୍‌ଟି ହାର ପ୍ରବର୍ତ୍ତନ, କିଛି ରାଜ୍ୟଙ୍କ ପାଇଁ ସ୍ୱତନ୍ତ୍ର ନୀତି ଆଦି ବିଷୟରେ ପରିଷଦ ଚୂଡ଼ାନ୍ତ ନୀତି ନିର୍ଦ୍ଧାରଣ କରିବାକୁ କ୍ଷମତାପ୍ରାପ୍ତ । ପରିଷଦର ନିଷ୍ପତ୍ତି ବୈଠକରେ ଉପସ୍ଥିତ ସଂଖ୍ୟାଧିକ ସଦସ୍ୟ (୩/୪ର୍ଥାଂଶରୁ କମ୍ ହେବ ନାହିଁ)ଙ୍କ ଭୋଟ କ୍ରମେ ଗୃହୀତ ହେବାର ବ୍ୟବସ୍ଥା କରାଯାଇଛି । ସେହିଭଳି କୌଣସି ନିଷ୍ପତ୍ତିକୁ ବିରୋଧ କରି କେନ୍ଦ୍ର ନିଜ ଆଡ଼ୁ କିମ୍ବା ସବୁ ରାଜ୍ୟ ସରକାର ମିଳିତ ହୋଇ ଭିଟୋ ପ୍ରୟୋଗ କରିପାରିବେ ନାହିଁ । ଏଥିପାଇଁ ଭୋଟିଂ ବ୍ୟବସ୍ଥାର ମୂଲ୍ୟାୟନ ସ୍ୱତନ୍ତ୍ର ଭାବେ କରାଯାଇଛି । କେନ୍ଦ୍ର ସରକାରଙ୍କ ଭୋଟର ମୂଲ୍ୟ ମୋଟ ପ୍ରାପ୍ତ ଭୋଟ୍‌ର ଏକତୃତୀୟାଂଶ ଧାର୍ଯ୍ୟ ହୋଇଥିବାବେଳେ ସବୁ ରାଜ୍ୟଗୁଡ଼ିକର ମିଳିତ ଭୋଟ୍‌ର ମୂଲ୍ୟ ଦୁଇତୃତୀୟାଂଶ ଧାର୍ଯ୍ୟ ହୋଇଛି । ତେବେ କୌଣସି ନିଷ୍ପତ୍ତି ଗ୍ରହଣ ପାଇଁ ଭୋଟର ମୂଲ୍ୟ ମୋଟ ଭୋଟ୍‌ର ତିନି ଚତୁର୍ଥାଂଶ ଧାର୍ଯ୍ୟ କରାଯାଇଛି । ଫଳରେ କେନ୍ଦ୍ର ଓ ରାଜ୍ୟ କେହି କାହାରିକୁ ବିରୋଧ କରି ଏକତରଫା ଭାବେ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ । ସବୁ କଥାରେ ସଂଖ୍ୟାଗରିଷ୍ଠତାକୁ ଗ୍ରହଣ କରିବାକୁ ପଡ଼ିବ ।

**ଜିଏସ୍‌ଟି ପରିଷଦର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି :** ପରିଷଦ ତାହାର ପ୍ରଥମ ଦୁଇଟି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛି । ସେଥିମଧ୍ୟରୁ ଜିଏସ୍‌ଟି ଛାଡ଼ ସୀମା ଅନ୍ୟତମ । ନିଷ୍ପତ୍ତି ଅନୁସାରେ ୨୦ଲକ୍ଷ ଟଙ୍କାର ବାର୍ଷିକ କାରବାର ଉପରେ ଜିଏସ୍‌ଟି ଲାଗିବ ନାହିଁ । ତେବେ ସାତଟି ଉତ୍ତରପୂର୍ବାଞ୍ଚଳ ରାଜ୍ୟ, ସିକ୍କିମ୍, ଜାମ୍ମୁକାଶ୍ମୀର, ଉତ୍ତରାଖଣ୍ଡ ଓ ହିମାଚଳପ୍ରଦେଶ ଭଳି ପାହାଡ଼ିଆ ରାଜ୍ୟରେ ଏହି ଛାଡ଼ ସୀମା ୧୦ଲକ୍ଷ ରହିବ । ଏହା ଫଳରେ ବହୁ କ୍ଷୁଦ୍ର ଓ ଛୋଟ ବ୍ୟବସାୟୀ, ସେବାପ୍ରଦାନକାରୀ ଜିଏସ୍‌ଟି ବ୍ୟବସ୍ଥାରେ ପଞ୍ଜୀକୃତ ହେବାରୁ ରକ୍ଷା ପାଇବେ ।

**କ୍ଷମତା ବଣ୍ଟନ :** ପରିଷଦର ନିଷ୍ପତ୍ତିକ୍ରମେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ପ୍ରଶାସନିକ କ୍ଷମତା ବଣ୍ଟନ ପ୍ରସଙ୍ଗରେ ମଧ୍ୟମପନ୍ଥାର ଅନୁସରଣ କରାଯିବ । ବାର୍ଷିକ ୧.୫କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ବ୍ୟବସାୟୀ ବା ବ୍ୟକ୍ତିବିଶେଷଙ୍କ ଉପରେ ରାଜ୍ୟର ପ୍ରଶାସନିକ ଅଧିକାର ରହିବ । ତା'ଠାରୁ ଅଧିକ କାରବାର କରୁଥିବା ବ୍ୟବସାୟୀ ଓ ସଂସ୍ଥା ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ନିୟନ୍ତ୍ରଣ ରହିବ । ସେମାନଙ୍କ ଟିକସ ଓ ଅନ୍ୟାନ୍ୟ ହିସାବପତ୍ର ଉଭୟ ପକ୍ଷ ଏକ ନିର୍ଦ୍ଧାରିତ ସୂତ୍ରାନୁସାରେ କରିବେ । ଏହା ଛଡ଼ା ସାରା ଦେଶରେ ଏବେ ଯେଉଁ ୧୧ଲକ୍ଷ ସେବାପ୍ରଦାନକାରୀ ପଞ୍ଜିକୃତ ବ୍ୟବସାୟୀ ବା ଡିଲର ଅଛନ୍ତି ଆର୍ଥିକ କାରବାର

ନିର୍ବିଶେଷରେ ସେମାନଙ୍କ ଉପରେ କେନ୍ଦ୍ର ସରକାରଙ୍କର ଏକକ ନିୟନ୍ତ୍ରଣ ବଳବତ୍ତର ରହିବ।

**କମ୍ପୋଜିଟ୍ ସ୍କିମ୍ :** କେଉଁ ବ୍ୟବସାୟୀଙ୍କ ଉପରେ କେତେ ଟିକସ ଧାର୍ଯ୍ୟ ହେବ ସେମାନଙ୍କ ଆର୍ଥିକ କାରବାର ସୀମାକୁ ବିଚାରକୁ ନେଇ ଏକ ପଦ୍ଧତି ନିର୍ଦ୍ଧାରିତ ହୋଇଛି। ତଦନୁସାରେ ଯେଉଁମାନଙ୍କର ମୋଟ ବାର୍ଷିକ କାରବାର ୫୦ଲକ୍ଷରୁ ଅଧିକ ସେମାନେ ୧ ରୁ ୨ ଶତାଂଶ ଟିକସ ଦେବେ। ଛୋଟ ବ୍ୟବସାୟୀଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ବ୍ୟବସ୍ଥାରେ ଟିକସଦାତା ବର୍ଷ ଭିତରେ କାରବାରର ଶତକଡ଼ା ହାରରେ ଟିକସ ପୈଠ କରିବେ। ସେମାନଙ୍କୁ ଟିକସ ବାକି ରଖି ଏକକାଳୀନ ପୈଠରେ ସୁଯୋଗ ମିଳିବ ନାହିଁ। ସେହିଭଳି କେନ୍ଦ୍ରୀୟ ଜିଏସ୍‌ଟି ଓ ପ୍ରାଦେଶିକ ଜିଏସ୍‌ଟିର ମୂଳ ହାର ଏକ ଶତାଂଶରୁ କମ୍ ହେବ ନାହିଁ। ସରକାରୀ ଧାର୍ଯ୍ୟ ଟିକସ ଉପରେ କୌଣସି ବ୍ୟବସାୟୀ ଅଧିକ ଟିକସ ଗ୍ରାହକଙ୍କ ଉପରେ ଲାଗୁ କରିବାକୁ ବେଆଇନ୍ କରାଯାଇଛି। ଆନ୍ତଃ ରାଜ୍ୟ ବ୍ୟବସାୟୀଙ୍କ କ୍ଷେତ୍ରରେ ଟିକସ କମ୍ପୋଜିସନ୍ ବ୍ୟବସ୍ଥା ଲାଗୁ ହେବ ନାହିଁ।

**ଅଞ୍ଚଳ ଭିତ୍ତିକ ଛାଡ଼ :** ଭୌଗୋଳିକ ଦୃଷ୍ଟିରୁ ଅସୁବିଧା ସ୍ଥିତିରେ ଥିବା ପାହାଡ଼ିଆ ରାଜ୍ୟମାନଙ୍କ ପାଇଁ ଜିଏସ୍‌ଟିରେ କେତେକ ଅଞ୍ଚଳ ଭିତ୍ତିକ ସୁବିଧା ପ୍ରଦାନ କରାଯାଇଛି। ଏସବୁ ଦୁର୍ଗମ ଅଞ୍ଚଳରେ ଶିଳ୍ପ ଓ ପ୍ରତିଷ୍ଠାନ ନିର୍ମାଣ ପାଇଁ ଉତ୍ପାଦନ ଶୁଳ୍କ ରିଆତି ନୀତି ପୂର୍ବଭଳି ଚାଲୁ ରହିବ। ତେବେ ପ୍ରଥମେ ସମ୍ପୃକ୍ତ ସଂସ୍ଥାଙ୍କୁ ଟିକସ ଭରଣା କରିବାକୁ ହେବ ଏବଂ ପରେ ତାହାକୁ ସେମାନେ 'ଛାଡ଼' ଯୋଜନାରେ ଫେରିପାଇବେ। ସେହିଭଳି ଶିଳ୍ପାୟନକୁ ଉତ୍ସାହିତ କରିବା ପାଇଁ ରାଜ୍ୟ ସରକାରମାନେ ଚାହିଁଲେ ଉଦ୍ୟୋଗୀଙ୍କୁ ସ୍ୱତନ୍ତ୍ର କର ରିଆତି ଦେଇପାରିବେ।

**ଜିଏସ୍‌ଟି ହାର :** ରାଜ୍ୟ ସମୂହର ଅର୍ଥମନ୍ତ୍ରୀମାନଙ୍କୁ ନେଇ ଗଠିତ ଅଧିକୃତ କମିଟି ଜିଏସ୍‌ଟି ହାର ନେଇ ଦୁଇଟି ପ୍ରମୁଖ ନୀତି ଚୂଡ଼ାନ୍ତ କରିଥିଲେ। ତାହାକୁ ଜିଏସ୍‌ଟି ପରିଷଦ ମଧ୍ୟ ଗ୍ରହଣ କରିଛି। ଏହି ନୀତିର ଲକ୍ଷ୍ୟ ହେଲା ଟିକସ ହାର ଖାଉଟି ଅନୁକୂଳ ହେବା ସହ ବର୍ତ୍ତମାନର ସ୍ତରଠାରୁ ଦରଦାମ ହ୍ରାସ କରିବାରେ ସହାୟକ ହେବା ଆବଶ୍ୟକ। ଦ୍ୱିତୀୟ ଲକ୍ଷ୍ୟ ହେଲା ଟିକସ ହାର ଏପରି ହେବା ଉଚିତ ଯଦ୍ୱାରା ନୂଆ ବ୍ୟବସ୍ଥାରେ ସରକାରଙ୍କର ରାଜସ୍ୱ କ୍ଷତି ଯେପରି ନ'ଘଟେ। ତାହାକୁ ଦୃଷ୍ଟିରେ ରଖି ଜିଏସ୍‌ଟି ପରିଷଦ ଚାରିପ୍ରକାର ଟିକସହାର ବ୍ୟବସ୍ଥା କରିବେ ବୋଲି ଆଶା କରାଯାଉଛି। ତାହା ହେଲା : (୧) ମେରିଟ୍ ରେଟ୍ - ଅତ୍ୟାବଶ୍ୟକ ଦ୍ରବ୍ୟ ଓ ସେବା, (୨) ଷ୍ଟାଣ୍ଡାର୍ଡ ରେଟ୍ - ସାଧାରଣ ସେବା ଓ ସାମଗ୍ରୀ ଆଦି, (୩) ସ୍ୱତନ୍ତ୍ର ରେଟ୍ - ମୂଲ୍ୟବାନ ଧାତୁ, (୪) ଶୂନ୍ୟହାର ବା ନିଲ୍‌ରେଟ୍ - ଟିକସ ମୁକ୍ତ ଦ୍ରବ୍ୟ ଓ ସେବା।

ଏଠାରେ ଉଲ୍ଲେଖ କରାଯାଇପାରେ ଯେ ଜିଏସ୍‌ଟି ଦ୍ୱାରା କେବଳ ଶିଳ୍ପ ଓ ବାଣିଜ୍ୟ ଉଦ୍ୟୋଗ ଲାଭବାନ ହେବନି, ଏହାଦ୍ୱାରା ସାଧାରଣ ଜନତା ମଧ୍ୟ ବିଶେଷ ଭାବେ ଉପକୃତ ହେବେ। ଏହା ବହୁସ୍ତରୀୟ ଟିକସ, ଟିକସ ଉପରେ ଟିକସ ବ୍ୟବସ୍ଥାର ଅବସାନ ଘଟାଇ ଖାଉଟିଙ୍କ ବୋଝ କମାଇବା ସହିତ ସାରା ଦେଶ ପାଇଁ ଗୋଟିଏ ବଜାର ବ୍ୟବସ୍ଥା ସୃଷ୍ଟିରେ ସହାୟକ ହେବ। ଏହା ଫଳରେ ସାରା ଦେଶରେ ଖାଉଟି ଗୋଟିଏ ମୂଲ୍ୟରେ ଜିନିଷପତ୍ର କିଣିପାରିବେ। ଏହା ମଧ୍ୟ ଭାରତୀୟ ଜିନିଷକୁ ବିଶ୍ୱବଜାରରେ ପ୍ରତିଯୋଗିତା କରିବାକୁ ସକ୍ଷମ କରାଇବ। ଜିଏସ୍‌ଟି ପ୍ରବର୍ତ୍ତନ ହେଲେ ତତ୍କାଳ ଦେଶର ଜିଡିପିରେ ୨ ଶତାଂଶ ଅଭିବୃଦ୍ଧି ଘଟିବ ବୋଲି ହିସାବ କରାଯାଉଛି। ଏହା ରାଜ୍ୟଗୁଡ଼ିକର ଟିକସ ଆୟ ବଢ଼ାଇବା ସହ ଟିକସ ପରିସରକୁ ସଂପ୍ରସାରିତ କରିବ। ସବୁଠୁ ବଡ଼ କଥା ହେଲା ଏହା ଦ୍ୱାରା ଭାରତରେ ବେପାର ବଣିଜ କରିବା ବ୍ୟବସ୍ଥା ଅଧିକ ସହଜ ହେବ ଏବଂ ବିଦେଶୀ ପୁଞ୍ଜି ନିବେଶ ବଢ଼ିବ।

**କେନ୍ଦ୍ରଦ୍ୱାରା ସଂଗୃହୀତ ଟିକସ**

- କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ
- ଔଷଧ ଓ ପ୍ରସାଧନ ଉପରେ ଉତ୍ପାଦନ ଶୁଳ୍କ
- ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଉପରେ ଅତିରିକ୍ତ ଉତ୍ପାଦନଶୁଳ୍କ
- ବୟନ ଓ ବୟନ ସାମଗ୍ରୀ ଉପରେ ଅତିରିକ୍ତ ଉତ୍ପାଦନ ଶୁଳ୍କ
- ଅତିରିକ୍ତ ସୀମା ଶୁଳ୍କ
- ସ୍ୱତନ୍ତ୍ର ଅତିରିକ୍ତ ସୀମାଶୁଳ୍କ
- ସେବା କର
- ପ୍ରଚଳିତ ଅତିରିକ୍ତ ଟିକସ

**ରାଜ୍ୟଙ୍କ ଦ୍ୱାରା ସଂଗୃହୀତ ଟିକସ**

- ରାଜ୍ୟ ଭ୍ୟାଟ
- କେନ୍ଦ୍ରୀୟ ବିକ୍ରି କର
- କ୍ରୟ କର
- ବିଳାସ କର
- ପ୍ରବେଶ କର
- ପ୍ରମୋଦ କର
- ବିଜ୍ଞାପନ କର
- ଲଟେରୀ, ଜୁଆ କର
- ରାଜ୍ୟଦ୍ୱାରା ଲାଗୁ ବିଭିନ୍ନ ଉପକର

**ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ହୋଇ ନ ଥିବା ସାମଗ୍ରୀ :**

- ମଦ, ବିଦ୍ୟୁତ୍ ଓ ରିୟଲ୍ ଇଷ୍ଟେଟ (କୋଠାବାଡ଼ି, ଜମିଜମା ଆଦି)

**ଭବିଷ୍ୟତରେ ଜିଏସ୍‌ଟିରେ ଅନ୍ତର୍ଭୁକ୍ତ ହେବାକୁ ଥିବା ସାମଗ୍ରୀ:** ଅଶୋଧିତ ପେଟ୍ରୋଲିୟମ, ମୋଟର ସ୍ପିରିଟ (ପେଟ୍ରୋଲ), ହାଇସ୍ପୀଡ୍ ଡିଜେଲ, ପ୍ରାକୃତିକ ବାଷ୍ପ ଓ ବିମାନ ଇନ୍ଧନ । ଏସବୁ ସାମଗ୍ରୀରେ ଏବେ ଲାଗୁ ହୋଇଥିବା ଭ୍ୟାଟ ଓ ବିକ୍ରି କର ଅବ୍ୟାହତ ରହିବ ।

**ତମାଖୁ :** ତମାଖୁ ଓ ତମାଖୁଜାତ ପଦାର୍ଥ ଉପରେ ଜିଏସ୍‌ଟି ଲାଗିବ । ଏହା ସହିତ ଏସବୁ ସାମଗ୍ରୀ ଉପରେ କେନ୍ଦ୍ରୀୟ ଉତ୍ପାଦନ ଶୁଳ୍କ ଲାଗୁ କରିବାର ଅଧିକାର କେନ୍ଦ୍ର ସରକାରଙ୍କର ରହିବ ।

**ରାଜ୍ୟଗୁଡ଼ିକୁ କ୍ଷତିପୂରଣ ପ୍ରଦାନ :** ଜିଏସ୍‌ଟି ଲାଗୁ ହେବା ପରେ ଯଦି ରାଜ୍ୟଗୁଡ଼ିକର ରାଜସ୍ୱହାନି ଘଟେ, ତାହେଲେ ପାଞ୍ଚବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ସରକାର ତାହାର ଭରଣା କରିବେ ।

**ଆମଦାନୀ ଉପରେ :** ବିଦେଶରୁ ଆମଦାନୀ ଦ୍ରବ୍ୟ ଓ ସେବାକୁ ଆନ୍ତଃରାଜ୍ୟ ଯୋଗାଣ ଭାବେ ବିଚାର କରାଯିବ ଓ ଏହା ଉପରେ କେନ୍ଦ୍ରୀୟ ଜିଏସ୍‌ଟି ସରକାର ଲାଗୁ କରିବେ ।

**ରପ୍ତାନୀ :** ରପ୍ତାନୀକୁ ଶୂନ୍ୟାଙ୍କ ଭିତ୍ତିକ ଯୋଗାଣ ଭାବେ ଗ୍ରହଣ କରାଯାଇ ଏହା ଉପରେ କୌଣସି ଜିଏସ୍‌ଟି ଲାଗିବ ନାହିଁ ।

**କେଉଁ ସାମଗ୍ରୀ ଟିକସମୁକ୍ତ ହେବ :** ଜିଏସ୍‌ଟି ପରିସରରୁ ମୁକ୍ତ ସାମଗ୍ରୀର ତାଲିକାକୁ ଯଥାସମ୍ଭବ କ୍ଷୁଦ୍ର କରାଯିବ । କେଉଁ ଦ୍ରବ୍ୟ ଓ ସେବାକୁ ଜିଏସ୍‌ଟିର ମୁକ୍ତ ରଖାଯିବ ସେ ସମ୍ପର୍କରେ ଜିଏଷ୍ଟି ପରିଷଦ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବ ।

**ଜିଏସ୍‌ଟି ଲାଗୁ ପୂର୍ବରୁ କି ପଦକ୍ଷେପ :** କେନ୍ଦ୍ର ସରକାରଙ୍କୁ ସିଜିଏସ୍‌ଟି, ଏସ୍‌ଏସ୍‌ଟି (କେନ୍ଦ୍ର ଓ ରାଜ୍ୟ ପାଇଁ) ଦୁଇଟି ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବାକୁ ପଡ଼ିବ । ରାଜ୍ୟ ସରକାରଙ୍କୁ ଏଥିପାଇଁ ମଧ୍ୟ ସ୍ୱତନ୍ତ୍ର ଆଇନ ପ୍ରବର୍ତ୍ତନ କରିବାକୁ ହେବ ।

ଏସବୁ ସାଧାରଣ ଆଇନ ପ୍ରଣୟନ ପାର୍ଲାମେଣ୍ଟ ଓ ବିଧାନସଭାରେ ଏକକ ସଂଖ୍ୟାଗରିଷ୍ଠ ଭୋଟ୍‌ରେ କରାଯାଇପାରିବ ।

ଲେଖକ ଜଣେ ବରିଷ୍ଠ ସାମ୍ବାଦିକ ।

## ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ରୁଷିଆ ସହ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା

ରୁଷିଆର ତୈଳ କ୍ଷେତ୍ରରେ ଭନ୍‌କର୍ନେଫଟ୍‌ର ୨୩.୯ ପ୍ରତିଶତ ଓ ଟାସ୍-ୟୁରାଖର ୨୯.୯ ପ୍ରତିଶତ ଭାରତର ରାଷ୍ଟ୍ରାୟତ୍ତ ତୈଳ ଉଦ୍ୟୋଗ ଆଇଓସିଏଲ୍ ଓ ଆଇଓଏଲ୍ ଦ୍ୱାରା ଅଧିଗ୍ରହଣ ପ୍ରକ୍ରିୟା ଚାଲିଛି । ଏହା ସହ ଓଏନ୍‌ଜିସି ବିଦେଶ ଲିମିଟେଡ୍ ଦ୍ୱାରା ରୋସନେଫ୍ଟ ଓଏଲ୍ କମ୍ପାନିର ୧୧ ପ୍ରତିଶତ ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଚାଲିଛି । ଭାରତ ଓ ରଷିଆ ଉଭୟ ଦେଶର କ୍ୟାବିନେଟ୍ ଏହି ପ୍ରକଳ୍ପ ପାଇଁ ମଂଜୁରୀ ଦେଇସାରିଛନ୍ତି । ଅକ୍ଟୋବର ୨୦୧୬ ସୁଦ୍ଧା ଏହି କାର୍ଯ୍ୟ ସଂପୂର୍ଣ୍ଣ ହେବା ସମ୍ଭାବନା ଅଛି ବୋଲି ଭାରତର ପ୍ରଧାନମନ୍ତ୍ରୀ ଓ ରୁଷିଆର ରାଷ୍ଟ୍ରପତି ସ୍ତରୀୟ ଦ୍ୱିପାକ୍ଷିକ ଆଲୋଚନାରେ ଭାରତର ପ୍ରତିନିଧିତ୍ୱ କରୁବା ସହ ତୈଳ ଓ ଗ୍ୟାସ୍ କ୍ଷେତ୍ରର ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର କରିବା ପରିପ୍ରେକ୍ଷୀରେ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି । ଦ୍ୱିପାକ୍ଷିକ ଶିଖର ବୈଠକରେ ଶ୍ରୀ ପ୍ରଧାନ ଭାରତର ଭାବରେ ୨୦୧୭-୧୮ ବର୍ଷ ପାଇଁ ଭାରତ-ରୁଷିଆ ଗ୍ୟାସ୍ ଓ ତୈଳ ସହଯୋଗ ଚୁକ୍ତିକୁ ନିଜେ ସ୍ୱାକ୍ଷର କରିଥିଲେ । ରୁଷିଆ ତରଫରୁ ସେଠାକାର ଶକ୍ତିମନ୍ତ୍ରୀ ଆଲେକଜାଣ୍ଡାର ନୋଭାକ ସ୍ୱାକ୍ଷର କରିଥିଲେ ।

ଏହା ଛଡ଼ା ତୈଳ ଓ ଗ୍ୟାସ୍ କ୍ଷେତ୍ରର ଆଉ ଦୁଇଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ରୁଷିଆରୁ ଭାରତ ଓ ଅନ୍ୟ ଦେଶକୁ ଗ୍ୟାସ୍ ପାଇପ୍ ଲାଇନ୍ ପ୍ରକଳ୍ପ ଅନୁଧ୍ୟାନ କରିବା ଓ ଭାରତ ଓ ରୁଷ୍ ମଧ୍ୟରେ ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଶିକ୍ଷା ଓ ତାଲିମ ପାଇଁ ଓଏନ୍‌ଜିସି ବିଦେଶ ଓ ରୋନସେଫ୍ଟ ତୈଳ କମ୍ପାନି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଉଭୟ ଦେଶ ଆହୁରି ସହଯୋଗ କରିବା ସହ ମିଳିତ କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ଏହି ଦ୍ୱିପାକ୍ଷିକ ବୈଠକରେ ସହମତି ପ୍ରକାଶ କରିଥିଲେ ।

# ଟିକସ ବ୍ୟବସ୍ଥାରେ ସଂସ୍କାର

ସନ୍ତୋଷ କୁମାର ମହାପାତ୍ର

ଟିକସ୍ ସଂସ୍କାର କମିଟି ୩ଟି ବିଷୟରେ ସଂସ୍କାର ପାଇଁ ସୁପାରିଶ୍ କରିଥିଲା । ପ୍ରଥମରେ ମୋଟ୍ ଟିକସ୍‌ରେ ବାଣିଜ୍ୟ ଟିକସ୍‌ର ଅଂଶ ହ୍ରାସ, ଦ୍ୱିତୀୟରେ ଘରୋଇ ଅବକାରୀ ଶୁଳ୍କକୁ ଭାଟ୍ ବା ମୂଲ୍ୟଯୁକ୍ତ କରକୁ ରୂପାନ୍ତରିତ କରିବା । ତୃତୀୟରେ ମୋଟ୍ ଟିକସ୍‌ରେ ପ୍ରତ୍ୟକ୍ଷ ଟିକସର ଅଂଶ ବୃଦ୍ଧି କରିବା । ଏହି କମିଟି ମଧ୍ୟ ସୀମାଶୁଳ୍କ, ବ୍ୟକ୍ତିଗତ ଆୟକର, କର୍ପୋରେଟ୍ ଟିକସ୍, ଅବକାରୀ ବା ଉତ୍ପାଦକ ଶୁଳ୍କ ଆଦି ଟିକସ୍ ହାର ହ୍ରାସ କରିବା ପାଇଁ ସୁପାରିଶ୍ କରିଥିଲା । ଟିକସ୍ ଭିତ୍ତିର ସମ୍ପ୍ରସାରଣ ପାଇଁ ବିଭିନ୍ନ ପ୍ରକାର ରିହାତି, ଛାଡ଼କୁ ହ୍ରାସ କରିବା ସହିତ ବିଭିନ୍ନ ଟିକସ୍‌ର ପରିସରବୃଦ୍ଧି ତଥା ଟିକସ୍ ଆଇନ୍, ପଦ୍ଧତିର ସରଳୀକରଣ, ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ପାଇଁ କମିଟି ମତ ଦେଇଥିଲା ।

ଏକ ଦେଶର ଅର୍ଥନୀତିର ପରିଚାଳନା ପାଇଁ ଅର୍ଥ ବା ସମ୍ବଳର ଆବଶ୍ୟକତା ରହିଛି । ଯାହା ମୁଖ୍ୟତଃ ଟିକସ, ଅଣଟିକସ୍ ଓ ଋଣ ମାଧ୍ୟମରେ ସଂଗ୍ରହ ହୋଇଥାଏ । ସରକାରଙ୍କ ବ୍ୟୟ ଭରଣା ନିମିତ୍ତଯେଉଁ ବାଧ୍ୟତାମୂଳକ ଅବଦାନ କୌଣସି ପ୍ରତ୍ୟକ୍ଷ ଆଶା ନ ଥାଇ ନାଗରିକମାନେ କରନ୍ତି ତାହାକୁ ଟିକସ୍ ବା କର କୁହାଯାଏ । ଯାହା ବଜେଟ୍‌ରେ ସାଧାରଣତଃ ସ୍ଥିର ହୋଇଥାଏ । କିନ୍ତୁ ଟିକସ୍ କେବଳ ରାଜସ୍ୱ ବା ସମ୍ବଳ ଆଦାୟର ମାଧ୍ୟମ ନୁହେଁ ଏହା ମାଧ୍ୟମରେ ମଧ୍ୟ ଧନୀକ ଶ୍ରେଣୀଠାରୁ ଅଧିକ ହାରରେ ଟିକସ୍ ଆଦାୟ କରାଯାଇ ବିଭିନ୍ନ ଜନହିତକର, ସମାଜ ମଙ୍ଗଳ କାର୍ଯ୍ୟକ୍ରମରେ ବିନିଯୋଗ କରାଯାଇ ଦାରିଦ୍ର୍ୟ, କ୍ଷୁଧା ଓ ବୈଷମ୍ୟ ଦୂର କରାଯାଇଥାଏ, ବିଶେଷଭାବେ ବୌଷମ୍ୟ ହ୍ରାସ କରିବାର ଏହା ଏକ ପ୍ରମୁଖ ଆୟୁଧ । ଟିକସ୍ ବ୍ୟବସ୍ଥା ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଜନସାଧାରଣଙ୍କ ଆୟ, ବ୍ୟୟ, ଉପଭୋଗ ସର୍ବୋପରି ଜୀବନଧାରଣର ମାନକୁ ପ୍ରଭାବିତ କରିଥାଏ । ଏଣୁ ଟିକସ୍ ଏପରିଭାବେ ସରକାର ଧାର୍ଯ୍ୟ କରିବା ଉଚିତ୍ ଯେପରି ଜଣେ ତା'ର ଆର୍ଥିକ କ୍ଷମତା ଅନୁଯାୟୀ ଟିକସ୍ ଦେବାକୁ ପଡୁଥିବ ।

ଆମ ଦେଶରେ କେବଳ କେନ୍ଦ୍ର ସରକାର ଟିକସ୍ ଧାର୍ଯ୍ୟ କରନ୍ତି ନାହିଁ । ରାଜ୍ୟ ସରକାର ତଥା ସ୍ଥାନୀୟ ସରକାର ଯଥା ନଗର ପାଳିକା ମାନେ ମଧ୍ୟ ବିଭିନ୍ନ ପ୍ରକାର ଟିକସ ଧାର୍ଯ୍ୟ କରିଥାନ୍ତି । ଟିକସ ଦୁଇ ପ୍ରକାର ଅଟେ । ଗୋଟିଏ ପ୍ରତ୍ୟକ୍ଷକର ଏବଂ ଦ୍ୱିତୀୟଟି ପରୋକ୍ଷ କର । ପ୍ରତ୍ୟକ୍ଷ ଟିକସ ବା କର ଜଣେ ବ୍ୟକ୍ତିର କିମ୍ବା କମ୍ପାନୀର ଆୟ ଉପରେ ସିଧାସଳଖ ଧାର୍ଯ୍ୟ କରାଯାଇଥାଏ । ଯେଉଁ ବ୍ୟକ୍ତି ଉପରେ କର ଧାର୍ଯ୍ୟ କରାଯାଇଥାଏ, ସେହି ବ୍ୟକ୍ତି ଉପରେ କରର ବୋଝ ପଡ଼ିଥାଏ । ପରୋକ୍ଷକର କ୍ଷେତ୍ରରେ ଯେଉଁମାନେ କର ପ୍ରାଥମିକ କର ଭାର ବହନ କରନ୍ତି, ସେମାନେ ଅନ୍ତିମ ପର୍ଯ୍ୟାୟ କର ଦାତା ନୁହଁନ୍ତି । ସେମାନେ କର ସ୍ଥାନାନ୍ତର କରି ଅନ୍ୟମାନଙ୍କ ଉପରେ କରଭାର ଆରୋପିତ କରନ୍ତି । ଏହା କରର ସ୍ଥାନାନ୍ତରଣ ଯୋଗୁ ସମ୍ଭବ ହୁଏ । ଯଥା ଦ୍ରବ୍ୟର ବିକ୍ରେତାମାନେ ପ୍ରଥମେ କର ଦେଇଥିଲେ ମଧ୍ୟ ଏହାକୁ ଦର ସହିତ ମିଶାଇ ଖାଉଟିମାନଙ୍କ ପ୍ରତି ସ୍ଥାନାନ୍ତରିତ କରନ୍ତି । ଜଣେ ଉପଭୋକ୍ତା ବା ଖାଉଟି ଯେତେବେଳେ ଦ୍ରବ୍ୟ ବା ସେବା କ୍ରୟ କରିଥାଏ ସେ ପରୋକ୍ଷକର ଦେଇଥାଏ । କେନ୍ଦ୍ର ସରକାର ଧାର୍ଯ୍ୟ କରୁଥିବା ପ୍ରତ୍ୟକ୍ଷ କର ଗୁଡ଼ିକ ହେଉଛି ବ୍ୟକ୍ତିଗତ ଆୟକର, କର୍ପୋରେଟ ଟିକସ୍, ପୁଞ୍ଜିଲାଭ କର ବା କ୍ୟାପିଟାଲ୍ ଗେନ୍ ଟ୍ୟାକ୍ସ, ପ୍ରତିଭୂତି କରିବାର ଟିକସ୍, ଫ୍ରିଞ୍ଜ ବେନିଫିଟ୍ ଟ୍ୟାକ୍ସ (୨୦୦୯ରୁ ଉଚ୍ଛେଦ ହୋଇଛି) ପରକ୍ୱିଜାଇଟ୍ ଟିକସ୍, ଲାଭାଂଶ ବଣ୍ଟନ ଟିକସ, ଲାଭାଂଶ ଟିକସ, ଦାନ କର ଇତ୍ୟାଦି । ଉତ୍ତରାଧିକାରୀ ଟିକସ୍, ବ୍ୟାଙ୍କିଙ୍ଗ୍ କାରବାର ଟିକସ୍, ମୃତ୍ୟୁକର, ସମ୍ପଦକର

ଆଦି ପ୍ରତ୍ୟକ୍ଷକର ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଏହା ବର୍ତ୍ତମାନ ଆମ ଦେଶରେ ପ୍ରଚଳିତ ହେଉନି । ୨୦୧୫ ବଜେଟ୍‌ରେ ସମ୍ପଦକର ଉଚ୍ଛେଦ କରାଯାଇ ୧ କୋଟି ଟଙ୍କାରୁ ଅଧିକ ଆୟକାରୀଙ୍କ ଉପରେ ସରଚାର୍ଜ ୧୨ ପ୍ରତିଶତ ଧାର୍ଯ୍ୟ କରାଯାଇଛି । ଏକ କମ୍ପାନୀର ରାଜସ୍ୱ ୧୦ କୋଟିରୁ ଊର୍ଦ୍ଧ୍ୱ ହେଲେ ତାଉପରେ ଏହା ଲାଗୁ ହେବ। ସେହିପରି କେନ୍ଦ୍ର ସରକାର ଧାର୍ଯ୍ୟକରୁଥିବା ପରୋକ୍ଷ କରଗୁଡ଼ିକ ହେଉଛି ଅବକାରୀ ବା ଉତ୍ପାଦକ ଶୁଳ୍କ, ସେବା ଟିକସ, ସୀମା ଶୁଳ୍କ (ଆମଦାନୀ ଓ ରପ୍ତାନୀ ଶୁଳ୍କ), କେନ୍ଦ୍ରୀୟ ବିକ୍ରୟ କର ଇତ୍ୟାଦି ।

ଏକ ଟିକସ ବ୍ୟବସ୍ଥାକୁ ଭଲ କୁହାଯାଏ ଯଦି ଏହା ସରଳ, ସହଜ ଓ ପ୍ରଗତିଶୀଳ ହୋଇଥାଏ । ଏଥିପାଇଁ ବିଭିନ୍ନ ସମୟରେ ଟିକସ୍ ବ୍ୟବସ୍ଥାରେ ସଂସ୍କାର ଅଣାଯାଇଛି । ବିଭିନ୍ନ ସମୟରେ ବିଭିନ୍ନ କମିଶନ ବସାଯାଇଛି । ସେମାନେ ଟିକସ କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣିବା ପାଇଁ ବିଭିନ୍ନ ପ୍ରକାର ସୁପାରିଶ କରିଛନ୍ତି । ବିଶେଷ କରି ଜାତୀୟ ଆୟ ଅନୁସାରେ ଟିକସ୍ ଆଦାୟ କିପରି ବୃଦ୍ଧିପାଇବ ତାହା ପ୍ରତି ପ୍ରାଧାନ୍ୟ ଦିଆଯାଇଛି । କାରଣ ଜାତୀୟ ଆୟ ଦୃଷ୍ଟିରୁ ଟିକସ୍ ଆଦାୟ କ୍ଷେତ୍ରରେ ଭାରତ ବିଶ୍ୱରେ ଅତ୍ୟନ୍ତ ନିମ୍ନରେ ରହିଛି । ଟିକସ୍ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆଣିବା ପାଇଁ ଭାରତରେ ପ୍ରଥମେ ୧୯୫୩ରେ ଟିକସ ସଂସ୍କାର କମିଟି ଗଠନ ହୋଇଥିଲା । ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା (୧୯୫୬-୬୦)ରେ କିପରି ଅଧିକ ସମ୍ବଳ ସଂଗ୍ରହ କରାଯାଇ ପାରିବ ଏବଂ କିପରି ସଞ୍ଚୟ ତଥା ନିବେଶ ବୃଦ୍ଧିପାଇବ ଘରୋଇ କ୍ଷେତ୍ରରୁ ସରକାରୀ କ୍ଷେତ୍ରକୁ ସମ୍ବଳ ସ୍ଥାନାନ୍ତର ହେବ ଏବଂ ଏହାର ସୁଷମ ବଣ୍ଟନ ହେବ ତାହା ସମ୍ପର୍କରେ ଏହି କମିଟି ସୁପାରିଶ୍ କରିଥିଲା । ଏହା ପରେ ମଧ୍ୟ କିଛି ସଂସ୍କାର ପାଇଁ ପଦକ୍ଷେପ ନିଆଯାଇଛି । ୧୯୫୭-୫୮ରେ କାଲ୍‌ଡୋର କମିଟି ସୁପାରିଶ୍ ଅନୁଯାୟୀ ବ୍ୟୟକର ବା ଏକ୍ସପେଣ୍ଡିଚର ଟ୍ୟାକ୍ସ ଧାର୍ଯ୍ୟ ହୋଇଥିଲା। କିନ୍ତୁ ୩ ବର୍ଷ ଧରି ଏହା କାର୍ଯ୍ୟକାରୀ ହେବା ସତ୍ତ୍ୱେ ଯଥେଷ୍ଟ ସମ୍ବଳ ଆଦାୟ ନ ହେବାରୁ ତାହାକୁ ପ୍ରତ୍ୟାହାର କରାଯାଇଥିଲା । ଏହାପରେ ୧୯୭୧ରେ ପ୍ରତ୍ୟକ୍ଷ ଟିକସ ଅନୁସନ୍ଧାନ କମିଟି ବିଭିନ୍ନ ଟିକସ୍ ହାରରେ (ମାର୍ଜିନାଲ୍ ଟ୍ୟାକ୍ସ ରେଟ୍) ହ୍ରାସ ପାଇଁ ସୁପାରିଶ କରିଥିଲା । ସେହିପରି ୧୯୭୨ରେ ପରୋକ୍ଷ ଟିକସ ଅନୁସନ୍ଧାନ କମିଟି ସୁପାରିଶ ଅନୁଯାୟୀ ପରୋକ୍ଷ ଟିକସ ବ୍ୟବସ୍ଥାକୁ କିଛି ସରଳୀକରଣ କରାଯାଇଥିଲା । ସେହିପରି ବିଭିନ୍ନ ରାଜ୍ୟରେ ଟିକସ୍ ବ୍ୟବସ୍ଥାର ସରଳୀକରଣ କରିବା ପାଇଁ ବିଭିନ୍ନ କମିଟି ଗଠନ ହୋଇଥିଲା । ସବୁ କମିଟିର ଲକ୍ଷ୍ୟ ଥିଲା କିପରି ଅଧିକ ରାଜସ୍ୱ ଆଦାୟ ହୋଇ କ୍ରମ ବର୍ଦ୍ଧିଷ୍ଣୁ ବ୍ୟୟ ଭରଣା କରାଯିବା ସହିତ ନିବେଶ ବା ଇନ୍‌ଭେଷ୍ଟମେଣ୍ଟ ବୃଦ୍ଧି ପାଇବ।

ଉଲ୍ଲେଖନୀୟ ଯେ ୧୯୭୦ ପର୍ଯ୍ୟନ୍ତ ସର୍ବାଧିକ ଟିକସହାର ଏବଂ ସରଚାର୍ଜ ମିଶି ୯୩ ଦଶମିକ ୫ ପ୍ରତିଶତ ଥିଲା ଏବଂ ୧୧ଟି ଟିକସ୍ ହାର ଥିଲା । ପରେ ୧୯୭୩-୭୪ରେ ସର୍ବାଧିକ ଟିକସ୍ ହାର ୯୭.୫୭ ପ୍ରତିଶତକୁ ବୃଦ୍ଧିପାଇଥିଲା । ସେହିପରି ସମ୍ପଦ କର ମଧ୍ୟ ୮ ପ୍ରତିଶତ ଥିଲା ଯାହା ଯେକୌଣସି ଦୃଷ୍ଟିଭଙ୍ଗୀରୁ ଅହେତୁକ ଥିଲା ଏବଂ ତାହା ଟିକସ୍ ଫାଙ୍କି, କଳାଧନ ଠୁଳ କରିବା ପ୍ରକ୍ରିୟାର ମାନସିକତାକୁ ପ୍ରୋତ୍ସାହିତ କରୁଥିଲା । ଏଣୁ ପ୍ରତ୍ୟକ୍ଷ ଟିକସ ଅନୁସନ୍ଧାନ କମିଟି ସୁପାରିଶ୍ ଅନୁଯାୟୀ ସର୍ବାଧିକ ଟିକସ୍ ହାରକୁ ୧୯୭୪-୭୫ରେ ୭୭ ପ୍ରତିଶତ ଏବଂ ୧୯୭୬ରେ ୬୬ ପ୍ରତିଶତକୁ ହ୍ରାସ କରାଗଲା । ସେହିପରି ସମ୍ପଦ ଟିକସ୍ ହାର ୨ ଦଶମିକ ୫ ପ୍ରତିଶତକୁ ହ୍ରାସ କରାଗଲା। ଆର୍ଥିକ ସଂସ୍କାର କାର୍ଯ୍ୟକାରୀ ହେବା ପୂର୍ବରୁ ପରୋକ୍ଷକର କ୍ଷେତ୍ରରେ ବଡ଼ ଧରଣର ସଂସ୍କାର କରାଯାଇଥିଲା । ତାହା ହେଲା ୧୯୯୬ରେ କେନ୍ଦ୍ର ଅବକାରୀ ଶୁଳ୍କକୁ ମଡ୍‌ଭାଟ ବା ପରିବର୍ତ୍ତିତ ମୂଲ୍ୟ ଯୁକ୍ତ କରକୁ ରୂପାନ୍ତରିତ କରିବା । ଅବଶ୍ୟ ଏହା ଏକ ପ୍ରକାର ଆୟ ଭିତ୍ତିକ ଭାଟ୍ ଅଟେ ଯାହା ନିର୍ଦ୍ଦିଷ୍ଟ ଉତ୍ପାଦିତ ଦ୍ରବ୍ୟ ଉପରେ ଧାର୍ଯ୍ୟ ହୋଇଥାଏ । ଏହା ପରେ ଆଡ୍‌ଭାଲୋରେମ୍ ଟ୍ୟାକ୍ସ ବଦଳରେ କିଛି ଦ୍ରବ୍ୟ ଉପରେ ନିର୍ଦ୍ଦିଷ୍ଟ ଟିକସ୍ ଧାର୍ଯ୍ୟ କରାଯାଇଥିଲା । ଆଡ୍‌ଭାଲୋରେମ୍ ଟିକସ୍ କହିଲେ ଯେଉଁ ଟିକସ୍ କାରବାର ବା ସମ୍ପତ୍ତିର ମୂଲ୍ୟ ଉପରେ ଧାର୍ଯ୍ୟ ହୋଇଥାଏ ।

୧୯୯୧ରେ ଆର୍ଥିକ ସଂସ୍କାର ଦେଶରେ କାର୍ଯ୍ୟକାରୀ ହେବାଠାରୁ ଟିକସ୍ ସଂସ୍କାର କମିଟି (ଟି.ଆର୍.ସି.) ଟିକସ୍ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ପାଇଁ ସୁପାରିଶ କରିଥିଲା । ଏହି କମିଟି ତାର ଅନ୍ତରୀଣ ରିପୋର୍ଟରେ ଆୟ କର, ସମ୍ପଦ କର, ଘରୋଇ କଞ୍ଜମସନ୍ ବା ଉପଭୋଗ ଉପରେ ଶୁଳ୍କ ବା ଟାରିଫ୍ ଧାର୍ଯ୍ୟକୁ ନେଇ ସଂସ୍କାର ପାଇଁ ସୁପାରିଶ କରିଥିଲା । ଏହି କମିଟିର ରିପୋର୍ଟ ୩ ଭାଗରେ ବିଭକ୍ତ ହୋଇଥିଲା । ପ୍ରଥମ ରିପୋର୍ଟରେ ଟିକସ୍ ପ୍ରଶାସନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ପ୍ରାଧାନ୍ୟ ଦିଆଯାଇଥିଲା । ରିପୋର୍ଟର ୨ୟ ଭାଗରେ ଶୁଳ୍କର ପୁନର୍ଗଠନ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଟିକସ୍ ଭିତ୍ତି ବା ବେସ୍‌ର ପ୍ରସାର, ବିଭିନ୍ନ ଟିକସ୍ ହାର ହ୍ରାସ, ଟିକସ୍ ହାର ମଧ୍ୟରେ ଥିବା ପ୍ରାର୍ଥକ୍ୟ ହ୍ରାସ ସାଙ୍ଗକୁ ଟିକସ୍ ପ୍ରଶାସନ ଓ ଟିକସ୍ ବ୍ୟବସ୍ଥାକୁ ଅଧିକ ଫଳପ୍ରଦ କରିବା ପାଇଁ ସୁପାରିଶ୍ କରାଯାଇଥିଲା । ସଂକ୍ଷେପରେ କହିଲେ

ଟିକସ୍ ସଂସ୍କାର କମିଟି ୩ଟି ବିଷୟରେ ସଂସ୍କାର ପାଇଁ ସୁପାରିଶ୍ କରିଥିଲା । ପ୍ରଥମରେ ମୋଟ୍ ଟିକସ୍‌ରେ ବାଣିଜ୍ୟ ଟିକସ୍‌ର ଅଂଶ ହ୍ରାସ, ଦ୍ୱିତୀୟରେ ଘରୋଇ ଅବକାରୀ ଶୁଳ୍କକୁ ଭାଟ୍ ବା ମୂଲ୍ୟଯୁକ୍ତ କରକୁ ରୂପାନ୍ତରିତ କରିବା । ତୃତୀୟରେ ମୋଟ୍ ଟିକସ୍‌ରେ ପ୍ରତ୍ୟକ୍ଷ ଟିକସର ଅଂଶ ବୃଦ୍ଧି କରିବା । ଏହି କମିଟି ମଧ୍ୟ ସୀମାଶୁଳ୍କ, ବ୍ୟକ୍ତିଗତ ଆୟକର, କର୍ପୋରେଟ୍ ଟିକସ୍, ଅବକାରୀ ବା ଉତ୍ପାଦକ ଶୁଳ୍କ ଆଦି ଟିକସ୍ ହାର ହ୍ରାସ କରିବା ପାଇଁ ସୁପାରିଶ୍ କରିଥିଲା। ଟିକସ୍ ଭିତ୍ତିର ସମ୍ପ୍ରସାରଣ ପାଇଁ ବିଭିନ୍ନ ପ୍ରକାର ରିହାତି, ଛାଡ଼କୁ ହ୍ରାସ କରିବା ସହିତ ବିଭିନ୍ନ ଟିକସ୍‌ର ପରିସରବୃଦ୍ଧି ତଥା ଟିକସ୍ ଆଇନ୍, ପଦ୍ଧତିର ସରଳୀକରଣ, ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ପାଇଁ କମିଟି ମତ ଦେଇଥିଲା । ଏହି କମିଟିର ସୁପାରିଶ ଅନୁଯାୟୀ ସରକାର ବ୍ୟକ୍ତିଗତ ଆୟକର ହାର ଆୟକୁ ଭିତ୍ତି କରି ୧୦,୨୦ ଓ ୩୦ ପ୍ରତିଶତକୁ ହ୍ରାସ କରିବା ସହିତ ଆୟକରଛାଡ଼ ସୀମା ୫୦,୦୦୦ ଟଙ୍କାରେ ଏବଂ ଷ୍ଟାଣ୍ଡାର୍ଡ଼ ଡିଡକ୍ସନ ୨୫୦୦୦ ଟଙ୍କାରେ ସେ ସମୟରେ ସ୍ଥିର କରିଥିଲେ । ସେହିପରି କର୍ପୋରେଟ୍ ଟିକସ୍ ହାର ଦେଶୀୟ କମ୍ପାନୀଙ୍କ ପାଇଁ ୩୫ ପ୍ରତିଶତ ଏବଂ ବିଦେଶୀ କମ୍ପାନୀଙ୍କ ପାଇଁ ୪୮ ପ୍ରତିଶତକୁ ହ୍ରାସ କରାଯାଇଥିଲା । କିଛି କମ୍ପାନୀକୁ ଆଦୌ ଟିକସ୍ ଦେବାକୁ ନ ପଡ଼ିବାରୁ ୧୯୯୭-୯୮ରେ ସର୍ବନିମ୍ନ ବିକଳ୍ପ ଟିକସ୍ (ମ୍ୟାଟ୍) ଧାର୍ଯ୍ୟ କରାଯାଇଥିଲା ।

୧୯୯୦-୯୧ରେ ନୋମିନାଲ୍ ଆମଦାନୀ ଶୁଳ୍କ ହାର ୧୨୫ ପ୍ରତିଶତ ଏବଂ ପିକ୍ ରେଟ୍ ବା ସର୍ବାଧିକ ହାର ୩୫୫ ପ୍ରତିଶତ ଥିଲା । କିନ୍ତୁ କ୍ରମାଗତ ଭାବେ ଏହା ହ୍ରାସ କରାଯାଇଥିଲା । ଯାହା ଫଳରେ ୧୯୯୭-୯୮ରେ ଆମଦାନୀ ଶୁଳ୍କର ସର୍ବାଧିକ ହାର ୪୦ ପ୍ରତିଶତ ଏବଂ ହାରାହାରି ଆମଦାନୀ ଶୁଳ୍କ ହାର ୨୫ ପ୍ରତିଶତକୁ ହ୍ରାସ କରାଯାଇଥିଲା । ୧୯୯୪-୯୫ରେ ପ୍ରଥମେ ୩ଟି ସେବା ଯଥା ଟେଲିଫୋନ୍, ସାଧାରଣ ବୀମା ଓ ଷ୍ଟକ୍ ବ୍ରୋକରେଜ୍ ଉପରେ ସେବା ଟିକସ୍ ଧାର୍ଯ୍ୟ କରାଯାଇଥିଲା । ପରେ ଏହାର ପରିସର ବୃଦ୍ଧି କରାଯାଇଛି । ୧୯୯୧ରେ ସରକାର ରାଜା ଜେ. ଚେଲ୍ଲିହାଙ୍କ ଅଧ୍ୟକ୍ଷତାରେ ଟିକସ୍ ବ୍ୟବସ୍ଥାର ସଂସ୍କାର ପାଇଁ ଏକ କମିଟି ଗଠନ କରିଥିଲେ । ଏହା ଜାନୁଆରୀ ୧୯୯୩ରେ ତା'ର ରିପୋର୍ଟ ପ୍ରଦାନ କରିଥିଲା ଏବଂ ଟିକସ୍ ଢାଞ୍ଚାରେ ପରିବର୍ତ୍ତନ ପାଇଁ ଅନେକଗୁଡ଼ିଏ ସୁପାରିଶ୍ କରିଥିଲା । ଏହା ପ୍ରଗତିଶୀଳ ଟିକସ୍ ବ୍ୟବସ୍ଥା ଉପରେ ପ୍ରାଧାନ୍ୟ ଦେବା ସହିତ ସାଧୁତା ଓ ସ୍ୱେଚ୍ଛାକୃତଭାବେ ଟିକସ୍ ପ୍ରଦାନ ପ୍ରକ୍ରିୟାକୁ ପ୍ରୋତ୍ସାହନ ଦେବା ପାଇଁ ମତ ଦେଇଥିଲା । ଆହୁରି ମଧ୍ୟ ଟିକସ୍ ବ୍ୟବସ୍ଥାର ସରଳୀକରଣ ସାଙ୍ଗକୁ ଟିକସ୍ ଢାଞ୍ଚାରେ ସ୍ଥିରତା ଏବଂ ଯୁକ୍ତିଯୁକ୍ତତାକୁ ଗୁରୁତ୍ୱ ଦେଇଥିଲା । ଟିକସ୍ କ୍ଷେତ୍ରର ସରଳୀକରଣ ପାଇଁ ଅଳ୍ପ ସଂଖ୍ୟକ ଟିକସ୍ ହାର ଏବଂ ଅଳ୍ପ ରିହାତି ଦେବା ପାଇଁ ଏହି କମିଟି ସୁପାରିଶ୍ କରିଥିଲା । ଟିକସ୍ ପ୍ରଶାସନର ଆଧୁନିକୀକରଣ ପାଇଁ ମଧ୍ୟ ଏହା ଗୁରୁତ୍ୱ ଦେଇଥିଲା । ଏହି କମିଟି ଯେଉଁ ପ୍ରମୁଖ ସୁପାରିଶ କରିଥିଲା ତାହା ହେଲା (୧) ଟିକସ୍‌ର ହାର ହ୍ରାସ ଏବଂ ସର୍ବାଧିକ ଓ ସର୍ବନିମ୍ନ ଟିକସ୍ ହାର ମଧ୍ୟରେ ପ୍ରାର୍ଥକ୍ୟ ହ୍ରାସ ସାଙ୍ଗକୁ ବିଭିନ୍ନ ପ୍ରକାର ଟିକସ୍ ପ୍ରୋତ୍ସାହନ ହ୍ରାସ (୨) ଏକ କମ୍ପାନୀକୁ ଏକାବେଳେ ୨ଟି ଟିକସ୍ ଯଥା କର୍ପୋରେଟ୍ ଟିକସ୍ ଏବଂ ଆୟକର ନ ଦେବା ପାଇଁ ବ୍ୟବସ୍ଥା କରିବା (୩) ଘରୋଇ କମ୍ପାନୀଙ୍କ ଉପରେ ଧାର୍ଯ୍ୟ କର୍ପୋରେଟ୍ ଟିକସ୍ ହାର ସର୍ବାଧିକ ୪୦ ପ୍ରତିଶତ ମଧ୍ୟରେ ସୀମିତ ରଖିବା ସହିତ ଘରୋଇ କମ୍ପାନୀ ଓ ବିଦେଶୀ କମ୍ପାନୀ ଉପରେ ଧାର୍ଯ୍ୟ କର୍ପୋରେଟ୍ ଟିକସ୍ ହାରରେ ପ୍ରାର୍ଥକ୍ୟ ହ୍ରାସ କରିବା । ବିଶେଷ କରି ଏହି ପ୍ରାର୍ଥକ୍ୟକୁ ୭ ଦଶମିକ ୫ ପ୍ରତିଶତକୁ ହ୍ରାସ କରିବା। (୪) ଦୀର୍ଘକାଳୀନ ପୁଞ୍ଜି ଲାଭ କର ଧାର୍ଯ୍ୟ କଲାବେଳେ ମୂଲ୍ୟ ମୁଦ୍ରାସ୍ଫୀତିକୁ ବିଚାରକୁ ନେବା (୫) ସମ୍ପଦ ଟିକସ୍ କେବଳ ଅଣ ଉତ୍ପାଦକ ସମ୍ପଦ ଉପରେ ଧାର୍ଯ୍ୟ କରିଲାବେଳେ ସେୟାର ବା ଅଂଶଧନ, ପ୍ରତିଭୂତି ବଣ୍ଡ, ବ୍ୟାଙ୍କ୍ ଜମାରାଶି ଆଦି ଉତ୍ପାଦକ ଭିତ୍ତିକ ସମ୍ପଦକୁ ଏପରି ଟିକସ୍‌ର ପରିସରର ବାହାରେ ରଖିବା (୬) ସୀମା ଶୁଳ୍କର ସରଳୀକରଣ ତଥା ହ୍ରାସ (୭) ଆର୍ଥିକ ସଂସ୍କାର ପୂର୍ବରୁ ଅବକାରୀ ଶୁଳ୍କ କ୍ଷେତ୍ରରେ ଆଡ଼ଭାଲୋରେମ୍ ଟିକସ୍ ବଦଳରେ ନିର୍ଦ୍ଦିଷ୍ଟ ଟିକସ୍ ଧାର୍ଯ୍ୟ କରିବା ଯୋଗୁଁ ଯେହେତୁ ସରକାରଙ୍କର ରାଜସ୍ୱ ହ୍ରାସ ପାଇଥିଲା, ତେଣୁ ପୁନଶ୍ଚ ଆଡ଼ଭାଲୋରେମ୍ ଟିକସ୍ ପ୍ରଚଳନ କରିବା ।

ଉପରୋକ୍ତ ସୁପାରିଶ ଉପରେ ସରକାର କାର୍ଯ୍ୟ କରିବା ଯୋଗୁ ଜି.ଡ଼ି.ପି. ଅନୁସାରେ ଟିକସ୍ ରାଜସ୍ୱ ୧୮ ଦଶମିକ ୩ ପ୍ରତିଶତକୁ ବୃଦ୍ଧିପାଇଲା । ମୋଟ ଜି.ଡ଼ି.ପି. ଅନୁସାରେ ପ୍ରତ୍ୟକ୍ଷ ଟିକସ୍‌ର ଅଂଶ ଯାହା ୧୯୯୦-୯୨ରେ ୨ ଦଶମିକ ୧ ପ୍ରତିଶତ ଥିଲା ତାହା ୨୦୦୭-୦୮ରେ ୫ ଦଶମିକ ୭ ପ୍ରତିଶତକୁ ବୃଦ୍ଧି ପାଇଥିଲା । ମୋଟ୍ ଟିକସ୍ ରାଜସ୍ୱରେ ପ୍ରତ୍ୟକ୍ଷ ଟିକସ୍‌ର ଅଂଶ ଯାହା ୧୯୯୦-୯୧ରେ ୧୯ ପ୍ରତିଶତ ଥିଲା, ତାହା ୨୦୦୭-୦୮ରେ ୪୮ ଦଶମିକ ୮ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଆୟକର ଛାଡ଼ ସୀମା ଯାହା ୧୯୯୧ରେ ୨୨,୦୦୦ଟଙ୍କା ଥିଲା ତାହା ୨୦୦୭-୦୮ରେ ୧ ଲକ୍ଷ ଟଙ୍କାକୁ ବୃଦ୍ଧିପାଇଲା । ସର୍ବାଧିକ ଆୟକର ହାର ଯାହା ୧୯୭୩-

୭୪ରେ ୯୭ ଦଶମିକ ୫ ପ୍ରତିଶତ ଥିଲା ତାହା ୨୦୦୬-୦୭ରେ ୩୦ ପ୍ରତିଶତକୁ ହ୍ରାସ ପାଇଲା । କର୍ପୋରେଟ୍ ଟିକସ୍ ମଧ୍ୟ ଦେଶୀୟ କମ୍ପାନୀ କ୍ଷେତ୍ରରେ ୩୦ ପ୍ରତିଶତ ଏବଂ ବିଦେଶୀ କମ୍ପାନୀ କ୍ଷେତ୍ରରେ ୪୦ ପ୍ରତିଶତକୁ ହ୍ରାସପାଇଲା । ୨୦୦୨ରେ ଯଶୋବନ୍ତ ସିଂହ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ନେବାପରେ ତାଙ୍କର ଅନ୍ତରଙ୍ଗ ବନ୍ଧୁ ତଥା କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ଡକ୍ଟରେଟ୍ ଉପାଧିରେ ଭୂଷିତ ହୋଇଥିବା ଅର୍ଥନୀତିଜ୍ଞ ଡ. ବିଜୟ ଲକ୍ଷ୍ମଣ କେଲକାରଙ୍କୁ ତାଙ୍କ ସ୍ୱତନ୍ତ୍ର ଅର୍ଥନୈତିକ ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଥିଲେ । ଭାରତର ଭବିଷ୍ୟତ ଟିକସ ବ୍ୟବସ୍ଥାର ରୂପରେଖ କିପରି ହେବ ଏବଂ ଏହାର ସରଳୀକରଣ, ପୁନର୍ବିନ୍ୟାସ ପାଇଁ କେଲକାରଙ୍କ ଅଧ୍ୟକ୍ଷତାରେ ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସ୍ ପାଇଁ ପୃଥକ୍ ପୃଥକ୍ ଭାବେ ଦୁଇଟି ବିଶେଷଜ୍ଞ ଗୋଷ୍ଠୀ ଅର୍ଥମନ୍ତ୍ରୀ ଶ୍ରୀ ସିଂହ ୨୦୦୨ରେ ଗଠନ କରିଥିଲେ । ଏହି ବିଶେଷଜ୍ଞ ଗୋଷ୍ଠୀ କେଲକାର କମିଟି ନାମରେ ପରିଚିତ । ସେହି ସମୟରେ କେଲକାର କମିଟି ଆୟକର ଛାଡ଼ ସୀମାକୁ ୫୦,୦୦୦ ଟଙ୍କାରୁ ୧ ଲକ୍ଷ ଟଙ୍କାକୁ ବୃଦ୍ଧି ସହିତ ୧ ଲକ୍ଷରୁ ୪ ଲକ୍ଷ ଟଙ୍କା ଆୟ ଉପରେ ୨୦ ପ୍ରତିଶତ ଏବଂ ୪ ଲକ୍ଷ ଟଙ୍କାରୁ ଅଧିକ ଆୟ ଉପରେ ୩୦ ପ୍ରତିଶତ ଟିକସ୍ ଧାର୍ଯ୍ୟ ପାଇଁ ସୁପାରିଶ କରିଥିଲେ । ଟିକସ୍ ଆଧାରର ସମ୍ପ୍ରସାରଣ ପାଇଁ ୧ ଲକ୍ଷ ଟଙ୍କାରୁ ଅଧିକ ଆୟ କରୁଥିବା କୃଷକଙ୍କୁ ଟିକସର ପରିସରଭୁକ୍ତ କରିବା ପାଇଁ କମିଟି ମଧ୍ୟ ସୁପାରିଶ କରିଥିଲା । ବ୍ୟକ୍ତିଗତ ଆୟକର କ୍ଷେତ୍ରରେ ଷ୍ଟାଣ୍ଡାର୍ଡ଼ ଡିଡକ୍ସନ୍ ସାଙ୍ଗକୁ ସମସ୍ତ ପ୍ରକାର ରିହାତି ଉଚ୍ଛେଦ ଏବଂ ଧାରା ୮୮ରେ ସଞ୍ଚୟ ଜନିତ ଟିକସ୍ ରିହାତି ବା ପ୍ରୋତ୍ସାହନକୁ ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ସେହି କମିଟି ସୁପାରିଶ କରିଥିଲା । ଆହୁରି ମଧ୍ୟ ସେହି ସମୟରେ କର୍ପୋରେଟ୍ ଟିକସ୍ ହାର ଦେଶୀୟ କମ୍ପାନୀଙ୍କ ପାଇଁ ୩୬ ଦଶମିକ ୭୫ ପ୍ରତିଶତରୁ ୩୦ ପ୍ରତିଶତକୁ ଏବଂ ବିଦେଶୀ କମ୍ପାନୀଙ୍କ ପାଇଁ ୪୦ ପ୍ରତିଶତରୁ ୩୫ ପ୍ରତିଶତକୁ ହ୍ରାସ ପାଇଁ ସୁପାରିଶ କରିଥିଲା । କିନ୍ତୁ ପରୋକ୍ଷ କ୍ଷେତ୍ରରେ ସଂସ୍କାର ପାଇଁ କେଲକାର କମିଟି ଦ୍ରବ୍ୟ ଓ ସେବାକର ବା ଜି.ଏସି.ଟି. କାର୍ଯ୍ୟକାରୀ କରିବା ପାଇଁ ସୁପାରିଶ କରିଥିଲା ।

ପ୍ରତ୍ୟକ୍ଷ ଟିକସ୍ କ୍ଷେତ୍ରରେ ସଂସ୍କାର ପାଇଁ ମଧ୍ୟ ଅଗଷ୍ଟ ୨୦୦୯ରେ ଡାଇରେକ୍ଟ ଟ୍ୟାକ୍ସ କୋଡ୍ ବା ପ୍ରତ୍ୟକ୍ଷ ଟିକସ ସଂହିତା ଲୋକମାନଙ୍କ ମତାମତ ପାଇଁ ଉନ୍ମୋଚନ ହୋଇଥିଲା । ଏହା ସଂସଦରେ ତତ୍କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ପି. ଚିଦାମ୍ବରମ୍‌ଙ୍କ ଦ୍ୱାରା ୨୦୧୦ରେ ଉପସ୍ଥାପନ ହୋଇଥିଲା । କିନ୍ତୁ ପଞ୍ଚଦଶ (୧୫ତମ) ଲୋକସଭାର ଅବଧି ଶେଷ ହେବାରୁ ଏହି ବିଲ୍ ବାତିଲ୍ ହୋଇଥିଲା । କିନ୍ତୁ ଏହି ବିଲ୍‌ର ଲକ୍ଷ୍ୟ ଥିଲା ଆୟକର ଆଇନ ୧୯୬୧ର ସଂଶୋଧନ । ଏହି ବିଲ୍‌ରେ ବିଭିନ୍ନ ସଞ୍ଚୟର ପରିପକ୍ୱ ରାଶିକୁ ଟିକସ୍‌ର ପରିସରଭୁକ୍ତି କରିବା ସହିତ ଆୟକର ଛାଡ଼ ସୀମାବୃଦ୍ଧି ପାଇଁ ସୁପାରିଶ କରାଯାଇଥିଲା । ଏହାପରେ ୨୦୧୪ରେ ବର୍ତ୍ତମାନର କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ବଜେଟ୍ ଉପସ୍ଥାପନ ପରେ ଡାଇରେକ୍ଟ ଟ୍ୟାକ୍ସ କୋଡ୍ ୨୦୧୩ ବିଲ୍ ଉପସ୍ଥାପନ କରିଛନ୍ତି । ଇତି ମଧ୍ୟରେ ବିଭିନ୍ନ ବଜେଟ୍‌ରେ ସଂଶୋଧନ ଯୋଗୁ ଆୟକର ଛାଡ଼ ସୀମା ୨ ଦଶମିକ ୫ ଲକ୍ଷ ଟଙ୍କା ଏବଂ ବରିଷ୍ଠ ନାଗରିକଙ୍କ ପାଇଁ ୩ ଲକ୍ଷ ଟଙ୍କାରେ ପହଁଚିଛି । ବ୍ୟକ୍ତିଗତ ଆୟକର ସର୍ବାଧିକ ୩୦ ପ୍ରତିଶତରେ ଥିଲାବେଳେ କର୍ପୋରେଟ୍ ଟିକସ୍ ହାର ପର୍ଯ୍ୟାୟକ୍ରମେ ୩୦ ପ୍ରତିଶତରୁ ୨୫ ପ୍ରତିଶତକୁ ହ୍ରାସ ପାଇଁ ସିଦ୍ଧାନ୍ତ ନିଆଯାଇଛି । ବିଭିନ୍ନ ସଞ୍ଚୟ ବାବଦ ରିହାତି ସୀମା ୧ ଦଶମିକ ୫ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ବିଭିନ୍ନ ପ୍ରକାର ସେସ୍ ଯଥା ସ୍ୱଚ୍ଛଭାରତ ସେସ୍, କୃଷି କଲ୍ୟାଣ ସେସ୍, ଭିତ୍ତିଭୂମି ସେସ୍ ଧାର୍ଯ୍ୟ ହୋଇଛି ।

ସମ୍ପ୍ରତି ଭାରତର ଟିକସ୍ ବ୍ୟବସ୍ଥାରେ ସବୁଠାରୁ ବଡ଼ ଧରଣର ଟିକସ୍ ସଂସ୍କାର ହେଉଛି ସଂସଦରେ ଦ୍ରବ୍ୟ ଓ ସେବା ଟିକସ୍ ବା ଜି.ଏସ୍.ଟି ବିଲ୍ ଗୃହୀତ ହେବା । ୨୦୦୦ ମସିହାରେ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଧାନ ମନ୍ତ୍ରୀତ୍ୱରେ ଏନ୍.ଡ଼ି.ଏ. ସରକାର ଜି.ଏସ୍.ଟି. ପ୍ରସଙ୍ଗ ଉତ୍‌ଥାପନ କରିଥିଲେ । ଏଥିପାଇଁ ପଶ୍ଚିମବଙ୍ଗର ତତ୍କାଳୀନ ଅର୍ଥମନ୍ତ୍ରୀ ଅସୀମ ଦାସଗୁପ୍ତାଙ୍କ ଅଧ୍ୟକ୍ଷତାରେ ଏକ କ୍ଷମତା ସମ୍ପନ୍ନ କମିଟି ବସାଯାଇଥିଲା । ପଶ୍ଚିମବଙ୍ଗରେ ବାମପନ୍ଥୀଦଳ କ୍ଷମତା ହରାଇବାରୁ ଏହି ପଦବୀ କେରଳର ଅର୍ଥମନ୍ତ୍ରୀଙ୍କୁ ଦିଆଯାଇଥିଲା । ବିତ୍ତୀୟ ଦାୟିତ୍ୱ ବଜେଟ୍ ପରିଚାଳନା ଆଇନ୍ ୨୦୦୩ ପ୍ରଚଳନ ପାଇଁ କେଲକାର କମିଟି ସୁପାରିଶ୍ ଦେବା ସମୟରେ ଦ୍ରବ୍ୟ ତଥା ସେବା ଉପରେ ଧାର୍ଯ୍ୟ ବିଭିନ୍ନ କର ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ଭାଟ ବା ମୂଲ୍ୟଯୁକ୍ତ କର ପରି ଜି.ଏସ୍.ଟି ପ୍ରଚଳନ ପାଇଁ ମଧ୍ୟ ପରାମର୍ଶ ଦେଇଥିଲେ । ସେ ଯାହା ହେଉ ବର୍ତ୍ତମାନ ଜି.ଏସ୍.ଟି. ବିଲ୍ ଆଇନ୍‌ରେ ପରିଣତ ହୋଇଛି । ଆଗାମୀ ଆର୍ଥିକ ବର୍ଷରୁ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ।

ଭାଟ କେବଳ ଦ୍ରବ୍ୟ ବା ସାମଗ୍ରୀ ଉପରେ ଧାର୍ଯ୍ୟ ହେଉଥିଲା ବେଳେ ଜି.ଏସ୍.ଟି ଦ୍ରବ୍ୟ ଓ ସେବା ଉପରେ ଧାର୍ଯ୍ୟ ହେବ । କେନ୍ଦ୍ର ଓ ରାଜ୍ୟର ଆପାତତଃ ୧୭ଟି ପରୋକ୍ଷ କରକୁ ନେଇ ଜି.ଏସ.ଟି. ପ୍ରଚଳନ ହେବ । କେନ୍ଦ୍ରୀୟ ପରୋକ୍ଷକର ଯଥା ସେବାକର, କେନ୍ଦ୍ରୀୟ ଅବକାରୀ ଶୁଳ୍କ,

ଅତିରିକ୍ତ କେନ୍ଦ୍ରୀୟ ଅବକାରୀ ଶୁଳ୍କ, ଅତିରିକ୍ତ ସୀମା ଶୁଳ୍କ, କାଉଣ୍ଟର ଭେଲିଂ ଡ୍ୟୁଟି ବା ପ୍ରତିରୋଧକାରୀ ଶୁଳ୍କ, ସେବା ଓ ଦ୍ରବ୍ୟ ସମ୍ପର୍କିତ ଅତିରିକ୍ତ କେନ୍ଦ୍ରୀୟ ସରଚାର୍ଜ, ସେସ୍ ତଥା ରାଜ୍ୟମାନଙ୍କର ପରୋକ୍ଷକର ଯଥା ଭାଟ ବା ବିକ୍ରୟକର, କେନ୍ଦ୍ରୀୟ ବିକ୍ରୟ କର, ଅକ୍ଟ୍ରାଇ ଟ୍ୟାକ୍ସ ବା ପ୍ରବେଶିକା ଶୁଳ୍କ, ଏଣ୍ଟ୍ରି ଟ୍ୟାକ୍ସ ବା ପ୍ରବେଶ କର, ପ୍ରର୍ଚ୍ଚେଜ ଟ୍ୟାକ୍ସ, ବିଳାସ କର, ଦ୍ରବ୍ୟ ଓ ସେବା ଯୋଗାଣ ସମ୍ପର୍କିତ ରାଜ୍ୟ ସରଚାର୍ଜ ଓ ସେସ୍‌ର ସମ୍ମିଶ୍ରଣରେ ଜି.ଏସ୍.ଟି. ପ୍ରଚଳିତ ହେବ । କେନ୍ଦ୍ରର ସମସ୍ତ ପ୍ରତ୍ୟକ୍ଷ କର ଯଥା ଆୟ କର, କର୍ପୋରେଟ୍ ଟିକସ୍, ପୁଞ୍ଜିଲାଭ କର, ସମ୍ପଦ କର ତଥା ରାଜ୍ୟର ସମସ୍ତ ପ୍ରତ୍ୟକ୍ଷ କର ଯଥା ପ୍ରଫେସନାଲ୍ ଟିକସ୍, ଷ୍ଟାମ୍ପ ଡ୍ୟୁଟି, ରେଜିଷ୍ଟ୍ରେସନ୍ ଫିସ୍ ଏହି ଜି.ଏସ୍.ଟିରେ ଅନ୍ତର୍ଭୁକ୍ତ ହେବ ନାହିଁ । ସେହିପରି ରାଜ୍ୟର ଲୋକାଲ୍ ବଡିଜ୍ ବା ସ୍ଥାନୀୟ ସଂସ୍ଥା ଅର୍ଥାତ୍ ନଗର ପାଳିକା ଦ୍ୱାରା ଧାର୍ଯ୍ୟ ସମ୍ପତ୍ତି କର ବା ହୋଲଡିଂ ଟ୍ୟାକ୍ସ, ଟୋଲ୍ ଟ୍ୟାକ୍ସ ଏହି ଜି.ଏସ୍.ଟି.ର ଅନ୍ତର୍ଭୁକ୍ତ ହେବ ନାହିଁ ।

ଜି.ଏସ୍.ଟି ପ୍ରଭାବ ଜି.ଏସ୍.ଟି ହାର ଉପରେ ନିର୍ଭର କରେ । ଜି.ଏସ୍.ଟି. ହାର କେତେ ହେବ ତାହାକୁ ଜି.ଏସ୍.ଟି. ପରିଷଦ ସ୍ଥିର କରିବ । ଏହି ପରିଷଦର ଅଧ୍ୟକ୍ଷ ଭାବେ କେନ୍ଦ୍ର ଅର୍ଥମନ୍ତ୍ରୀ ଦାୟିତ୍ୱ ତୁଲାଇବା ବେଳେ ଏକ ରାଜ୍ୟର ଅର୍ଥମନ୍ତ୍ରୀ ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ । କେନ୍ଦ୍ର ଅର୍ଥମନ୍ତ୍ରୀ ଏହାର ଏକ ସଭ୍ୟ ହୋଇଥିଲା ବେଳେ ରାଜ୍ୟମାନଙ୍କର ଅର୍ଥମନ୍ତ୍ରୀ ଏହାର ଅନ୍ୟ ସଦସ୍ୟ ଅଟନ୍ତି । ଜି.ଏସ୍.ଟି ପରିଷଦର ମୋଟ ଭୋଟରେ କେନ୍ଦ୍ରର ଏକ ତୃତୀୟାଂଶ ରହିଲା ବେଳେ ରାଜ୍ୟର ଭୋଟ କ୍ଷମତା ଦୁଇ ତୃତୀୟାଂଶ ରହିବ । ଜି.ଏସ୍.ଟି. ପରିଷଦର କୌଣସି ସିଦ୍ଧାନ୍ତ କାର୍ଯ୍ୟକାରୀ ହେବାକୁ ହେଲେ ସର୍ବନିମ୍ନ ଦୁଇ ତୃତୀୟାଂଶ ଭୋଟ ଆବଶ୍ୟକ। ଯେଉଁ ଜି.ଏସ୍.ଟି. ହାର ଧାର୍ଯ୍ୟ ହେବ ତାହା ଗୋଟିଏ ହାର ନ ହୋଇ ୩ ପ୍ରକାର ହେବ। ପ୍ରଥମଟି ରାଜ୍ୟ ଜି.ଏସ୍.ଟି. ବା ଏସ୍.ଜି.ଏସ୍.ଟି । ଦ୍ୱିତୀୟଟି ହେଉଛି କେନ୍ଦ୍ର ଜି.ଏସ୍.ଟି. (ସି.ଜି.ଏସ୍.ଟି) ଏବଂ ତୃତୀୟଟି ହେଉଛି ସମନ୍ୱିତ ଜି.ଏସ୍.ଟି. ବା ଇଣ୍ଟିଗ୍ରେଟେଡ୍ ଜି.ଏସ୍.ଟି. ବା ଆଇ.ଜି.ଏସ୍.ଟି. । ବିକ୍ରେତାମାନେ ରାଜ୍ୟ ଜି.ଏସ୍.ଟିକୁ ରାଜ୍ୟ ସରକାରଙ୍କୁ ପ୍ରେରଣ କଲାବେଳେ କେନ୍ଦ୍ର ଜି.ଏସ୍.ଟି କେନ୍ଦ୍ର ସରକାରଙ୍କୁ ପ୍ରେରଣ କରିବେ । ସେହିପରି ସମନ୍ୱିତ ଜି.ଏସ୍.ଟି. ଯାହା ଆନ୍ତରାଜ୍ୟ ପରିବହନ କ୍ଷେତ୍ରରେ ଆଦାୟ ହେବ ତାହା କେନ୍ଦ୍ର ସରକାର ପ୍ରାପ୍ତ ହେବେ । ପୂର୍ବରୁ ଯାହା କେନ୍ଦ୍ରୀୟ ବିକ୍ରୟ କର (ସି.ଏସ୍.ଟି) ଥିଲା ତାହା ସମନ୍ୱିତ ଜି.ଏସ୍.ଟି. ଭାବେ ପରିବର୍ତ୍ତିତ ହେବ । କିନ୍ତୁ ମୁଖ୍ୟ ପ୍ରସଙ୍ଗ ହେଉଛି ଜି.ଏସ୍.ଟି ହାର କେତେ ହେବ । ଆପାତତଃ ୧୮ ପ୍ରତିଶତ ମଧ୍ୟରେ ସୀମିତ ରଖିବାକୁ ଦାବି ହେଉଛି ।

ଜି.ଏସ୍.ଟି ପ୍ରଚଳନ ଯୋଗୁଁ ଏବଂ କେନ୍ଦ୍ରୀୟ ବିକ୍ରୟ କର ଉଚ୍ଛେଦ ଯୋଗୁଁ ରାଜ୍ୟମାନେ ପୂର୍ବାପେକ୍ଷା ଯେଉଁ ଟିକସ୍ ହରାଇବେ ତାହା ୫ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ର ଭରଣା କରିବ । କିନ୍ତୁ ବଡ଼ ପ୍ରଶ୍ନ ହେଉଛି ୫ ବର୍ଷ ପରେ ରାଜ୍ୟମାନେ ଯଦି କ୍ଷତି ସହିବେ, ତେବେ କିଏ ଭରଣା କରିବ ? କେନ୍ଦ୍ରୀୟ ବିକ୍ରୟ କର ୪ ପ୍ରତିଶତରୁ ୨ ପ୍ରତିଶତକୁ ହ୍ରାସ ଯୋଗୁ ୨୦୦୭-୨୦୦୮ରୁ ୨୦୧୧-୧୨ ମଧ୍ୟରେ ଓଡ଼ିଶା ୨୭୫୫ ଦଶମିକ ୩୬ କୋଟି ଟଙ୍କା ରାଜସ୍ୱ ହରାଇଛି। ଯାହାକୁ କେନ୍ଦ୍ର ଏ ପର୍ଯ୍ୟନ୍ତ ଭରଣା କରିନାହିଁ । ଆହୁରି ମଧ୍ୟ ଟିକସ୍ ଧାର୍ଯ୍ୟକରି ସମ୍ବଳ ସଂଗ୍ରହ କରିବାର କ୍ଷମତା ଯାହା ରାଜ୍ୟ ପାଖରେ ଥିଲା ତାହା ଜି.ଏସ୍.ଟି. ଯୋଗୁ ସଂକୁଚିତ ହେବ । ଏ ସବୁ ସତ୍ତ୍ୱେ ପରୋକ୍ଷ ଟିକସ୍ ବ୍ୟବସ୍ଥାରେ ଜି.ଏସ୍.ଟି. ପ୍ରଚଳନ ଏକ ବଡ଼ ଧରଣର ସଂସ୍କାର । ଏହା ଟିକସ୍ ବ୍ୟବସ୍ଥାକୁ ସରଳୀକରଣ କରି ବ୍ୟବସାୟ ବାଣିଜ୍ୟ କାରବାରକୁ ଅଧିକ ସହଜ କରିବ।

ଲେଖକ ଜଣେ ସମ୍ବାଦଦାତା।

## ହସ୍ପିଟାଲ୍ ଅଗ୍ନିକାଣ୍ଡ

ଗତ ଅକ୍ଟୋବର ୧୭ ତାରିଖ ଦିନ, ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲ୍ ଅଗ୍ନିକାଣ୍ଡରେ ୨୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ପ୍ରାଣ ହରାଇଥିଲେ। ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମୃତକଙ୍କ ପରିବାର ବର୍ଗଙ୍କୁ ଦୁଇଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିଛନ୍ତି। ଗୁରୁତର ଆହତ ରୋଗୀଙ୍କ ପାଇଁ ମଧ୍ୟ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରାଯାଇଛି । ଏହି ରାଶି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ଫଣ୍ଡରୁ ପ୍ରଦାନ କରାଯିବ । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଶ୍ରୀ ଜେ.ପି. ନଡ୍ଡା ଓ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗତ ୧୯ ତାରିଖ ଦିନ ଓଡ଼ିଶା ଆସି ପରିସ୍ଥିତିର ସମୀକ୍ଷା କରିଥିଲେ ।

# ଜିଏସ୍‌ଟି ଏବଂ ଓଡ଼ିଶା ଅର୍ଥନୀତି : ଏକ ଅଧ୍ୟୟନ

ଡଃ ପଦ୍ମଚରଣ ଧଳ

**ଭା**ରତ ଏକ ଜନକଲ୍ୟାଣକାରୀ ରାଷ୍ଟ୍ର। ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ସାଧନ ହେଉଛି ସରକାରଙ୍କର ପ୍ରମୁଖ ଆଭିମୁଖ୍ୟ । ଜନକଲ୍ୟାଣ ପାଇଁ ପ୍ରତ୍ୟେକ ରାଷ୍ଟ୍ର ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଅନ୍ତି ଏବଂ ସେଥିପାଇଁ ଆବଶ୍ୟକୀୟ ବ୍ୟୟ କରିଥାନ୍ତି । ଧନୀ ଗରିବ ମଧ୍ୟରେ ଭେଦଭାବ ଦୂରକରିବା, ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା, ରାଷ୍ଟ୍ରର ଆୟ, ଉତ୍ପାଦ ଓ ନିୟୋଜନ ବୃଦ୍ଧିକରି ସାମାଜିକ ନ୍ୟାୟ ସହିତ ଅର୍ଥନୈତିକ ସ୍ଥିରତା ଆଣିବା କ୍ଷେତ୍ରରେ ରାଷ୍ଟ୍ରୀୟ ବ୍ୟୟ ଏକ ଗୁରୁତ୍ୱପୂର୍ଣ୍ଣ ଆୟୁଧ । ଏହି ବ୍ୟୟକୁ ଭରଣା କରିବା ପାଇଁ ପ୍ରଚୁର ଆୟର ଆବଶ୍ୟକତା ଥାଏ । ରାଷ୍ଟ୍ରୀୟ ରାଜସ୍ୱ ରାଷ୍ଟ୍ରୀୟ ଆୟର ଏକ ପ୍ରମୁଖ ଉତ୍ସ ହୋଇଥିବା ବେଳେ କର ରାଷ୍ଟ୍ରୀୟ ରାଜସ୍ୱର ସର୍ବବୃହତ୍ ଉତ୍ସ । କର ସାଧାରଣତଃ ଦୁଇ ଭାଗରେ ବିଭକ୍ତ ଯଥା: ପ୍ରତ୍ୟେକ୍ଷ କର ଓ ପରୋକ୍ଷ କର । ପ୍ରତ୍ୟକ୍ଷ କର କ୍ଷେତ୍ରରେ କରଦାତା ଓ କରଭାର ବହନକାରୀ ଏକ ଓ ଅଭିନ୍ନ । ଏଠାରେ କରଦାତା କରର ବୋଝକୁ ସ୍ଥାନାନ୍ତର କରିପାରେ ନାହିଁ । ଆୟକର କର୍ପୋରେଟ ଟିକସ, ପୁଞ୍ଜିଲାଭ କର ଓ ସଂପଦକର ପ୍ରତ୍ୟେକ୍ଷ କରର ଅନ୍ତର୍ଭୁକ୍ତ । ସଂକ୍ଷେପରେ କହିଲେ ଯେଉଁ କରର ଆଘାତ ଓ ଆପାତ ଜଣେ ବ୍ୟକ୍ତି ହିଁ ବହନ କରନ୍ତି, ତାହାକୁ ପ୍ରତ୍ୟେକ୍ଷ କର କୁହାଯାଏ । ଅନ୍ୟପକ୍ଷରେ ଯେଉଁ କରର ଆଘାତ ଓ ଆପାତ ବିଭିନ୍ନ ବ୍ୟକ୍ତି ବହନ କରିଥାନ୍ତି, ତାହାକୁ ପରୋକ୍ଷ କର କୁହାଯାଏ । ଏଠାରେ କରଦାତା ଓ କରଭାର ବହନକାରୀ ଭିନ୍ନ ବ୍ୟକ୍ତି ଅଟନ୍ତି । ପରୋକ୍ଷ କର ସ୍ଥାନାନ୍ତରକ୍ଷମ । ଦ୍ରବ୍ୟକର ଓ ସେବାକର (ଜିଏସ୍‌ଟି) ପରୋକ୍ଷ କରର ଅନ୍ତର୍ଭୁକ୍ତ । ଏ କ୍ଷେତ୍ରରେ ଉତ୍ପାଦନକାରୀ କରାଘାତ ବହନ କଲାବେଳେ ଉପଭୋକ୍ତା କରାପାତ ବହନ କରେ । ଦ୍ରବ୍ୟକର ବ୍ୟତୀତ ବିକ୍ରିକର, ଉତ୍ପାଦନ ଶୁଳ୍କ, ସୀମା ଶୁଳ୍କ, ପ୍ରମୋଦ କର ଏବଂ ମୂଲ୍ୟଯୁକ୍ତ କର ଇତ୍ୟାଦି ପରୋକ୍ଷ କରର ଉଦାହରଣ । ପ୍ରତ୍ୟେକ୍ଷ କର ସଂଗଠିତ କ୍ଷେତ୍ରରୁ ଆଦାୟ କରାଯାଉଥିବାବେଳେ ପରୋକ୍ଷ କର ଉଭୟ ସଂଗଠିତ ଓ ଅସଂଗଠିତ କ୍ଷେତ୍ରରୁ ଆଦାୟ କରାଯାଏ, କାରଣ ଧନୀ ଓ ଗରିବ ନିର୍ବିଶେଷରେ ସମସ୍ତେ ଦ୍ରବ୍ୟ ଓ ସେବା ଉପଲବ୍ଧ ହୋଇଥାନ୍ତି ଏବଂ ସେଥିପାଇଁ ସେମାନଙ୍କୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପରିମାଣ କର ଆକାରରେ ଦେବାକୁ ପଡିଥାଏ । ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ପରୋକ୍ଷ କର ହିଁ ସରକାରଙ୍କ ରାଜସ୍ୱ ବୃଦ୍ଧିର ପ୍ରକୃଷ୍ଟ ମାଧ୍ୟମ ଓ ପ୍ରଗତିର ନିୟାମକ। ବର୍ଷବର୍ଷର ରାଜନୈତିକ ଅଚଳାବସ୍ଥା ପରେ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ପ୍ରତିବଦ୍ଧତା ଜାରି ରଖିଥିବା ବର୍ତ୍ତମାନର ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ପରୋକ୍ଷ କର କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଜିଏସ୍‌ଟି ବା ଦ୍ରବ୍ୟ ଓ ସେବାକର ପ୍ରଚଳନ

> ଆମ ଦେଶର ମୋଟ ଜାତୀୟ ଉତ୍ପାଦନକୁ କୃଷି କ୍ଷେତ୍ରର ଅବଦାନ ୧୪ ପ୍ରତିଶତ ଏବଂ କର୍ମନିଯୁକ୍ତି କ୍ଷେତ୍ରରେ ୫୮.୨ ପ୍ରତିଶତ ହୋଇଥିବାବେଳେ ଆମ ରାଜ୍ୟର ମୋଟ ଉତ୍ପାଦନକୁ କୃଷି କ୍ଷେତ୍ରର ଅବଦାନ ୧୫-୫୮ ପ୍ରତିଶତ ଏବଂ କର୍ମନିଯୁକ୍ତି କ୍ଷେତ୍ରରେ ୬୦ ପ୍ରତିଶତ। ପୁନଶ୍ଚ, ଆମ ରାଜ୍ୟରେ କୃଷି ଅଭିବୃଦ୍ଧି ହାର ୪ ପ୍ରତିଶତ ଥିବାବେଳେ ୮୦ ପ୍ରତିଶତ ଅଧିବାସୀ କୃଷିକ୍ଷେତ୍ର ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ । ରାଜ୍ୟର ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ହେଲେ ଶିଳ୍ପ ଓ ସେବା କ୍ଷେତ୍ରର ପ୍ରସାର ଯେତିକି ଗୁରୁତ୍ୱପୂର୍ଣ୍ଣ କୃଷି କ୍ଷେତ୍ରର ବିକାଶ ମଧ୍ୟ ଅନୁରୂପ ଗୁରୁତ୍ୱପୂର୍ଣ୍ଣ ।

କରିବାର ନିଷ୍ପତ୍ତି ଭାରତୀୟ ଅର୍ଥନୈତିକ ସଂସ୍କାରର ଏକ ମାଇଲଖୁଣ୍ଟ କହିଲେ ଅନୁଚିତ ହେବ ନାହିଁ । ଏହାର ଉଦ୍ଦେଶ୍ୟ ହେଉଛି ସାରା ଦେଶରେ ପ୍ରଚଳିତ ଥିବା ବିଭିନ୍ନ ପ୍ରକାର ଟିକସ ବ୍ୟବସ୍ଥାକୁ ଉଚ୍ଛେଦକରି ସବୁ ଟିକସ ଏକୀଭୂତ କରିବା ଅର୍ଥାତ୍ ଗୋଟିଏ ଦେଶ ଗୋଟିଏ ଟିକସ ବ୍ୟବସ୍ଥା ଲାଗୁ କରିବା । ବିଭିନ୍ନ ରାଜ୍ୟ ଓ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ରୀୟ ଟିକସ ଯଥା ଅବକାରୀ ଶୁଳ୍କ, ଅତିରିକ୍ତ କେନ୍ଦ୍ରୀୟ ଅବକାରୀ ଶୁଳ୍କ, ଅତିରିକ୍ତ ସୀମା ଶୁଳ୍କ, ସେବାକର, ସେବା ଓ ଦ୍ରବ୍ୟ ସଂପର୍କିତ ଅତିରିକ୍ତ କେନ୍ଦ୍ରୀୟ ସରଚାର୍ଜ, ସେସ୍ ତଥା ରାଜ୍ୟମାନଙ୍କର ପରୋକ୍ଷ କର ଯଥା: ଭାଟ ବା ବିକ୍ରୟକର, ଲଟେରୀ, ବେଟିଂ ଏବଂ ଜୁଆଖେଳ ଉପରେ ଧାର୍ଯ୍ୟ ଟିକସ, ପ୍ରମୋଦ କର, କେନ୍ଦ୍ରୀୟ ବିକ୍ରୟ କର, ଅକ୍ଟ୍ରୋଇ ଟ୍ୟାକ୍ସ, ବିଳାସକର, ଦ୍ରବ୍ୟ ଓ ସେବା ଯୋଗାଣ ସମ୍ପର୍କିତ ରାଜ୍ୟ ସରଚାର୍ଜ ଓ ସେସ୍ ପ୍ରଭୃତି ୨୮ ପ୍ରକାର ଟିକସ ଏହି ଜିଏସ୍‌ଟିର ଅନ୍ତର୍ଭୁକ୍ତ । ସୂଚନାଯୋଗ୍ୟ ଯେ, ପ୍ରତ୍ୟେକ ରାଜ୍ୟର ସ୍ଥାନୀୟ ସଂସ୍ଥା ଦ୍ୱାରା ନିର୍ଦ୍ଧାରିତ ଟିକସ, ବିଜୁଳି ଓ ରିଅଲଇଷ୍ଟେଟ ବ୍ୟବସାୟ ଏହି ଟ୍ୟାକ୍ସର ଅନ୍ତର୍ଭୁକ୍ତ ନୁହେଁ । ନିୟମ ଅନୁଯାୟୀ ରାଜ୍ୟମାନେ ପେଟ୍ରୋଲିୟମଜାତ ଦ୍ରବ୍ୟ, ମଦ ବା ଆଲକୋହଲ, ତମାଖୁ ଓ ଧୂଆଁପତ୍ର ପ୍ରଭୃତି ଜାତୀୟ ଦ୍ରବ୍ୟ ଉପରେ ଟିକସ ଧାର୍ଯ୍ୟ କରି ନିଜସ୍ୱ ସ୍ୱାୟତତା ବଜାୟ ରଖିବେ, ଟିକସ ହାର କେତେ ରହିବ ଏ ସମ୍ପର୍କିତ ନୀତି ଓ ନିୟମ ଜିଏସ୍‌ଟି କାଉନସିଲ ବା ପରିଷଦ ସ୍ଥିର କରିବ । କେନ୍ଦ୍ର ଅର୍ଥମନ୍ତ୍ରୀ ଏହି ପରିଷଦର ଅଧ୍ୟକ୍ଷ ଏବଂ କେନ୍ଦ୍ର ଦ୍ୱାରା ସ୍ଥିରୀକୃତ ଏକ ନିର୍ଦ୍ଦିଷ୍ଟ ରାଜ୍ୟର ଅର୍ଥମନ୍ତ୍ରୀ ଏହାର ଉପାଧ୍ୟକ୍ଷ ଦାୟିତ୍ୱ ତୁଲାଇବେ । କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟ ମାନଙ୍କର ଅର୍ଥମନ୍ତ୍ରୀମାନେ ଏହି ପରିଷଦର ସଦସ୍ୟ ରହିବେ । ଏହି ପରିଷଦରେ କେନ୍ଦ୍ରର ଏକ ତୃତୀୟାଂଶ ଭୋଟିଂ ଅଧିକାର ରହିଲାବେଳେ ରାଜ୍ୟ ମାନଙ୍କର ଦୁଇ ତୃତୀୟାଂଶ ଭୋଟିଂ ଅଧିକାର ରହିବ । କୌଣସି ସିଦ୍ଧାନ୍ତରେ ଉପନୀତ ହେବାକୁ ହେଲେ ଦୁଇ ତୃତୀୟାଂଶ ସମର୍ଥନର ଆବଶ୍ୟକତା ରହିଛି । ତିନି ଚତୁର୍ଥାଂଶ ସଂଖ୍ୟା ଗରିଷ୍ଠତା ଭିତ୍ତିରେ ସବୁ ନିଷ୍ପତ୍ତି ଗ୍ରହଣ କରାଯିବ । ଏହି ୩୩ ପ୍ରତିଶତ ମତ ବଳରେ କେନ୍ଦ୍ର ସରକାରଙ୍କର ରାଜ୍ୟମାନଙ୍କ ଉପରେ ଏକ ଭିଟୋ କ୍ଷମତା ରହିବ । ରାଜ୍ୟଗୁଡ଼ିକ ସେମାନଙ୍କ ସବୁ ଟିକସ ପ୍ରଚଳନ କ୍ଷମତା କେନ୍ଦ୍ରକୁ ସମର୍ପଣ କରିବେ । ଏହାଦ୍ୱାରା ଦେଶର ସଂଘୀୟ ବ୍ୟବସ୍ଥା ଏକପ୍ରକାର ଏକଚାଟିଆ ବ୍ୟବସ୍ଥାରେ ପରିଣତ ହେବା ସହିତ କେନ୍ଦ୍ର ସରକାର ଅଧିକ କ୍ଷମତା ନେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ । ଯେଉଁ ଜିଏସ୍‌ଟି ପ୍ରଚଳନ ହେବ ତାହା ଗୋଟିଏ ହାର ନହୋଇ ତିନି ପ୍ରକାରର ହେବ । ପ୍ରଥମଟି ହେଲା ଜିଏସ୍‌ଟି ବା ଏସ୍‌ଜିଏସ୍‌ଟି, ଦ୍ୱିତୀୟଟି କେନ୍ଦ୍ର ଜିଏସ୍‌ଟି (ସିଜିଏସ୍‌ଟି) ଏବଂ ତୃତୀୟଟି ହେଉଛି ସମନ୍ୱିତ ଜିଏସ୍‌ଟି ବା ଇଣ୍ଟିଗ୍ରେଟେଡ ଜିଏସ୍‌ଟି (ଆଇଜିଏସ୍‌ଟି) । ବିକ୍ରେତା ରାଜ୍ୟ ଜିଏସ୍‌ଟିକୁ ରାଜ୍ୟ ସରକାରଙ୍କୁ ପ୍ରେରଣ କଲାବେଳେ କେନ୍ଦ୍ର ଜିଏସ୍‌ଟି କେନ୍ଦ୍ରକୁ ପ୍ରେରଣ କରିବ । ସେହିପରି ଆନ୍ତରାଜ୍ୟ ପରିବହନ କ୍ଷେତ୍ରରୁ ଆଦାୟ ହେଉଥିବା ଶୁଳ୍କ କେନ୍ଦ୍ର ସରକାର ପାଇବେ । ପୂର୍ବରୁ ପ୍ରଚଳିତ କେନ୍ଦ୍ରୀୟ ବିକ୍ରୟକର (ସିଏସ୍‌ଟି)କୁ ଏହି ବ୍ୟବସ୍ଥାରେ ସମନ୍ୱିତ ଜିଏସ୍‌ଟି ନାମିତ କରାଯାଇଛି । ପୂର୍ବରୁ ଏହା ରାଜ୍ୟ ପ୍ରାପ୍ତ ହେଉଥିବାବେଳେ ସଂପ୍ରତି ଏହା କେନ୍ଦ୍ର ଆଦାୟ କରିବ । ଜିଏସ୍ଟି ହାର ଏବଂ ସମନ୍ୱିତ ଜିଏସ୍‌ଟି ହାର କେତେ ହେବ ତାହା ସ୍ଥିର ନହେବା ଯାଏ ଜିଏସ୍‌ଟିର ସୁପ୍ରଭାବ ଆକଳନ କରିବା କଷ୍ଟକର । ଦେଶରେ ସଂପ୍ରତି ମୂଲ୍ୟବୃଦ୍ଧି ସମସ୍ୟା ଦେଖାଦେଇଛି । ଖାଦ୍ୟଦ୍ରବ୍ୟର ମୂଲ୍ୟ ୨୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇଛି । ଗ୍ରାମାଞ୍ଚଳରେ ବାସ କରୁଥିବା ଦେଶର ୭୦ ପ୍ରତିଶତ ଲୋକ ସହରାଞ୍ଚଳ ଲୋକଙ୍କ ଅପେକ୍ଷା ଏହି ମୂଲ୍ୟ ବୃଦ୍ଧି ଦ୍ୱାରା ଅଧିକ ପ୍ରଭାବିତ ହେଉଛନ୍ତି । ଭାରତର ଘରୋଇ ଉତ୍ପାଦନରେ ଗ୍ରାମୀଣ ଅର୍ଥନୀତିର ପ୍ରାୟ ୫୦ ପ୍ରତିଶତ ଯୋଗଦାନ ରହିଛି । ଏହାବ୍ୟତୀତ ବିକାଶ ସୂଚକାଙ୍କରେ ପଛୁଆ ଥିବା ଭାରତ ଭଳି ଦେଶରେ ସାଧାରଣ ନାଗରିକ ବର୍ଦ୍ଧିତ ଦରଦାମ ଯୋଗୁଁ ହନ୍ତସନ୍ତ ହେଉଛନ୍ତି । ଏ ପରିସ୍ଥିତିରେ ଜିଏସ୍‌ଟି ପ୍ରଚଳନର ସୁଫଳ ସନ୍ଦେହମୁକ୍ତ ନୁହେଁ । ଓଡ଼ିଶା ଭଳି ଉତ୍ପାଦନ କ୍ଷେତ୍ରରେ ପଛୁଆ ରାଜ୍ୟ ତାଙ୍କର ରାଜସ୍ୱ ହରାଇବାର ଆଶଙ୍କା ଦୂର କରିବା ପାଇଁ କେନ୍ଦ୍ର ୫ବର୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଦେବାର ବ୍ୟବସ୍ଥା ଥିଲେ ହେଁ ନିର୍ଦ୍ଦିଷ୍ଟ ଅବଧି ପରେ ରାଜ୍ୟମାନେ କ୍ଷତି ସହିବାର ସମ୍ଭାବନା ଅଧିକ ମନେହୁଏ । ଭବିଷ୍ୟତରେ ରାଜ୍ୟଗୁଡ଼ିକ ନିଜସ୍ୱ ଟିକସ ସଂଗ୍ରହର ନୀତି ନିର୍ଦ୍ଧାରଣ ଅଧିକାର ଓ ସ୍ୱାଧୀନତା ହରାଇବା ଯୋଗୁଁ ରାଜସ୍ୱର ଉତ୍ସ ସୀମିତ ହେବ, ଫଳରେ ରାଜ୍ୟର ବିକାଶ ବାଧାପ୍ରାପ୍ତ ହେବ । ସେ ଯାହା ହେଉନା କାହିଁକି ଭାରତ ଭଳି ଏକ ସଂଘୀୟ ବ୍ୟବସ୍ଥାରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସାମଗ୍ରୀ ଓ ସେବା ଟିକସ ନୀତି (ଜିଏସ୍‌ଟି) ପ୍ରଣୟନ ପରୋକ୍ଷ କର କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଏକ ବଳିଷ୍ଠ, ବୃହତ୍ ଓ ଐତିହାସିକ ପଦକ୍ଷେପ । କାରଣ ସମ୍ବିଧାନର ସପ୍ତମ ତାଲିକାରେ ଥିବା ୨୪୨ ଧାରା ଅନୁଯାୟୀ କେନ୍ଦ୍ର ସରକାର ଦ୍ରବ୍ୟ ବିକ୍ରୟ ଉପରେ କର ବସାଇ ପାରିବେ ନାହିଁ ଏବଂ ରାଜ୍ୟ ସରକାର ସେବା ଉପରୁ କର ଆଦାୟ

କରିପାରିବେ ନାହିଁ । କିନ୍ତୁ ଏହା ପ୍ରଚଳନ କରିବା ପାଇଁ ସମ୍ବିଧାନର ୧୨୨ତମ ସଂଶୋଧନ ବିଧେୟକକୁ ଲୋକସଭା ଏବଂ ରାଜ୍ୟସଭାରେ ପାରିତ କରାଯିବା ସଙ୍ଗେ ସଙ୍ଗେ ରାଷ୍ଟ୍ରପତିଙ୍କ ଅନୁମୋଦନ ପ୍ରାପ୍ତ ହୋଇଛି । ଏହି ଦୃଷ୍ଟିରୁ ଏହା ଏକ ଐତିହାସିକ ପଦକ୍ଷେପ ବୋଲି ପରିଗଣିତ । ଯଦିଓ ଉପା-୧ ସରକାର ସମୟରେ ଏହିପରି ସଂସ୍କାରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା, ଏନ୍‌ଡିଏ ସରକାର ସମୟରେ ଏହା ପୂର୍ଣ୍ଣାଙ୍ଗ ରୂପରେଖ ନେଇଛି ଏବଂ ସମସ୍ତ ରାଜନୈତିକ ଦଳର ସମର୍ଥନ ପାଇଛି । ଆସନ୍ତା ଏପ୍ରିଲ ୧, ୨୦୧୭ରୁ ଜିଏସ୍‌ଟି ଲାଗୁ କରାଯିବା ପାଇଁ ଲକ୍ଷ୍ୟ କରାଯାଇଥିଲେ ହେଁ ଜିଏସ୍‌ଟି ହାରକୁ ନେଇ କୌଣସି ଅନ୍ତିମ ସିଦ୍ଧାନ୍ତ କରାଯାଇନାହିଁ । ପରିବେଶ ଅନୁକୂଳ ଉତ୍ପାଦ ଉପରେ ଅପେକ୍ଷାକୃତ କମ୍ ଜିଏସ୍‌ଟି ଏବଂ ପରିବେଶ ପ୍ରତିକୂଳ ଉତ୍ପାଦ ଉପରେ ଅଧିକ ଜିଏସ୍‌ଟି ଲାଗିବ ବୋଲି ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଯେ, ବିଶ୍ୱର ୧୩୨ଟି ଦେଶ ଏହି କର ପ୍ରଚଳନ କରୁଥିଲେ ମଧ୍ୟ ହଙ୍ଗେରୀଠାରେ ସର୍ବାଧିକ ଜିଏସ୍‌ଟି ହାର ୨୭% ରହିଛି । ଚାଇନା ଓ ପାକିସ୍ଥାନରେ ଏହା ୧୭% ଥିବାବେଳେ ଶ୍ରୀଲଙ୍କାରେ ଏହା ୧୨%, ଗ୍ରେଟ୍ ବ୍ରିଟେନରେ ଏହା ୨୦%। କିଛି ଦେଶରେ ଏହାକୁ ବିକ୍ରୟ କର ବା ଭାଟ କୁହାଯାଉଥିବାବେଳେ ଅଧିକାଂଶ ରାଷ୍ଟ୍ରରେ ଏହା ଜିଏସ୍‌ଟି ନାମରେ ନାମିତ । ପୁନଶ୍ଚ ବିଶ୍ୱସ୍ତରରେ ଜିଏସ୍‌ଟି ହାର ପ୍ରାୟତଃ ୧୬.୪ ପ୍ରତିଶତ ଥିବାବେଳେ ଏସୀୟ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହା ୯-୮ ପ୍ରତିଶତ । କାନାଡ଼ା ଓ ନାଇଜେରିଆରେ ଏହା ସର୍ବନିମ୍ନ ୫ ପ୍ରତିଶତ ରହିଛି । ଅନ୍ୟପକ୍ଷରେ ଜିଏସ୍‌ଟି ପାଇଁ ରାଜସ୍ୱ ନିରପେକ୍ଷତା ହାର କେନ୍ଦ୍ର ଓ ରାଜ୍ୟ ପାଇଁ ଯୁଗ୍ମଭାବେ ୨୬.୬୮ ପ୍ରତିଶତ ଧାର୍ଯ୍ୟ ଲାଗି ପ୍ରସ୍ତାବ ଅଛି । ଏହା ଲାଗୁହେଲେ ପ୍ରତିଯୋଗିତା ଦୃଷ୍ଟିରୁ ଭାରତ ଏହାର ପ୍ରମୁଖ ବ୍ୟବସାୟିକ ସହଯୋଗୀଙ୍କ ତୁଳନାରେ ଅଧିକ ଲାଭବାନ ହୋଇନପାରେ । ଏହା ମୁଦ୍ରାସ୍ଫୀତିକୁ ସର୍ବାଧିକ ସ୍ତରରେ ପହଞ୍ଚାଇବ ଏବଂ ଟିକସ ରାଜସ୍ୱ ପରିମାଣ ମାତ୍ର ୦.୨ ପ୍ରତିଶତ ବୃଦ୍ଧି ପାଇବ। ଯେତେବେଳେ ମୋଟ ଘରୋଇ ଉତ୍ପାଦ ମାତ୍ର ୦.୯ ପ୍ରତିଶତରୁ ଏହି ବୃଦ୍ଧି ହାର ମୁଦ୍ରାସ୍ଫୀତି ବୃଦ୍ଧିକୁ ରୋକିପାରିବାର ସମର୍ଥ ହୋଇପାରିବ ନାହିଁ । ପୁନଶ୍ଚ ଜିଏସ୍‌ଟି ଆଞ୍ଚଳିକ ସ୍ତରରେ ଅସନ୍ତୁଳିତ ପ୍ରଭାବ ପକାଇପାରେ, କାରଣ ଆମ ଦେଶର ମୌଳିକ ଅର୍ଥନୈତିକ ବିବିଧତାକୁ ଉତ୍ତମ ଦୃଷ୍ଟିଭଙ୍ଗୀ ନେଇ ଦେଖିଲେ ସାରା ଦେଶରେ ଗରିବଙ୍କ ପାଇଁ ବିଚାରର ସମାନ ମାପକାଠି ନାହିଁ । ଅର୍ଥନୈତିକ ଏକତା ଆଣିବା ପାଇଁ ଉଦ୍ଦିଷ୍ଟ ଜିଏସ୍‌ଟି ସହାୟକ ହେବାର ସମ୍ଭାବନା କ୍ଷୀଣ। ଧନୀ ଓ ଗରିବଙ୍କୁ ଏକା ମାପକାଠିରେ ମାପିବା ଅଯୌକ୍ତିକ ଜନକଲ୍ୟାଣକାରୀ କାର୍ଯ୍ୟ ସଂପାଦନ ପାଇଁ ଭାରତ ଭଳି ରାଷ୍ଟ୍ରରେ ଉପଯୁକ୍ତ ଓ ଦୃଢ଼ ବିତ୍ତୀୟ ବ୍ୟବସ୍ଥା ରହିବା ଆବଶ୍ୟକ । ପ୍ରତ୍ୟେକ ଟିକସ ନୀତିର ସଫଳତା ଚାରୋଟି ମାପକାଠି ଉପରେ ନିର୍ଭର କରେ, ଯଥା: ସ୍ୱଚ୍ଛତା, ଦକ୍ଷତା, ଅଖଣ୍ଡତା ଏବଂ ଦୁର୍ନୀତିମୁକ୍ତ ଦକ୍ଷ ଓ ଉତ୍ତମ ପ୍ରଶାସନ । କିନ୍ତୁ ଆମ ଦେଶର ନୀତି ଓ ସ୍ଥିତି ମଧ୍ୟରେ ଦୂରତା ଅଧିକ । ଏହି କାରଣରୁ କୌଣସି ସଂସ୍କାର ବାସ୍ତବଧର୍ମୀ ହୋଇପାରୁନି । ଆମ ଦେଶର ରାଜ୍ୟ ରାଜ୍ୟ ମଧ୍ୟରେ ବିଭିନ୍ନତା ପରିଲକ୍ଷିତ ହୋଇଥାଏ । ସମସ୍ତ ରାଜ୍ୟ ପାଇଁ ଏକକ ଜିଏସ୍‌ଟି ଲାଗୁ କରାଗଲେ ତାହା ସଂଘୀୟ ଅର୍ଥ ବ୍ୟବସ୍ଥାର ପରିପନ୍ଥୀ ହେବ । ବିଭିନ୍ନ ରାଜ୍ୟର ଆବଶ୍ୟକତା ମଧ୍ୟରେ ଅନେକ ପ୍ରଭେଦ ରହିଛି । ଯେଉଁ ରାଜ୍ୟଗୁଡ଼ିକ ଉତ୍ପାଦନ କ୍ଷେତ୍ରରେ ସୁଦୃଢ଼ ସେମାନେ ଏକକ କର ଆଦାୟ ଯୋଗୁଁ ରାଜସ୍ୱ ହ୍ରାସର ଆଶଙ୍କା କରିବା ସ୍ୱାଭାବିକ, ପୁନଶ୍ଚ ଜିଏସ୍‌ଟି ଲାଗୁ କରିବା କ୍ଷେତ୍ରରେ ମୂଳ ସମସ୍ୟା ଗୁଡ଼ିକ ଉପରେ ଗୁରୁତ୍ୱ ନଦେବା ମଧ୍ୟ ଏକ ବିଡ଼ମ୍ବନା। ଭାରତର ଅସଂଗଠିତ କ୍ଷେତ୍ର ୯୩% ଶ୍ରମଶକ୍ତିକୁ ନିଯୁକ୍ତି ଦେଇଥାଏ । ସ୍ଥାନୀୟ ଭାବେ ଉତ୍ପାଦନ କରି ସ୍ଥାନୀୟ ଭାବେ ବିକ୍ରି କରୁଥିବା କ୍ଷୁଦ୍ର ଓ ଅଣୁ ଉଦ୍ୟୋଗ ଗୁଡ଼ିକ ଜିଏସ୍‌ଟି ପ୍ରଚଳନ ଫଳରେ କ୍ଷତିଗ୍ରସ୍ତ ହେବେ ଏବଂ ବୃହତ୍ ଉତ୍ପାଦନକାରୀ ସଂସ୍ଥାମାନେ ଏହାଦ୍ୱାରା ଲାଭବାନ ହେବେ। ଏହା ନିଯୁକ୍ତି ସୁଯୋଗକୁ ସଙ୍କୁଚିତ କରିବାର ଆଶଙ୍କା ରହିଛି।

ବର୍ତ୍ତମାନ ଓଡ଼ିଶା ଭଳି ଏକ ଦରିଦ୍ର ଓ ଅନଗ୍ରସର ରାଜ୍ୟ କଥା ବିଚାର କରାଯାଉ। ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ଓଡ଼ିଶା ଏକ ପଛୁଆ ରାଜ୍ୟ। ଜନସଂଖ୍ୟା ଦୃଷ୍ଟିରୁ ଦେଖିଲେ ଏହି ରାଜ୍ୟର ୮୫ ପ୍ରତିଶତ ଲୋକ ଗ୍ରାମାଞ୍ଚଳରେ ବସବାସ କରନ୍ତି । ଏ ରାଜ୍ୟର ଅର୍ଥ ବ୍ୟବସ୍ଥାକୁ ଗ୍ରାମ୍ୟଭିତ୍ତିକ କୁହାଯାଇପାରେ । ସହରାଞ୍ଚଳ ଜନସଂଖ୍ୟା ଅପେକ୍ଷାକୃତ କମ୍ ହୋଇଥିଲେ ହେଁ ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଅଭିବୃଦ୍ଧି ହାର ଅନେକଗୁଣ ଅଧିକ । କର୍ମନିଯୁକ୍ତି ଓ ରୋଜଗାର ସ୍ଥିତି ସାଧାରଣତଃ ଅର୍ଥ ବ୍ୟବସ୍ଥାର ଗୁଣବତ୍ତା ପ୍ରକାଶ କରିଥାଏ । ସେ ଦୃଷ୍ଟିରୁ ବିଚାର କଲେ ଓଡ଼ିଶାରେ ଗ୍ରାମାଞ୍ଚଳ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଆଧିପତ୍ୟ ହେତୁ କୃଷି କ୍ଷେତ୍ର କର୍ମନିଯୁକ୍ତିର ପ୍ରଧାନ କ୍ଷେତ୍ର ଓ ରାଜ୍ୟର ଅର୍ଥବ୍ୟବସ୍ଥାର ପ୍ରଭାବଶାଳୀ କ୍ଷେତ୍ର ।

ଆମ ଦେଶର ମୋଟ ଜାତୀୟ ଉତ୍ପାଦନକୁ କୃଷି କ୍ଷେତ୍ରର ଅବଦାନ ୧୪ ପ୍ରତିଶତ ଏବଂ କର୍ମନିଯୁକ୍ତି କ୍ଷେତ୍ରରେ

୫୮.୨ ପ୍ରତିଶତ ହୋଇଥିବାବେଳେ ଆମ ରାଜ୍ୟର ମୋଟ ଉତ୍ପାଦନକୁ କୃଷି କ୍ଷେତ୍ରର ଅବଦାନ ୧୫-୫୮ ପ୍ରତିଶତ ଏବଂ କର୍ମନିଯୁକ୍ତି କ୍ଷେତ୍ରରେ ୬୦ ପ୍ରତିଶତ। ପୁନଶ୍ଚ, ଆମ ରାଜ୍ୟରେ କୃଷି ଅଭିବୃଦ୍ଧି ହାର ୪ ପ୍ରତିଶତ ଥିବାବେଳେ ୮୦ ପ୍ରତିଶତ ଅଧିବାସୀ କୃଷିକ୍ଷେତ୍ର ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିର୍ଭରଶୀଳ । ରାଜ୍ୟର ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ହେଲେ ଶିଳ୍ପ ଓ ସେବା କ୍ଷେତ୍ରର ପ୍ରସାର ଯେତିକି ଗୁରୁତ୍ୱପୂର୍ଣ୍ଣ କୃଷି କ୍ଷେତ୍ରର ବିକାଶ ମଧ୍ୟ ଅନୁରୂପ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଆମ ରାଜ୍ୟର ତ୍ରୁଟିପୂର୍ଣ୍ଣ କୃଷିନୀତି ଓ ନିଯୋଜନ ନୀତି ଯୋଗୁଁ କୃଷି କ୍ଷେତ୍ର ଅବକ୍ଷୟମୁଖୀ ଏବଂ ଦାରିଦ୍ର୍ୟ ଓ ବେକାରୀ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଅଧିକ । ପାରମ୍ପରିକ ପ୍ରଣାଳୀରେ ଚାଷ, ଆବଶ୍ୟକୀୟ ପରିମାଣର ପୁଞ୍ଜି ବିନିଯୋଗର ଅଭାବ ପାଇଁ କୃଷି କ୍ଷେତ୍ରରୁ ଆଶାନୁରୂପ ଉତ୍ପାଦନ ହୋଇପାରୁନି । ଏହି ରାଜ୍ୟର ବଡ଼ଚାଷୀ, କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଶିକ୍ଷିତ ଯୁବକ ଚାଷୀ ବିଭିନ୍ନ କାରଣ ଯୋଗୁଁ କୃଷି କାର୍ଯ୍ୟ ପ୍ରତି ବିମୁଖ । କୃଷି କ୍ଷେତ୍ରକୁ ଅଣଦେଖା କରିବା, କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନର ବ୍ୟବସ୍ଥା ନକରିବା ଏବଂ ବେକାର ଯୁବପିଢ଼ୀକୁ କୃଷିକ୍ଷେତ୍ର ପ୍ରତି ଆକୃଷ୍ଟ କରିବା ପାଇଁ କୃଷି ଶିକ୍ଷା ଓ ତାଲିମ ବ୍ୟବସ୍ଥା ଉପରେ ଗୁରୁତ୍ୱ ନଦେବା କୃଷି ବିକାଶର ପରିପନ୍ଥୀ । ପୁନଶ୍ଚ ଏନ୍‌ଏସ୍‌ଏସ୍ ରିପୋର୍ଟ ଅନୁଯାୟୀ ଓଡ଼ିଶାର ଲୋକମାନଙ୍କର ସମ୍ପତ୍ତି ଜାତୀୟ ହାର ତୁଳନାରେ କ୍ରମାଗତଭାବେ ହ୍ରାସ ପାଇବାରେ ଲାଗିଛି । ୧୯୯୧ରେ ଏନ୍‌ଏସ୍‌ଏସ୍ ରିପୋର୍ଟରେ ଓଡ଼ିଶାର ଲୋକମାନଙ୍କର ଜତୀୟ ହାରାହାରି ସମ୍ପତ୍ତି ମୂଲ୍ୟର ୪୩ ପ୍ରତିଶତ ଥିବାବେଳେ ୨୦୧୨-୧୩ରେ ଏହା ୨୮ ପ୍ରତିଶତକୁ ଖସି ଆସିଛି; ଏବଂ ସେହି ସମୟରେ ସହରୀ ଓଡ଼ିଆଙ୍କ ସମ୍ପତ୍ତି ମୂଲ୍ୟ ଜାତୀୟ ହାରର ୪୮ ପ୍ରତିଶତ ଥିବାବେଳେ ଏବେ ତାହା ୩୪ ପ୍ରତିଶତକୁ ଖସି ଆସିଛି । ସଦ୍ୟ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଗାଉଁଲି ଓଡ଼ିଆଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୨ ଲକ୍ଷ ୮୧ ହଜାର ଟଙ୍କା ଥିବାବେଳେ ସହରାଞ୍ଚଳରେ ଏହା ୬ଲକ୍ଷ ୮୭ହଜାର ଟଙ୍କା । ହରିୟାନାରେ ଗ୍ରାମାଞ୍ଚଳ ଲୋକେ ସବୁଠାରୁ ଧନୀ ଥିବାବେଳେ ମହାରାଷ୍ଟ୍ରର ସହରାଞ୍ଚଳ ଲୋକେ ସବୁଠାରୁ ଧନୀ । ଓଡ଼ିଶାର ଗ୍ରାମାଞ୍ଚଳରେ ଚାଷ କରି ଜୀବନ ନିର୍ବାହ କରୁଥିବା ବ୍ୟକ୍ତିଙ୍କର ହାରାହାରି ସମ୍ପତ୍ତି ମୂଲ୍ୟ ୩ଲକ୍ଷ ୧୭ହଜାର ଟଙ୍କା ଥିବାବେଳେ ହାରାହାରି ଋଣ ପରିମାଣ ୧୨୪୮୦ ଟଙ୍କା ରହିଛି । ସେହିପରି ଅଣଚାଷୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୨ ଲକ୍ଷ ୧୫ ହଜାର ଟଙ୍କା ଥିବାବେଳେ ହାରାହାରି ଋଣ ୧୫୬୮୦ ଟଙ୍କା ରହିଛି । ମୋଟ ଉପରେ ଦେଖିଲେ ସମ୍ପତ୍ତି ମୂଲ୍ୟ ୨ଲକ୍ଷ ୮୧ହଜାର ଟଙ୍କା ଥିବାବେଳେ ଋଣ ପରିମାଣ ୧୩୬୪୩ ଟଙ୍କା ରହିଛି । ସହରାଞ୍ଚଳରେ ଚାଷୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୧୦ଲକ୍ଷ ଟଙ୍କା ଥିବାବେଳେ ଋଣ ପରିମାଣ ୨ଲକ୍ଷ ୪୨ହଜାର ଟଙ୍କା ରହିଛି । ସେହିପରି ଅଣଚାଷୀଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୬ଲକ୍ଷ ୬୦ହଜାର ଟଙ୍କା ଓ ଋଣ ପରିମାଣ ୨୪୯୩୬ ଟଙ୍କା। ସାମଗ୍ରିକ ଭାବେ ଦେଖିଲେ ସହରୀ ଓଡ଼ିଆ ପରିବାରର ହାରାହାରି ସମ୍ପତ୍ତି ମୂଲ୍ୟ ୭ ଲକ୍ଷ ୮୬ ହଜାର ଟଙ୍କା। ପୁଣି ପ୍ରତି ଏକ ହଜାର ପରିବାରରେ ୭ ପରିବାର ଅଧିକ ଧନୀ ଶ୍ରେଣୀର ଏବଂ ସେମାନଙ୍କ ସମ୍ପତ୍ତିର ମୂଲ୍ୟ ପ୍ରାୟ ୩୩ଲକ୍ଷ ଟଙ୍କା । ଅପରପକ୍ଷରେ ୧୬୩ ପରିବାର ଅତ୍ୟନ୍ତ ଗରିବ ହୋଇଥିବାବେଳେ ସେମାନଙ୍କ ସମ୍ପତ୍ତି ମୂଲ୍ୟ ମାତ୍ର ୩୫,୧୮୮ ଟଙ୍କା । ସେହିପରି ସହରାଞ୍ଚଳରେ ୧ହଜାର ପରିବାର ମଧ୍ୟରୁ ୬୮ ପରିବାର ଅତି ଗରିବ ହୋଇଥିବା ବେଳେ ସେମାନଙ୍କ ସମ୍ପତ୍ତି ମୂଲ୍ୟ ୩୨୨ଟଙ୍କା ଏବଂ ଅପରପକ୍ଷରେ ୨୦ ପରିବାର ଅତି ଧନୀ ହୋଇଥିବାବେଳେ ସେମାନଙ୍କ ହାରାହାରି ସମ୍ପତ୍ତି ମୂଲ୍ୟ ୧ କୋଟି ୧୨ଲକ୍ଷ ଟଙ୍କା । ଓଡ଼ିଶାର ଗ୍ରାମାଞ୍ଚଳର ଚାଷୀଙ୍କ ଋଣ ଓ ସମ୍ପତ୍ତି ଅନୁପାତ ୩.୯% ଥିବାବେଳେ ଅଣଚାଷୀଙ୍କ କ୍ଷେତ୍ରରେ ଏହି ଅନୁପାତ ୭.୩% ରହିଛି । ସେହିପରି ସହରାଞ୍ଚଳରେ ଆତ୍ମନିର୍ଭରଶୀଳ ବ୍ୟକ୍ତିଙ୍କ ଋଣ ଓ ସମ୍ପତ୍ତି ଅନୁପାତ ୨୭.୭% ଥିବାବେଳେ ଅନ୍ୟ କ୍ଷେତ୍ରରେ ତାହା ୩.୮% ରହିଛି । ୧୯୯୧ ଓ ୨୦୧୨ ମଧ୍ୟରେ ଗ୍ରାମାଞ୍ଚଳରେ ଋଣ ସମ୍ପତ୍ତି ଅନୁପାତ ୨.୩%ରୁ ୪.୮୫%କୁ ବୃଦ୍ଧି ପାଇଛି ଏବଂ ସହରାଞ୍ଚଳରେ ଏହି ସମୟ ମଧ୍ୟରେ ଏହା ୩.୬୮% ରୁ ୧୪.୭%କୁ ବୃଦ୍ଧି ପାଇଛି ।

କହିବା ନିଷ୍ପ୍ରୟୋଜନ ଯେ ଆମ ରାଜ୍ୟରେ କୃଷି କ୍ଷେତ୍ରରେ ଉତ୍ପାଦନର ସ୍ୱଳ୍ପତା ଓ ଶିଳ୍ପାୟନର ମନ୍ଥରଗତି ହେତୁ ଜନସାଧାରଣ ସେମାନଙ୍କର ନ୍ୟୂନତମ ଆୟ ଉପରେ ନିର୍ଭରଶୀଳ । ଏବେବି ସାରା ଦେଶରେ ୫୦ଭାଗରୁ ଅଧିକ ପରିବାର ଏବଂ ଓଡ଼ିଶାର ୭୦ ପ୍ରତିଶତରୁ ଅଧିକ ପରିବାର କେବଳ ବଞ୍ଚିବା ପାଇଁ ସଂଗ୍ରାମ ଜାରି ରଖିଛନ୍ତି । କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରଣାଳୟ ଦ୍ୱାରା ଆମ ରାଜ୍ୟର କୃଷକ ମାନଙ୍କର ଆର୍ଥିକ ଓ ସାମାଜିକ ସ୍ଥିତି ସମ୍ପର୍କରେ ପ୍ରକାଶିତ ତଥ୍ୟ ଉଦ୍‌ବେଗଜନକ । ଗୋଟିଏ କୃଷକ ପରିବାର କୃଷି କ୍ଷେତ୍ରରୁ ୧୧୫୨୮ ଟଙ୍କା ଆୟ କରୁଥିବାବେଳେ ୮୭୯୯ଟଙ୍କା ଖର୍ଚ୍ଚ କରେ ଅର୍ଥାତ୍ ଗୋଟିଏ କୃଷକ ପରିବାର କୃଷିରୁ ମାତ୍ର ୨୮୩୭ଟଙ୍କା ଆୟ କରେ । ଏହି ସୀମିତ ଆୟରେ କୃଷକ ପରିବାର ସ୍ୱଚ୍ଛଳ

ଭାବେ ଚଳିବା କଣ ସମ୍ଭବ ? ଆଉ ଏକ ବାସ୍ତବତା ହେଲା ଆମ ରାଜ୍ୟର ଗରିବ ଲୋକମାନେ ନିଜ ଆୟର ସିଂହଭାଗ ଦ୍ରବ୍ୟ ଓ ସେବାରେ ବ୍ୟୟ କରିଥାନ୍ତି । ଦ୍ରବ୍ୟ ଓ ସେବାକର (ଜିଏସ୍‌ଟି) ବୃଦ୍ଧିପାଇଲେ ସେମାନଙ୍କ ଉପରେ ପ୍ରଭାବ ପଡ଼ିବ । ଧନୀ ଓ ଗରିବ ମାନଙ୍କ ମଧ୍ୟରେ ସାମାଜିକ ଓ ଅର୍ଥନୈତିକ ବୈଷମ୍ୟ ମଧ୍ୟ ବୃଦ୍ଧିପାଇପାରେ । ସୂଚନାଯୋଗ୍ୟ ଯେ, ଦେଶର ଷୋଡ଼ଶ ରାଜ୍ୟ ଭାବେ ଓଡ଼ିଶା ଜିଏସ୍‌ଟି ବିଲ୍ ପାରିତ କରିଛି । ରାଜ୍ୟ ସରକାର ଆଶା କରିଛନ୍ତି, ଏହାଫଳରେ ରାଜସ୍ୱ ବୃଦ୍ଧି ପାଇବ ଓ ଆନ୍ତରାଜ୍ୟ ଦ୍ରବ୍ୟ ଓ ସେବା କାରବାର ବୃଦ୍ଧି ପାଇବ । ଲୋକମାନେ ମୁକ୍ତ ବଜାରର ଗୁଣବତ୍ତା ଉପଲବ୍ଧ ହେବେ, ବ୍ୟବସାୟ ଓ ଶିଳ୍ପ କ୍ଷେତ୍ର ବହୁ ସୁବିଧା ସୁଯୋଗ ପାଇବେ, ବ୍ୟବସାୟ ଓ ଶିଳ୍ପ ପାଇଁ ପଥ ସୁଗମ ହେବ ଇତ୍ୟାଦି । କିନ୍ତୁ ବିଡ଼ମ୍ବନାର ବିଷୟ ହେଲା ଆମ ରାଜ୍ୟରେ ୩୧.୬ ପ୍ରତିଶତ ଲୋକ ଦାରିଦ୍ର୍ୟର ସୀମାରେଖା ତଳେ ବାସ କରନ୍ତି । ଦାରିଦ୍ର୍ୟ ଓ ବେକାରୀ ଏ ରାଜ୍ୟର ଚିର ସହଚର । ତ୍ରୁଟିପୂର୍ଣ୍ଣ ନିଯୋଜନ ନୀତି ଓ କର୍ମସଂସ୍ଥାନର ଅନୁପଲବ୍ଧତା ହେତୁ ଲୋକମାନଙ୍କର କ୍ରୟଶକ୍ତି କ୍ରମହ୍ରାସମାନ । ତେଣୁ ଜି.ଏସ୍.ଟି. ପ୍ରଚଳନ ଯୋଗୁଁ ଗରୀବମାନଙ୍କ ଜୀବନ ଧାରଣ ଉପରେ ଯେଉଁ ସବୁ ପ୍ରଭାବ ପଡ଼ିବ, ସେଗୁଡ଼ିକୁ ଦାୟିତ୍ୱସମ୍ପନ୍ନ ଅନୁଶୀଳନ ମାଧ୍ୟମରେ ସମାଧାନ କରିବା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ।

ପ୍ରାକ୍ତନ ପ୍ରାଧ୍ୟାପକ, ଅର୍ଥନୀତି ବିଭାଗ ଖରସ୍ରୋତା ମହାବିଦ୍ୟାଳୟ ।

# ଅବୈଧ ଖଣି ଖନନ ରୋକିବାକୁ ଆରମ୍ଭ ହେଲା ସତର୍କତା ବ୍ୟବସ୍ଥା

କେନ୍ଦ୍ର ଖଣି, ଶକ୍ତି, କୋଇଲା, ନୂତନ ଓ ଅକ୍ଷୟ ଉର୍ଜା (ସ୍ୱାଧୀନ) ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପିୟୁଷ ଗୋଏଲ ୧୫.୧୦.୨୦୧୬ରେ ଅବୈଧ ଖଣି ଖନନ ରୋକିବା ନିମିତ୍ତ ଖଣି ସତର୍କତା ବ୍ୟବସ୍ଥା (ଏମ୍‌ଏସ୍‌ଏସ୍)ର ଉଦ୍‌ଘାଟନ କରିଛନ୍ତି । ନୂଆଦିଲ୍ଲୀଠାରେ ଶ୍ରୀ ଗୋଏଲ୍ ଏହି ବ୍ୟବସ୍ଥାର ଉଦ୍‌ଘାଟନ କରି ୧୧ଟି ରାଜ୍ୟର ଆଂଚଳିକ ଗଣମାଧ୍ୟମର ସମ୍ବାଦଦାତାଙ୍କ ସହିତ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ମତ ବିନିମୟ କରିଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ, ଏମ୍‌ଏସ୍‌ଏସ୍ ହେଉଛି ଉପଗ୍ରହ ଦ୍ୱାରା ଖଣି ଚୋରି ସଂପର୍କରେ ସୂଚନା ପାଇବାର ଏକ ବ୍ୟବସ୍ଥା । ଏଥିସହିତ ଏକ ମୋବାଇଲ୍ ଆପ୍ ବ୍ୟବସ୍ଥା ମଧ୍ୟ ସେ ଉଦ୍‌ଘାଟନ କରିଛନ୍ତି । ଅବୈଧ ଖଣି ଖନନ ସଂପର୍କରେ ସୂଚନା ପାଇବା ଏବଂ ଏ ଦିଗରେ ସାଧାରଣ ଲୋକ ତଥା ସମ୍ବାଦଦାତାମାନେ ସରକାରଙ୍କୁ ଖବର ଦେଇପାରିବାର ବ୍ୟବସ୍ଥା ଏଥିରେ ରହିଛି । କେନ୍ଦ୍ର ଖଣି ମନ୍ତ୍ରଣାଳୟ ଭାରତୀୟ ଖଣି ବ୍ୟୁରୋ ମାଧ୍ୟମରେ ଏହି ଏମ୍‌ଏସ୍‌ଏସ୍ ବ୍ୟବସ୍ଥାକୁ ବିକଶିତ କରିଛନ୍ତି ।

ଖଣି ଦୁର୍ନୀତି କ୍ଷେତ୍ରରେ ମାଫିଆମାନଙ୍କ ଭୂମିକା ରହୁଥିବାରୁ ଏହାର ନିୟନ୍ତ୍ରଣ ପାଇଁ ଆଣ୍ଟି -ଏକ୍ସଟର୍ସନ ସେଲ୍ ଗଠନ କରାଯିବ । ଏକ ବିଶେଷଜ୍ଞ କମିଟିର ପରାମର୍ଶ କ୍ରମେ ଏହା କରାଯାଉଛି । କେତେକ ରାଜ୍ୟରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଯାଇଛି । ଅନ୍ୟ ଯେଉଁ ସବୁ ରାଜ୍ୟରେ ଏହା ଆରମ୍ଭ କରାଯାଇ ନାହିଁ, ସେହି ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କ ସହିତ ଶ୍ରୀ ଗୋଏଲ୍ ଆଲୋଚନା କରିବେ ବୋଲି କହିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଦୁର୍ନୀତି ହଟାଅ ଅଭିଯାନର ଅଂଶ ସ୍ୱରୂପ ଏହି ଏମ୍‌ଏସ୍‌ଏସ୍ ବ୍ୟବସ୍ଥା ପ୍ରଚଳନ କରାଯାଇଥିବା ସେ ସୂଚନା ଦେଇଥିଲେ ।

ଏହି ଅବସରରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଗୋଏଲ୍ କହିଛନ୍ତି ଯେ ଏହି ବ୍ୟବସ୍ଥାରେ ଲଘୁ ଖଣି କ୍ଷେତ୍ରକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯିବ । ଉପଗ୍ରହ ମାଧ୍ୟମରେ ମିଳୁଥିବା ସୂଚନାକୁ ରିମୋଟ ସେନ୍‌ସିଂ କଣ୍ଟ୍ରୋଲ୍ ସେଣ୍ଟରକୁ ପଠାଇ ଏହାର ତର୍ଜମା ପରେ କ୍ଷେତ୍ର ଉପରେ ଯାଂଚ କରିବା ପାଇଁ ତଥ୍ୟଗୁଡ଼ିକୁ ତୁରନ୍ତ ଜିଲ୍ଲାସ୍ତରୀୟ ମାଇନିଂ ଅଫିସରଙ୍କ ନିକଟକୁ ପଠାଇ ଦିଆଯିବ । ଏ ସଂପର୍କିତ ସୂଚନା ଦେଉଥିବା ବ୍ୟକ୍ତିମାନଙ୍କ ପରିଚୟକୁ ଗୋପନ ରଖାଯିବ । ଖଣି କ୍ଷେତ୍ରରେ କାମ କରୁଥିବା ଠିକା ଶ୍ରମିକମାନଙ୍କର ନିରାପତ୍ତା, ମଜୁରି ଆଦି ପ୍ରସଙ୍ଗକୁ ମଧ୍ୟ ସେ ଧ୍ୟାନ ଦେବେ ବୋଲି ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି । ତେବେ ଖଣି ସଂପର୍କିତ ତଥ୍ୟ କିମ୍ବା ମୋବାଇଲ୍ ଆପ୍ ମାଧ୍ୟମରେ ଆସୁଥିବା ଅଭିଯୋଗଗୁଡ଼ିକ ରାଜ୍ୟ ସରକାରଙ୍କ ନିକଟକୁ ପଠାଇ ଦିଆଯିବ । ଖଣିର ସୁରକ୍ଷା ଏବଂ ଚୋରି ରୋକିବା ଆଦି ଦାୟିତ୍ୱ ରାଜ୍ୟ ସରକାରଙ୍କର ହୋଇଥିବାରୁ ରାଜ୍ୟ ସରକାର ଏ କ୍ଷେତ୍ରରେ ନିରବ ରହିଗଲେ ଗଣମାଧ୍ୟମମାନେ ସ୍ୱର ଉତ୍ତୋଳନ କରିବା ଉଚିତ ବୋଲି ମନ୍ତ୍ରୀ ଶ୍ରୀ ଗୋଏଲ୍ କହିଛନ୍ତି ।

# ଖାଦ୍ୟ ଓ ସାଧାରଣ ବଂଟନ ବ୍ୟବସ୍ଥା

**ଦେ**ଶରେ ଯେପରି ଖାଦ୍ୟାଭାବରେ କେହି ରହିବେ ନାହିଁ ଏବଂ ସମସ୍ତଙ୍କୁ ଜୀବନ ଓ ଜୀବିକାର ନିରାପତା ଯୋଗାଇଦିଆଯିବ ସେଥିପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ। ଦେଶରେ ଜାତୀୟ ଖାଦ୍ୟ ନିରାପତା ଆଇନ, ୨୦୧୩କୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପମାନ ନିଆଯାଇଛି। ଜୁନ ୨୦୧୪ ପରଠାରୁ ଦେଶରେ ସାଧାରଣ ବଂଟନ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର କରାଯାଇଥିବାବେଳେ ସଂଗ୍ରହ ପ୍ରକ୍ରିୟାରେ ବହୁସଂଖ୍ୟକ କୃଷକଙ୍କୁ ସାମିଲ କରାଯାଇପାରିଛି। ଚିନି କ୍ଷେତ୍ରର ବିକାଶ ଲାଗି ବହୁମୁଖୀ ନୀତି ସମୂହ କାର୍ଯ୍ୟକାରୀ କରାଯାଇଥିବାବେଳେ ଷ୍ଟୋରେଜ ସାମର୍ଥ୍ୟ ବୃଦ୍ଧି ଲାଗି ଅନେକ ନୂଆ ପଦକ୍ଷେପ ନିଆଯାଇଛି। ମେ ୨୦୧୪ରେ ୧୧ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳରେ ଜାତୀୟ ଖାଦ୍ୟ ନିରାପତା ଆଇନ କାର୍ଯ୍ୟକାରୀ ହୋଇଥିଲା। ମାତ୍ର ଏପ୍ରିଲ ୨୦୧୬ ସୁଦ୍ଧା ଦେଶର ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରେ ଏହି ଆଇନ କାର୍ଯ୍ୟକାରୀ ହୋଇପାରିଛି। ସାଧାରଣ ବଂଟନ ବ୍ୟବସ୍ଥା(ପିଡିଏସ)କୁ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ କରିବା ଲାଗି ସମସ୍ତ ପଦକ୍ଷେପ ନିଆଯାଇଛି। ଦେଶର ସମସ୍ତ ରାଜ୍ୟରେ ରାସନକାର୍ଡଗୁଡ଼ିକର ଡିଜିଟାଇଜେସନ କରାଯାଇଥିବାବେଳେ ଅନଲାଇନ ଜରିଆରେ ଖାଦ୍ୟଶସ୍ୟ ଯୋଗାଣ ବ୍ୟବସ୍ଥା ସମ୍ଭବ ହୋଇପାରିଛି। ଏହା ଯୋଗୁ ପିଡିଏସ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା କରାଯାଇପାରିଛି। ଅଧିକ କୃଷକଙ୍କ ନିକଟରେ ଯେପରି ସର୍ବାଧିକ ସହାୟକ ରାଶି ଯେପରି ପହଂଚିପାରିବ ସେଥିପାଇଁ ଖାଦ୍ୟଶସ୍ୟ ସଂଗ୍ରହ ନୀତିରେ ପରିବର୍ତ୍ତନ କରାଯାଇଛି। ୨୦୧୫-୧୬ରେ ବନ୍ୟା ଓ ବିପର୍ଯ୍ୟୟ ଯୋଗୁ କ୍ଷତିଗ୍ରସ୍ତ କୃଷକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରାଯାଇଛି। ଏପ୍ରିଲ ୨୦୧୫ରେ ଆଖୁଚାଷୀଙ୍କୁ ଦେବାକୁ ଥିବା ବକେୟା ପରିମାଣ ୨୧ହଜାର କୋଟି ଟଙ୍କା ଥିବାବେଳେ ୨୦୧୬ ଏପ୍ରିଲ ୨୭ ସୁଦ୍ଧା ଏହି ପରିମାଣ ୮୯୬ କୋଟି ଟଙ୍କାକୁ ହ୍ରାସ କରାଯାଇପାରିଛି।

ଭାରତୀୟ ଖାଦ୍ୟ ନିଗମ(ଏଫସିଆଇ)ର ପୁର୍ନଗଠନ କରିବା ସକାଶେ ସୁପାରିଶ ଲାଗି ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ ହୋଇଥିଲା। ଏଫସିଆଇର କାର୍ଯ୍ୟଦକ୍ଷତା ବୃଦ୍ଧି ଲାଗି ଏହି କମିଟିର ସୁପାରିଶ ଅନୁସାରେ ପଦକ୍ଷେପ ନେବା ଆରମ୍ଭ ହୋଇଛି। ଏଫସିଆଇ ଗୋଦାମଗୁଡ଼ିକର ସମସ୍ତ କାର୍ଯ୍ୟାବଳୀକୁ ଅନଲାଇନ କରିବା ତଥା ଦୁର୍ନୀତି ରୋକିବା ଲାଗି ଡିପୋ ସ୍ତରରେ କାର୍ଯ୍ୟକାରୀ ହୋଇଛି ଡିପୋଟ ଅନଲାଇନ ବ୍ୟବସ୍ଥା। ଚଳିତବର୍ଷ ୧୭ ମାର୍ଚ୍ଚ ସୁଦ୍ଧା ୨୭ଟି ରାଜ୍ୟର ୩୧ଟି ଡିପୋରେ ଡିପୋଟ ଅନଲାଇନ ବ୍ୟବସ୍ଥା ପ୍ରଚଳନ କରାଯାଇଥିଲା। କୃଷକଙ୍କଠାରୁ ସଫଳ ସଂଗ୍ରହ ପ୍ରକ୍ରିୟା ଯୋଗୁ ୨୦୧୬ ଏପ୍ରିଲ ୧୬ ସୁଦ୍ଧା ୫୦୦ ଲକ୍ଷ ଟନର ଖାଦ୍ୟଶସ୍ୟ କେନ୍ଦ୍ରସ୍ତରରେ ମହଜୁଦ ହୋଇପାରିଛି। ୧୨ଟି ରାଜ୍ୟ ଓ କେନ୍ଦ୍ରଶାସତ ଅଂଚଳ ବିକେନ୍ଦ୍ରୀକରଣ ସଂଗ୍ରହ ପ୍ରକ୍ରିୟା- ଡିସିପିରେ ସାମିଲ ହୋଇଛନ୍ତି। ନିକଟରେ ତେଲେଙ୍ଗାନା ମଧ୍ୟ ଏଥିରେ ସାମିଲ ହୋଇଛି। ଆନ୍ଧ୍ରପ୍ରଦେଶ ଓ ପଞ୍ଜାବ ମଧ୍ୟ ଏହି ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଭାରତ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପୂର୍ବନିର୍ଦ୍ଧାରିତ ଦର ଅନୁସାରେ ବଫର ଷ୍ଟକଠାରୁ ଅଧିକ ପରିମାଣକୁ ଖୋଲା ବଜାରରେ ବିକ୍ରି କରୁଛି ଏଫସିଆଇ। ଇ-ନିଲାମ ପ୍ରକ୍ରିୟାରେ ଏହି ବିକ୍ରି ପ୍ରକ୍ରିୟା ଜାରି ରହିଛି। ଲମଦିଙ୍ଗରୁ ବଦରପୁର ରେଳପଥର ଗଜ୍ ପରିବର୍ତ୍ତନ କାର୍ଯ୍ୟ ଜାରି ରହିଥିବା ସତ୍ତ୍ୱେ ଉତର ପୂର୍ବାଂଚଳ ରାଜ୍ୟରେ ସଡ଼କ ପଥରେ ପ୍ରତି ମାସରେ ୮୦ ହଜାର ମେଟ୍ରିକ ଟନ ଖାଦ୍ୟଶସ୍ୟ ପରିବହନ କରାଯାଇଛି। ଖାଦ୍ୟଶସ୍ୟ ଷ୍ଟକ ପରିମାଣର ସୁପରିଚାଳନା ସକାଶେ ଜାନୁଆରୀ ୨୦୧୫ରୁ ସରକାର କାର୍ଯ୍ୟକାରୀ କରିଛନ୍ତି ସଂଶୋଧିତ ବଫର ନିୟମାବଳୀ। ୨୦୧୫-୧୬ରେ ଉଭୟ ଷ୍ଟୋରେଜଜନିତ କ୍ଷତି ଓ ଟ୍ରାନଜିଟ କ୍ଷତି ପରିମାଣ ୦.୦୩ ପ୍ରତିଶତ ଓ ୦.୩୯ ପ୍ରତିଶତକୁ ହ୍ରାସ କରାଯାଇପାରିଛି।

ଘରୋଇ ଉଦ୍ୟୋଗବିତ ଗ୍ୟାରେଂଟି ଯୋଜନାରେ ୧୩.୪୫ ଲକ୍ଷ ମେଟ୍ରିକ ଟନ ସାମର୍ଥ୍ୟ ସମ୍ପନ୍ନ ନୂଆ ଗୋଦାମ ପ୍ରତିଷ୍ଠା କରାଯାଇଥିବାବେଳେ ଉତର ପୂର୍ବରେ ପ୍ଲାନ ସ୍କିମରେ ୧.୦୮ ଲକ୍ଷ ମେଟ୍ରିକ ଟନ ଓ ସିଡବ୍ଲୁସି ଜରିଆରେ ୨.୪୦ ଲକ୍ଷ ମେଟ୍ରିକ ଟନ ସାମର୍ଥ୍ୟର ଗୋଦାମ ପ୍ରତିଷ୍ଠା ହୋଇଛି। ଉପଭୋକ୍ତାମାନେ ଯେପରି ଚାଉଳ କିଲୋ ପିଛା ୩ ଟଙ୍କା, ଗହମ କିଲୋ ପିଛା ୨ଟଙ୍କା ଏବଂ ଅନ୍ୟାନ୍ୟ ଶସ୍ୟ କିଲୋ ପିଛା ୧ଟଙ୍କାରେ ପାଇବେ ସେଥିପାଇଁ କେନ୍ଦ୍ର ସରକାର ନେବାଆଣିବା ଓ ପରିବହନ ବାବଦ ଖର୍ଚ୍ଚର ୫୦ ପ୍ରତିଶତ ବହନ କରିବେ ବୋଲି ନିଷ୍ପତିନେଇଛନ୍ତି।

# ଆପଣ ଜାଣନ୍ତି କି ?

**ପ୍ରୋ**ଜେକ୍ଟ ସକ୍ଷମ ହେଉଛି କେନ୍ଦ୍ର ଅବକାରୀ ଓ ସୀମାଶୁଲ୍କ ବୋର୍ଡର ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ସିଷ୍ଟମ୍ ଇଣ୍ଟିଗ୍ରେସନ୍ର ଏକ ନୂତନ ପରୋକ୍ଷ ଟିକସ ନେଟୱର୍କ। ଏହା ଆର୍ଥିକ କାରବାର ସମ୍ପର୍କିତ କ୍ୟାବିନେଟ୍ କମିଟି ଦ୍ୱାରା ମଧ୍ୟ ଅନୁମୋଦିତ ହୋଇଛି। ଏହି ପ୍ରକଳ୍ପ ସାମଗ୍ରୀ ଓ ସେବା କର ଲାଗୁ ସମୟରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟରେ ସହାୟକ ହେବ ବୋଲି ଆଶା କରାଯାଏ ଯାହା ବ୍ୟବସାୟକୁ ସୁଗମ କରିବା ପାଇଁ ଥିବା ଭାରତୀୟ ସୀମାଶୁଳକ ସିଙ୍ଗଲ ୱିଣ୍ଡୋ (ଇଣ୍ଡିଆନ୍ କଷ୍ଟମସ୍ ସିଙ୍ଗଲ ୱିଣ୍ଡୋ ଇଣ୍ଟରଫେସ୍ ଫର୍ ଫାସିଲିଟେଟିଙ୍ଗ ଟ୍ରେଡ୍ ) ବା ସ୍ୱିଫ୍ଟ ଏବଂ ଏହା ଡିଜିଟାଲ ଇଣ୍ଡିଆ ଅଧିନରେ କରଦାତା ଅନୁକୂଳ କାର୍ଯ୍ୟକ୍ରମ ପ୍ରଚଳନ କରିବା ସହ କେନ୍ଦ୍ରୀୟ ଅବକାରୀ ଓ ସୀମାଶୁଳ୍କ ବୋର୍ଡର କାର୍ଯ୍ୟଭାର ହ୍ରାସ କରିବ।

୧ ଏପ୍ରିଲ୍ ୨୦୧୭ ସୁଦ୍ଧା ଯେତେବେଳେ ସାମଗ୍ରୀ ଓ ସେବା କର ପ୍ରଚଳନ କରାଯିବ ସେତେବେଳେ କେନ୍ଦ୍ରୀୟ ଅବକାରୀ ଓ ସୀମାଶୁଳ୍କ ବୋର୍ଡର ଆଇଟି ବିଭାଗକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ରଖିବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ବର୍ତ୍ତମାନର ଆଇଟି ବ୍ୟବସ୍ଥାକୁ ବିକଶିତ କରିବା ସହ ରହିଥିବା କରଦାତାମାନଙ୍କ ସେବା ବିନା କୌଣସି ତ୍ରୁଟିରେ ପରିଚାଳନା କରିବା ଏକ ଆହ୍ୱାନ୍। କେନ୍ଦ୍ରୀୟ ଅବକାରୀ ଓ ସୀମାଶୁଳ୍କ ବୋର୍ଡ ଦ୍ୱାରା ପରିଚାଳିତ ପରୋକ୍ଷ କର ଅଧିନରେ ଆସୁଥିବା କରଦାତା/ଆମଦାନୀକାରୀ, ରପ୍ତାନିକାରୀ/ଡିଲରଙ୍କ ସଂଖ୍ୟା ବର୍ତ୍ତମାନ ୩୬ ଲକ୍ଷ ରହିଛି। ଥରେ ସାମଗ୍ରୀ ଓ ସେବା କର ଲାଗୁ ହେଲେ ଏହି ସଂଖ୍ୟା ୬୫ଲକ୍ଷକୁ ବଢ଼ିପାରେ। ବୋର୍ଡର ବର୍ତ୍ତମାନର ଆଇଟି ବ୍ୟବସ୍ଥାରେ ଏହି ଦଲିଲ୍‌ଗୁଡ଼ିକ ନିଶ୍ଚିତଭାବରେ ଅଧିକ ଭାର ବଢ଼ାଇବ। ଏହି ଆଇଟି ବ୍ୟବସ୍ଥା ୨୦୦୮ ମସିହାରେ ଆରମ୍ଭ କରାଯାଇଥିବାରୁ ଏହାକୁ ଉନ୍ନତ କରାନଗଲେ ଏହା ସାମଗ୍ରୀ ଓ ସେବା କର ଲାଗୁ ହେବାପରେ ବଢ଼ିବାକୁ ଥିବା କାର୍ଯ୍ୟଭାର ତୁଲାଇବାକୁ ସକ୍ଷମ ହୋଇନପାରେ। ସାମଗ୍ରୀ ଓ ସେବା କର ନେଟୱର୍କରୁ କେନ୍ଦ୍ରୀୟ ଅବକାରୀ ଓ ସୀମାଶୁଳ୍କ ବୋର୍ଡକୁ ପଠାଯାଉଥିବା ପେମେଣ୍ଟ ଓ ରିଟର୍ଣ୍ଣ ସମ୍ପର୍କିତ ତଥ୍ୟର ରେଜିଷ୍ଟ୍ରେସନ୍ ଓ ପ୍ରୋସେସିଂ ପାଇଁ ଏହି ଦୁଇ ବିଭାଗର ଆଇଟି ସିଷ୍ଟମଗୁଡ଼ିକୁ ସମନ୍ୱିତ କରିବା ଆବଶ୍ୟକ। ଅଡିଟ୍, ଅପିଲ୍ ଓ ତଦନ୍ତ ପରି ମଡ୍ୟୁଲ୍ ପାଇଁ ଏହା ମୁଖଶାଳା ପରି କାମକରିବା ଆବଶ୍ୟକ। ଏହି ଆଇଟି ଭିତ୍ତିଭୂମି ବୋର୍ଡ ଅଧିନରେ ଥିବା ଅବକାରୀ, କେନ୍ଦ୍ରୀୟ ଅବକାରୀ ଓ ସେବା କରର ଇ-ସେବାଗୁଡ଼ିକୁ ବହନ କରିବା ସହ କରଦାତାମାନଙ୍କୁ ଯୋଗାଇଦିଆଯାଉଥିବା ସେବା ଯେପରିକି ସ୍କାନ୍ କରାଯାଇଥିବା ଦଲିଲ୍ ଅପଲୋଡ୍ ସୁବିଧା, ସ୍ୱିଫ୍ଟର ସଂପ୍ରସାରଣ ଏବଂ ସରକାରଙ୍କ ଇ-ନିବେଶ ଏବଂ ଇ-ସାଇନ୍‌କୁ କାର୍ଯ୍ୟକାରୀ କରିବା ଆବଶ୍ୟକ।

ଏହି ପ୍ରକ୍ରିୟାକୁ ସହଜ ଓ ତ୍ୱରିତ କରିବା ପାଇଁ କେନ୍ଦ୍ରୀୟ ଅବକାରୀ ଓ ସୀମାଶୁଳ୍କ ବୋର୍ଡ ଭାରତୀୟ ସୀମାଶୁଳ୍କ ସିଙ୍ଗଲ ୱିଣ୍ଡୋ ଇଣ୍ଟରଫେସ୍ ଫରି ଫାସିଲିଟେଟିଙ୍ଗ ଟ୍ରେଡ୍ (ସ୍ୱିଫ୍ଟ) ପ୍ରଚଳନ କରିବା ସହ ସୀମାଶୁଳ୍କ ଅନୁମୋଦନ କ୍ଷେତ୍ରରେ କାର୍ଯ୍ୟକରୁଥିବା ଅନ୍ୟ ସହଯୋଗୀ ଏଜେନ୍ସି ସହ ମିଶି କାମ କରୁଛି। ସୀମାଶୁଳ୍କର ଇଡିଆଇ ବ୍ୟବସ୍ଥା ଯାହା ବର୍ତ୍ତମାନ ଭାରତର ୧୪୦ଟି ସ୍ଥାନରେ କାମ କରୁଛି ସେଗୁଡ଼ିକୁ ସମୟାନୁବର୍ତ୍ତୀ ଓ ଉତ୍କୃଷ୍ଟ ସେବା ପ୍ରଦାନକ୍ଷମ କରି ଅଧିକ ସ୍ଥାନରେ କାର୍ଯ୍ୟକ୍ଷମ କରାଇବାର ଆବଶ୍ୟକତା ରହିଛି। କରାଦାତାମାନଙ୍କୁ ଡିଜିଟାଲ ଦସ୍ତଖତ କରାଯାଇଥିବା ଦଲିଲ୍ ଅପଲୋଡ କରିବା ସୁବିଧା ଯୋଗାଇଦେବା ଆବଶ୍ୟକ କାରଣ ଏହା ଟିକସ ସଂଗ୍ରହ କରୁଥିବା ଅଫିସରମାନଙ୍କ ସହ ସିଧାସଳଖ ସମ୍ପର୍କସ୍ଥାପନ କମାଇବା ସହ କାମ ଶୀଘ୍ର ଶେଷ ହେବାର ବେଗ ବଢ଼ାଇବ। ଏହି ପ୍ରକଳ୍ପ ପାଇଁ ମୋଟ୍ ୨୨୫୬ କୋଟି ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି ଯାହା ୭ ବର୍ଷ ମଧ୍ୟରେ ବ୍ୟୟ କରାଯିବ।

# ବିକାଶର ରୋଡ୍ ମ୍ୟାପ୍

## ଭେଂଚର କ୍ୟାପିଟାଲ୍ ଫଣ୍ଡ୍

ନିକଟ ଅତୀତରେ 'ଏଲିକ୍ସିର ଫର୍ ଲାଇଫ୍' ନାମକ ଏକ ଆୟୁର୍ବେଦୀୟ ଔଷଧ ବଜାରକୁ ପ୍ରବେଶ କରିଛି । ୨୦୧୪-୧୫ ମସିହାରେ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ତରଫରୁ ଆରମ୍ଭ ହୋଇଥିବା ଅନୁସୂଚିତ ଜାତି ବର୍ଗ ଉଦ୍ୟୋଗୀଙ୍କ ପାଇଁ ଭେଂଚର କ୍ୟାପିଟାଲ୍ ଫଣ୍ଡ୍ ଯୋଜନାର ଜଣେ ହିତାଧିକାରୀ ଏହି ଔଷଧ ପ୍ରସ୍ତୁତ କରିଛନ୍ତି । ସେହି ହିତାଧିକାରୀ ହେଉଛନ୍ତି ମଲ୍ଲୁର ଫ୍ଲୋରା ଏଣ୍ଡ୍ ହସ୍ପିଟାଲିଟି ଲିମିଟେଡ୍ ।

ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ତରଫରୁ ୨୦୧୪-୧୫ ମସିହାରେ ଆରମ୍ଭ ହୋଇଥିବା ଏହି ଯୋଜନାରେ ବର୍ତ୍ତମାନ ସୁଦ୍ଧା ୫୦ ଜଣ ଅନୁସୂଚୀତ ଜାତିବର୍ଗର ଉଦ୍ୟୋଗୀ ଉପକୃତ ହୋଇଛନ୍ତି । ଏହା ଦ୍ୱାରା ସେମାନଙ୍କ ଆର୍ଥିକ ସଶକ୍ତିକରଣ ହୋଇପାରିଛି । ଏହି ଯୋଜନାର ଲକ୍ଷ୍ୟ ହେଉଛି :-

(୧) ଦେଶର ଅନୁସୂଚିତ ଜାତି ବର୍ଗଙ୍କ ମଧ୍ୟରେ ଔଦ୍ୟୋଗୀକତାକୁ ବିକାଶ କରିବା ।

(୨) ସେମାନଙ୍କ ଭିତରେ ଥିବା ଅଭିନବ ଚିନ୍ତାଧାରା ଓ ବିକାଶମୂଳକ ପ୍ରଯୁକ୍ତିବିଦ୍ୟା ପ୍ରତି ଥିବା ଆଗ୍ରହକୁ ପ୍ରୋତ୍ସାହିତ କରିବା ।

(୩) ଏହିଭଳି ଉଦ୍ୟୋଗୀ, ଯେଉଁମାନେ ନିଜର ଉଦ୍ୟମିତା ବଳରେ ସମାଜ ପାଇଁ ସମ୍ପତ୍ତି ସୃଷ୍ଟି କରିବେ, ସେମାନଙ୍କୁ ଆର୍ଥିକ ସାହାଯ୍ୟ ପ୍ରଦାନ କରିବା ।

(୪) ଅନୁସୂଚିତ ଜାତି ବର୍ଗଙ୍କୁ ଆର୍ଥିକ ଆନ୍ତର୍ଭୁକ୍ତିକରଣ ମାଧ୍ୟମରେ ସଶକ୍ତ କରିବା ଦ୍ୱାରା ସେମାନେ ନିଜ ବର୍ଗର ସମସ୍ତଙ୍କ ପାଇଁ ବିକାଶକୁ ସୁନିଶ୍ଚିତ କରିପାରିବେ ।

(୫)ଆର୍ଥିକ ଭାବେ ଅନୁସୂଚିତ ଜାତି ବର୍ଗଙ୍କ ଭିତରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ।

(୬) ଏହି ବର୍ଗଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ।


### New Rates for Subscription of Journals

| S.No | Name of the Journal | Subscription Price Per Copy Rs | Subscription Price for 1 Year Rs | Subscription Price for 2 Years Rs | Subscription Price for 3 Years Rs | Subscription Price for Special Issue Rs |
|---|---|---|---|---|---|---|
| 1 | Yojana * | 22 | 230 | 430 | 610 | 30 |
| 2 | Kurukshetra * | 22 | 230 | 430 | 610 | 30 |
| 3 | Ajkal * | 22 | 230 | 430 | 610 | 30 |
| 4 | Bal Bharti * | 15 | 160 | 300 | 420 | 20 |
| 5 | Employment News # | 12 | 530 | 1000 | 1400 | NA |

* The prices of Journals are being revised from April 2016 issue onwards
# The price of Employment News is being revised from 6th February 2016 issue onwards

YOJANA (Odia) : Monthly November 2016 RNI No. 57203/93
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଲେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍‌ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash